# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୨/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 22 / 2018 (Career & Appointment) | ★★★★

୪୪ଶ ଭାଗ ୨୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





सत्यमेव जयते

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ରସାୟନ ଏବଂ ସାର ମନ୍ତ୍ରଣାଳୟ
ଭାରତ ସରକାର

ପୂର୍ବୋଦୟରୁ ନୂଆ ଭାରତର ହେବ ଉଦୟ

ସାର କ୍ଷେତ୍ରରେ ଦେଶର ଆତ୍ମନିର୍ଭରଶୀଳତା
ଏବଂ ଓଡ଼ିଶାର ସମୃଦ୍ଧି ଦିଗରେ
ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ

"ପୂର୍ବଭାରତର ଉନ୍ନତି ବିନା
ଭାରତର ବିକାଶ ଅସମ୍ପୂର୍ଣ୍ଣ।"

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍
(ଗେଲ୍, ସିଆଇଏଲ୍, ଆରସିଏଫ୍ ଏବଂ ଏଫ୍‌ସିଆଇଏଲ୍‌ର ସଂଯୁକ୍ତ ଉଦ୍ୟମ)
ତାଳଚେର ସ୍ଥିତ
କୋଇଲାରୁ ଗ୍ୟାସ୍ ଆଧାରିତ ସାର କାରଖାନା ପାଇଁ

ଶୁଭ କାର୍ଯ୍ୟାରମ୍ଭ

ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍‌ର ବିଶେଷତ୍ୱ

- ଦେଶର ପ୍ରଥମ କୋଇଲାରୁ ଗ୍ୟାସ୍ ଆଧାରିତ ସାର କାରଖାନା - ଭାରତୀୟ ଅର୍ଥନୀତି ପାଇଁ ଯୁଗ ପରିବର୍ତ୍ତନକାରୀ
- ମାତ୍ରାଧିକ ପାଉଁଶଯୁକ୍ତ ଭାରତୀୟ କୋଇଲାର ସୁପରିଚାଳନା ପାଇଁ ପେଟ୍‌କୋକ୍ ବ୍ଲେଣ୍ଡିଂ ସମ୍ବଳିତ ପ୍ରକଳ୍ପ
- ପରିତ୍ୟକ୍ତ ଭାବରେ ଉପଲବ୍ଧ ଘରୋଇ କୋଇଲାକୁ ପରିବେଶ ଅନୁକୂଳ ଭାବରେ ବିକଳ୍ପ ବ୍ୟବହାରକୁ ପ୍ରୋତ୍ସାହନଦାୟୀ ଯୁଗାନ୍ତକାରୀ ପ୍ରକଳ୍ପ
- ୧୩୦୦୦ କୋଟି ଟଙ୍କା ପୁଞ୍ଜି ନିବେଶରେ ବାର୍ଷିକ ୧.୨୭ ମିଲିୟନ୍ ମେଟ୍ରିକ୍ ଟନ୍ ୟୁରିଆ ଉତ୍ପାଦନ କ୍ଷମତା
- ବାର୍ଷିକ ୧୬୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି) ଆମଦାନୀ ଦେୟ ହ୍ରାସ
- କୃଷକମାନଙ୍କ ପାଇଁ ଅଧିକ ୟୁରିଆ ଉପଲବ୍ଧକାରୀ
- ପ୍ରାୟ ୪୫୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି

ଗରିମାମୟ ଉପସ୍ଥିତି

ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅନନ୍ତ କୁମାର
କେନ୍ଦ୍ର ରସାୟନ ଓ ସାର ତଥା ସଂସଦୀୟ କାର୍ଯ୍ୟ ମନ୍ତ୍ରୀ

ଜୁଏଲ୍ ଓରାମ୍
କେନ୍ଦ୍ର ଜନଜାତୀୟ ବ୍ୟାପାର ମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ

ପିୟୁଷ ଗୋଏଲ
କେନ୍ଦ୍ର ରେଳବାଇ ଏବଂ କୋଇଲା ମନ୍ତ୍ରୀ

ତଥାଗତ ସତପଥୀ
ସାଂସଦ, ଢେଙ୍କାନାଳ

ବ୍ରଜ କିଶୋର ପ୍ରଧାନ
ବିଧାୟକ, ତାଳଚେର

ଶନିବାର, ୨୨ ସେପ୍ଟେମ୍ବର ୨୦୧୮, ପ୍ରାତଃ ୯ ଘଣ୍ଟା ୩୦ ମିନିଟ୍
ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍, ତାଳଚେର, ଓଡ଼ିଶା






"ଜମ୍ମୁ-କଶ୍ମୀରରେ କେନ୍ଦ୍ରର ଦମନମୂଳକ ନୀତି ଆଦୌ କାମ କରୁନାହିଁ। ସମାଧାନ ପାଇଁ ଆଲୋଚନା ଏକମାତ୍ର ପନ୍ଥା ହୋଇଥିଲେ ହେଁ ଏହା ଏକ ଦୂରନ୍ତ ସ୍ୱପ୍ନ ଭଳି ମନେହେଉଛି।
-ମେହବୁବା ମୁଫ୍ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ୫ ଲସ୍କର ଆତଙ୍କବାଦୀ ନିହତ

**ଶ୍ରୀନଗର,୨୧।୯(ଆଇଏଏନ୍‌ଏସ୍):** ଜମ୍ମୁ-କଶ୍ମୀରର ବଣ୍ଡିପୋରା ଜିଲାରେ ଶୁକ୍ରବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୫ ଲସ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ପାକିସ୍ତାନୀ ଆତଙ୍କବାଦୀମାନେ ନିକଟରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ଉପତ୍ୟକାରେ ଅନୁପ୍ରବେଶ କରିଥିବା ପୋଲିସ ଜାଣିବାକୁ ପାଇଛି। ବଣ୍ଡିପୋରାର ସୁମ୍ବଲାର ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୁରୁବାର ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ରାଷ୍ଟ୍ରୀୟ ରାଇଫଲ୍ସ, ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ଏବଂ ରାଜ୍ୟ ପୋଲିସ ପକ୍ଷରୁ ମିଳିତ ଭାବେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଚାଲିଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳିବର୍ଷା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ଠାବ କରାଯାଇଛି।

### ୧ରେ ଆସିବେ ଗୁଟେରେସ୍

**ନୂଆଦିଲ୍ଲୀ,୨୧।୯(ପି.ଟି.):** ଅକ୍ଟୋବର ୧ରେ ଭାରତ ଗସ୍ତରେ ଆସୁଛନ୍ତି ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍।



ଚାରିଦିନିଆ ଭାରତ ଯାତ୍ରାରେ ଆସି ଗୁଟେରେସ୍ ଏକାଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ନିମନ୍ତ୍ରଣ କ୍ରମେ ଗୁଟେରେସ୍‌ଙ୍କ ଏହି ଯାତ୍ରା ସ୍ଥିର ହୋଇଛି। ଶୁକ୍ରବାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ଜାତିସଂଘ ମହାସଚିବ ଅନ୍ତର୍ଜାତୀୟ ସୌର ମେଣ୍ଟ(ଆଇଏସ୍ଏ)ର ପ୍ରଥମ ସାଧାରଣ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମିଳିତ ଭାବେ ଉଦ୍‌ବୋଧନ ଦେବେ। ଦ୍ୱିତୀୟ ଗ୍ଲୋବାଲ୍ ରି-ଇନ୍‌ଭେଷ୍ଟ କନ୍‌ଫରେନ୍ସ ଏବଂ ଇଣ୍ଡିଏନ୍ ଓସିଏନ୍ ରିମ୍ ଆସୋସିଏଶନ୍ ଅଫ୍ ଷ୍ଟେଟସ୍ (ଆଇଓଆର୍‌ଏ)ର ଅକ୍ଷୟ ଶକ୍ତି ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବେ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ହେବାକୁ ଥିବା ଅନ୍ତର୍ଜାତୀୟ ସ୍ୱଚ୍ଛତା ସମ୍ମିଳନୀରେ ମଧ୍ୟ ସେ ସାମିଲ ହେବେ।

### ପରଲୋକରେ ଭିଏତ୍‌ନାମ ରାଷ୍ଟ୍ରପତି

**ହାନୋଇ,୨୧।୯(ପି.ଟି.):** ଭିଏତ୍‌ନାମ ରାଷ୍ଟ୍ରପତି ତ୍ରାନ୍ ଦାଇ କ୍ୱାଙ୍ଗଙ୍କ ଶୁକ୍ରବାର ୬୧ ବର୍ଷ ବୟସରେ ପରଲୋକ ହୋଇଯାଇଛି।



ଦୀର୍ଘଦିନର ଅସୁସ୍ଥତା ପରେ ଶେଷରେ ସେ ଜୀବନ ଯୁଦ୍ଧରେ ପରାଜିତ ହୋଇଛନ୍ତି। ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଅନେକ ଦିନ ହେଲା ତାଙ୍କର ଚିକିତ୍ସା ଚାଲିଥିଲା ବୋଲି ସ୍ଥାନୀୟ ଗଣମାଧ୍ୟମରେ ସୂଚନା ଦିଆଯାଇଛି। ଏପ୍ରିଲ ୨୦୧୬ରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ତ୍ରାନ୍ ଅସୁସ୍ଥତା ସତ୍ତ୍ୱେ ସରକାରୀ କାର୍ଯ୍ୟରେ ମୁତୟନ ରହୁଥିଲେ। ଦୁଇଦିନ ପୂର୍ବରୁ ଶେଷଥର ପାଇଁ ତ୍ରାନ୍‌ଙ୍କୁ ଗଣମାଧ୍ୟମ ସମ୍ମୁଖରେ ଦେଖିବାକୁ ମିଳିଥିଲା। ଭିଏତ୍‌ନାମ ରାଷ୍ଟ୍ରପତିଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ■ ରୁଷିଆ ସହ ପ୍ରତିରକ୍ଷା ସମ୍ପର୍କ ମହଙ୍ଗା ପଡ଼ିଲା

# ଚାଇନାକୁ ଆମେରିକାର ଛାଟ

**ୱାଶିଂଟନ/ବେଜିଂ/ମସ୍କୋ, ୨୧।୯(ପି.ଟି.)**



ରୁଷିଆକୁ ଏକପାଖିଆ କରିବା ପାଇଁ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା କ୍ଷମତା ପ୍ରୟୋଗ ଆରମ୍ଭ କରିଦେଇଛି। ରୁଷିଆଠାରୁ ସୁଖୋଇ ସୁ-୩୫ ଯୁଦ୍ଧବିମାନ ଓ ଏସ୍-୪୦୦ କ୍ଷେପଣାସ୍ତ୍ର ଆଦି ସାମରିକ ଅସ୍ତ୍ରଶସ୍ତ୍ର କ୍ରୟ କରୁଥିବାରୁ ଚାଇନାକୁ ନାଲିଆଖି ଦେଖାଇବା ସହ ଏହା କଟକଣା ଲଗାଇଛି। ଟ୍ରମ୍ପ ପ୍ରଶାସନ ପ୍ରଥମକରି କାଟ୍‌ସା ଆଇନ ଅନୁଯାୟୀ ତୃତୀୟ ରାଷ୍ଟ୍ରକୁ ଟାର୍ଗେଟ କରି ଆର୍ଥିକ ସହଯୋଗ କାଟ୍ କରିଛି। କେବଳ ଚାଇନା ନୁହେଁ ରୁଷିଆଠାରୁ ପ୍ରତିରକ୍ଷା ସାମଗ୍ରୀ କିଣୁଥିବା ସମସ୍ତ ରାଷ୍ଟ୍ର ସମଦଶା ଭୋଗିବେ ବୋଲି ଆମେରିକା ଚେତାବନୀ ଦେଇଛି। ପରୋକ୍ଷରେ ଏହା ଭାରତ ଆଡ଼କୁ ମଧ୍ୟ ଇଙ୍ଗିତ କରୁଛି। ଟ୍ରମ୍ପ ପ୍ରଶାସନର ଏହି ଛାଟ ପରେ ରୁଷିଆ ଏବଂ ଚାଇନା ଶୁକ୍ରବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଭଳି ନିଷ୍ପତ୍ତି ନେଇ ୱାଶିଂଟନ ନିଆଁ ସହ ଖେଳୁଥିବାରୁ ପରିଣାମ ଭୋଗିବ ବୋଲି ଉଭୟ ରାଷ୍ଟ୍ର କହିଛନ୍ତି। ଆମେରିକା ଏବଂ ରୁଷିଆ ମଧ୍ୟରେ ଚାଲିଛି ଶୀତଳଯୁଦ୍ଧ। ସିରିଆ, କ୍ରିମିଆ ସମେତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରସଙ୍ଗରେ ରୁଷିଆର ଉଗ୍ର କାର୍ଯ୍ୟକଳାପ ବାରମ୍ବାର ଦେଖି ଆମେରିକା ପୂରା ଖପ୍ପା। ପ୍ରତିଶୋଧ ବହ୍ନିରେ ରୁଷିଆ ଉପରେ ପରୋକ୍ଷ ଆକ୍ରମଣ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। କାଉଣ୍ଟରିଂ ଆମେରିକାସ୍ ଆଡଭର୍ସରିଜ୍ ଥ୍ରୋ ସାଙ୍କସନ୍ସ ଆକ୍ଟ (କାଟ୍‌ସା) କଟକଣାକୁ ଏହା ମାଧ୍ୟମ କରିଛି। ରୁଷିଆ, ଇରାନ ଓ ଉତ୍ତର କୋରିଆ ବିରୋଧରେ ଅର୍ଥନୈତିକ ଓ ରାଜନୈତିକ କଟକଣା ଜାରି କରିବା ଲାଗି ୨୦୧୭ରେ ଟ୍ରମ୍ପ ପ୍ରଶାସନ କାଟ୍‌ସା ଆଇନ ଗୃହୀତ କରିଥିଲା। ଏବେ ଏହାକୁ ଅସ୍ତ୍ର କରି ଚାଇନା ପ୍ରତିରକ୍ଷା ମନ୍ତ୍ରଣାଳୟର ଅସ୍ତ୍ର ବିକାଶ ବିଭାଗ (ଇଡିଡି) ଉପରେ କଟକଣା ଲଗାଇଛି ଆମେରିକା। ୧୦ ସୁଖୋଇ ଯୁଦ୍ଧବିମାନ ଏବଂ ବହୁକୋଟି ଡଲାର ମୂଲ୍ୟର ଏସ୍-୪୦୦ ମିଶାଇଲ ରୁଷିଆଠାରୁ କିଣି କାଟ୍‌ସା ଆଇନର ଉଲ୍ଲଂଘନ କରିଥିବାରୁ ବେଜିଂକୁ ଏହି ଦଣ୍ଡ ମିଳିଛି ବୋଲି ଶୁକ୍ରବାର ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ରୁଷିଆର ୩୩ ଗୋଇନ୍ଦା ଅଧିକାରୀ ଓ ସାମରିକ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତି, ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯାଇଛି। ତେବେ କୌଣସି ରାଷ୍ଟ୍ରର ପ୍ରତିରକ୍ଷା କ୍ଷମତା ହ୍ରାସ କରିବା ଆମେରିକାର ଉଦ୍ଦେଶ୍ୟ ନୁହେଁ। ରୁଷିଆକୁ ଟାର୍ଗେଟ କରିବା ଲାଗି ଏହି ଛାଟ ଦିଆଯାଇଥିବା ଟ୍ରମ୍ପ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଘୋଷଣା କରିଛନ୍ତି। ୟୁକ୍ରେନ୍‌ରେ ଔଦ୍ଧତ୍ୟ, କ୍ରିମିଆକୁ କବ୍‌ଜା, ସାଇବର ଆକ୍ରମଣ ଏବଂ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ ଆଦି ଅନ୍ୟାନ୍ୟ ଦାଦାଗିରି ପାଇଁ ରୁଷିଆ ବିରୋଧରେ କାଟ୍‌ସା ଆଇନ ଲାଗୁ ହୋଇଛି। ତେଣୁ ଏହା ସହ ପ୍ରତିରକ୍ଷା ସମ୍ପର୍କ ରଖୁଥିବା ରାଷ୍ଟ୍ରଗୁଡ଼ିକୁ ଆମେରିକା ଶତ୍ରୁ ଭାବେ ବିବେଚନା କରୁଛି। ସେମାନଙ୍କୁ ଆର୍ଥିକ ଓ କୂଟନୈତିକ ସ୍ତରରେ ସହଯୋଗ ଯୋଗାଇବ ନାହିଁ ବୋଲି ଆମେରିକୀୟ ଅଧିକାରୀ ସ୍ପଷ୍ଟ କରିଛନ୍ତି। ରୁଷିଆର ପ୍ରମୁଖ ଅସ୍ତ୍ର ଯୋଗାଣକାରୀ କମ୍ପାନୀ ରୋସୋବୋରୋନ୍ ଏକ୍ସପୋର୍ଟକୁ କଳା ତାଲିକାରେ ସ୍ଥାନିତ କରାଯାଇଛି। ଏହାଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରିଥିବାରୁ ଚାଇନାର ଇଡିଡି ଓ ଏହାର ନିର୍ଦ୍ଦେଶକ ଲି ଶାଙ୍ଗଫୁଙ୍କୁ ଝଟକା ଦେଇଛି ଆମେରିକା। ଆମେରିକୀୟ ଆଇନ ଅନୁଯାୟୀ ଇଡିଡି କିମ୍ବା ଲି'ଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ। ବିଶ୍ୱ ଆର୍ଥିକ ବଜାରରେ ଏବେ ଇଡିଡି ସାମିଲ ହୋଇପାରିବ ନାହିଁ। ଆମେରିକାର ଘୋଷଣା ପରେ ଜି ଜିନ୍‌ପିଙ୍ଗଙ୍କ ନେତୃତ୍ୱାଧୀନ ଚାଇନା ସରକାର କଡ଼ା ଭାଷାରେ ସମାଲୋଚନା କରିଛନ୍ତି। କଟକଣା ହଟାଅ, ନଚେତ୍ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ୱାଶିଂଟନକୁ ଚେତାବନୀ ଦେଇଛନ୍ତି ଚାଇନା ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଜେଙ୍ଗ୍ ଶୁଆଙ୍ଗ୍। ସେହିପରି ରୁଷିଆର ଉପ ବୈଦେଶିକ ମନ୍ତ୍ରୀ ସେର୍ଜେଇ ର୍‍ୟାବ୍‌କୋଭ କହିଛନ୍ତି ଯେ, ସାନି କଟକଣା ଜାରି କରି ଆମେରିକା ବିଶ୍ୱ ଅସ୍ଥିରତା ସୃଷ୍ଟି କରିଛି। ରୁଷିଆର ପ୍ରତିରକ୍ଷା ସଂସ୍ଥା, ରାଜନେତା ଓ ବ୍ୟବସାୟୀଙ୍କୁ ଟାର୍ଗେଟ କରି ନିଆଁ ସହ ଖେଳୁଥିବାରୁ ଆମେରିକାକୁ ମହଙ୍ଗା ପଡ଼ିବ ବୋଲି ର୍‍ୟାବ୍‌କୋଭ ଚେତାଇ ଦେଇଛନ୍ତି।

### ଟ୍ରମ୍ପଙ୍କ ନାଲିଆଖି

- ■ କାଟ୍‌ସା ଅନୁଯାୟୀ ଇଡିଡି ଉପରେ କଟକଣା
- ■ ସୁ-୩୫, ଏସ୍-୪୦୦ କ୍ରୟ ପାଇଁ ଦଣ୍ଡ
- ■ କଟକଣା ହଟାଅ, ନଚେତ୍ ପରିଣାମ ଭୋଗିବ: ଚାଇନା
- ■ ଆମେରିକା ନିଆଁ ସହ ଖେଳୁଛି: ରୁଷିଆ

### ଭାରତକୁ ବି ଚେତାବନୀ

**ୱାଶିଂଟନ, ୨୧।୯:** ଚାଇନା ବିରୋଧରେ କଟକଣା ଜାରି କରିବା ପରେ ଏବେ ଭାରତ ଏବଂ ତୁର୍କୀ ଉପରେ ନଜର। ପ୍ରତିରକ୍ଷା କ୍ଷେତ୍ରରେ ସବୁଠୁ ବଡ଼ ବନ୍ଧୁ ଭାବେ ପରିଗଣିତ ରୁଷିଆଠାରୁ ଏସ୍-୪୦୦ କିଣିବାକୁ ଭାରତ ଉଦ୍ୟମ ଚଳାଇଛି।



ଏତିକିବେଳେ ଟ୍ରମ୍ପ ପ୍ରଶାସନର ହାକିମାତି ନୂଆଦିଲ୍ଲୀକୁ ଅଡୁଆରେ ପକାଇଛି। ରୁଷିଆ ସହ ହୋଇଥିବା ଏୟାର ଡିଫେନ୍ସ ସିଷ୍ଟମ୍ ବୁଝାମଣାକୁ ନେଇ ଆଗେଇବ ବୋଲି ଭାରତ ନିକଟରେ ସ୍ପଷ୍ଟ କରିସାରିଥିଲେ ସୁଦ୍ଧା ବେଜିଂ ବିରୋଧରେ କଟକଣା ଲଗାଇ ଆମେରିକା ନୂଆଦିଲ୍ଲୀକୁ ମଧ୍ୟ ପରୋକ୍ଷରେ ଚେତାବନୀ ଦେଇଛି। ଚାଇନା ଉପରେ ଛାଟ ପଡ଼ିଥିବାରୁ ଏବେ ନରେନ୍ଦ୍ର ମୋଦି ସରକାର କ'ଣ ନିଷ୍ପତ୍ତି ନେବେ, ତାହା ଦେଖିବାର କଥା। ସେହିପରି ରୁଷିଆଠାରୁ ତୁର୍କୀ ଏସ୍-୪୦୦ ଯୁଦ୍ଧବିମାନ କ୍ରୟ କରୁଛି। ତେଣୁ ଏହା ମଧ୍ୟ ଆମେରିକା ଟାର୍ଗେଟରେ ରହିପାରେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏନେଇ ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ବୋଟ୍ ବୁଡ଼ି ୧୨୬ ମୃତ



**ନାଇରୋବି,୨୧।୯(ପି.ଟି.)** ତାଞ୍ଜାନିଆର ଭିକ୍ଟୋରିଆ ହ୍ରଦରେ ଗୁରୁବାର ବୋଟ୍ ବୁଡ଼ି ୧୨୬ ଜଣ ପ୍ରାଣ ହରାଇଛନ୍ତି। ଅନେକ ଯାତ୍ରୀଙ୍କ ସନ୍ଧାନ ମିଳିପାରି ନାହିଁ। ଫଳରେ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏମ୍‌ଭି ନ୍ୟେରେର୍ ନାମକ ଏକ ବୋଟ୍ ୟୁକେରେୱେ ଦ୍ୱୀପର ବୁଗୋଲୋରା ସହରରୁ ପ୍ରାୟ ୨୦୦ ଯାତ୍ରୀଙ୍କୁ ଧରି ଭିକ୍ଟୋରିଆ ହ୍ରଦରେ ଯାତ୍ରା କରୁଥିଲା। ଗନ୍ତବ୍ୟସ୍ଥଳ ୟୁକାରା ଦ୍ୱୀପ ନିକଟରେ ଏହା ବୁଡ଼ିଯାଇଥିଲା। କ୍ଷମତାଠାରୁ ଦୁଇଗୁଣ ଓଜନ ବହନ କରିଥିବା ଯୋଗୁ ବୋଟ୍‌ଟି ବୁଡ଼ିଯାଇଥିବା ସନ୍ଦେହ କରାଯାଉଛି ବୋଲି ମାଞ୍ଜା ଗଭର୍ନର ଜନ୍ ମୋଙ୍ଗେଲା ଶୁକ୍ରବାର ସୂଚନା ଦେଇଛନ୍ତି। ୧୨୬ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଏପର୍ଯ୍ୟନ୍ତ ଜଣେ ହେଲେ ଯାତ୍ରୀଙ୍କୁ ଜୀବନ୍ତ ଉଦ୍ଧାର କରାଯାଇ ନ ଥିବା ସେ କହିଛନ୍ତି। ବୋଟ୍‌ଟି ବନ୍ଦରରେ ପହଞ୍ଚିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଲୋକେ ଓହ୍ଲାଇବା ପାଇଁ ବୋଟ୍‌ର ଗୋଟିଏ ପଟକୁ ଚାଲି ଆସିଥିବାବେଳେ ଭାରସାମ୍ୟ ହରାଇ ଏହା ବୁଡ଼ି ଯାଇଥିଲା।

## ■ ନନ୍ ବଳାତ୍କାର ମାମଲା

# ବିଶପ୍ ଫ୍ରାଙ୍କୋ ଗିରଫ

**କୋଚି,୨୧।୯(ଆଇଏଏନ୍‌ଏସ୍)**

ନନ୍ ବଳାତ୍କାର ମାମଲାରେ ଶେଷରେ ଗିରଫ ହେଲେ ରୋମାନ୍ କାଥୋଲିକ୍ ଚର୍ଚ୍ଚ ବିଶପ୍ ଫ୍ରାଙ୍କୋ ମୁଲକ୍କଲ। ତିନିଦିନର ଘନଘନ ଜେରା ପରେ ଶୁକ୍ରବାର କେରଳ ପୋଲିସ ଜଲନ୍ଧର ଚର୍ଚ୍ଚ ବିଶପ୍‌ଙ୍କୁ ଗିରଫ କରିଛି। ଦେଶରେ ପ୍ରଥମକରି ଜଣେ ବିଶପ୍‌ଙ୍କୁ ବଳାତ୍କାର ମାମଲାରେ ଗିରଫ କରାଯାଇଛି।



ଅଭିଯୁକ୍ତଙ୍କ ପଦମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ତାଙ୍କ ବିରୋଧରେ ଠୋସ୍ ପ୍ରମାଣ ଯୋଗାଡ଼ କରିବା ପରେ ଗିରଫ କରାଯାଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୪ରୁ ୨୦୧୬ ମଧ୍ୟରେ ବିଶପ୍ ତାଙ୍କୁ ୧୩ଥର ବଳାତ୍କାର କରିଥିଲେ ଏବଂ ଏହାକୁ ବିରୋଧ କରି ପରେ ଧମକାଉଥିଲେ ବୋଲି କେରଳ ନନ୍ ଅଭିଯୋଗ ଆଣିଥିଲେ। ନନ୍‌ଙ୍କୁ ଚାରିଆଡ଼ୁ ସମର୍ଥନ ମିଳିବା ପରେ ଚାପର ବଶବର୍ତ୍ତୀ ହୋଇ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। କୋଚି ନିକଟବର୍ତ୍ତୀ ତ୍ରିପୁନିଥୁରାସ୍ଥିତ କ୍ରାଇମ୍‌ବ୍ରାଞ୍ଚ କାର୍ଯ୍ୟାଳୟରେ ତିନିଦିନ ଧରି ଅଧିକାରୀମାନେ ଜେରା କରିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଛି। ନିଜକୁ ନିର୍ଦ୍ଦୋଷ ବୋଲି କହୁଥିବା ମଲକ୍କଲକୁ ଗିରଫ କରିବା ପରେ ଡାକ୍ତରୀ ମାଇନା ପାଇଁ ପଠାଇଥିଲା। ସେପଟେ ତଦନ୍ତ ପ୍ରକ୍ରିୟା ଉଚିତ ଦିଗରେ ଆଗେଇଛି ବୋଲି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ କହିଛନ୍ତି।

## ଫୁର୍‌ସତ

### ଇଭାଙ୍କାଙ୍କ ସ୍ୱପ୍ନ



**ହ୍ୟୁଷ୍ଟନ୍:** ସେ ହେଉଛନ୍ତି ଗ୍ଲୋବାଲ୍ ଫ୍ୟାଶନ୍ ଆଇକନ୍, ସଫଳ ମହିଳା ବ୍ୟବସାୟୀ, ରିୟଲିଟି ଟିଭି ବ୍ୟକ୍ତିତ୍ୱ, ଲେଖିକା, ଆମେରିକା ରାଷ୍ଟ୍ରପତିଙ୍କ ପରାମର୍ଶଦାତା। ଏସବୁ ଊର୍ଦ୍ଧ୍ୱରେ ସେ ଜଣେ ସଫଳ ମା' ମଧ୍ୟ। ସେ ହେଉଛନ୍ତି ବିଶ୍ୱର ଜଣେ ବହୁଚର୍ଚ୍ଚିତ ଚେହେରା ଇଭାଙ୍କା ଟ୍ରମ୍ପ। କିନ୍ତୁ ଏସବୁଠୁ ଭିନ୍ନ ଜୀବନକୁ ନେଇ ଆଉ କିଛି ସ୍ୱପ୍ନ ଦେଖିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କା ଟ୍ରମ୍ପ। ମହାକାଶ ଯାତ୍ରା କରିବା ତାଙ୍କର ଆଉ ଏକ ସ୍ୱପ୍ନ ବୋଲି ଇଭାଙ୍କା କହିଛନ୍ତି। ଏଠାରେ ଥିବା ଜନ୍‌ସନ୍ ସ୍ପେସ୍ ସେଣ୍ଟରକୁ ଗସ୍ତକରି ୩୬ ବର୍ଷୀୟା ଇଭାଙ୍କା ମହାକାଶଚାରୀଙ୍କ ଭୂୟସୀ ପ୍ରଶଂସା କରିଛନ୍ତି। ମହାକାଶଚାରୀ ହୋଇ ମହାଶୂନ୍ୟରେ ଘୂରି ବୁଲିବା ପିଲାବେଳୁ ତାଙ୍କର ଇଚ୍ଛା। ସେମାନେ ତାଙ୍କ ସ୍ୱପ୍ନର କାର୍ଯ୍ୟ କରୁଛନ୍ତି ବୋଲି ଇଭାଙ୍କା କହିଛନ୍ତି।

## ଭାରତରେ ମୁସଲମାନଙ୍କ ଦାରିଦ୍ର୍ୟ କମିଛି

**ଜାତିସଂଘ:** ଭାରତ ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବାବେଳେ ମୁସଲମାନ, ଅନୁସୂଚିତ ଜନଜାତି ଓ ଦଳିତମାନେ ଉଲ୍ଲେଖନୀୟ ଅଗ୍ରଗତି କରିପାରିଛନ୍ତି। ଜାତିସଂଘ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହି ସୂଚନା ମିଳିଛି। ୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ଏହା ହେଉଛି ଭାରତରେ 'ଅତି ସକାରାତ୍ମକ ଧାରା'। ଅତ୍ୟନ୍ତ ଦରିଦ୍ର ଲୋକମାନେ ଉନ୍ନତି କରିପାରିଛନ୍ତି ବୋଲି ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମ୍ୟାନ୍ ଡେଭଲପମେଣ୍ଟ ଇନିସିଏଟିଭ୍ (ଓପିଏଚ୍‌ଡିଆଇ)ର ନିର୍ଦ୍ଦେଶକ ସାବିନା ଆଲକାୟର କହିଛନ୍ତି। ଏଠାରେ ୨୦୧୮ ମଲ୍ଟିଡାଇମେନସନାଲ୍ ପଭର୍ଟି ଇଣ୍ଡେକ୍ସ (ଏମ୍‌ପିଆଇ) ଉପସ୍ଥାପନ କରିବା ଅବସରରେ ଆଲକାୟର ଏହା ପ୍ରକାଶ କରିଛନ୍ତି। ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଏବଂ ଓପିଏଚ୍‌ଡିଆଇ ଦ୍ୱାରା ପ୍ରସ୍ତୁତ ଏମ୍‌ପିଆଇ ଉନ୍ନୟନର ବିଭିନ୍ନ ଦିଗକୁ ବିଚାରକୁ ନେଇଥାଏ।



ଅନୁସୂଚିତ ଜନଜାତି ସମ୍ପ୍ରଦାୟର ସଦସ୍ୟମାନେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସେମାନଙ୍କ ଦାରିଦ୍ର୍ୟ ବିଗତ ଦଶନ୍ଧିରେ ଦ୍ରୁତ ଗତିରେ ହ୍ରାସ ପାଇଛି। ଅନୁରୂପ ଭାବରେ ଦଳିତମାନେ ମଧ୍ୟ ଉନ୍ନତି କରିପାରିଛନ୍ତି ବୋଲି ଆଲକାୟର କହିଛନ୍ତି। ମୁସଲମାନ ଭଳି ଏକ ଧର୍ମୀୟ ଗୋଷ୍ଠୀର ବ୍ୟକ୍ତିମାନେ ୧୦ବର୍ଷ ତଳେ ଅତ୍ୟନ୍ତ ଦରିଦ୍ର ଥିଲେ। ସେମାନଙ୍କ ଦାରିଦ୍ର୍ୟ ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଥିବା ଏମ୍‌ପିଆଇରୁ ସୂଚନା ମିଳିଛି।

୨୦୦୬ରୁ ୨୦୧୬ ମଧ୍ୟରେ ଅନୁସୂଚିତ ଜନଜାତିଙ୍କ ଏମ୍‌ପିଆଇ ୦.୪୪୭ରୁ ହ୍ରାସପାଇ ୦.୨୨୯ ହୋଇଛି। ଏହି ଦଶନ୍ଧି ମଧ୍ୟରେ ଦାରିଦ୍ର୍ୟ ହାର ୭୯.୮%ରୁ ୫୦%କୁ ହ୍ରାସ ପାଇଛି। ସେହିଭଳି ଦଳିତଙ୍କ ଏମ୍‌ପିଆଇ ୦.୩୩୮ରୁ ୦.୧୪୫କୁ ହ୍ରାସ ପାଇଥିବା ବେଳେ ଦାରିଦ୍ର୍ୟ ହାର ୬୫%ରୁ ୩୨.୯%କୁ ହ୍ରାସ ପାଇଛି। ସେହିପରି ମୁସଲମାନ ସମ୍ପ୍ରଦାୟର ଏମ୍‌ପିଆଇ ୨୦୦୬ରେ ୦.୩୩୧ ଥିବା ବେଳେ ୨୦୧୬ରେ ଏହା ୦.୧୪୪କୁ ହ୍ରାସ ପାଇଛି। ଏହି ସମ୍ପ୍ରଦାୟର ଦାରିଦ୍ର୍ୟ ହାର ୬୦.୩%ରୁ ୩୧.୧%କୁ ହ୍ରାସ ପାଇଛି। ଜାତୀୟ ସ୍ତରରେ ଏହି ୩ଟି ବର୍ଗର ଲୋକଙ୍କ ଦାରିଦ୍ର୍ୟ ୨୦୦୬ରେ ୫୪.୭% ଥିବାବେଳେ ୨୦୧୬ରେ ଏହା ୨୭.୫%କୁ ହ୍ରାସ ପାଇଛି। ସେହିଭଳି ଏହି ବର୍ଗ ଲୋକଙ୍କ ଏମ୍‌ପିଆଇ ୧୦ବର୍ଷ ମଧ୍ୟରେ ୦.୨୭୯ରୁ ୦.୧୨୧କୁ ହ୍ରାସ ପାଇଥିବା ଉକ୍ତ ତଥ୍ୟାବଳୀରେ ପ୍ରଦର୍ଶିତ ହୋଇଛି। ଅର୍ଥାତ୍ ୨୦୦୫-୦୬ରେ ଏହି ବର୍ଗର ଦରିଦ୍ରଙ୍କ ସଂଖ୍ୟା ୬୩୫ ନିୟୁତ ଥିବାବେଳେ ୨୦୧୫-୧୬ ବେଳକୁ ଏହା ୨୭୧ ନିୟୁତ ହ୍ରାସ ପାଇ ୩୬୪ ନିୟୁତରେ ପହଞ୍ଚିପାରିଥିବା ଏମ୍‌ପିଆଇରୁ ସୂଚନା ମିଳିଛି।

### ଇତିହାସର ଆଇନାରେ

#### ସେପ୍ଟେମ୍ବର ୨୨ର ପ୍ରମୁଖ ଘଟଣା

୧୯୬୫ ସେପ୍ଟେମ୍ବର ୨୨ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଯୁଦ୍ଧର ବିଧିବଦ୍ଧ ପରିସମାପ୍ତି ଘଟିଥିଲା। ଯୁଦ୍ଧବିରତି ପାଇଁ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଯୁଦ୍ଧବିରତି ସଂକଳ୍ପନାମା ଆଗତ ହୋଇଥିଲା। ଯୁଦ୍ଧର ଅନ୍ତ ପାଇଁ ଏହିଦିନ ଉକ୍ତ ସଂକଳ୍ପନାମାକୁ ଉଭୟ ପକ୍ଷରୁ ନିଃସର୍ତ୍ତ ସମର୍ଥନ ମିଳିଥିଲା। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଏପ୍ରିଲରେ ଆରମ୍ଭ ହୋଇଥିବା ଯୁଦ୍ଧ ସେପ୍ଟେମ୍ବରରେ ଶେଷ ହୋଇଥିଲା।

୧୯୯୧ ସେପ୍ଟେମ୍ବର ୨୨ରେ ପୁରାତନ ଇହୁଦୀ ଧାର୍ମିକ ପାଣ୍ଡୁଲିପି 'ଡେଡ୍ ସି ସ୍କ୍ରୋଲ୍' (କମ୍‌ରାନ୍ କେଭ୍‌ସ ସ୍କ୍ରୋଲ୍)ର ସାର୍ବଜନୀନ କରାଯାଇଥିଲା। ହିବ୍ରୁ ଭାଷାର ଏହି ପୁରାତନ ଲିପିକୁ ୱେଷ୍ଟ ବ୍ୟାଙ୍କ୍ ନିକଟରେ ଡେଡ୍ ସି'ରୁ ଉଦ୍ଧାର କରାଯାଇଥିଲା। ଅଧାନଷ୍ଟ ଅବସ୍ଥାରେ ଉଦ୍ଧାର କରାଯାଇଥିବା ଭିନ୍ନ ପ୍ରକାରର ପ୍ରାୟ ୯୮୧ ପାଣ୍ଡୁଲିପିକୁ ଗବେଷକମାନେ ଏକତ୍ର କରିପାରିଥିଲେ। ଏହା ୧୯୪୬-୪୭ ଏବଂ ୧୯୫୬ରେ ୧୧ଟି ଗୁମ୍ଫା ମଧ୍ୟରୁ ଉଦ୍ଧାର କରାଯାଇଥିଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।
ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୮ | ୨୨.୬ |
| ଚାନ୍ଦବାଲି | ୨୭.୭ | ୨୫.୦ |
| କଟକ | ୨୮.୬ | ୨୩.୪ |
| ପାରାଦ୍ୱୀପ | ୩୦.୦ | ୨୭.୧ |
| ଭୁବନେଶ୍ୱର | ୨୯.୬ | ୨୪.୯ |
| ଗୋପାଳପୁର | ୩୧.୨ | ୨୪.୮ |
| ପୁରୀ | ୩୦.୦ | ୨୫.୮ |
| ଅନୁଗୋଳ | ୨୮.୧ | ୨୨.୦ |
| ବାରିପଦା | ୨୫.୮ | ୨୩.୫ |
| ଝାରସୁଗୁଡ଼ା | ୨୮.୪ | ୨୪.୫ |
| କେନ୍ଦୁଝର | ୨୪.୭ | ୨୨.୭ |
| ସମ୍ବଲପୁର | ୨୯.୮ | ୨୩.୩ |
| ସୁନ୍ଦରଗଡ଼ | ୩୦.୦ | ୨୧.୦ |
| ହୀରାକୁଦ | ୨୯.୫ | ୨୪.୬ |
| ତାଳଚେର | ୩୦.୨ | ୨୪.୫ |
| ଭବାନୀପାଟଣା | ୨୯.୦ | ୨୩.୪ |
| ବଲାଙ୍ଗୀର | ୨୯.୦ | ୨୪.୦ |
| କୋରାପୁଟ | ୨୩.୦ | ୧୯.୦ |
| ଫୁଲବାଣୀ | ୨୭.୫ | ୨୧.୫ |
| ଟିଟିଲାଗଡ଼ | ୩୦.୦ | ୨୧.୫ |
| ମାଲକାନଗିରି | ୨୫.୦ | --- |
| ସୋନପୁର | ୩୧.୪ | ୨୨.୬ |
| ଦାରିଙ୍ଗିବାଡ଼ି | ୨୪.୫ | ୨୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଗିର୍ ଜଙ୍ଗଲରେ ୧୧ ସିଂହ ମୃତ

**ରାଜକୋଟ,୨୧।୯(ପି.ଟି.)**



ଗୁଜରାଟର ଗିର୍ ଜଙ୍ଗଲରେ ୧୧ଟି ସିଂହ ମୃତଦେହ ଉଦ୍ଧାର ହୋଇଛି। ସବୁତକ ସିଂହ ଗତ ୧୦-୧୧ଦିନ ମଧ୍ୟରେ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ସିଂହ ମୃତ୍ୟୁ ଖବର ପ୍ରକାଶ ପାଇବା ପରେ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ସମସ୍ତ ସିଂହଙ୍କ ଅବଶେଷ ଗିର୍ ଜଙ୍ଗଲର ପୂର୍ବ ଡିଭିଜନ୍‌ରେ ଠାବ କରାଯାଇଛି। ଅମ୍‌ରେଲୀ ଜିଲାର ରାଜୁଲା ନିକଟରେ ବୁଧବାର ଏକ ସିଂହୀର ମୃତଦେହ ଠାବ କରାଯାଇଥିଲା। ସେହିଦିନ ଦଲ୍‌ଖାନିଆ ରେଞ୍ଜରୁ ଆଉ ୩ ସିଂହଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜଙ୍ଗଲର ଭିନ୍ନ ଭିନ୍ନ ପ୍ରାନ୍ତରେ ଆଉ ୭ ଅର୍ଦ୍ଧଗଳିତ ମୃତଦେହ ଉଦ୍ଧାର କରାଯାଇଛି ବୋଲି ଗିର୍ (ପୂର୍ବ) ରେଞ୍ଜ୍ ଉପ ବନ ସଂରକ୍ଷକ ପି. ପୁରୁଷୋତ୍ତମ ସୂଚନା ଦେଇଛନ୍ତି। ତେବେ ଏହି ମୃତ ବନ୍ୟପ୍ରାଣୀଙ୍କ ଭିସାରା ନମୁନା ସଂଗ୍ରହ କରାଯାଇ ଜୁନାଗଡ଼ ପଶୁ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ସେ କହିଛନ୍ତି। ରାଜ୍ୟ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଗୁଜରାଟ ବନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ରାଜୀବ କୁମାର ସୂଚନା ଦେଇଛନ୍ତି। ଲଢ଼େଇ ଏବଂ ରୋଗ ଯୋଗୁ ଏତେ ସଂଖ୍ୟାରେ ସିଂହ ପ୍ରାଣ ହରାଇଥିବା ବନ ବିଭାଗ ପିସିସିଏଫ୍ ଏ.କେ. ସକ୍ସେନ ଆଶଙ୍କାବ୍ୟକ୍ତ କରିଛନ୍ତି। ଲଢ଼େଇ ଏବଂ ଏହା ଜନିତ କ୍ଷତ ଯୋଗୁ ୮ଟି ସିଂହ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ଏଥିରେ ଅଧିକ ସିଂହୀ ଏବଂ ଶାବକଙ୍କ ଜୀବନ ଯାଇଛି। ଏହା ଶିକାରୀଙ୍କ କାର୍ଯ୍ୟ ହୋଇଥିବା ଆଦୌ ଜଣାପଡୁନାହିଁ। ତଥାପି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସକ୍ସେନା ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୨/୨୦୧୮
Bhubaneswar, Saturday, September 22/ 2018



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଲକି
ପରିବାରବର୍ଗ


ଛୋଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

## real estate

### SALE

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64165

3 bedroom flat 4000 sqft. full furnished including 4 Car parking (A-Block) (G-4/5) Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9439706527. D-8492

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଘରବାରି plot sale in Bhubaneswar ନଖରା sqft.- 580/-, ଅରଗୁଳ sqft.- 170/-, ପାହାଳ sqft.- 700/- Smruti. 7749090720. D-64314

ଜଟଣୀଗେଟ୍ NH-5 ୪୦୦ ମିଟର ଦୂରତାରେ ସ୍ଥିତିବାନ ପ୍ଲଟ ପୋଜେସନ ସହ ୪୬୯/- ଏବଂ ରେତଙ୍ଗ ଷ୍ଟେସନ ପାଖରେ ୩୩୯/- 7008202635, 9938066403. D-64321

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାକୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

ନଖରା ତ୍ରିନାଥ ବଜାରଠାରେ SC plotଘରବାରି ପାଚେରିସହ 1200କୁ 3,40,000/-ରେ ବିକ୍ରିହେବ। (out right) 9776934361, 9658523912. D-64322

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 lakhs Contact: 9937059891, 8908312315, 8908292617.** D-8487

Bhubaneswar AIIMS Hospital Doon School 30' road gharabari possession plot. 8598065734. D-62793

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-8484

3000 sft homestead land for immediate sale Chandrasekharpur, Bhubaneswar. Contact directly Deepak: 9937329999 (condition apply). D-64505

Plot 3400 sft. gharabari with boundary NH Dhauli for immediate construction. 7008908054. D-64502

**3BHK flat top floor with ceiling & 3nos. 1.5 Ton split AC ready to move NR KIIT College SB-1676 sqft. 3100/- per sqft. price parking electrification & DG connection extra 2.5 lacs Govt. fee born by purchasers. Hurry up stock limited. Plz contact Mr. Jyoti Mob: 7008143144, 9668995106. (Finance LIC HFL).** D-64326

ଜଟଣୀଗେଟ ପାଖରେ NHକୁଲାଗି ଘରବାରି ପାଚେରି ପ୍ଲଟ ମିଳୁଅଛି। 9778556265. D-64327

3000 sft GA plot Bapuji Nagar, Bhubaneswar for immediate sale. Contact directly Deepak: 9937329999 (condition apply). D-64506

## construction

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect plan– SMPL: 9439483779.** D-8488

## to-let

One BHK AC-6500/- furnished single room AC-5000/-, Old Town, Bhubaneswar. 9437388990. D-63372

3BHK flat with garage beside Lewis Road near Ravi Talkies Square, Bhubaneswar. Contact: 9437282739, 0674-2435359. D-63847

## healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Physiotherapy and herbal massage by trained ladies/ gents therapist: 7008773793. D-63500

Saishree ayurvedic full body massage ladies & gents. Contact: 7438896074. D-63095

Ayurvedic full body massage ladies / gents smart expert therapist. 9114697517. D-63096

Newly open herbal full body massage with re-freshment well trained therapist. 7381239385. D-63097

Newly opening ayurvedic full body massage by expert lady therapist. 9583125024. D-63098

Newly opening ayurvedic body massage in joint pains, smart therapist. 9776383819. D-64168

Newly opening ayurvedic body massage smart therapist, Shree Herbal. 7750020754. D-64169

Experience full body massage with us by experts. Enquiry: 7377048581. D-64170

All type of massage and good therapy full body massage Sai herbal spa. 7609005923. D-64202

Bangkok spa special offer 50% off on all 1hrs any full body massage. 9861688844, 8018739084. D-64319

Opening newly ayurvedic full body massage ladies, gents. 7609923705, 7438851534. D-38531

## business

Maa Shib Durga Traders, Bhubaneswar. ଅଗରବତୀ ମେସିନ୍ ସ୍ୱଳ୍ପଅର୍ଥ ବିନିଯୋଗକରି ମାସକୁ ପାଆନ୍ତୁ 70,000/- ପର୍ଯ୍ୟନ୍ତ profit, କଞ୍ଚାମାଲ୍ freeରେ, 9337090042, 9937988891. D-8474

SSE, MSME, LSE, Agriculture, food. Want to make any Industries contact Mr. Samantaray (FCA). 7008236035, 9937309695. D-8491

### ଜନ୍ମଦିନ ଶୁଭେଚ୍ଛା



(ଛୋଟୁ)
**ଆରୁଶ୍**
**ବାଲେଶ୍ୱର**

ତୋର ପ୍ରଥମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କର ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ। ଶୁଭେଚ୍ଛା ସହ: **ଆୟୁଶ, ପ୍ରଥମ, ଗୁନ୍‌ଗୁନ୍, କୁମ୍‌କୁମ୍, କ୍ରିଷ୍ଣା, କାଜେରୀ, ବାପା, ମାମା, କେଜେବାପା, କେଜେମା, ଅଜା, ଆଈ ଓ ମଉସା, ମାଉସୀ ଓ ପରିବାରବର୍ଗ।** ଧ-୮୪୯

### ୭ମ ଜନ୍ମଦିନ ଶୁଭେଚ୍ଛା



(ଲକି)
**ଓମ୍‌ପ୍ରକାଶ ସାହୁ**
**ଗ୍ରାମ- ବାଲିପାଟଣା, ଚାନ୍ଦବାଲି, ଭଦ୍ରକ**

ଆଜିର ୭ମ ଶୁଭଜନ୍ମଦିନ ଅବସରରେ ତୋର ଚଲାପଥ କୁସୁମିତ ହେଉ, ତୋର ଉଜ୍ଜ୍ୱଳମୟ ଦୀର୍ଘ ଜୀବନ ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୁଭେଚ୍ଛା ସହ: **କେଜେବାପା- ଯୁଧିଷ୍ଠିର ସାହୁ, କେଜେମା- ଯଶୋଦା, ବାପା- ଦିଲୀପ, ମାତା- ରଶ୍ମିତା, ଦଦା- ମନୋଜ, ବାପୁନି, ଖୁଡୀ- ଅନୁ, ଭଉଣୀ- ଆଦ୍ୟାଶା, ମିଷ୍ଟି, ଅଜା, ଆଈ, ମାମୁ, ମଉସା, ମାଉସୀ ଓ ପରିବାରବର୍ଗ।** ଧ-୮୪୭


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେନ୍ଦ୍ରକୁ ଡେପୁଟେଶନରେ ଯିବେ ଖୁରାନିଆ, ରାଧିକା

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

୨ ଜଣ ଆଇପିଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ସେମାନେ ହେଲେ କମିଶନରେଟ ପୋଲିସର ପୂର୍ବତନ ପୋଲିସ କମିଶନର ୱାଇ.ବି. ଖୁରାନିଆ ଏବଂ ରାଜ୍ୟ ସିଲେକ୍ସନ ବୋର୍ଡ ଅଧ୍ୟକ୍ଷା ବି.ରାଧିକା। ବି. ରାଧିକା ୧୯୮୯ ବ୍ୟାଚର ଓଡିଶା କ୍ୟାଡର ଆଇପିଏସ୍ ଅଧିକାରୀ। ତାଙ୍କ ଜନ୍ମମାଟି ଆନ୍ଧ୍ରପ୍ରଦେଶ। ସେହିପରି ୧୯୯୦ ବ୍ୟାଚର ଆଇପିଏସ୍ ଅଧିକାରୀ ଖୁରାନିଆଙ୍କ ଘର ହରିୟାଣାର କାଇଥଲ ଅଞ୍ଚଳରେ। ସେ ଏବେ ଏଡିଜି ପୋଭିଜନିଂ ଅଛନ୍ତି। ପୂର୍ବରୁ ପୋଲିସ କମିଶନର ଥିବା ସମୟରେ ତାଙ୍କର କାର୍ଯ୍ୟ ଦକ୍ଷତା ବେଶ୍ ଭଲ ଥିଲା। ହେଲେ ହଠାତ୍ ଗତ ଅଗଷ୍ଟରେ ତାଙ୍କୁ ବଦଳି କରାଯାଇଥିଲା। ସେ ଟ୍ୱିନ୍ ସିଟିର ଦାୟିତ୍ୱ ନେବା ପରେ ଗ୍ୟାଙ୍ଗଷ୍ଟର ଡି ବଦର୍ସଙ୍କୁ ଗିରଫ କରି ଚର୍ଚ୍ଚାରେ ରହିଥିଲେ। ଖୁରାନିଆ କହିଛନ୍ତି, ସେ ଡେପୁଟେଶନରେ ଯିବା ଲାଗି ପୂର୍ବରୁ ଗୃହ ବିଭାଗ ନିକଟରେ ଆବେଦନ କରିଥିଲେ। ଗୃହ ବିଭାଗ ତାଙ୍କୁ ଅନୁମତି ଦେଇଛି।


## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକ



**ସ୍ମୃତି ରଂଜନ ମିଶ୍ର (ପପୁ)**
ତଡାଶ, ଚନ୍ଦନପୁର, ପୁରୀ
ଆବିର୍ଭାବ: ଶ୍ରାବଣ କୃଷ୍ଣ ତ୍ରୟୋଦଶୀ
୨୩।୦୭।୧୯୮୭
ତିରୋଧାନ: ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ
୨୬।୦୯।୨୦୧୫
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୦୮୧୪

### ଶ୍ରଦ୍ଧାଞ୍ଜଳି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ଵ ବର୍ଣ୍ଣିକା ପଟ୍ଟନାୟକ**
ଆବିର୍ଭାବ- ୧୯।୧୧।୧୯୬୯
ତିରୋଧାନ- ୨୨।୦୯।୨୦୧୩
୪୪, ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା। ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଅକାଳରେ ଚାଲିଗଲ ଏକ ଅଜଣା ରାଇଜକୁ। ତୁମର ସ୍ନେହ, ଶ୍ରଦ୍ଧା ଓ ମଧୁମୟ ସ୍ମୃତି ଆମ ପାଇଁ ଆଜି ବି ଜୀବନ୍ତ ଏବଂ ସଦାସର୍ବଦା ରହିବ ମଧ୍ୟ। ତୁମର ତ୍ୟାଗ, ନିଷ୍ପାପର ସେବା, ପରକୁ ଆପଣାର କରିବାର ଗୁଣ ପାଇଁ ଆଜି ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ, ସାଙ୍ଗସାଥୀ ସମସ୍ତେ ତୁମକୁ ମନେ ପକାଉଛନ୍ତି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା। -ଶୋକସନ୍ତପ୍ତ ସ୍ୱାମୀ, ଝିଅ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୨୯୦୯


## ଶୋପିଆନ୍‌ରେ ଆତଙ୍କବାଦୀଙ୍କ ବର୍ବରତା

# ଅପହୃତ ୩ ପୋଲିସଙ୍କୁ ହତ୍ୟା

**ଚାକିରି ନ ଛାଡ଼ିଲେ ଫଳ ଭୋଗିବେ ବୋଲି ଧମକ ଦେଇଥିଲା ହିଜ୍‌ବୁଲ**



**ଶ୍ରୀନଗର,୨୧।୯(ପି.ଟି.)**

ଦକ୍ଷିଣ କଶ୍ମୀରରେ ପୁଣିଥରେ ବର୍ବରତାର ସୀମା ଟପିଛନ୍ତି ଆତଙ୍କବାଦୀ। ସେମାନେ ଶୋପିଆନ୍ ଜିଲାର ୩ ପୋଲିସ କର୍ମୀଙ୍କୁ ଘରୁ ଅପହରଣ କରିନେଇ ଶୁକ୍ରବାର ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ହିଜ୍‌ବୁଲ ମୁଜାହିଦ୍ଦିନ୍ କମାଣ୍ଡର ରିୟାଜ୍ ନାଇକୁ ନିକଟରେ ସୋସିଆଲ ମିଡିଆରେ ଭିଡିଓ ଜାରିକରିପୋଲିସ କର୍ମୀମାନଙ୍କୁଏକାଧିକ ଥର ଧମକ ଦେଇଥିଲେ। ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ)ମାନେ ନିଜ ଚାକିରି ଛାଡ଼ି ଦିଅନ୍ତୁ। ନଚେତ୍ ସେମାନେ ଫଳ ଭୋଗିବେ ବୋଲି ନାଇକୁ ଏଥିରେ ସେମାନଙ୍କୁ ଚେତାବନୀ ଦେଇଥିଲେ।

ହେଲେ ତାଙ୍କ ଧମକକୁ କେହି ଭୃକ୍ଷେପ କରି ନ ଥିଲେ। ଫଳରେ ଆତଙ୍କବାଦୀମାନେ କନଷ୍ଟେବଳ ନିସାର ଅହମ୍ମଦ ଏବଂ ଦୁଇ ଏସ୍‌ପିଓ ଫିର୍ଦୋସ ଅହମ୍ମଦ ଓ କୁଲୱନ୍ତ ସିଂଙ୍କୁ ଶୁକ୍ରବାର ଭୋର ସମୟରେ ଅପହରଣ କରିନେଇଥିଲେ। ଏହାର କିଛି ସମୟ ପରେ ୩ ପୋଲିସ କର୍ମୀଙ୍କ ଗୁଳିବିଦ୍ଧ ମୃତଦେହ ଏକ ନଦୀକୂଳ ବଗିଚାରେ ଠାବ ହୋଇଛି। ଜମ୍ମୁ-କଶ୍ମୀର ପୋଲିସର ୭ ଏସ୍‌ପିଓ ଏଥିରେ ଭୟଭୀତ ହୋଇ ଚାକିରିରୁ ଇସ୍ତଫା ଦେଇଥିବା ଭିଡିଓ ଜାରି ଘୋଷଣା କରିଥିବା ରିପୋର୍ଟ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ଖବରକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଖଣ୍ଡନ କରିଛି। ୩ ପୋଲିସ କର୍ମୀଙ୍କ ହତ୍ୟା ପରେ କେହି ଏସ୍‌ପିଓ ଇସ୍ତଫା ଦେଇ ନାହାନ୍ତି। ଏହା ବିଭ୍ରାଟ ସୃଷ୍ଟିକାରୀ ତତ୍ତ୍ୱଙ୍କ ଅପପ୍ରଚାର ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଭାରତ-ପାକ୍ ଆଲୋଚନା ବାତିଲ

**ନୂଆଦିଲ୍ଲୀ,୨୧।୯(ପି.ଟି.)**

ଗୋଟିଏ ପଟେ ଶାନ୍ତିବାର୍ତ୍ତାର ପ୍ରସ୍ତାବ, ଅନ୍ୟପଟେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ। ପାକିସ୍ତାନର ଏଭଳି ଦୋମୁହାଁ ନୀତି ପୁଣିଥରେ ସାମ୍ନାକୁ ଆସିବା ପରେ ଇସ୍‌ଲାମାବାଦ ସହ ପ୍ରସ୍ତାବିତ ଆଲୋଚନା ବାତିଲ କରିଦେଇଛି ନୂଆଦିଲ୍ଲୀ।

ଜମ୍ମୁ-କଶ୍ମୀରର ଶୋପିଆନ୍‌ରେ ପାକିସ୍ତାନୀ ଆତଙ୍କବାଦୀମାନେ ୩ ପୋଲିସ କର୍ମୀଙ୍କୁ ଅପହରଣ ପରେ ଶୁକ୍ରବାର ହତ୍ୟା କରିଛନ୍ତି। ସେପଟେ ହିଜ୍‌ବୁଲ ପୋଷ୍ଟରବୟ ବୁର୍‌ହାନ୍ ୱାନିଙ୍କୁ ମହିମାମଣ୍ଡିତ କରି ତାଙ୍କ ନାମରେ ୨୦ଟି ଡାକ ଟିକଟ ଜାରି କରିଛି ପାକିସ୍ତାନ। ଏହାର ପ୍ରତିବାଦରେ ନୂଆଦିଲ୍ଲୀ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଶୁକ୍ରବାର କହିଛନ୍ତି, ଉପରୋକ୍ତ ୨ଟି ଘଟଣାକ୍ରମ ଭାରତକୁ ବ୍ୟଥିତ କରିଛି। ଏଭଳି ପରିବେଶରେ ପାକିସ୍ତାନ ସହ ଆଲୋଚନା ନିରର୍ଥକ। ଏହାକୁ ଦୃଷ୍ଟିରେ ରଖି ନ୍ୟୁୟର୍କରେ ହେବାକୁ ଥିବା ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ) ଅଧିବେଶନ ପରିପ୍ରେକ୍ଷୀରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ପାକିସ୍ତାନ ପ୍ରତିପକ୍ଷ ଶାହ ମେହମୁଦ୍ କୁରେଶୀଙ୍କ ସାକ୍ଷାତ୍ ଆଲୋଚନାକୁ ରଦ୍ଦ କରାଯାଇଛି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ ଖାନ୍ ଗତ ୧୪ ତାରିଖରେ ଏକ ପତ୍ର ଲେଖିଥିଲେ। ଆତଙ୍କବାଦ ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା ପାଇଁ ସେ ଆଗ୍ରହୀ। ଆସନ୍ତା ୨୫ରେ ୟୁଏନ୍‌ଜିଏ ଅଧିବେଶନରେ ଦୁଇଦେଶର ବହିର୍ବ୍ୟାପାର ମନ୍ତ୍ରୀ ପରସ୍ପରକୁ ଭେଟି ଶାନ୍ତିବାର୍ତ୍ତାକୁ ଆଗକୁ ବଢ଼ାଇବା ଲାଗି ଉଦ୍ୟମ କରିବେ ବୋଲି ଇମ୍ରାନ ପ୍ରସ୍ତାବ ଦେଇଥିଲେ। ଇମ୍ରାନଙ୍କ ଅନୁରୋଧକୁ ଗୁରୁବାର ଭାରତ ରକ୍ଷାକରି ଆଲୋଚନା ପାଇଁ ରାଜି ହୋଇଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ପୁଣିଥରେ ପାକିସ୍ତାନର ମୁଖା ଖୋଲିଯାଇଛି। ଫଳରେ ଆଲୋଚନା ବାତିଲ କରିବାକୁ ନିଷ୍ପତ୍ତି ନେଇଛି ନୂଆଦିଲ୍ଲୀ।

# ଇଞ୍ଜିନରୁ ଅଲଗା ହେଲା ବଗି



**ନିରାକାରପୁର,୨୧।୯(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଲେଭଲ୍ କ୍ରସିଂ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ୫୮ ବଗି ବିଶିଷ୍ଟ ଏକ ମାଲବାହୀ ଟ୍ରେନ୍ ଇଞ୍ଜିନ୍‌ଟି ଅନ୍ୟ ବଗିରୁ ଅଲଗା ହୋଇଯାଇଥିଲା। ଫଳରେ ୩୫ବଗି ସହ ଇଞ୍ଜିନ୍ ଓ ଅନ୍ୟ ବଗିଗୁଡ଼ିକ ଅଲଗା ହୋଇ ପ୍ରାୟ ୭୫୦ ମିଟର ପର୍ଯ୍ୟନ୍ତ ଗଡ଼ି ଚାଲିଥିଲା। ସାର ବୋଝେଇ ହୋଇ ଆନ୍ଧ୍ରପ୍ରଦେଶର କାକିନାଡ଼ାରୁ ବିହାରକୁ ଯାଉଥିବା ଏହି ଟ୍ରେନ୍‌ଟିର ଏଭଳି ସ୍ଥିତି ଲୋକଙ୍କୁ ଭୟଭୀତ କରିଥିଲା। ଏ ବିଷୟରେ ଗେଟ୍‌କିପର ଗାର୍ଡଙ୍କୁ ଜଣାଇବା ପରେ ଇଞ୍ଜିନ୍ ଚାଳକ ଓ ଗାର୍ଡ ଉଭୟ କ୍ଲିପିଂ ସେଟ୍ କରାଇଥିଲେ। ବଗି ସହ ଇଞ୍ଜିନ୍ ସଂଯୋଗ କରାଯିବା ପରେ ଟ୍ରେନ ସ୍ୱାଭାବିକ ଭାବେ ଗତି କରିଥିଲା। ହେଲେ ଏହାକୁ ନେଇ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ଗେଟ୍ ପଡ଼ିଯାଇଥିବାରୁ ନୂଆଁ ଜଗନ୍ନାଥ ସଡ଼କର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମୋଟର ଅଟକି ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ଘଟଣା ସମ୍ପର୍କରେ ନିରାକାରପୁର ରେଳ ଷ୍ଟେଶନ୍‌ର ବାଣିଜ୍ୟ ଅଧିକାରୀ ସନ୍ଦୀପ ସ୍ୱରୂପ ନାୟକ କହନ୍ତି, ଏହା କିପରି ଘଟିଲା ବର୍ତ୍ତମାନ ଜଣାପଡ଼ିନି, ଏ ବିଷୟରେ ଅନୁସନ୍ଧାନ କରିବି। ଷ୍ଟେଶନ୍ ପରିଚାଳକ ସୁଜିତ୍ କୁମାର ବର୍ଷାତ କହିଥିଲେ, ମୋର ୪ଟା ବେଳେ ଡ୍ୟୁଟି ଥିଲା। ପୂର୍ବାହ୍ନ ସମୟରେ ଏହା ଘଟିଥିବାରୁ ମୁ ଏ ନେଇ ବିଶେଷ କିଛି ଜାଣିନାହିଁ। କାର୍ଯ୍ୟରତ ଗେଟ୍‌କିପର୍ ଦୋଲଗୋବିନ୍ଦ ପାଇଶାଣୀ କହିଛନ୍ତି ଯେ, ଇଞ୍ଜିନ୍ ସହ ୩୫ ବଗି ଓ ଅନ୍ୟପକ୍ଷରେ ଖାଲି ବଗିଗୁଡିକୁ ଅଲଗା ହୋଇ ରେଳଧାରଣା ଉପରେ ଗଡ଼ି ଚାଲୁଥିବା ଦେଖିଥିଲି। ମୁଁ ଏ ବିଷୟରେ ଗାର୍ଡ଼ଙ୍କୁ ଜଣାଇବା ପରେ ସେ ରେଡ୍ ଫ୍ଲାଗ୍ ଦେଖାଇ ଟ୍ରେନକୁ ରଖିଦେଇଥିଲେ।

# ଇସ୍‌ଲାମପୁରରେ ହିଂସା: ୨ ଛାତ୍ର ମୃତ

**ରାଇଗଞ୍ଜ, ୨୧।୯(ପି.ଟି.):** ଏକ ସ୍କୁଲରେ ଶିକ୍ଷକ ନିଯୁକ୍ତିକୁ କେନ୍ଦ୍ରକରି ପଶ୍ଚିମବଙ୍ଗର ଉତ୍ତର ଦିନାଜପୁରର ଇସ୍‌ଲାମପୁରରେ ପୋଲିସ ଜନତା ହାତାହାତି ହେବା ଫଳରେ ବଡ଼ଧରଣର ହିଂସା ଘଟିଛି। ଏହି ଘଟଣାରେ ଦୁଇ ଛାତ୍ରଙ୍କ ଜୀବନ ଯାଇଛି। ସଂଘର୍ଷବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ଯୋଗୁ ଗୁରୁବାର ଜଣେ ଆଇଟିଆଇ ଛାତ୍ର ପ୍ରାଣ ହରାଇଥିଲେ। ଆହତ ହୋଇଥିବା ଆଉ ଜଣେ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ନର୍ଥ ବେଙ୍ଗଲ୍ କଲେଜ୍ ଆଣ୍ଡ ହସ୍ପିଟାଲରେ ସେ ଆଖିବୁଜିଛନ୍ତି। ଛାତ୍ର ମୃତ୍ୟୁ ଘଟଣାକୁ ନେଇ ଭାଜପା ୧୨ ଘଣ୍ଟିଆ ବନ୍ଦ ପାଳନ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଧନିଷ୍ଠା ନକ୍ଷତ୍ରସ୍ଥ ହେତୁ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିପାରିବେ। ଆପଣଙ୍କ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ। ସପ୍ତମସ୍ଥ ସ୍ୱଗୃହୀ ଶୁକ୍ରଙ୍କ ପ୍ରଭାବରେ ବିଳାସ ଉପକରଣ ଓ ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଫେରିପାଇବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବୃଷ** ରବି ସ୍ୱନକ୍ଷତ୍ରରେ ରହିଥିବାରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। କେତେକ ସାଧାରଣ କଥାକୁ କେନ୍ଦ୍ରକରି କିମ୍ବା ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ବୁଧ ତୃତୀୟାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପାରୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ। ମାତ୍ର ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ। ଆଜି ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ।

**କର୍କଟ** ରାହୁଙ୍କ ନକ୍ଷତ୍ରସ୍ଥ ଶୁକ୍ର କିଛିଟା ବିଶୃଙ୍ଖଳିତ ପରିସ୍ଥିତି ମଧ୍ୟରେ ଅଭିଳାଷକୁ ପୂରଣ କରାଇବ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ହଠାତ୍ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ। ଆକସ୍ମିକ ଭାବରେ ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ।

**ସିଂହ** ମିତ୍ର ନକ୍ଷତ୍ରସ୍ଥ ମଙ୍ଗଳ ଶତ୍ରୁ କ୍ଷେତ୍ରରେ ରହିଥିବାରୁ ଇଚ୍ଛାଥିଲେ ମଧ୍ୟ କେତେକ କାମ କରିବା ଦିଗରେ ପଛେଇଯାଇପାରନ୍ତି। ଅବଶ୍ୟ ଜମିଜମା କାରବାର, ଆରକ୍ଷୀ ମାମଲା ତଥା ବହୁତ ଦିନରୁ ଖୋଜୁଥିବା ଜିନିଷ ପ୍ରାପ୍ତିରେ ଶୁଭ ସଂକେତ ପାଇବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି।

**କନ୍ୟା** ବିଶାଖା ନକ୍ଷତ୍ରସ୍ଥ ବୃହସ୍ପତି ଏକାଧାରରେ ଅର୍ଥ, ସମ୍ମାନ ପ୍ରଦାନ କରିବା ସାଙ୍ଗକୁ ବନ୍ଧୁଙ୍କ ଆତିଥ୍ୟ ଗ୍ରହଣ କରାଇବ। ତଥାପି ଦୀର୍ଘ ଦିନର କେତେକ ଅପୂରଣୀୟ ଆଶା ମନରେ ବିଭିନ୍ନ ପ୍ରକାର ଆଶଙ୍କା ସୃଷ୍ଟି କରିପାରେ। ପରକଥାରେ ପଡି ଭୁଲ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡିପାରେ।

**ତୁଳା** କେତୁ ନକ୍ଷତ୍ରସ୍ଥ ଶନି ଧୀର ମନ୍ଥର ଗତିରେ କାର୍ଯ୍ୟ ସାଧନ କରାଇବ। ଶନିଙ୍କ କୁପ୍ରଭାବ ଜନିତ ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** କୁମ୍ଭରାଶି ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଯୋଗୁ ଭଲ ମନ ନେଇ କାମ କଲେ ମଧ୍ୟ ଅନ୍ୟମାନଙ୍କ ଦ୍ୱାରା ଉପେକ୍ଷିତ ହେବେ। କର୍ମକ୍ଷେତ୍ରର ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଧାର କରଜ କରି ଆବଶ୍ୟକତା ଚଳାଇନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଭାଗ୍ୟାଧିପତି କର୍ମସ୍ଥାନରେ ଅବସ୍ଥାନ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିପାରିବେ। ତଥାପି ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାମାଜିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** ଗୁରୁ ଓ ଶୁକ୍ର କର୍ମସ୍ଥାନରେ ରହି ପାରିବାରିକ ଜୀବନର ସମସ୍ୟାକୁ ସୁଧାରି ନେବାରେ ସାହାଯ୍ୟ କରିବେ। ଫଳତଃ ନିଜ ଲୋକଙ୍କ ପରିବର୍ତ୍ତିତ ଚିନ୍ତାଧାରା ଓ ବନ୍ଧୁଙ୍କ ସମର୍ଥନ ସହାୟକ ହୋଇପାରିବ। ମନ ଚାହୁଁ ନ ଥିଲେ ମଧ୍ୟ ଘର ପାଇଁ ହଠାତ୍ କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ।

**କୁମ୍ଭ** ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ଅସଜଡା ପରିସ୍ଥିତିକୁ ସଜାଡି ନେବାର ପ୍ରୟାସ କରି ସଫଳତା ପାଇବେ। ଆର୍ଥିକ ସ୍ଥିତି ସାମୟିକ ଦୁର୍ବଳ ରହିବା କାରଣରୁ ବିକଳ୍ପ ଚିନ୍ତା ଓ ବ୍ୟବସ୍ଥା କରିବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** କେବଳ ବୃହସ୍ପତିଙ୍କ ବ୍ୟତୀତ ଅନ୍ୟ ସମସ୍ତ ଗ୍ରହ ଅନୁକୂଳ ସ୍ଥାନରେ ରହିଥିବାରୁ କାମ ହାସଲ ହେବ। ସଫଳତା ପ୍ରଚ୍ଛନ୍ନଭାବରେ ଲୁକ୍କାୟିତ ହୋଇଥିବାରୁ ପରୋକ୍ଷଭାବରେ ସହାୟତା ପାଇପାରିବେ। ଶନିଙ୍କ ଦୃଷ୍ଟିର ପ୍ରଭାବରେ ପାରସ୍ପରିକ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ଶନିବାର, ଶ୍ରୀମନ୍ଦିରରେ ବଳିବାମନ ବେଶ, ସେପ୍ଟେମ୍ବର ୨୨ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ୧୦।୪୧ମି. ଗତେ ଘ୧।୧୧ମି. ମଧ୍ୟେ, ଘ୨।୩୯ମି. ଗତେ ଘ୪।୦୯ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୧୧ମି. ଗତେ ଘ୮।୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୦ମି. ଗତେ ଘ୧୦।୦୯ମି. ମଧ୍ୟେ ରାହୁକାଳ।



**ଅର୍ଜୁନ ପୁରସ୍କାର ପାଇଁ ଉତ୍ସାହିତ ମନପ୍ରୀତ**

ଅର୍ଜୁନ ପୁରସ୍କାର ପାଇବାକୁ ଯାଉଥିବାରୁ ମୁଁ ବହୁତ ଖୁସି ଏବଂ ଅଧିକ ସଫଳତା ପାଇଁ ଏହା ଉତ୍ସାହିତ କରିଛି ବୋଲି ଭାରତୀୟ ହକି ତାରକା ମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

୧୪

୧୧

**'ମଣ୍ଟୋ' ରିଲିଜ୍ ନେଇ ନନ୍ଦିତାଙ୍କ ପ୍ରତିକ୍ରିୟା**

ଶୁକ୍ରବାର 'ମଣ୍ଟୋ' ମୁକ୍ତିଲାଭ କରିଛି। କିନ୍ତୁ ପ୍ରଥମ ଦିନର ମର୍ନିଂ ଶୋ' ପ୍ରଦର୍ଶିତ ହୋଇପାରି ନ ଥିବାରୁ ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ନନ୍ଦିତା ଦାସ ନୈରାଶ୍ୟ ପ୍ରକାଶ କରିଛନ୍ତି ।






PLEDGE 'PLASTIC-FREE' ODISHA

Sudarsan Pattnaik
Sand Artist

#PlasticFreeOdisha

ଧରିତ୍ରୀ DHARITRI | TEAM

02 OCTOBER


## ବ୍ୟାଙ୍କକ୍‌ରେ ଓଡ଼ିଶା ପର୍ଯ୍ୟଟନର ରୋଡ୍ ଶୋ

ଭୁବନେଶ୍ୱର,୨୧।୯(ବ୍ୟୁରୋ): ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ବ୍ୟାଙ୍କକ୍‌ରେ ରାଜ୍ୟ ପର୍ଯ୍ୟଟନ ସମ୍ବଳର ପ୍ରଚାର ପ୍ରସାର ପାଇଁ ଦ୍ୱିତୀୟ ରୋଡ୍ ଶୋ' ଅନୁଷ୍ଠିତ ହୋଇଯାଇଛି। ଥାଇଲାଣ୍ଡସ୍ଥିତ ଭାରତୀୟ ଦୂତାବାସ ଏବଂ ଫିକିର ମିଳିତ ସହଯୋଗରେ ବ୍ୟାଙ୍କକ୍‌ର ଏକ ହୋଟେଲରେ ଏହି ରୋଡ୍ ଶୋ' ଆୟୋଜିତ ହୋଇଥିଲା। ଏଥିରେ ୧୪୦ରୁ ଊର୍ଦ୍ଧ୍ୱ ଟୁର୍ ଅପରେଟର, ଟ୍ରାଭେଲ ଏଜେଣ୍ଟ, ଦୂତାବାସ ପ୍ରତିନିଧି ଏବଂ ପର୍ଯ୍ୟଟନ ସହ ଜଡ଼ିତ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ସଞ୍ଜୟ କୁମାର, ଦୂତାବାସ ଅଧିକାରୀ ଆଙ୍ଗାଗାନୀ ରାମୁ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ରହିଥିବା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ୨୦୧୮ର ବିଶେଷ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା।

### ଆଜିର ମନ୍ତବ୍ୟ

"ମହିଳାଙ୍କ ସମାନ ଅଧିକାର ପାଇଁ ଆଇନ ଅପେକ୍ଷା ସାମାଜିକ ମାନସିକତାରେ ପରିବର୍ତ୍ତନ ଲୋଡ଼ା।

–ସୋନିଆ ଗାନ୍ଧୀ, ଉପା ଅଧ୍ୟକ୍ଷା


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- / 10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE | 21.09.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 57 | 102 | 112 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


# 'ଡାଏ' ଦୁର୍ବଳ



ଶିମିଳିପାଳରୁ ବାହାରିଥିବା ଗଙ୍ଗାହାର ନଦୀର ବନ୍ୟାଜଳ ବୈଶିଙ୍ଗା–ଉଦଳା ରାଜପଥ ଉପରେ ପ୍ରବାହିତ।



ବନ୍ୟାଜଳରେ ମାଲକାନଗିରି ଜିଲା ପୋଟେରୁ ବଜାର ବୁଡ଼ି ରହିଛି ।

**ବର୍ଷା ବିପ୍ଳାତ**

- ମାଲକାନଗିରି ଜଳମଗ୍ନ
- କାଳିମେଳାର ୪, ମାଛକୁଣ୍ଡର ୩ ଗେଟ୍ ଖୋଲା
- ବଢ଼ୁଛି ବୈତରଣୀ, ବୁଢ଼ାବଳଙ୍ଗ, ଜଳକା
- ଲଘୁଚାପ ଦୁର୍ବଳ: ବନ୍ୟା ଆଶଙ୍କା ନାହିଁ
- ୭ ଦିନ ରିଲିଫ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ବାତ୍ୟା 'ଡାଏ' ଦୁର୍ବଳ ହେବାରେ ଲାଗିଛି। ଗୁରୁବାର ମଧ୍ୟରାତ୍ରିରେ ସ୍ଥଳ ଭାଗ ଅତିକ୍ରମ କରିବା ପରେ ଏହା ଶୁକ୍ରବାର ଆଭ୍ୟନ୍ତରୀଣ ଓଡିଶା ଓ ଛତିଶଗଡ ଉପରେ ରହିଥିଲା। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଡାଏ ଅବପାତରେ ପରିଣତ ହୋଇ ବିଦର୍ଭ ନିକଟରେ କେନ୍ଦ୍ରୀଭୂତ ହୋଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୧୨ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଲଘୁଚାପ ଯୋଗୁ ବୁଧବାର ରାତିରୁ ଉପକୂଳବର୍ତ୍ତୀ ଜିଲାରେ ବର୍ଷା ଲାଗିରହିଛି। ତୁହାକୁ ତୁହା ବର୍ଷା ସାଙ୍ଗକୁ ପବନ ଜନଜୀବନକୁ ପ୍ରଭାବିତ କରିଛି। ସ୍ୱତନ୍ତ୍ର ରିଲିଫ କମିଶନର କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଜିଲାରେ ସର୍ବାଧିକ ୧୬୬.୩ ମିଲିମିଟର ବର୍ଷା ହୋଇଥିବା ବେଳେ ବାଲେଶ୍ୱର ଜିଲାରେ ୧୧୨.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଅଧିକାଂଶ ଜିଲାରେ ୫୦ରୁ ୧୦୦ ମିଲିମିଟର ବର୍ଷା ହୋଇଛି । କୋରାପୁଟ ଜିଲାରେ ୯୨.୩ ମିଲିମିଟର ବର୍ଷା ହୋଇଥିବା ବେଳେ କଟକରେ ୫୬.୧, ଭଦ୍ରକରେ ୭୨.୫, ଯାଜପୁର ୫୭.୮, ☞ପୃଷ୍ଠା–୪


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ

ଫାଇଦାରେ କଶ୍ମୀର ବାବୁ

### କିଛି ତଥ୍ୟ

ଗତ ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୨୦୭ ବିଲିୟନ ବୃଦ୍ଧି ଘଟି ୪୦୦.୪୮୯ ବିଲିୟନ ଡଲାର ଛୁଇଁଛି। ପୂର୍ବ ସପ୍ତାହରେ ଏଥିରେ ୮୧୯.୫ ନିୟୁତ ହ୍ରାସ ହେବା ଯୋଗୁ ଏହା ୩୯୯.୨୮୨ ବିଲିୟନ ଡଲାରକୁ ଖସି ଆସିଥିଲା।
–ଭାରତୀୟ ରିଜର୍ଭ ବ୍ୟାଙ୍କ

# ଆମିକସ୍‌କ୍ୟୁରି ବୁଝିଲେ ଶ୍ରୀମନ୍ଦିର ପରମ୍ପରା

**ଶ୍ରୀମନ୍ଦିର ସଂସ୍କାର ମାମଲା**

- ଫୋକସରେ ବଂଶାନୁକ୍ରମିକ ସେବା
- ଶଙ୍କରାଚାର୍ଯ୍ୟଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା
- ତିନିଜଣିଆ କମିଟି ଓ ଜିଲା ଜଜ୍‌ଙ୍କ ମତ ନେଲେ



ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରୁଛନ୍ତି ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍।

ପୁରୀ ଅଫିସ, ୨୧।୯

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଶୁକ୍ରବାର ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନରୁ ହିଁ ସେ ଆରମ୍ଭ କରିଛନ୍ତି ତାଙ୍କର ଏହି ଦୁଇଦିନିଆ ମାରାଥନ ଆଲୋଚନା। ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବା ପରେ ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ମତ ସଂଗ୍ରହ କରିଥିଲେ। ଅପରାହ୍ନରେ ସର୍କିଟ ହାଉସ୍‌ରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି, ଆଇନ ବିଭାଗ ସଚିବ ଏବଂ ପୁରୀ ଜିଲା ଜଜ୍‌ଙ୍କ ସହ ଆଲୋଚନା କରିଥିଲେ। ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବ, ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ଏମ୍‌ପି ପିନାକୀ ମିଶ୍ର, ଆଡଭୋକେଟ ଜେନେରାଲଙ୍କ ସହ ଆଲୋଚନା କରିବାକୁ ଥିବାବେଳେ ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଛତିଶା ନିଯୋଗ ବୈଠକରେ ଉପସ୍ଥିତ ରହି ମତ ନେବେ। ପ୍ରତ୍ୟୁଷରେ ଆମିକସ୍‌କ୍ୟୁରି ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ☞ପୃଷ୍ଠା–୪

# ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ



- ଲୋକାର୍ପିତ ହେବ ଝାରସୁଗୁଡ଼ା ବିମାନବନ୍ଦର
- ତାଳଚେର ସାର କାରଖାନା ଭିତ୍ତିପ୍ରସ୍ତର ସ୍ଥାପନ ହେବ

ଭୁବନେଶ୍ୱର,(ବ୍ୟୁରୋ)/ତାଳଚେର, (ନି.ପ୍ର.)/ଝାରସୁଗୁଡ଼ା ଅଫିସ,୨୧।୯

ବହୁପ୍ରତୀକ୍ଷାର ଅନ୍ତ ଘଟିବ। ଶନିବାର ଝାରସୁଗୁଡ଼ା ବିମାନବନ୍ଦରର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଥିସହିତ ଅନୁଗୋଳ ଜିଲା ତାଳଚେର ସାରକାରଖାନାର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ୨୦୦୨ରୁ ବନ୍ଦ ପଡ଼ିଥିବା ତାଳଚେର ସାର କାରଖାନା (ବର୍ତ୍ତମାନର ନୂତନ ନାମ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍)ର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ବଲଣ୍ଡା ହେଲିପ୍ୟାଡ୍‌ଠାରୁ ଶିଳାନ୍ୟାସ ସ୍ଥଳ ଓ ସାଧାରଣ ସଭା ନିମନ୍ତେ ବକ୍ସି ଜଗବନ୍ଧୁ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ସମ୍ପୂର୍ଣ୍ଣ ତାଳଚେର ସୁରକ୍ଷା ବଳୟରେ ଥିବା ବେଳେ ଏସ୍‌ପିଜି ସହ ରାଜ୍ୟ ପୋଲିସ, ସିଆର୍‌ପିଏଫ୍ ଯବାନ ଓ ୨ଟି ସ୍ପେଶାଲ ଟାକ୍‌ଟିକାଲ ପ୍ଲାଟୁନଙ୍କୁ ମୁତୟନ କରାଯାଇଛି। ☞ପୃଷ୍ଠା–୪


INTERNATIONAL BRANDED GARMENTS sale

ବିଶ୍ୱବ୍ୟାପୀ ବିପୁଳ ସଫଳତା ପରେ ଏବେ ଭାରତରେ

ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ୨ ଦିନିଆ ଏକ୍ସକ୍ଲୁସିଭ୍ ସେଲ୍



ପ୍ରିୟ ଗ୍ରାହକ,

ଆମ କମ୍ପାନୀ ବିଶ୍ୱସାରା ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ଗାର୍ମେଣ୍ଟ୍ସ ସେଲ୍ ଆୟୋଜନ କରିଛି। ବିଦେଶରେ ଅଭୂତପୂର୍ବ ସଫଳତା ପରେ, ଆମେ ଏବେ ଭାରତକୁ ଆସିଛୁ ଏବଂ ଭୁବନେଶ୍ୱରଠାରେ ଆମର ସେଲ୍ ଆୟୋଜନ କରୁଛୁ । ସମ୍ପୂର୍ଣ୍ଣ ଷ୍ଟକ୍‌ରେ ସମଗ୍ର ପରିବାର ପାଇଁ ନୂଆ ଫ୍ରେଶ୍ ରେଡିମେଡ୍ ପୋଷାକ ରହିଛି। ଆମର ପୁରୁଷଙ୍କ କଲେକ୍ସନ୍‌ରେ ସାର୍ଟ, ଟ୍ରାଉଜର, ବ୍ରାଣ୍ଡେଡ୍ ଜିନ୍‌ସ ଏବଂ ଟି-ସାର୍ଟ, ବ୍ଲେଜର୍, ଶର୍ଟସ୍ ଇତ୍ୟାଦି, ଝିଅ ଓ ମହିଳାଙ୍କ କଲେକ୍ସନରେ କୁର୍ତ୍ତି, ଟପ୍‌ସ, ସାର୍ଟ, ଟି–ସାର୍ଟ, ବ୍ଲେଜର୍, ବ୍ରାଣ୍ଡେଡ୍ ଜିନ୍‌ସ ଇତ୍ୟାଦି ଅନ୍ତର୍ଭୁକ୍ତ ଏବଂ କିଡ୍‌ସ ୱେର୍‌ରେ ସମ୍ପୂର୍ଣ୍ଣ ନୂଆ ଫେସନେବଲ୍ କଲେକ୍ସନ୍ ଉପଲବ୍ଧ। ସେଲ୍ ମାତ୍ର ୨ ଦିନ ପାଇଁ - ୨୨ ଓ ୨୩ ସେପ୍ଟେମ୍ବର, ୨୦୧୮। ସେଲ୍ ପୂର୍ବାହ୍ନ ୧୦ ଘଟିକାରୁ ରାତ୍ରି ୧୦ ଘଟିକା ପର୍ଯ୍ୟନ୍ତ।

UPTO 90% OFF

ମେନ୍‌ସ ୱେର୍ @ ₹୪୦୦ରୁ ₹୧୨୦୦ ପ୍ରକୃତ ମୂଲ୍ୟ ₹୬୦୦ରୁ ₹୫୨୯୫
ଲେଡିଜ୍ ୱେର୍ @ ₹୩୦୦ରୁ ₹୭୦୦ ପ୍ରକୃତ ମୂଲ୍ୟ ₹୪୫୦ରୁ ₹୪୨୯୫
କିଡ୍‌ସ ୱେର୍ @ ₹୧୫୦ରୁ ₹୬୦୦ ପ୍ରକୃତ ମୂଲ୍ୟ ₹୪୯୦ରୁ ₹୩୦୯୫

ହୋଟେଲ ମେଫେୟାର୍ କନ୍‌ଭେନ୍‌ସନ୍ ୮-ବି, ଜୟଦେବ ବିହାର, ଭୁବନେଶ୍ୱର, ଓଡ଼ିଶା

• ENTRY FREE • Time 10 AM TO 10 PM • ALL CARD PAYMENTS ACCEPTED

nikitamedia.in


# 'ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆ' ଗୀତରେ କମ୍ପିବ କଳିଙ୍ଗ ଷ୍ଟାଡିୟମ

**ହକି ବିଶ୍ୱକପ**

- ଉଦ୍‌ଘାଟନୀ ଉତ୍ସବରେ ରହମନ ମୁଖ୍ୟ ଆକର୍ଷଣ



ଭୁବନେଶ୍ୱର, ୨୧।୯ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଆରମ୍ଭ ହେବ। ଏହାର ଉଦ୍‌ଘାଟନୀ ଉତ୍ସବରେ ଓସ୍କାର ପୁରସ୍କାର ବିଜେତା ସଂଗୀତ ନିର୍ଦ୍ଦେଶକ ଏ.ଆର. ରହମନ ଓ ଜଣାଶୁଣା ଗୀତିକାର ଗୁଲ୍‌ଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ। 'ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆ ମାଥେ ପେ ବିଜୟ କି ବିନ୍ଦିଆ' ଗୀତରେ କମ୍ପିବ କଳିଙ୍ଗ। ଓଡ଼ିଶାରେ ଆୟୋଜନ ହେବାକୁ ଯାଉଥିବା ଏହି ମେଗା ପ୍ରତିଯୋଗିତାର ଟାଇଟଲ ସଂଗୀତ ବା ଅଫିସିଆଲ ଗୀତ ପ୍ରସ୍ତୁତ କରିବେ ରହମନ ଓ ଗୁଲ୍‌ଜାର। ଉଦ୍‌ଘାଟନୀ ଉତ୍ସବରେ ରହମନଙ୍କ ସଙ୍ଗୀତରେ ମନ୍ତ୍ରମୁଗ୍ଧ ହେବେ ରାଜ୍ୟ,ଦେଶ ତଥା ବିଶ୍ୱର କ୍ରୀଡ଼ାପ୍ରେମୀ। ହକି ବିଶ୍ୱକପ୍‌ର ପ୍ରସ୍ତୁତିରେ ଓଡ଼ିଶା ସରକାର କୌଣସି ପ୍ରକାର ଅବହେଳା କରିବାକୁ ଚାହୁଁନାହାନ୍ତି। ସବୁ ଦୃଷ୍ଟିକୋଣରୁ ଏହାକୁ ସଫଳ କରିବାରେ ସରକାର ଚେଷ୍ଟିତ। ତେଣୁ ଏହି ମେଗା ଇଭେଣ୍ଟର ଟାଇଟଲ ଗୀତକୁ ପ୍ରସ୍ତୁତ କରିବା ପାଇଁ ରହମନ ଓ ଗୁଲ୍‌ଜାରଙ୍କ ଭଳି ବିଶ୍ୱସ୍ତରୀୟ ସଙ୍ଗୀତକାର ଓ ଗୀତିକାରଙ୍କୁ ଦାୟିତ୍ୱ ଦିଆଯାଇଛି।

ବିଶ୍ୱକପ୍‌କୁ ନେଇ ସଙ୍ଗୀତକାର ତଥା ଗାୟକ ରହମନ ବେଶ୍ ଉତ୍ସାହିତ ଅଛନ୍ତି। ଭାରତରେ ହକି ପ୍ରତି ଅହେତୁକ ଭଲପାଇବା ଅଛି ଓ ଭାରତ ବିଷୟରେ ହକିଠାରୁ ଅଧିକ କେହି ଭାବବ୍ୟକ୍ତ ପାରିବେ ନାହିଁ ବୋଲି ସେ କହିଛନ୍ତି। ବିଶ୍ୱକପ୍‌ଠାରୁ କୌଣସି ହକି ଇଭେଣ୍ଟ ବଡ଼ ନୁହେଁ। ଏହି ମେଗା ଇଭେଣ୍ଟ ଏଠାରେ ଆମ ଟର୍ଫ ଉପରେ ଖେଳାଯିବ। ବିଶ୍ୱକପ୍ ଦିନକୁ ଦିନ ପାଖେଇ ଆସୁଥବାରୁ ସମସ୍ତଙ୍କ ହୃତ୍‌ସ୍ପନ୍ଦନ ବଢିବାରେ ଲାଗିଛି। ଗୁଲଜାର ସାହେବ ଓ ମୁଁ ବିଶ୍ୱକପ୍ ଟାଇଟଲ ସଙ୍ଗୀତ ସଂଯୋଜନା ଦାୟିତ୍ୱରେ ରହିଛୁ। ଏହା ମନୋରଞ୍ଜନ ଦେବା ସହିତ ସମସ୍ତଙ୍କୁ ଉତ୍ସାହ ଓ ପ୍ରେରଣା ଦେବ ବୋଲି ରହମନ କହିଛନ୍ତି। ହକିର ଏହି ମହୋତ୍ସବରେ ସମସ୍ତେ ସାମିଲ ହୋଇ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ସାର୍ବଭୌମିକ ଏକତାର ମନ୍ତ୍ରକୁ ଉପଲବ୍ଧି କରିବେ ବୋଲି ରହମନ କହିଛନ୍ତି।

ବିଶ୍ୱକପ୍‌ର ଟାଇଟଲ ଗୀତକୁ ରହମନ ନିର୍ଦ୍ଦେଶନା ଦେବା ଆନନ୍ଦର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ରହମାନ ସଙ୍ଗୀତ ପରିବେଷଣ କରିବା ଏକ ଗୌରବର ବିଷୟ। ରହମନ ହେଉଛନ୍ତି ସାରା ଦେଶର ସ୍ୱର। ସେ ଏବେ ବିଶ୍ୱକପ୍‌ର ସ୍ୱର ବନିବାକୁ ଯାଉଛନ୍ତି। ☞ପୃଷ୍ଠା–୪

ହେ ଭଗବାନ ! ଆମର ବାକ୍ୟ ସବୁ ଏବେ ବି ଅଜ୍ଞାନାଚ୍ଛନ୍ନ । ସେ ସବୁକୁ ଆଲୋକିତ କର । ଆମ ଅଭୀପ୍ସା ଏବେ ବି ମଳିନ– ତାକୁ ଶୁଦ୍ଧି କର । ଆମର କର୍ମ ଏବେ ବି ଅସମର୍ଥ –ତାକୁ ସାମଥର୍‌ୟପୂର୍ଣ୍ଣ କର । –ଶ୍ରୀମା



# ଫାଇଦାରେ କଶ୍ମୀର ବାବୁ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଲାଗୁ ହେବା ଯୋଗୁ ରାଜ୍ୟ କ୍ୟାଡର ବାବୁମାନେ ବେଶ୍ ଫାଇଦାରେ ଅଛନ୍ତି । କାରଣ ପ୍ରଶାସନରେ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମିଳିଛି । ୧୯୮୬ ବ୍ୟାଚ୍ ଜମ୍ମୁ-କଶ୍ମୀର କ୍ୟାଡର ଆଇଏଏସ୍ ଅଫିସର ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବି.ବି. ବ୍ୟାସ ରାଜ୍ୟପାଳଙ୍କ ଉପଦେଷ୍ଟା ଭାବେ ପୁନର୍ନିଯୁକ୍ତି ପାଇଛନ୍ତି । ସେହିପରି ରାଜ୍ୟ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଖୁର୍ଶିଦ ଅହମଦ ଗନାଇ ଏବଂ ଅବସରପ୍ରାପ୍ତ ଆଇପିଏସ୍ ଅଫିସର କେ. ବିଜୟ କୁମାର ମଧ୍ୟ କ୍ୟାବିନେଟ୍‌ର ସମତୁଲ କୁହାଯାଉଥିବା ରାଜ୍ୟ ପ୍ରଶାସନିକ ପରିଷଦର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି, ଯେଉଁମାନଙ୍କର ଉଚ୍ଚସ୍ତରୀୟ ନିଷ୍ପତ୍ତି ନେବାର କ୍ଷମତା ରହିଛି । ବାବୁ-ନିରୀକ୍ଷକମାନଙ୍କ କହିବା ଅନୁସାରେ, ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ବି.ଭି.ଆର୍. ସୁବ୍ରମଣ୍ୟମ୍‌ଙ୍କ ଯୋଗୁ ଏହା ସମ୍ଭବ ହୋଇଛି । ସୁବ୍ରମଣ୍ୟମ୍ ହେଉଛନ୍ତି ୧୯୮୭ ବ୍ୟାଚ୍‌ର ଛତିଶଗଡ଼ କ୍ୟାଡର ଆଇଏଏସ୍ ଅଫିସର, ଯାହାଙ୍କୁ ଜୁନ୍ ମାସରେ ବ୍ୟାସଙ୍କ ସ୍ଥାନରେ ନିଯୁକ୍ତି ମିଳିଛି । ରାଜ୍ୟପାଳ ଶାସନ ଲାଗୁ ହେବା ପରଠାରୁ ସତ୍ୟପାଳ ମଲିକ ଓ ସୁବ୍ରମଣ୍ୟମ୍ ରାଜ୍ୟ କ୍ୟାଡର ଆଇଏଏସ୍ ଓ କେଏଏସ୍ ଅଫିସରଙ୍କ ପାଇଁ କାର୍ଯ୍ୟ କରିଆସିଛନ୍ତି, ଯାହା କ୍ୱଚିତ୍ ପୂର୍ବ ସରକାରଗୁଡ଼ିକରେ କେହି କରିଛନ୍ତି । ତେବେ ଅନ୍ୟ ରାଜ୍ୟର ଆଇଏଏସ୍ ଅଫିସରମାନେ ଏଥିରେ ଖୁସି ନ ହେବା ସ୍ୱାଭାବିକ ।

## ଡିଜିପି ପଦ ପାଇଁ ଦୌଡ଼

ହରିୟାଣାର ଅନେକ ଆଇପିଏସ୍ ଅଫିସର ରାଜ୍ୟର ପରବର୍ତ୍ତୀ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ହେବା ଲାଗି ସବୁ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି । ବର୍ତ୍ତମାନର ପୋଲିସ ମୁଖ୍ୟ ବି.ଏସ୍. ସାନ୍ଧୁ ଆସନ୍ତା ମାସ ଶେଷ ସୁଦ୍ଧା ଅବସର ନେବାକୁ ଯାଉଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ଆଦେଶମତେ ଦୁଇବର୍ଷର ସୁରକ୍ଷିତ କାର୍ଯ୍ୟକାଳ ଡିଜିପି ପଦ ଲାଗି ବରିଷ୍ଠ ପୋଲିସ ବାବୁମାନଙ୍କୁ ପ୍ରଲୋଭିତ କରିଛି । ବର୍ତ୍ତମାନ ସୁଦ୍ଧା ହରିୟାଣା ପୋଲିସ ଏକାଡେମି ମଧୁବନର ମହାନିର୍ଦ୍ଦେଶକ କେ.କେ. ସିନ୍ଧୁ, ଭୋଣ୍ଡସି କମ୍ପ୍ଲେକ୍ସର ଭାରପ୍ରାପ୍ତ ମହାନିର୍ଦ୍ଦେଶକ ବି.କେ. ସିହ୍ନା ଏବଂ ରାଜ୍ୟ ଭିଜିଲାନ୍ସ ମହାନିର୍ଦ୍ଦେଶକ ପି.ଆର୍. ଦେଓ ଉକ୍ତ ପଦ ଲାଗି ଦୌଡ଼ରେ ଆଗରେ ଥିବା ଜଣାପଡ଼ିଛି । ଆଉ ଜଣେ ଆଇପିଏସ୍ ଅଫିସର, ଯିଏ କି ବିଚାର ପରିସରକୁ ଆସିବାର ସମ୍ଭାବନା ଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ସହ ସୁସମ୍ପର୍କରେ ନାହାନ୍ତି, ସେ ମଧ୍ୟ ଶାସକ ଦଳର ବଡ଼ବଡ଼ିଆଙ୍କ ପାଖରେ ଲବି କରୁଥିବା ଶୁଣିବାକୁ ମିଳୁଛି । କିନ୍ତୁ ମନୋହରଲାଲ ଖଟ୍ଟର ସରକାର ଏ ପର୍ଯ୍ୟନ୍ତ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି)ର ଅଧିକାରୀମାନଙ୍କ ପାଖକୁ ଡିଜିପି ପଦ ଲାଗି ପ୍ରାର୍ଥୀମାନଙ୍କର ଏକ ନାମତାଲିକା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇନାହାନ୍ତି । ସୁପ୍ରିମ୍‌କୋର୍ଟଙ୍କ ରାୟ ଏହା ସ୍ପଷ୍ଟ କରିଦେଇଛି ଯେ, ରାଜ୍ୟଗୁଡ଼ିକ ତିନିମାସ ଆଗରୁ ଯୋଗ୍ୟ ଆଇପିଏସ୍ ଅଫିସରମାନଙ୍କର ଏକ ନାମତାଲିକା ୟୁପିଏସ୍‌ସିକୁ ପଠାଇବା ଦରକାର ।

## ଶୂନ୍ୟସ୍ଥାନ ପୂରଣ

କେନ୍ଦ୍ର ସରକାର କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ପରିଷଦ (ସିବିଡିଟି)ର ସଦସ୍ୟ ଭାବେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଆଦିତ୍ୟ ବିକ୍ରମ ଏବଂ ପ୍ରମୋଦ ଚନ୍ଦ୍ର ମୋଦିଙ୍କ ନିଯୁକ୍ତିକୁ ଯଥାକ୍ରମେ ୨୦୧୮ ଫେବୃୟାରୀ ୧ ଓ ମାର୍ଚ୍ଚ ୧ରୁ ଅନୁମୋଦନ କରିଛନ୍ତି । ତଥାପି ସିବିଡିଟିର ବାବୁ ଅଭାବଜନିତ ସମସ୍ୟା ଦୂର ହୋଇପାରି ନାହିଁ । ତଦନ୍ତ ଏବଂ ଆଇଟି ଓ କମ୍ପ୍ୟୁଟରୀକରଣ ବିଭାଗର ସଦସ୍ୟ ପଦ ଦୁଇଟି ଫେବୃୟାରୀ ମାସରୁ ଖାଲି ପଡ଼ିଛି । ସେହିପରି ରାଜସ୍ୱ ଓ ଟିକସଦାତା ସେବା ଏବଂ ପ୍ରଶାସନ ବିଭାଗର ସଦସ୍ୟ ପଦ ଦୁଇଟି ଯଥାକ୍ରମେ ଜୁନ୍ ୩୦ ଓ ଜୁଲାଇ ୩୧ରୁ ଖାଲି ପଡ଼ିଛି । ପୁନଶ୍ଚ ଅଡିଟ୍ ଓ ଜୁଡିସିଆଲ ବିଭାଗ ସଦସ୍ୟ ଶାବ୍ରି ଭଟ୍ଟଶାଳି ଏବଂ ଲେଜିସ୍‌ଲେଶନ ବିଭାଗ ସଦସ୍ୟ ଅରବିନ୍ଦ ମୋଦି ଆଉ ଦୁଇ ସପ୍ତାହ ଭିତରେ ଅବସର ନେବାକୁ ଯାଉଛନ୍ତି । ଏଥିରୁ ଜଣାପଡୁଛି ଯେ, ବୋର୍ଡର ସଦସ୍ୟ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇ ଏହାକୁ ଅଚଳ କରିବାକୁ ବସିଥିବାରୁ ତୁରନ୍ତ ଖାଲି ସ୍ଥାନଗୁଡ଼ିକ ପୂରଣ କରିବାକୁ ସରକାରଙ୍କ ଉପରେ ଚାପ ପଡ଼ିଥିଲା । ତେବେ ସରକାର ଏବେ ଦୁଇଟି ପଦବୀ ପୂରଣ କରିଥିଲେ ମଧ୍ୟ ୨୦୧୮-୧୯ ପ୍ୟାନେଲ ବର୍ଷ ପାଇଁ ଆଉ ଚାରୋଟି ପଦ ପୂରଣ କରାଯିବାକୁ ବାକି ରହିଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି ସରକାର ଯଦି ଆଦିତ୍ୟ ବିକ୍ରମ ଓ ପି.ସି. ମୋଦିଙ୍କ ନିଯୁକ୍ତିକୁ ଗତ ଫେବୃୟାରୀ ଓ ମାର୍ଚ୍ଚ ମାସରୁ ଅନୁମୋଦନ ଦେଲେ, ତା'ହେଲେ ଏଥିପାଇଁ ଏତେ ଡେରି କଲେ କାହିଁକି ?

Email: dilipcherian@gmail.com

### ଚିରନ୍ତନୀ

ପ୍ରବୋଧିବି ଏହି କପୋତ
ସାନ୍ତ୍ୱନା ହେବ ପ୍ରାପତ ,
ଝିଲ୍ଲୀ ଚିରଇ କାତର-ରୋଦନ
ମୋ ବିନା ତା'ର କେ ନାହିଁ
ସେ ତ ମୋ ପଥେ ରହିଛି ଚାହିଁ ।

(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | D | | | 1 | 2 | | | A | | 0 | C | |
| | | | | | 7 | | | C | 0 | 9 | 1 | | | E |
| | | 8 | | | 3 | A | | B | | | | 6 | 5 | |
| | C | | A | | | | | | E | | B | | 8 | |
| | | 0 | B | | | E | 3 | | 7 | | | | | |
| E | 9 | | | | 0 | 6 | | 8 | C | 4 | 5 | | A | |
| | | | | 8 | A | | | 9 | | 3 | | | | |
| | 4 | | 3 | | | | | | | | 0 | | | |
| | | | | | | 4 | | E | B | 2 | 8 | 5 | 7 | |
| | | 2 | | | E | | 0 | 1 | | | | | 4 | |
| | 0 | | | | | B | | 3 | 1 | 7 | | 9 | 2 | |
| | 1 | | 7 | | | 0 | | 2 | | | C | 4 | D | |
| B | 5 | | 9 | | | | A | | | | D | 8 | | |
| | 2 | | | 3 | | | C | 5 | | | | | | |
| | | C | 6 | | | | | | | 8 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 1 | 2 | 4 | B | 8 | 0 | 6 | 5 | E | C | A | 3 | 7 | D |
| 3 | 5 | 8 | A | 6 | D | 2 | 1 | 9 | 7 | B | 0 | C | E | 4 |
| A | 4 | 6 | E | C | 9 | 7 | 3 | D | 5 | 8 | 2 | B | 0 | 1 |
| 0 | C | 7 | 3 | 2 | 1 | 8 | B | E | 9 | 4 | D | 6 | 5 | A |
| D | B | E | 5 | 0 | 7 | C | A | 4 | 3 | 1 | 6 | 2 | 8 | 9 |
| E | 9 | 4 | D | A | 0 | B | 8 | 7 | C | 6 | 1 | 5 | 2 | 3 |
| C | 0 | D | 7 | 3 | 5 | A | E | 6 | 4 | 2 | 9 | 8 | 1 | B |
| 6 | 3 | A | 2 | 8 | C | D | 9 | 1 | B | E | 5 | 0 | 4 | 7 |
| 5 | 8 | 1 | 6 | E | B | 4 | 2 | 0 | A | 7 | 3 | 9 | D | C |
| 7 | 2 | B | 1 | 9 | 4 | 3 | 5 | C | D | 0 | 8 | E | A | 6 |
| 2 | A | C | 0 | 7 | 3 | E | 4 | 8 | 6 | D | B | 1 | 9 | 5 |
| 8 | D | 5 | 9 | 1 | E | 6 | C | B | 2 | A | 7 | 4 | 3 | 0 |
| 4 | 7 | 3 | C | D | 6 | 5 | 0 | 2 | 1 | 9 | E | A | B | 8 |
| B | 6 | 9 | 8 | 5 | 2 | 1 | 7 | A | 0 | 3 | 4 | D | C | E |
| 1 | E | 0 | B | 4 | A | 9 | D | 3 | 8 | 5 | C | 7 | 6 | 2 |

ଗତକାଲିର ଉତ୍ତର

# ଅନ୍ତହୀନ ତିନୋଟି ସମସ୍ୟା



ମନ-ମାନଚିତ୍ର

ଡ. ନରହରି ବେହେରା

ପ୍ରାତଃଭ୍ରମଣ ସମୟରେ ଗୋବିନ୍ଦବାବୁ କହିଲେ, ତୁମେ ମହାଭାରତର ଯକ୍ଷ-ଯୁଧିଷ୍ଠିର ସମ୍ବାଦ ପଢ଼ିଛ ? ଯକ୍ଷ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କରିଥିଲେ- କେଉଁ ବ୍ୟାଧିର ଶେଷ ନାହିଁ ? ଏହାର ଉତ୍ତରରେ ଯୁଧିଷ୍ଠିର କହିଥିଲେ, ଲୋଭରୂପକ ବ୍ୟାଧିକୁ ଉପଶମ କରିହେବ ନାହିଁ । ଆଚ୍ଛା, ତୁମେ କିଛି ସମୟ ପାଇଁ ଯୁଧିଷ୍ଠିର ହୋଇଯାଅ ଏବଂ ମୁଁ ତୁମକୁ ଯକ୍ଷ ଭାବରେ ଯେଉଁ ପ୍ରଶ୍ନ କରୁଛି ତାହାର ଉତ୍ତର ଦିଅ । ମୁଁ ଦେଖିବି ତୁମର ବୁଦ୍ଧି କେତେ । ଏବେ କୁହ- ଭାରତରେ କେଉଁ ତିନୋଟି କଥାର ଅନ୍ତ ହେବ ନାହିଁ ? ମୁଁ ଏଭଳି ଅପ୍ରତ୍ୟାଶିତ ପ୍ରଶ୍ନର କି ଉତ୍ତର ଦେବି ଜାଣି ନ ପାରି ତାଙ୍କ ମୁହଁକୁ ଚାହିଁଲି । ସେ ହସି ହସି କହିଲେ- ଆରେ, ସବୁଦିନ ଦେଖୁଛ, ପଢୁଛ ତଥାପି ଜାଣିପାରୁନ ? ସେ ତିନୋଟି ହେଲା- ଆମ ଦେଶରେ ଦାରିଦ୍ର୍ୟର ଶେଷ ନାହିଁ, ଜାତିଆଣ ଭେଦଭାବର ଅନ୍ତ ନାହିଁ କି ସଂରକ୍ଷଣରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସମ୍ଭାବନା ନାହିଁ । ଏ ଦେଶରେ ଏହି ତିନୋଟି ଚାଲିଥିବ ହିଁ ଚାଲିଥିବ । ଏହା ଉପରେ ନେତାମାନଙ୍କର ଭାଷଣ ଚାଲିଥିବ, ଯୋଜନା ପରେ ଯୋଜନା ଚାଲିଥିବ, କିନ୍ତୁ ଏଗୁଡ଼ିକର ଶେଷ କେଉଁଠି ତାହା କେହି କହିପାରିବେନି । ଦାରିଦ୍ର୍ୟ କଥା ମନେ ପକା । 'ଗରିବୀ ହଟାଓ' ବୋଲି ଦିନେ ଭାରତର ମାଟି, ପାଣି, ପବନ ଚମକୁଥିଲା । ଇତିମଧ୍ୟରେ କେତେ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଛି । ଦାରିଦ୍ର୍ୟ ଯାଇଛି କି ? ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଅଠସ୍ତରି ପ୍ରତିଶତ ଲୋକଙ୍କୁ ରାଶନ କାର୍ଡ ଯୋଗାଇଦେଲେ, ତଥାପି ହଜାର ହଜାର ଲୋକ ପ୍ରତ୍ୟେକ ଦିନ ବ୍ଲକ୍ ଅଫିସ୍‌ରେ ରାଶନ କାର୍ଡ ପାଇଁ ଧାଡ଼ି ବାନ୍ଧିଛନ୍ତି । ସ୍ୱାଧୀନତାର ୭୨ ବର୍ଷ ପରେ ଯଦି ତିରିଶ ପ୍ରତିଶତ ଲୋକ ସ୍ୱଚ୍ଛଳ ହୋଇପାରିଲେ ନାହିଁ, ତେବେ ଚିନ୍ତା କର ଶତ ପ୍ରତିଶତ ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବାକୁ ଆଉ କେତେବର୍ଷ ଲାଗିବ । ଏ ଦେଶରେ ଦାରିଦ୍ର୍ୟର ଅନ୍ତ ଘଟିବ ନାହିଁ, କାରଣ ବନ୍ୟା-ବାତ୍ୟା ସମୟରେ କିମ୍ବା ଅନ୍ୟ ସମୟରେ ଗରିବଙ୍କ ପାଇଁ ଯାହା ଯୋଜନା ହୁଏ, ସବୁଥିରୁ ଧନୀ ଲୋକମାନେ ସୁବିଧା ହାତେଇ ନେବାକୁ ଉପାୟ କରିଥାନ୍ତି । ଆଉ କିଛି ଲୋକ ସବୁଦିନ ଗରିବ ହୋଇ ରହିବାକୁ ଭଲ ପାଆନ୍ତି । ସରକାର ସେମାନଙ୍କୁ ବେପାର ବଣିଜ କରିବାକୁ ରିହାତିରେ ଋଣ ଦେଲେ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଟଙ୍କା ଦେଲେ ସେ ଟଙ୍କାକୁ ସେଥିରେ ବିନିଯୋଗ ନ କରି କିଏ ଟିଭି କିଣିଦେଉଛି ତ କିଏ ଗାଡ଼ି କିଣିଦେଉଛି । ଏହାର ଅର୍ଥ ସେମାନେ ସବୁଦିନ ସେହି ଗରିବ ହୋଇ ଭଙ୍ଗାଘରେ ରହିବାକୁ ଚାହାନ୍ତି । ଏମିତି ହେଲେ ଦାରିଦ୍ର୍ୟ ଦୂର ହେବ କେମିତି ?

ଭାରତର ଆଉ ଗୋଟିଏ ଦୁର୍ଭାଗ୍ୟ ହେଉଛି ଜାତିଭେଦ । ଆଜି ଆମେ ଅତ୍ୟାଧୁନିକ ସଭ୍ୟ ନାଗରିକ ଭାବରେ ଯେତେ ଡିଣ୍ଡିମ ପିଟିଲେ ମଧ୍ୟ ଅଧିକାଂଶଙ୍କ ମଧ୍ୟରେ ଜାତିଆଣ ଭାବର ଗନ୍ଧ ସ୍ପଷ୍ଟ ବାରିହୁଏ । ଏହି ଜାତିଆଣ ବିଭେଦ ଦେଶ ପ୍ରଗତିର ମୁଖ୍ୟ ବାଧକ । ତେଣୁ ସ୍ୱାଧୀନତା ପରେ ଜାତିଆଣ ଭେଦକୁ ଲୋପ କରିବା ପାଇଁ ସମ୍ବିଧାନରେ ଅସ୍ପୃଶ୍ୟତାକୁ ନିଷିଦ୍ଧ କରାଯାଇଛି । ଗାନ୍ଧିଜୀ ସେମାନଙ୍କୁ ଭଗବାନଙ୍କ ସନ୍ତାନର ଆଖ୍ୟା ଦେଇ 'ହରିଜନ'ବୋଲି ସମ୍ବୋଧନ କରୁଥିଲେ । ଏପରି କି ସ୍କୁଲ, କଲେଜ ରେଜିଷ୍ଟର ବା ଆବେଦନ ଫର୍ମରେ କୌଣସି ଜାତିଗତ ସୂଚନା ରହିବ ନାହିଁ ବୋଲି ଆଇନ କରାଯାଇଥିଲା । ମାତ୍ର ଏ ସକଳ ଚେଷ୍ଟା ଆମ ସମାଜରୁ ଜାତିଆଣ ବିଭେଦକୁ ଦୂର କରିପାରିଲାନି । ତେଣୁ ଦଳିତ ଜନତାଙ୍କ ସାମାଜିକ ଓ ଆର୍ଥିକ ଉନ୍ନତିରେ ସୁଧାର ଆଣିବା ପାଇଁ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣର ବ୍ୟବସ୍ଥା କରାଗଲା । ଆଶା କରାଯାଉଥିଲା ଏହାଦ୍ୱାରା ସେମାନେ ସମାଜର ମୁଖ୍ୟସ୍ରୋତକୁ ଆସିବେ ଓ ଆମ ଭିତରେ ଥିବା ଜାତିଆଣ ଭେଦଭାବରେ ପୂର୍ଣ୍ଣଚ୍ଛେଦ ପଡ଼ିବ । ସମ୍ବିଧାନପ୍ରଣେତା ଡକ୍ଟର ଭୀମରାଓ ଆମ୍ବେଡ଼କର ଜଣେ ଦଳିତ ଶ୍ରେଣୀର ବ୍ୟକ୍ତି ହୋଇଥିଲେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥାକୁ ନାପସନ୍ଦ କରୁଥିଲେ । କାରଣ ଏହାଦ୍ୱାରା ଦଳିତ ଏବଂ ସାଧାରଣ ବର୍ଗଙ୍କ ଭିତରେ ଅନ୍ୟ ପ୍ରକାର ବିଭେଦ ସୃଷ୍ଟି ହେବ । ଫଳରେ ଅପେକ୍ଷାକୃତ ଅଧିକ ମେଧାଶକ୍ତିସମ୍ପନ୍ନ ବ୍ୟକ୍ତିମାନଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯିବ । ମାତ୍ର ତାଙ୍କର ଅନିଚ୍ଛା ସତ୍ତ୍ୱେ ଏହି ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରାଗଲା ମାତ୍ର ଦଶବର୍ଷ ପାଇଁ । ଏହା ଭିତରେ ସ୍ୱାଧୀନତାର ସତୁରି ବର୍ଷ ବିତିଗଲାଣି, ତଥାପି ସେହି ସଂରକ୍ଷଣ ବ୍ୟବସ୍ଥା ଶେଷ ନ ହୋଇ ଦିନକୁ ଦିନ ବଢ଼ି ଚାଲିଛି । ଏହି ପରିପ୍ରେକ୍ଷୀରେ ମନେପଡୁଛି, ଥରେ ବିଶିଷ୍ଟ ସାମ୍ବାଦିକ କୁଲଦୀପ ନାୟାର କହିଥିଲେ- 'ସଂରକ୍ଷଣ ହେଉଛି ଏଭଳି ଏକ ଔଷଧ, ଯାହାର କି ଏକ୍ସପାଏରି ତାରିଖ ନାହିଁ ।' ସତରେ ଏହା ଏକ ବାସ୍ତବଧର୍ମୀ ବକ୍ତବ୍ୟ । ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା କେତେ ଦଳିତ ଲାଭବାନ ହେଲେଣି ତାହାର ହିସାବ କେହି ଜାଣନ୍ତି ନାହିଁ । ସରକାରୀ ସ୍ତରରେ ତର୍ଜମା ମଧ୍ୟ କରାଯାଉନାହିଁ । ଏହା କେବଳ ରାଜନୀତିଆଙ୍କ ତୁଷ୍ଟୀକରଣ ବ୍ୟବସ୍ଥାରେ ପରିଣତ ହୋଇଛି । ଦିନକୁ ଦିନ ଏହି ବ୍ୟବସ୍ଥା ଦଳିତ ଏବଂ ସାଧାରଣ ବର୍ଗଙ୍କ ମଧ୍ୟରେ ଦୂରତାର ଏକ ବଳୟ ସୃଷ୍ଟି କରୁଛି । ବିଭିନ୍ନ ରାଜନୈତିକ ଦଳ ଏଥିରୁ ଫାଇଦା ନେବାରେ ଅହରହ ଚେଷ୍ଟାରତ । କିଛିଦିନ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଏକ ମକଦ୍ଦମାର ବିଚାର ବେଳେ କହିଲେ, ଏଣିକି ଜାତିଆଣ ଆକ୍ଷେପ ବାବଦରେ କୌଣସି ଦଳିତ ଅଭିଯୋଗ କଲେ ତାହାର ତଦନ୍ତ କରା ନ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବ ନାହିଁ । କାରଣ ତୁରନ୍ତ ଗିରଫ କରିବା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କର ସାମାଜିକ ସମ୍ମାନରେ ଆଞ୍ଚ ଆସୁଛି । ଏହି ନିର୍ଦ୍ଦେଶ ଏତେ ବାଧିଲା ଯେ ଦଳିତମାନେ ରାସ୍ତାରୋକୋ, ପୋଡ଼ାଜଳା ଆରମ୍ଭ କରିଦେଲେ । ଏହାର ଅର୍ଥ ହେଲା, ସତ୍ୟାସତ୍ୟ ଅନୁସନ୍ଧାନ ନ କରି କିମ୍ବା ଜଣଙ୍କୁ ନ୍ୟାୟ ପାଇଁ ସୁଯୋଗ ନ ଦେଇ ତା'ଙ୍କୁ ଦଣ୍ଡ ଦେବା ଠିକ୍ ବୋଲି ସେମାନଙ୍କର ମତ । ଦଳିତମାନଙ୍କର ଏହି ପ୍ରତିକ୍ରିୟାରେ କିଛି ସାଧାରଣ ବର୍ଗ ଆନ୍ଦୋଳନ ଆରମ୍ଭ କରିଦେଲେ । ଏହିପରି କ୍ରିୟା ଏବଂ ପ୍ରତିକ୍ରିୟା ଆମ ସମାଜ ପାଇଁ କେତେ କ୍ଷତିକାରକ, ତାହା ଆମେ ଚିନ୍ତା କରିବା କଥା ।

ଦୀର୍ଘଦିନ ଧରି ସଂରକ୍ଷଣ ବ୍ୟବସ୍ଥାର ପ୍ରଚଳନ ସତ୍ତ୍ୱେ କାହିଁକି ଦଳିତ ଶ୍ରେଣୀର ଅଧିକାଂଶ ଲୋକ ଏ ପର୍ଯ୍ୟନ୍ତ ମୁଖ୍ୟସ୍ରୋତକୁ ଆସି ପାରୁନାହାନ୍ତି, ତାହାର ଏକ ପୁଙ୍ଖାନୁପୁଙ୍ଖ ସର୍ବେକ୍ଷଣ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବିଧେୟ । ତେବେ ମୋଟାମୋଟି ବିଶ୍ଳେଷଣରୁ ଯାହା ଉପଲବ୍ଧ ହୁଏ, ସଂରକ୍ଷଣ ସତ୍ତ୍ୱେ ଦଳିତମାନଙ୍କର ବିଶେଷ ପ୍ରଗତି ନ ହେବାର ଯେତେ କାରଣ ଅଛି ତନ୍ମଧ୍ୟରୁ ଗୋଟିଏ ପ୍ରମୁଖ କାରଣ ହେଉଛି, ସଂରକ୍ଷଣର ସୁବିଧା ସବୁ ଦଳିତଙ୍କ ନିକଟରେ ପହଞ୍ଚି ପାରୁନାହିଁ । ପଛୁଆଶ୍ରେଣୀ କ୍ଷେତ୍ରରେ ସଂରକ୍ଷଣରେ ଯେପରି ଆର୍ଥିକ ସ୍ୱଚ୍ଛଳ ବର୍ଗଙ୍କୁ ବାଦ୍ ଦିଆଯାଇଥାଏ, ସେପରି ଯଦି ଦଳିତମାନଙ୍କ କ୍ଷେତ୍ରରେ ସ୍ୱଚ୍ଛଳବର୍ଗଙ୍କୁ ବାଦ୍ ଦିଆଯାଆନ୍ତା ତେବେ ହୁଏତ ସେହି ବର୍ଗର ଆର୍ଥିକ ଅନଟନରେ ଘାଣ୍ଟିହେଉଥିବା ଅନ୍ୟମାନେ ଅଧିକ ସୁଯୋଗ ପାଇପାରନ୍ତେ । ଫଳରେ ପର୍ଯ୍ୟାୟକ୍ରମେ ସମସ୍ତେ ଏହି ସଂରକ୍ଷଣର ସୁବିଧା ପାଇ ମୁଖ୍ୟସ୍ରୋତକୁ ଆସିପାରନ୍ତେ । କାରଣ ଜଣେ ଦଳିତବର୍ଗର ଆଇଏଏସ୍ ତାଙ୍କ ପିଲାମାନଙ୍କୁ ଯେପରି ଶିକ୍ଷା ଦେଇପାରିବେ, ଗାଁରେ କାମ କରୁଥିବା ଦଳିତ ଶ୍ରେଣୀର ମୂଲିଆ ସେହି ଶିକ୍ଷା ଦେଇପାରିବେ ନାହିଁ । ତେଣୁ ସଂରକ୍ଷଣ ସୁବିଧା ଥିଲେ ମଧ୍ୟ ତାହାର ଲାଭ ସେ ପାଇପାରିବେ ନାହିଁ । ଏବେ ସର୍ବୋଚ୍ଚ ନ୍ୟାୟାଳୟ ପଦୋନ୍ନତି କ୍ଷେତ୍ରରେ ଦଳିତଶ୍ରେଣୀର ସ୍ୱଚ୍ଛଳବର୍ଗୀୟ କର୍ମଚାରୀମାନେ ଆର୍ଥିକ ଅନଗ୍ରସର ଦଳିତମାନଙ୍କୁ ସୁଯୋଗ ଦେବା ଉଚିତ ବୋଲି ମତ ଦେଇଛନ୍ତି । ମାତ୍ର ସହଜ ସୁଲଭ ଏହି ସୁବିଧାକୁ କିଏ ବା କାହିଁକି ଛାଡ଼ିବ ? ଅନ୍ୟପକ୍ଷରେ ଏ କ୍ଷେତ୍ରରେ ଆଇନ ପ୍ରଣୟନ କରି ବିରୁଡ଼ି ବସାରେ ହାତ ମାରିବାକୁ ବି କୌଣସି ରାଜନୈତିକ ଦଳ ଚାହୁଁନାହାନ୍ତି । ତେଣୁ ଅନନ୍ତକାଳ ଯାଏ ଏହି ସଂରକ୍ଷଣ ବ୍ୟବସ୍ଥା ଚାଲିଥିଲେ ମଧ୍ୟ ନିମ୍ନମଧ୍ୟବିତ୍ତ ଶ୍ରେଣୀର ଦଳିତ ଲୋକମାନେ ବେଶି କିଛି ଲାଭ ପାଇ ନ ପାରି ସେହି ତିମିରରେ ରହିଥିବେ ।

ସାମାଜିକ, ଆର୍ଥନୀତିକ ଏବଂ ମାନସିକତାର ପରିବର୍ତ୍ତନ ବିନା ଏ ସଂରକ୍ଷଣ ବ୍ୟବସ୍ଥା ଯେ ଅନ୍ତହୀନ ଭାବେ ଚାଲୁଥିବ ଏବଂ ଦଳିତ ତଥା ସାଧାରଣବର୍ଗଙ୍କ ମଧ୍ୟରେ ଏକ ବିଭାଜନ ରେଖା ସୃଷ୍ଟି କରିଚାଲୁଥିବ- ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ । ମୁଁ ଗୋବିନ୍ଦବାବୁଙ୍କର ଏ ବୟାନକୁ ଶୁଣି ଭାବୁଥିଲି, ସତରେ କ'ଣ ଏ ବ୍ୟବସ୍ଥାର କିଛି ସୁଧାର ଆସିବ ନାହିଁ ?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ, ଭଦ୍ରକ, ମୋ-୯୪୩୮୪୬୫୪୭୮

# ଧର୍ମରେ ଖେଚୁଡ଼ି



ନାରାୟଣ ପଣ୍ଡା

ଏକଦା ଭକ୍ତପ୍ରବର ହନୁମାନଙ୍କୁ ଭୀମ ପଚାରିଲେ- ଭାଇ ହନୁମାନ, ତୁମେ କ'ଣ ଶ୍ରୀକୃଷ୍ଣଙ୍କୁ ରାମଙ୍କଠାରୁ ପୃଥକ୍ ଜ୍ଞାନ କର ? ହନୁମାନ ହସି କହିଲେ,- ''ଶ୍ରୀନାଥେ ଜାନକୀନାଥେ ଅଭେଦଃ ପରମାତ୍ମନି, ତଥାପି ମମ ସର୍ବସ୍ୱଃ ରାମଃ କମଳଲୋଚନଃ ।'' ଅର୍ଥାତ୍ ରାମ ଓ କୃଷ୍ଣଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ତଥାପି କମଳଲୋଚନ ଶ୍ରୀରାମ ହେଉଛନ୍ତି ମୋର ଜୀବନସର୍ବସ୍ୱ । କାରଣ ରାମଙ୍କ ଭାବ କୃଷ୍ଣଙ୍କ ପାଖରେ ଅବା କୃଷ୍ଣଙ୍କ ଭାବ ରାମଙ୍କ ପାଖରେ ମିଳିବ ନାହିଁ । ମା', ଭଗିନୀ, ପତ୍ନୀ, କନ୍ୟା ସମସ୍ତେ ନାରୀ । ହେଲେ ଭଗିନୀଙ୍କଠାରେ ମାତାଙ୍କ ଭାବ ନ ଥାଏ । ପତ୍ନୀଙ୍କ ମଧ୍ୟରେ ମା'ଙ୍କ ଭାବ ମିଳିବ ନାହିଁ । ଏହିପରି ଭାବବିପ୍ଳବକୁ ବ୍ୟଭିଚାର ହିଁ କୁହାଯାଏ ।

ଶ୍ରୀମନ୍ଦିରରେ ସବୁଧର୍ମର ଅନୁଗାମୀଙ୍କ ପ୍ରବେଶ ବାସ୍ତବରେ ଏହିଭଳି ଏକ ସ୍ଥିତି ଉତ୍ପନ୍ନ କରେ । ଧର୍ମଭିତ୍ତିରେ ଆମର ଜନସଂଖ୍ୟା ହିସାବ ହୁଏ । ସମସ୍ତଙ୍କ ଉପାସନାପୀଠ ସ୍ୱତନ୍ତ୍ର । ମନ୍ଦିର, ମସ୍‌ଜିଦ, ଗିର୍ଜା ଅବା ଗୁରୁଦ୍ୱାରା ଭିନ୍ନ ଭିନ୍ନ ଧର୍ମବିଶ୍ୱାସୀଙ୍କ ପୂଜାପୀଠ । ପ୍ରାଚୀନ ସନାତନ ଧର୍ମର କେତେକ ଧାରାକୁ ବୌଦ୍ଧ, ଜୈନ ଓ ଅଲେଖ ଆଦି ବିରୋଧ କରନ୍ତି । ଇସଲାମ ଓ ଖ୍ରୀଷ୍ଟିଆନ ଏକେଶ୍ୱରବାଦୀ ହେଲେ ମଧ୍ୟ ସେମାନଙ୍କ ଭିତରେ ଭେଦ ଅଛି । କାହାରି ଭାବ ସହ କାହାରି ଭାବ ସମାନ ନୁହେଁ । ବର୍ତ୍ତମାନ ସର୍ବଧର୍ମ ସମନ୍ୱୟ ଆଳରେ କେହି କେହି ବିଶ୍ୱଧର୍ମ ଗଠନ କରିବାକୁ ଆଗ୍ରହୀ । ସେମାନେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ସମସ୍ତଙ୍କୁ ଏକ କରି ଖେଚୁଡ଼ି କରିବାକୁ ଚାହାନ୍ତି । ଏହା କ'ଣ ପ୍ରକୃତ ସର୍ବଧର୍ମ ସମନ୍ୱୟ ?

ସବୁ ଧର୍ମ ମହାନ । ସବୁ ଧର୍ମର ସ୍ୱତନ୍ତ୍ରତା ରହିଛି । ତେବେ ଧାର୍ମିକ ସହାବସ୍ଥାନ ପାଇଁ ଖେଚୁଡ଼ି କରିବାର ଆବଶ୍ୟକତା କ'ଣ ? ଏହାଦ୍ୱାରା ସମ୍ପୃକ୍ତ ଧର୍ମର ଭାବଗୁଡ଼ିକରେ ଅବନତି ଘଟୁଛି । ଉଦାହରଣ ସ୍ୱରୂପ ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କର ପ୍ରବେଶ କଥା ନିଆଯାଇପାରେ । ଯୁଗ ଯୁଗ ଧରି ଏହା ଏକ ହିନ୍ଦୁପୀଠ । ଭାରତର ଅନ୍ୟ ବଡ ବଡ ମନ୍ଦିର ପରି ଏହି ମନ୍ଦିରର ପ୍ରବେଶ ଦ୍ୱାରରେ କେବଳ ହିନ୍ଦୁମାନଙ୍କର ପ୍ରବେଶ ପାଇଁ ଉଲ୍ଲେଖ ରହିଛି । ଏକ ବିସ୍ତାରଶୀଳ ଆନ୍ତର୍ଜାତିକ ଧର୍ମୀୟ କୂଟନୀତିର ଏହା ଏକ ଅଂଶ ନୁହେଁ ତ !

ମଧ୍ୟଯୁଗରେ ହିନ୍ଦୁମାନଙ୍କୁ ଲୋପକରିବା ପାଇଁ ପ୍ରାଣାନ୍ତକ ଉଦ୍ୟମ କରାଯାଇଥିଲା । ବହୁ ସଂଖ୍ୟାରେ ହିନ୍ଦୁମାନଙ୍କୁ ହତ୍ୟା କରାଯିବା ସହ ମନ୍ଦିର ଉପରେ ଆକ୍ରମଣ କରାଯାଇଥିଲା । ଐତିହାସିକ କେ. ଲାଲ ଲେଖିଛନ୍ତି ୧୦୦୦ ଖ୍ରୀଷ୍ଟାବ୍ଦଠାରୁ- ମହମ୍ମଦ ଗଜନୀଙ୍କ ଆକ୍ରମଣ ୧୫୭୫ ମଧ୍ୟରେ- ସୁଲତାନେଟ ଶାସନ ଶେଷ ସୁଦ୍ଧା ୮୦ ନିୟୁତ ହିନ୍ଦୁଙ୍କ ଜୀବନ ହାନି ଘଟିଥିଲା । ଷ୍ଟିଫେନ ନାପ୍ ତାଙ୍କ ପୁସ୍ତକ 'crimes against India'ରେ ଉକ୍ତ ତଥ୍ୟକୁ ସମର୍ଥନ କରି କହିଛନ୍ତି, ଏହା ବୋଧହୁଏ ମଣିଷ ଜାତିର ଇତିହାସରେ ବିଶ୍ୱର ବୃହତ୍ତମ ଗଣହତ୍ୟା । ସେହିପରି ବେଲଜିୟମର ପ୍ରାଚ୍ୟବିତ୍ କ୍ରୋଏନରାଦ ଏଲଷ୍ଟ (koenrad elast) ଉଲ୍ଲେଖ କରିଛନ୍ତି, ୮୦ନିୟୁତ ଲୋକଙ୍କୁ ହତ୍ୟାକରିବା ଭାରତରେ ଇସଲାମୀ ଜେହାଦର ଏକ ବଡ କୃତିତ୍ୱ । ଦୁଃଖର ସହିତ କୁହାଯିବ, ଐତିହାସିକ ଗଣହତ୍ୟାରେ ଭାରତ ପ୍ରଥମ ସ୍ଥାନରେ ରହିଛି । ଏହା ଥିଲା ଏକ ନିର୍ମମ ଅତୀତର କଥା । ବର୍ତ୍ତମାନ ଏଥିପାଇଁ କାହାକୁ ଉତ୍ତରଦାୟୀ କରାଯାଇ ନ ପାରେ । ବର୍ତ୍ତମାନ ଇସଲାମଧର୍ମୀମାନେ ତାଙ୍କର ଉପାସନା ପୀଠକୁ ନେଇ ବେଶ୍ ଗର୍ବିତ । ସେମାନଙ୍କ ମଧ୍ୟରୁ ହିନ୍ଦୁ ମନ୍ଦିରରେ ପ୍ରବେଶ କରିବା କିମ୍ବା ଦିଅଁ ଦର୍ଶନ କରିବା ପାଇଁ କେଉଁଠି ଦାବି ଉଠିନାହିଁ । କୌଣସି ଇସଲାମୀ କିମ୍ବା ଇସଲାମୀ ସାମାଜିକକର୍ମୀ ହିନ୍ଦୁ ମନ୍ଦିରରେ ପ୍ରବେଶାଧିକାର ଚାହିଁନାହାନ୍ତି । ଶ୍ରୀମନ୍ଦିର ଏକ ପର୍ଯ୍ୟଟନ କେନ୍ଦ୍ର ଅବା ସଂଗ୍ରହାଳୟ ନୁହେଁ । ଏଠାରେ କେବଳ ହିନ୍ଦୁମାନଙ୍କର ଧାର୍ମିକ, ପରମ୍ପରାଗତ ପୂଜାପାର୍ବଣ ଅନୁଷ୍ଠିତ ହୁଏ । ତେବେ ସର୍ବଧର୍ମ ସମନ୍ୱୟ ନାମରେ ଅଣହିନ୍ଦୁ ପ୍ରବେଶର ଦ୍ୱାହି ଦେଇ ମନ୍ଦିରକୁ ସେମାନଙ୍କୁ ନିମନ୍ତ୍ରଣ କରିବା କେତେଦୂର ଯଥାର୍ଥ, ତାହା ବିଚାର୍ଯ୍ୟ । ସେହିପରି 'ହେ ବିଷାଦିତ ଓ ଭାରାକ୍ରାନ୍ତ ମଣିଷ, ସମସ୍ତେ ମୋ ପାଖକୁ ଆସ, ମୁଁ ତୁମକୁ ବିଶ୍ରାମ ଦେବି' – ପ୍ରଭୁ ଯିଶୁଙ୍କ ଏହି ବାଣୀରେ ଉଦ୍‌ବୁଦ୍ଧ ହୋଇ- ଶ୍ରୀଜଗନ୍ନାଥ ଜଗତର ନାଥ ହୋଇଥିବା ପରିପ୍ରେକ୍ଷୀରେ ଇସ୍କନପନ୍ଥୀ କେତେକ ଭାଇଭଉଣୀ ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ଆଗ୍ରହ ଦେଖାଉଛନ୍ତି ।

ନିକଟରେ ମାନ୍ୟବର ସୁପ୍ରିମ୍‌କୋର୍ଟ ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି । ବର୍ତ୍ତମାନ ସମସ୍ୟା ଅଣହିନ୍ଦୁ ପ୍ରବେଶ ନୁହେଁ, ମାତ୍ର କେତେକ ହିନ୍ଦୁଙ୍କୁ ନିଷେଧ କରାଯିବା ଭଳି ଅମାନବୀୟ ମାନସିକତା । ହିନ୍ଦୁଧର୍ମର ପ୍ରତ୍ୟେକ ବର୍ଗଙ୍କର ମନ୍ଦିର ପ୍ରବେଶ କରିବା ଜନ୍ମଗତ ଅଧିକାର । ଅସ୍ପୃଶ୍ୟତା ନାମରେ ସ୍ଥାନେ ସ୍ଥାନେ ସେମାନଙ୍କ ମନ୍ଦିର ପ୍ରବେଶକୁ ନିଷେଧ କରାଯାଇ କେତେକ ବ୍ୟକ୍ତି ମଣିଷ ସମାଜକୁ ଭାଗ ଭାଗ କରୁଛନ୍ତି । ପ୍ରଥମେ ଆମ ଧର୍ମକୁ ରକ୍ଷା କରାଯାଉ । ଉଚ୍ଚ ବର୍ଗର ଦ୍ୱାହିଦେଇ ଅନ୍ୟମାନଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିବା ଅଗଣତାନ୍ତ୍ରିକ ନୁହେଁ, ଦେଶର ପ୍ରଚଳିତ ସାମ୍ବିଧାନିକ ନ୍ୟାୟ ବ୍ୟବସ୍ଥା ପ୍ରତି ତାଚ୍ଛଲ୍ୟ କରିବା ସହିତ ସମାନ । ପ୍ରଥମେ ସମସ୍ତ ହିନ୍ଦୁ ଭାରତର ପ୍ରତିଟି ମନ୍ଦିରରେ ପ୍ରବେଶ କରିବାର ଅଧିକାର ଲାଭ କରନ୍ତୁ । ଏହାଦ୍ୱାରା ଭାରତ ମୁହଁରେ ପ୍ରଶାନ୍ତିର ହସ ଉକୁଟି ଉଠିବ । 'ରତ୍ନାକରସ୍ତବ ଗୃହଂ ଗୃହିଣୀ ଚ ପଦ୍ମା, କିଂ ଦେୟମସ୍ତି ଭବତେ ଜଗଦୀଶ୍ୱରାୟ'- ଏହି ସଂସ୍କୃତ ଶ୍ଳୋକଟି କୌଣସି ହିନ୍ଦୁ ପଣ୍ଡିତଙ୍କ ଲେଖା ନୁହେଁ । ଅବ୍‌ଦୁଲ ରହିମ ଖାନଖାନା ଏହାର ରଚୟିତା । 'ଶ୍ରୀରଙ୍ଗାଚରଣ ତଳେ କରୁଛି ମୁଁ ଜଣାଣ' ସାଲବେଗ ଗାଇଥିଲେ । ଏମାନେ ଦିନେ ମନ୍ଦିର ଯାଇ ନ ଥିଲେ । ସେମାନଙ୍କ ହୃଦୟ ମନ୍ଦିରରେ ଆସନ ପାତି ବସିଥିଲେ ଶ୍ରୀଜଗନ୍ନାଥ ।

ନବରଙ୍ଗପୁର, ମୋ-୯୪୩୭୧୧୮୯୬୨

## ପାଠକ ଶ୍ରେଷ୍ଠ ବିଚାରକ

### ସମଲିଙ୍ଗୀ ସମ୍ପର୍କ

ମହାଶୟ,

ଧରିତ୍ରୀରେ ପ୍ରକାଶିତ ନିରଞ୍ଜନ ପାଢ଼ୀଙ୍କ ନିବନ୍ଧ 'ନ୍ୟାୟ, ନୀତି ଓ ସମଲିଙ୍ଗୀ ସଂପର୍କ'ରେ ଲେଖକ ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଉପରେ ଆଲୋଚନା କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ସମଲିଙ୍ଗୀ ସଂପର୍କକୁ ବୈଧ ଘୋଷଣା କରିବା ଦ୍ୱାରା ନ୍ୟାୟ କିପରି ନୈତିକତାଠାରୁ ଦୂରେଇଯାଉଛି, ସେ ସମ୍ବନ୍ଧରେ ଲେଖକ ସ୍ୱମତ ବ୍ୟକ୍ତ କରିଛନ୍ତି । ସେ ବିବାହମୁକ୍ତ ସହବାସୀ ସଂପର୍କର ନୈତିକତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ସେ ଉଠାଇଥିବା ପ୍ରଶ୍ନଗୁଡ଼ିକ ପ୍ରତ୍ୟେକ ଚିନ୍ତାଶୀଳ ଭାରତୀୟ ନାଗରିକର ପ୍ରଣିଧାନଯୋଗ୍ୟ ।

ସତ୍ୟନାରାୟଣ ରଥ, ଶହୀଦନଗର, ଭୁବନେଶ୍ୱର

### ଅବ୍ୟବସ୍ଥିତ ମଧ୍ୟାହ୍ନଭୋଜନ

ଗଣେଶ ପୂଜା ଏବଂ ସରସ୍ୱତୀ ପୂଜା ଶିକ୍ଷାନୁଷ୍ଠାନମାନଙ୍କରେ ଦୁଇଟି ପବିତ୍ର ଦିବସ । ଏହି ଦିବସ ଦୁଇଟିରେ ଶିକ୍ଷାର୍ଥୀମାନେ ଆମିଷ ନ ଖାଇ ନିରାମିଷ ଖାଇଥାନ୍ତି । ଗଣେଶ ପୂଜା ଓ ସରସ୍ୱତୀ ପୂଜା ଏହି ଦିନ ଦୁଇଟି କାର୍ଯ୍ୟଦିବସ ନୁହେଁ । ଏହି ଦୁଇଟି ପାଳନୀୟ ଦିବସ । ଏବେ ସରକାର ପାଳନୀୟ ଦିବସଗୁଡ଼ିକରେ ମଧ୍ୟାହ୍ନଭୋଜନ ଯୋଗାଇଦେବାକୁ ସ୍ଥିର କରିଛନ୍ତି । ପ୍ରକାଶଥାଉ କି, ପୁରୀ ଅକ୍ଷୟପାତ୍ର ଫାଉଣ୍ଡେଶନ ଗଣେଶ ପୂଜାରେ କେବଳ ଡାଲମା ଓ ଅଳ୍ପ କିଛି ଖିରି ସ୍କୁଲମାନଙ୍କୁ ଯୋଗାଇଥିଲା । ଗଣେଶ ପୂଜାରେ ପିଲାଙ୍କୁ ଅରୁଆ ଚାଉଳରେ ଭାତ ଗଣ୍ଡେ ବି ମିଳି ନ ଥିଲା । ସରକାର ଏଭଳି ଯୋଜନା କରି ପ୍ରହସନ କରୁଛନ୍ତି କାହିଁକି ?

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ମହିଳାମାନେ ସ୍ୱାମୀଙ୍କୁ ସତ୍‌ପଥରେ ଚାଲିବାକୁ ପରାମର୍ଶ ଦେଇଥାଆନ୍ତି । କିନ୍ତୁ ନିଜର ସୁଖସମୃଦ୍ଧି ପାଇଁ ସ୍ୱାମୀଙ୍କୁ ଚୋରି କରିବାକୁ ଉତ୍ସାହିତ କରିବା ଘଟଣା କ୍ୱଚିତ୍ ଦେଖାଯାଏ । ଏପରି ଏକ ଘଟଣା ବେଙ୍ଗାଲୁରୁଠାରେ ଘଟିଛି । ମହାଦେବୀ ନାମ୍ନୀ ୨୮ ବର୍ଷୀୟା ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ସୁନାଚେନ୍ ଛିଡାଇ ଆଣିବା ଭଳି କୁପ୍ରରୋଚନା ଦେଇଥିବାରୁ ଶେଷରେ ଗିରଫ ହୋଇଛନ୍ତି । ବାଲାରି ଜିଲାର ହୁବିନା ହଡାଗଲି ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି । କୁମ୍ଭାଲଗୋଡୁର ବାସିନ୍ଦା ଏହି ମହିଳା ଜଣକ ବଦଖର୍ଚ୍ଚ କରି ବେଶ୍ ଅୟସରେ ଜୀବନଯାପନ ପାଇଁ ପସନ୍ଦ କରନ୍ତି । ତେଣୁ ସେ ବଡ ବଡ ମଲ୍‌କୁ ଯାଇ ନିଜ ରୁଚିର ସୌଖୀନ ଦ୍ରବ୍ୟ କିଣିବାରେ ବେଶ୍ ଅଭ୍ୟସ୍ତ । ତାଙ୍କ ସ୍ୱାମୀ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଛିଡାଇବା ଏବଂ ଡକାୟତି କରିବା ଘଟଣାରେ ପୂର୍ବରୁ ପୋଲିସର ଗୁଳିମାଡର ଶିକାର ହେବା ସହିତ ଗିରଫ ହୋଇଥିଲେ । ମହାଦେବୀଙ୍କୁ ସୋମବାର ଗିରଫ କରାଯାଇଛି । ତଦନ୍ତରୁ ଜଣାପଡିଛି, ମହାଦେବୀ ଅର୍ଥ ଅଭାବର ସମ୍ମୁଖୀନ ହେଲେ ତାଙ୍କ ସ୍ୱାମୀଙ୍କୁ ଚୋରି, ଡକାୟତି ପାଇଁ ବାଧ କରନ୍ତି । ମହାଦେବୀଙ୍କ ସ୍ୱାମୀଙ୍କଠାରୁ ପ୍ରାୟ ୧କୋଟି ଟଙ୍କା ମୂଲ୍ୟର ୩.୫ କେଜି ସ୍ୱର୍ଣ୍ଣାଳଙ୍କାର ଜବତ ହେବାପରେ ସେ ପାଖାପାଖି ୧୦୫ଟି ଚୋରି ମାମଲାରେ ଜଡିତ ଥିବା ଜଣାପଡିଥିଲା । ମହାଦେବୀ ସ୍ୱାମୀଙ୍କୁ କେତେକ ଚୋରି ଘଟଣାରେ ସହାୟତା ମଧ୍ୟ କରିଥିଲେ । ଏହି ଦମ୍ପତି ନିଜ ବନ୍ଧୁଘରକୁ ଯାଇ ସେଠାରୁ ମଧ୍ୟ ୩ଲକ୍ଷ ଟଙ୍କା ଓ ସୁନା ଚୋରି କରିଥିବା ଅଭିଯୋଗ ହୋଇଛି ।

### ୨୫ ବର୍ଷ ତଳର ଧରିତ୍ରୀ

୨୨ ସେପ୍ଟେମ୍ବର ୧୯୯୩

- ରୁଷ୍ ରାଷ୍ଟ୍ରପତି ବୋରିସ୍ ୟେଲଟସିନ୍ ଅଚାନକ ରୁଷିଆର ପାର୍ଲାମେଣ୍ଟକୁ ଭଙ୍ଗକରି ସାନି ନିର୍ବାଚନ ଘୋଷଣା କରିଛନ୍ତି ।
- ଜିମ୍ବାୱେରେ ମୋଟ ୧୦,୫୫୧ ଏଡ୍‌ସ ରୋଗୀଙ୍କୁ ଚିହ୍ନଟ କରାଯିବା ସହ ଏଡ୍‌ସ ରୋମରେ ଏହା ଆଫ୍ରିକାର ୫ମ ବୃହତ୍ତମ ଦେଶ ବୋଲି ଜଣାପଡିଛି ।



ଜିଲା ଡାଏରୀ

ଯାଜପୁର

### ମିଳୁନି ନିମ୍ନତମ ପୌରସେବା

ଓଡିଶାର ପୁରାତନ ରାଜଧାନୀ ଯାଜପୁର ଏକ ଶିଳ୍ପସମୃଦ୍ଧ ଜିଲା । ଏଠାରେ ମା' ବିରଜାଙ୍କ ମନ୍ଦିର ସମେତ ଅନେକ ତୀର୍ଥସ୍ଥାନ ରହିଛି । ପ୍ରତିଦିନ ସହରକୁ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କାର୍ଯ୍ୟରେ ଲୋକ ଆସୁଛନ୍ତି । କିନ୍ତୁ ସହରର ଏଭଳି ଏକ ମୁଖ୍ୟ ରାସ୍ତା ନାହିଁ ଯାହା ଠିକ୍ ଅବସ୍ଥାରେ ଅଛି । ଗରିଆପୁର-ମେଡିକାଲ ରାସ୍ତା, ଗାନ୍ଧୀଛକ-ମାର୍କେଟ ଛକ, ବିରଜା ମନ୍ଦିର-ଗରିଆପୁର, ଅଠରନାଳ ପୋଲ, କୁଆସରାପୁର ଛକ, ବଡ଼ବଜାର-ସାନବଜାର ପ୍ରଭୃତି ରାସ୍ତାରେ ହୋଇଥିବା ଢଳେଇ ଉଠିଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ସହରର ପ୍ରମୁଖ ବଜାର ରାସ୍ତା ଓସାରିଆ ହୋଇଛି ସତ, ହେଲେ ଆଭ୍ୟନ୍ତରୀଣ ୱାର୍ଡମାନଙ୍କରେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ କୁଆସରାପୁର, ବ୍ରହ୍ମାକୁଣ୍ଡ, ଶିକ୍ଷା ବିଭାଗ ପ୍ରଭୃତି ଅଞ୍ଚଳ ସାମାନ୍ୟ ବର୍ଷାରେ ଜଳମଗ୍ନ ହେଉଛି । ଦେବୀଗୌଡା ଘାଟ ନିକଟରେ କୁଢ କୁଢ ଆବର୍ଜନା ପଡିରହିଛି । କୋଟି କୋଟି ଟଙ୍କା ବିନିଯୋଗରେ କରାଯାଇଥିବା କୁସୁମା ପୋଖରୀ ସାଧାରଣ ଲୋକଙ୍କ କାମରେ ଲାଗୁନି । ନିମ୍ନତମ ପୌରସେବା ଦେବା ପରିବର୍ତ୍ତେ ମ୍ୟୁନିସିପାଲିଟୀ ଅନ୍ୟ କେଉଁ କାର୍ଯ୍ୟରେ ମାତିଛି ସହରବାସୀଙ୍କୁ ତାହା ଅଗୋଚର ।

–ହର୍ଷବର୍ଦ୍ଧନ ବେହେରା




## ଜିଏସ୍‌ଟିରେ ଅତିରିକ୍ତ ସେସ୍ ଆଦାୟ ଲାଗି ଜେଟ୍‌ଲୀଙ୍କ ପ୍ରସ୍ତାବ

**ନୂଆଦିଲ୍ଲୀ,୨୧-୯:** କେରଳ ବନ୍ୟା ପୀଡିତଙ୍କୁ ସହାୟତା ଲାଗି ଜିଏସ୍‌ଟି ଅଧୀନରେ ଅତିରିକ୍ତ ସେସ୍ ଆଦାୟ କରିବାକୁ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ପ୍ରସ୍ତାବ ଦେଇଛନ୍ତି। ଏ ସଂକ୍ରାନ୍ତରେ କେରଳ ଅର୍ଥ ମନ୍ତ୍ରୀ ଥୋମାସ ଇସାକ୍ ଶୁକ୍ରବାର ସୂଚନା ଦେଇଛନ୍ତି। ନିଜର ଟୁଇଟ୍ ଜରିଆରେ ସେ କହିଛନ୍ତି, ଆସନ୍ତା ୨୮ରେ ହେବାକୁ ଥିବା ଜିଏସ୍‌ଟି କାଉନସିଲ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହେବ।

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"

**ଆମର ଚିରନମସ୍ୟ**



**✓ ଡକ୍ଟର ଭ୍ରମରବର ବେହେରା**

୧୨ ମେ ୧୯୨୪ - ୧୨ ସେପ୍ଟେମ୍ବର ୨୦୧୮

ଆପଣଙ୍କ ସମ୍ପୂର୍ଣ୍ଣ ଜୀବନ ଆପଣଙ୍କ ପରିବାରର ମଙ୍ଗଳ
ଓ ସାମାଜିକ ସେବା ପାଇଁ ଉତ୍ସର୍ଗୀକୃତ ରହିଥିଲା।
ଆପଣଙ୍କ ସନ୍ତାନ ଭାବେ ଆମେ ଆଜି ଅତି ଗର୍ବ ଅନୁଭବ କରୁଅଛୁ
ଏବଂ ଆପଣଙ୍କ ଆଦର୍ଶ ଓ ପ୍ରଦର୍ଶିତ ଜୀବନଯାତ୍ରାର ମାର୍ଗରେ
ଆମେ ଅଗ୍ରସର ପାଇଁ ସଦା ପ୍ରଚେଷ୍ଟାରତ।

**ଶୋକସନ୍ତପ୍ତ ବେହେରା ପରିବାର**
ଜାମସେଦପୁର • ପୁନେ • କଟକ • ଭୁବନେଶ୍ୱର




### ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ

# ଆଜି ବସିବ ବିଧାନସଭା ଗୃହ କମିଟି

**ଭୁବନେଶ୍ୱର,୨୧।୯(ବ୍ୟୁରୋ)**

ଅଭିଜିତ ଆୟର ମିତ୍ରଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଯାଞ୍ଚ କରିବାକୁ ଶନିବାର ଅପରାହ୍ନ ୪ଟାରେ ବିଧାନସଭା ଗୃହ କମିଟି ବୈଠକ ହେବ। ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ଆୟରଙ୍କ ଟୁଇଟର ଯାଞ୍ଚ କରିବା ସହ ସ୍ୱାଧୀକାର ଭଙ୍ଗ ନେଇ ଆଇନଗତ ଦିଗଗୁଡିକର ତର୍ଜମା କରିବ। ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯାଇ ପାରିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଏହି ୬ ଜଣିଆ କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି। ବିଧାନସଭାର ଗତ ମୌସୁମୀ ଅଧିବେଶନରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ଓ ବିଧାନସଭା ସଭ୍ୟଙ୍କ ବିରୋଧରେ ଆୟର ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନେଇ ହଟ୍ଟଗୋଳ ହୋଇଥିଲା। ବିରୋଧୀ ଦଳ ନେତା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ପ୍ରସ୍ତାବ ଆଣିଥିଲା। ଗୃହରେ ସର୍ବ ସମ୍ମତିକ୍ରମେ ଏହାକୁ ପାରିତ କରାଯିବା ପରେ ବାଟସ୍ୱତି ଘଟଣାର ତଦନ୍ତ କରିବାକୁ ବିଧାନସଭାର ଗୃହ କମିଟି ଗଠନ କରିଛନ୍ତି। ଏହି କମିଟି ଆସନ୍ତା ଅଧିବେଶନରେ ବିଧାନସଭାରେ ରିପୋର୍ଟ ଉପସ୍ଥାପନ କରିବ। ନୂଆଦିଲ୍ଲୀଠାରେ ଆୟାରଙ୍କୁ ଗୁରୁବାର ଗିରଫ କରାଯାଇଥିଲା। ପରେ ସେ ଜାମିନରେ ମୁକୁଳି ଥିଲେ।

# ଶ୍ରୀନଅରରେ ସୁନିଆ

## ଚାଲିଲା ୬୧ ଅଙ୍କ, ୧୪୨୬ ସାଲ



**ପୁରୀ ଅଫିସ, ୨୧।୯**

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୦ ଅଙ୍କ ଶେଷ ହୋଇଛି। ଶୁକ୍ରବାର ସୁନିଆ ଅବସରରେ ୬୧ ଅଙ୍କ ଏବଂ ୧୪୨୬ ସାଲ ଆରମ୍ଭ ହୋଇଛି। ସେଥିପାଇଁ ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ପ୍ରାତଃରୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚ ଦେବତା ପୂଜା, ରାମାଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ଗଜପତି ମହାରାଜା ଗାଦିସୀନ ହେବା ପରେ ଅବିଧ ଲାଗି କରାଯାଇଥିଲା। ଗଜପତି ମହାରାଜାଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ ଉପସ୍ଥିତ ରହି ରାଜଗୁରୁ ସେବା କରିଥିଲେ। ସୁନିଆ ପରମ୍ପରା ସମ୍ପର୍କରେ ରାଜଗୁରୁ କହିଛନ୍ତି ଯେ, ସୁନିଆରେ ଗଜପତି ମହାରାଜାଙ୍କ ନବବର୍ଷର ଅୟମାରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୧ଅଙ୍କ ପ୍ରଚଳିତ ହେଲା, ୧୪୨୬ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି। ଅଙ୍କ କଟାର ସ୍ୱତନ୍ତ୍ର ବିଧି ମଧ୍ୟ ରହିଛି। ସବୁ ଅଙ୍କକୁ ଗ୍ରହଣ କରାଯାଏ ନାହିଁ। ଯେଉଁ ଅଙ୍କର ଦକ୍ଷିଣ ପଟରେ ଶୂନ ରହିଥିବ ତାହାକୁ ଗ୍ରହଣ କରାଯାଏ ନାହିଁ। କିନ୍ତୁ ୧୦କୁ ଗ୍ରହଣ କରାଯାଏ। ଯେଉଁ ଅଙ୍କର ଦକ୍ଷିଣ ପଟେ ୬ ରହିଥିବ ତାହା ମଧ୍ୟ ଗ୍ରହଣ କରାଯାଏ ନାହିଁ।

### ମହାପ୍ରସାଦ ଦର ତାଲିକାକୁ ନେଇ ଦ୍ୱନ୍ଦ୍ୱ

# ଲଗାଇଥିଲେ, ହଟାଇଦେଲେ

**ପୁରୀ ଅଫିସ,୨୧।୯**

ଶ୍ରୀମନ୍ଦିର ଆନନ୍ଦ ବଜାରରେ ଶୁକ୍ରବାର ଲାଗିଥିବା ମହାପ୍ରସାଦ ଦର ତାଲିକାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଲାଗିଥିବା ତାଲିକା ତଳେ ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପ୍ରଶାସନ ଲେଖାଥିବାରୁ ଭକ୍ତ ଦ୍ୱନ୍ଦ୍ୱରେ ପଡିଛନ୍ତି। ପରେ ଏହି ତାଲିକାକୁ ହଟାଇ ଦିଆଯାଇଛି। ସକାଳେ ଆନନ୍ଦ ବଜାରରେ ଏବଂ ଶୁଆଶାରୀ ମନ୍ଦିର ନିକଟରେ ଗୋଟିଏ ଲେଖାଏ ମହାପ୍ରସାଦ ଦର ତାଲିକା ଲାଗିଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନ ଥିବା କହିବା ସହ ଏହାକୁ ଅନୁମୋଦନ କରି ନ ଥିବା କହିଥିଲେ। ପରିଚାଳନା କମିଟିରେ ମଧ୍ୟ ଏହି ଦର ତାଲିକା ଅନୁମୋଦନ ପାଇନାହିଁ। ପରିଚାଳନା କମିଟି ବୈଠକରେ ଦର ଧାର୍ଯ୍ୟ ପରେ ଏହା ଲଗାଯିବ। ତେଣୁ ଲାଗିଥିବା ତାଲିକାକୁ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ମୁତାବକ ଲାଗିଥିବା ଦୁଇଟି ଫ୍ଲେକ୍ସକୁ ହଟାଇ ଦିଆଯାଇଥିଲା। ତେବେ ଲଗାଇ ପୁଣି କାହିଁକି ହଟାଇ ଦିଆଗଲା, ତାହାକୁ ନେଇ ନାନା ପ୍ରକାର ଚର୍ଚ୍ଚା ସୃଷ୍ଟି ହୋଇଛି।

ଆନନ୍ଦ ବଜାରରେ ଶୃଙ୍ଖଳା ଆଣିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ପ୍ରକାର ପଦକ୍ଷେପ ଆରମ୍ଭ କରିଛି। ଏ ନେଇ ସୁଆର ମହାସୁଆର ନିଯୋଗ ସହ ଏକାଧିକ ଥର ଆଲୋଚନା କରିଛି। ଅନେକ ସମୟରେ ଆନନ୍ଦ ବଜାରରେ ଭକ୍ତଙ୍କୁ ଶୋଷଣ କରାଯାଉଥିବା ନେଇ ଅଭିଯୋଗ ହେଉଥିବାରୁ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ସୁଆର ମହାସୁଆର ନିଯୋଗ ଏକ ଦର ତାଲିକା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନକୁ ଦେଇଥିଲା। ପ୍ରଶାସନ ଅନୁମତି ଦେବା ପରେ ଏହାକୁ ଆନନ୍ଦ ବଜାରରେ ଲଗାଯିବ ବୋଲି ସୂଚନା ମିଳିଥିଲା।



## ସଂକ୍ଷେପରେ

### ନକଲି ନୋଟ୍ କାରବାରରେ ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ

ରାଜନଗର,୨୧।୯(ଡି.ଏନ୍.ଏ.): କେନ୍ଦ୍ରାପଡା ଜିଲା ରାଜନଗର ବଜାରରେ ନକଲି ନୋଟ କାରବାର କରୁଥିବା ବେଳେ ଡାଙ୍ଗମାଳ ପଞ୍ଚାୟତ ଅନ୍ତର୍ଗତ ଶାରଦା ପ୍ରସାଦ ଗ୍ରାମର ସେକ୍ ରବିବୁଲ ହୁସେନ(୩୭)ଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ରାଜନଗର ଥାନାରେ ୧୬୮/୧୮ରେ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ତାଙ୍କୁ ଏ ସମ୍ବନ୍ଧରେ ଅଧିକ ପଚରାଉଚୁରା କରିବା ସହ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ରବିବୁଲ ରାଜନଗର ବଜାରକୁ ପରିବା କିଣିବାକୁ ଯାଇଥିଲେ। ସେଠାରେ ୨ ପରିବା ଦୋକାନୀଙ୍କୁ ସେ ୨୦୦ ଟଙ୍କିଆ ନୋଟ ଦେଇଥିଲେ। ମାତ୍ର ୨ଟି ଯାକ ନୋଟ ନକଲି ବୋଲି ସନ୍ଦେହ ହେବାରୁ ଦୋକାନୀ ଦ୍ୱୟ ରବିବୁଲଙ୍କୁ ନେଇ ରାଜନଗର ଥାନାରେ ଜିମା ଦେଇଥିଲେ। ସେଠାରେ ପୋଲିସ ନକଲି ନୋଟ ଯାଞ୍ଚ କରିବା ପରେ ତାଙ୍କୁ ଗିରଫ କରିଥିଲା।

### ଜୀବିକା ମିଶନ ପକ୍ଷରୁ ଋଣମେଳା



ରାଜନଗର, ୨୧।୯ (ଡି.ଏନ୍.ଏ.)- ରାଜନଗର ବ୍ଲକ ସଭାଗୃହରେ ଜୀବିକା ମିଶନ ପକ୍ଷରୁ ବ୍ଲକସ୍ତରୀୟ ଋଣ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜୀବିକା ମିଶନର ଡିପିଏମ ସତ୍ୟଭାମା ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ସେ ମତ ରଖିଥିଲେ। ପ୍ରତ୍ୟେକ ପରିବାର ଶୌଚାଳୟ ବ୍ୟବହାର କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଋଣ ମେଳାରେ ୨୩୨ ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ କୋଟି ୪୭ ଲକ୍ଷ ୫୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ମନ୍ଦରଧର ମହାଲିକ, ସୁନୀଲ ପୁରୋହିତ, ନାବାର୍ଡର ଏଡିଏମ ମାନସ ରଞ୍ଜନ ଜେନା, ଜୀବିକା ମିଶନର ବିପିଏମ ରଶ୍ମିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ବିପଦସଙ୍କୁଳ ଅବସ୍ଥାରେ ବାଉଁଶ ଚାର

# ଚାର ଉପରେ ଚାଲିଛି ପାଣି

ମହାକାଳପଡା, ୨୧।୯ (ଡି.ଏନ.ଏ.)

ମହାକାଳପଡା ବ୍ଲକର କଂସାର ବଡ ଦାଣ୍ଡୁଆ ଓ ସୁନିତି ପଞ୍ଚାୟତ ସୀମା ସଂଲଗ୍ନ ମିଳନମୋଡ ନିକଟ ଗୋବରୀ ଶାଖା ନାଳରେ ଯାତାୟାତ ପାଇଁ ବାଉଁଶ ଚାର ନିର୍ମାଣ ହୋଇଛି। ତେବେ ଲଗାଣ ବର୍ଷା ଯୋଗୁ ଏହି ବାଟଦେଇ ଯାତାୟାତ ବିପଦସଙ୍କୁଳ ହୋଇପଡିଛି। ବାଉଁଶ ଚାର ଉପରେ ପାଣି ଚାଲିଥିବା ବେଳେ ବର୍ଷା ହେଲେ ୨ଫୁଟ ଉଚ୍ଚର ଜୁଆର ଚାଲେ। ଫଳରେ ଯାତ୍ରୀମାନେ ଏହି ବାଟଦେଇ ଯିବାକୁ ଭୟ କରୁଛନ୍ତି। ସୂଚନାଯୋଗ୍ୟ, ଏହି ବାଉଁଶ ଚାର ଦେଇ ସୁନିତି ପଞ୍ଚାୟତର ଲୋକମାନେ ଦୈନନ୍ଦିନ କଂସାରବଡ ଦାଣ୍ଡୁଆ ପଞ୍ଚାୟତର ବଗଗହଣ, ପଙ୍କପାଳ, ତରପଦା, ବଡଦାଣ୍ଡୁଆ, ରଡିଆ, କଂସାର ଗ୍ରାମକୁ ଯାତାୟାତ କରିଥାନ୍ତି। ଏଥିସହ ବ୍ଲକର ମୁଖ୍ୟ ସଦର ମହକୁମାକୁ ମଧ୍ୟ ଯାଇଥାନ୍ତି। ସେହିପରି କଂସାର ବଡ ଦାଣ୍ଡୁଆ ପଞ୍ଚାୟତର ଲୋକମାନେ ଜଗରୀଯୋର ହାଟ, ବେଣାକନ୍ଧା, ଜମ୍ଭୁ, ବାବର, ରାଜନଗର ଆଦି ଅଞ୍ଚଳ ସମେତ ତନ୍ତିଆପାଳ ମେରାଇନ ଥାନାକୁ ଯାତାୟାତ କରିଥାନ୍ତି। ଗତ ସପ୍ତାହରେ ଲଘୁଚାପ ଜନିତ ଲଗାଣ ବର୍ଷାପରେ ଏହି ବାଟଦେଇ ଯାତାୟାତ ବିପଦସଙ୍କୁଳ ହୋଇପଡିଛି। ଏହି ବାଉଁଶ ଚାରଟି କଂସାର ବଡଦାଣ୍ଡୁଆ ପଞ୍ଚାୟତ ଅଧୀନରେ ପରିଚାଳିତ ହେଉଛି। ଅପରପକ୍ଷେ ମିଳନମୋଡ ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ସ୍ଥାୟୀ ସେତୁ ନିର୍ମାଣ ଚାଲିଛି। ଏହି ସେତୁ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ବାଉଁଶ ଚାର ଉପରେ ପାଣି ଚାଲିଛି।

## ବୁଡିଯାଉଥିବା ଡଙ୍ଗା ଉଦ୍ଧାର

# ବର୍ତ୍ତିଲେ ୫ ମତ୍ସ୍ୟଜୀବୀ



ନଦୀରେ ବୁଡିଯାଉଥିବା ଡଙ୍ଗାକୁ ଉଦ୍ଧାର କରାଯାଉଛି।

ମହାକାଳପଡା, ୨୧।୯(ଡି.ଏନ୍.ଏ.)

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ପ୍ରଭାବରେ ଉପକୂଳ ଅଞ୍ଚଳରେ ସମୁଦ୍ର ଓ ନଦୀଗୁଡିକ ଅଶାନ୍ତ ରହିଛି । ଉଚ୍ଚଜୁଆର ଯୋଗୁ କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକସ୍ଥିତ ରାମଚଣ୍ଡୀ ଗଳିଆ ନଦୀରେ ଭାରସାମ୍ୟ ହରାଇ ୨ଟି ମାଛଧରା ଡଙ୍ଗା ଶୁକ୍ରବାର ବୁଡିଯାଇଥିଲା। ଖବରପାଇ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଅନ୍ୟ ଏକ ଡଙ୍ଗା ସାହାଯ୍ୟରେ ନଦୀକୁ ଯାଇ ଉଭୟ ବୋଟ୍ ସହ ୫ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ସୂଚନାଯୋଗ୍ୟ, ପେଟଛେଳା ପଞ୍ଚାୟତର ଶିବ ଶଙ୍କର ୧ ଓ ୨ ନାମକ ୨ଟି ମାଛଧରା ଡଙ୍ଗା ନଦୀକୁ ମାଛ ଧରିବାକୁ ଯାଇଥିଲା। ଲଘୁଚାପ ଖବରପାଇ ଶୁକ୍ରବାର ଉଭୟ ବୋଟ ରାମଚଣ୍ଡୀ ନଦୀ କୂଳକୁ ଫେରାଇ ଆଣିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉଭୟ ବୋଟ ନଦୀକୂଳକୁ ଫେରି ଆସୁଥିବା ବେଳେ ନଦୀରେ ଜୁଆର ଯୋଗୁ ଭାରସାମ୍ୟ ହରାଇ ପାଣିରେ ବୁଡିଯାଉଥିଲା।

# ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

ପଟ୍ଟାମୁଣ୍ଡାଇ, ୨୧।୯ (ସ୍ୱ.ପ୍ର.)

ଲଘୁଚାପଜନିତ ଗତ ଲଗାଣ ବର୍ଷାରେ ପଟ୍ଟାମୁଣ୍ଡାଇ ବ୍ଲକ ଡାମରପୁର ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବହୁ ଚାଳଘର ଭାଙ୍ଗି ଯାଇଛି । ଡାମରପୁର ଘେରିବନ୍ଧ ଭିତରେ ଥିବା ୮ ଶହ ଏକର ଭେଡାରେ ଧାନ ଫସଲ ବୁଡି ନଷ୍ଟ ହୋଇଯାଇଛି। ଏବେ ବି ଭେଡା ଭିତରୁ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ଧାନ ଗଛ ବୁଡି ରହିଛି । ରାଜସ୍ୱ ବିଭାଗ ଓ କୃଷି ବିଭାଗ ପକ୍ଷରୁ ଫସଲ କ୍ଷୟକ୍ଷତିର ତଦନ୍ତ ହୋଇନାହିଁ । ଏହାର ପ୍ରତିବାଦରେ ଡାମରପୁର ପଞ୍ଚାୟତ ସରପଞ୍ଚ ନିରଞ୍ଜନ ମାଝି ଓ ସମିତି ସଭ୍ୟ ବିଚିତ୍ର ମଲିକ ଆଗାମୀ ସପ୍ତାହରେ ପଟ୍ଟାମୁଣ୍ଡାଇ ତହସିଲ ଅଫିସ ଆଗରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ନେଇ ଆମରଣ ଅନଶନ କରିବାକୁ ଧମକ ଦେଇଛନ୍ତି । ସରପଞ୍ଚ ମାଝି ଓ କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି ଯେ, ଗତ ଲଗାଣ ବର୍ଷାରେ ସମଗ୍ର ଡାମରପୁର ଭେଡା ଜଳାର୍ଣ୍ଣବ ହୋଇ ଯାଇଥିଲା । ଘେରି ମଧ୍ୟରୁ ବର୍ଷାଜଳ ନିଷ୍କାସନ ପାଇଁ ୪ ଗୋଟି ସ୍ଲୁଇସ ଗେଟ ଥିଲେ ମଧ୍ୟ ବ୍ରାହ୍ମଣୀରେ ବନ୍ୟା ଆସିଥିବାରୁ ସ୍ଲୁଇସ ଗେଟ ଖୋଲିବା ସମ୍ଭବ ହୋଇ ନ ଥିଲା। ଫଳରେ ବର୍ଷା ପାଣିରେ ବୁଡି ରହିଥିବା ଧାନ ପଚି ନଷ୍ଟ ହୋଇଯାଇଛି । ପଞ୍ଚାୟତର ପ୍ରାୟ ୨୫ ଜଣଙ୍କ ଘର ଭାଙ୍ଗି ମାଟିରେ ମିଶିଯାଇଛି । ବିପନ୍ନ ଲୋକଙ୍କୁ ଦୁଇ ଦିନ ମଧ୍ୟରେ ସହାୟତା ଯୋଗାଇ ନ ଦେଲେ ତହସିଲ ସମ୍ମୁଖରେ ଆମରଣ ଅନଶନ କରିବା ପାଇଁ ସରପଞ୍ଚ ଓ ସମିତି ସଭ୍ୟ ଚେତାବନୀ ଦେଇଛନ୍ତି ।

## ଲଘୁଚାପ ପ୍ରଭାବ

# ମହାନଦୀ ବାହାକୁଦ ଫେରିଘାଟ ବନ୍ଦ

ମହାକାଳପଡା, ୨୧।୯ (ଡି.ଏନ୍.ଏ.)

ପ୍ରଶାସନର ନିର୍ଦ୍ଦେଶ କ୍ରମେ ମହାକାଳପଡା ବ୍ଲକ ରାମନଗର ପଞ୍ଚାୟତ ଅନ୍ତର୍ଗତ ମହାନଦୀ ବାହାକୁଦ ଫେରିଘାଟରେ ଶୁକ୍ରବାର ବୋଟ ଚଳାଚଳ ବନ୍ଦ କରାଯାଇଛି। ଲଘୁଚାପଜନିତ ଉଚ୍ଚ ଜୁଆର ଯୋଗୁ ଏହି ନିଷ୍ପତ୍ତି ନିଆଯାଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୂଚନାଯୋଗ୍ୟ, ପ୍ରତିଦିନ ରାମନଗର, ଖରିନାସୀ, ବରକନ୍ଧା ଓ ପେଟଛେଳା ପଞ୍ଚାୟତର ବହୁ ଯାତ୍ରୀ ଏହି ଫେରିଘାଟ ଦେଇ ପାରାଦୀପ ଶିଳ୍ପାଞ୍ଚଳକୁ ଯାତାୟାତ କରିଥାନ୍ତି। ଏସମ୍ପର୍କରେ ବିଡିଓ ରମେଶ ଚନ୍ଦ୍ର ସେଠୀ କହିଛନ୍ତି, ଲଘୁଚାପ ଯୋଗୁ ଫେରିଘାଟରେ ବୋଟ ଚଳାଚଳ ବନ୍ଦ କରାଯାଇଛି। ସେଠାକୁ ଯାତ୍ରୀ ଡଙ୍ଗା ଚାଳକଙ୍କୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଏନେଇ ଉକ୍ତ ଫେରିଘାଟରେ ଜମ୍ଭୁ ମେରାଇନ୍ ପୋଲିସକୁ ମୁତୟନ କରାଯାଇଛି ବୋଲି ସେ କହିଛନ୍ତି।

# ପାଲ ବଣ୍ଟନରେ ଅନିୟମିତତା ଅଭିଯୋଗ

ରାଜନଗର,୨୧।୯(ଡି.ଏନ୍.ଏ.)

ରାଜନଗର ବ୍ଲକରେ ଗତ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥିଲା। ଏହି ବର୍ଷାରେ ବ୍ଲକ ଅନ୍ତର୍ଗତ ରାଜନଗର ଗ୍ରାମର ବହୁଲୋକଙ୍କ ଘର ଭାଙ୍ଗିଯାଇଥିଲା। ବର୍ଷା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ପାଲ ଯୋଗାଇ ଦେବାପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହି ପାଲ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ ନ କରି ସରପଞ୍ଚ ଓ ଦଲାଲଙ୍କ ଚିଠାକୁ ଆଧାର କରି ତାଲିକା ପ୍ରସ୍ତୁତ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମର ବହୁ ଲୋକ ଗୁରୁବାର ତହସିଲଦାରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ। ଲଗାଣ ବର୍ଷାରେ ଘର କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ତାଲିକାରୁ ବାଦ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। କେଉଁ ଆଧାରରେ ସେମାନଙ୍କୁ ବାଦ କରାଯାଇଛି ଏନେଇ ଗ୍ରାମବାସୀ ପ୍ରଶ୍ନ କରିଥିଲେ। ମାତ୍ର ତହସିଲଦାର କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ କିଛି ସମୟ ପାଇଁ ହୋହଲ୍ଲା ହୋଇଥିଲା। ସେହିପରି କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ରାଜନଗର ଗସ୍ତରେ ଆସିଥିବା ବେଳେ କ୍ଷତିଗ୍ରସ୍ତ ଲୋକେ ତାଙ୍କୁ ଭେଟି ପାଲ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ଜିଲାପାଳ ଗ୍ରାମରେ ପାଲ ବଣ୍ଟନ ବନ୍ଦ କରିବା ସହ ତଦନ୍ତ ପରେ ପୁନର୍ବାର ବଣ୍ଟନ ଚାଲୁକରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କ୍ଷତିପୂରଣ ଦାବିକଲେ ଗ୍ରାମବାସୀ

ରାଜନଗର,୨୧।୯(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ନାରାୟଣପୁର ଗ୍ରାମରେ ବର୍ଷାପାଣି ଜମି ରହିଛି। ବହୁ ଏକର ଜମିରେ ପାଣି ଜମି ରହିବା ଯୋଗୁ ଧାନ ଫସଲ ନଷ୍ଟ ହୋଇଛି। ଏନେଇ ସ୍ଥାନୀୟ ଲୋକେ ଶୁକ୍ରବାର ଜିଲାପାଳଙ୍କୁ ଭେଟିଛନ୍ତି। ଜଳ ନିଷ୍କାସନ ପାଇଁ ପଦକ୍ଷେପ ସହ ଫସଲ ନଷ୍ଟ ଲାଗି କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି। ରାଜନଗରେ ବ୍ଲକରେ ଗତ ୫ରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥିଲା। ଫଳରେ ବହୁ ଚାଷ ଜମିରେ ଏବେ ବି ୪ ରୁ ୫ ଫୁଟ ଉଚ୍ଚର ପାଣି ଜମି ରହିଛି। ପାଣି ଯୋଗୁ ଖରିଫ ଧାନ ଫସଲ ନଷ୍ଟ ହୋଇଯାଇଛି। ଗ୍ରାମର ବହୁ ଲୋକଙ୍କ ଘରେ ବର୍ଷା ପାଣି ଜମି ରହିଛି। ପ୍ରଶାସନ ପକ୍ଷରୁ ସହଯୋଗ ଦାବି କରି ଗାଁର ଅଜିତ ମଣ୍ଡଳ, ସପନ ମଣ୍ଡଳ, ଗଜେନ୍ଦ୍ର ଜେନା ପ୍ରମୁଖ ଜିଲାପାଳଙ୍କୁ ଭେଟିଛନ୍ତି। ଗ୍ରାମ ମଧ୍ୟରେ ଆଉ ଏକ କଲଭର୍ଟ ନିର୍ମାଣ କରିବା ପାଇଁ ସେମାନେ ଦାବି କରିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇବେ ମୂଳ ବଗପାଟିଆବାସୀ

ରାଜନଗର,୨୧।୯(ଡି.ଏନ୍.ଏ.)

ରାଜନଗର ବ୍ଲକ ସାତଭାୟାବାସୀଙ୍କ ଥଇଥାନସ୍ଥଳୀ ବଗପାଟିଆରେ ଜମି ମାମଲାକୁ କେନ୍ଦ୍ରକରି ସେଠାକାର ମୂଳ ଅଧିବାସୀ ଆନ୍ଦୋଳକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ସେମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ସାତଭାୟାବାସୀଙ୍କୁ ଥଇଥାନ ଦେବା ଆଳରେ ସେଠାକର ମୂଳ ଅଧିବାସୀଙ୍କ ଆବାଦଯୋଗ୍ୟ ଜମିକୁ ଅନାବାଦୀ ଘୋଷଣା କରି ଦିଆଯାଇଥିଲା। ଥଇଥାନ ପରେ ମୂଳ ଅଧିବାସୀଙ୍କ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଆବାଦଜମିକୁ ଅନାବାଦୀ ଘୋଷଣା କରିବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବଗପାଟିଆର ମୂଳବାସିନ୍ଦାମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୧୨ ମସିହାରେ ବଗପାଟିଆରେ ଏନେଇ ସେଟଲମେଣ୍ଟ ହୋଇଥିଲା। ସାତଭାୟାବାସୀଙ୍କୁ ସେଠାରେ ଥଇଥାନ କରାଯିବା ପାଇଁ ବଗପାଟିଆର ସମସ୍ତ ଆବାଦଯୋଗ୍ୟ ଜମିକୁ ସେତେବେଳେ ଅନାବାଦୀ ଘୋଷଣା କରି ଦିଆଯାଇଥିଲା। ଏନେଇ ସେତେବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବଗପାଟିଆ ବହୁ ମୂଳବାସିନ୍ଦା ରାଜନଗର ତହସିଲ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଘଟଣାର ସମାଧାନ କରିବା ପାଇଁ ସେତେବେଳର ରାଜସ୍ୱମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଆନ୍ଦୋଳନକାରୀଙ୍କୁ ଭୁବନେଶ୍ୱରଠାରେ ଡକାଇ ସଚିବାଳୟରେ ବୈଠକ କରିଥିଲେ। ବୈଠକରେ ସେତେବେଳର ରାଜସ୍ୱ ସଚିବ ତାରା ଦତ୍ତ, ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଓ ବଗପାଟିଆର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସାତଭାୟାବାସୀଙ୍କ ଥଇଥାନ ପରେ ବଗପାଟିଆର ମୂଳବାସିନ୍ଦାମାନଙ୍କୁ ଜମିପଟ୍ଟା ଓ ବିଜୁ ପକ୍କାଘର ଯୋଜନାରେ ଆବାସିକ ଗୃହ ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବଗପାଟିଆର ମୂଳବାସିନ୍ଦାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ଗାଁର ଶ୍ରୀପଦ ହାଉଲି, ପିଣ୍ଟୁ କୁମାର ପାଳ, ସୁବାସ ଚନ୍ଦ୍ର ହାଉଲି, ତେଜନ ମଣ୍ଡଳ, ମଦନ ମୋହନ ମାନ୍ନା, ସୁବାସ ଚନ୍ଦ୍ର ପରିଡା ଓ ନିରଞ୍ଜନ ସର୍ଦ୍ଦାର ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ୭ଦିନ ମଧ୍ୟରେ ଏନେଇ ପଦକ୍ଷେପ ନିଆ ନ ଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।







## ପୂର୍ବ ତଟ ରେଳପଥ

### କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ

ଏତଦ୍ୱାରା ପୂର୍ବ ତଟ ରେଳପଥର ସମସ୍ତ କର୍ମଚାରୀମାନଙ୍କୁ ସୂଚିତ କରାଯାଉଛି ଯେ, ସେମାନେ ଆବଶ୍ୟକ ଅନୁସାରେ ମହାପ୍ରବନ୍ଧକ / ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସ୍ତରରେ **କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ** ସୁବିଧାର ସୁଯୋଗ ପ୍ରାପ୍ତ କରିପାରିବେ । ବିସ୍ତୃତ ସମୟ ସାରଣୀ ନିମ୍ନ ଅନୁଯାୟୀ ଅଟେ।

**ମହାପ୍ରବନ୍ଧକ ସ୍ତରୀୟ କର୍ମଚାରୀ ଅଭିଯୋଗ ପ୍ରତିକାର**

- ପ୍ରତ୍ୟେକ ବୁଧବାର **1000** ଘଟିକା, ଦରଖାସ୍ତ ଗୁଡ଼ିକ ମଙ୍ଗଳବାର 1100 ଘଟିକା ସୁଦ୍ଧା ଇମେଲ୍ ଠିକଣା dycpoirecor@gmail.com କିମ୍ବା ଫ୍ୟାକ୍ସ - 0674-2300031 କିମ୍ବା ଟୋଲ୍ ଫ୍ରି ନମ୍ବର : **18003457126** ମାଧ୍ୟମରେ ଦାଖଲ କରିପାରିବେ।

| କର୍ମଚାରୀ ଅଭିଯୋଗ ପ୍ରତିକାର ଅଧିକାରୀ | ଅଭିଯୋଗ ପ୍ରତିକାର ଦିନ |
|---|---|
| ମଣ୍ଡଳ ରେଳ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍ | ପ୍ରତ୍ୟେକ ସୋମବାର 1030 ଘଟିକା, ଦରଖାସ୍ତ ସେହିଦିନ 1000 ଘଟିକା ରେ ଦାଖଲ କରିବାକୁ ହେବ। |
| ମଣ୍ଡଳ ରେଳ ପ୍ରବନ୍ଧକ/ ସମ୍ବଲପୁର | ପ୍ରତ୍ୟେକ ମଙ୍ଗଳବାର 1600 ଘଟିକା ରୁ 1700 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। |
| ମଣ୍ଡଳ ରେଳ ପ୍ରବନ୍ଧକ/ ୱାଲ୍‌ଟିୟର | ବୁଧବାର ବ୍ୟତୀତ ପ୍ରତ୍ୟେକ କାର୍ଯ୍ୟ ଦିବସର 1530 ଘଟିକା ରୁ 1630 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। |
| ମୁଖ୍ୟ ପ୍ରଶାସନିକ ଅଧିକାରୀ/ ନିର୍ମାଣ | ପ୍ରତ୍ୟେକ କାର୍ଯ୍ୟ ଦିବସର 1600 ଘଟିକା ରୁ 1700 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। ପ୍ରତ୍ୟେକ ମାସର ପଞ୍ଚମ ଦିନ ଅଭିଯୋଗ ଦିବସ ଅଟେ। ଯଦି ଏହା ଛୁଟି ଦିନ ହୋଇଥାଏ, ତେବେ ପରବର୍ତ୍ତୀ କାର୍ଯ୍ୟ ଦିବସକୁ ଅଭିଯୋଗ ଦିବସ ରୂପେ ପାଳନ କରାଯିବ। |
| ମୁଖ୍ୟ କାରଖାନା ପ୍ରବନ୍ଧକ/ ମଞ୍ଚେଶ୍ୱର | ପ୍ରତ୍ୟେକ କାର୍ଯ୍ୟ ଦିବସର 1700 ଘଟିକା ରୁ 1800 ଘଟିକା ପର୍ଯ୍ୟନ୍ତ। |

PR-351/J/18-19

*ଉପ ମୁଖ୍ୟ କାର୍ମିକ ଅଧିକାରୀ, IR & W*

# ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ନଦୀରୁ ମାଟି ଉଠିଲା



ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଣ ବେଳେ ପୂଜାର୍ଚ୍ଚନା କରାଯାଉଛି।

ରାଜନଗର,୨୧।୯(ଡି.ଏନ୍.ଏ.)

ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ମା' ଦୁର୍ଗାଙ୍କ ଆଗମନ ପାଇଁ ରାଜନଗର ଏବେ ଚଳଚଞ୍ଚଳ ହୋଇଉଠିଛି। ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ଶୁକ୍ରବାର ପବିତ୍ର ସୁନିଆଁରେ ହଂସୁଆ ନଦୀରୁ ମାଟି ଉଠାଯାଇଛି। ଏନେଇ ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ନେତୃତ୍ୱରେ ୫ଜଣ ପୂଜକ ହଂସୁଆ ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ନଦୀ ମଧ୍ୟରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଉଠାଯାଇଥିଲା। ମାଟିକୁ ଶୋଭାଯାତ୍ରାରେ ଦେବୀଘରକୁ ଅଣାଯାଇ ଥିଲା। କାର୍ଯ୍ୟକ୍ରମରେ ଶାରଦୀୟ ଦୁର୍ଗାପୂଜା କମିଟିର ସଭାପତି ତଥା ଆଇଆଇସି ସୁକାନ୍ତ କୁମାର ପାତ୍ର, ସମ୍ପାଦକ ତଥା ରାଜନଗର ପଞ୍ଚାୟତ ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ରଙ୍କ ସମେତ ଧ୍ରୁବ ଚରଣ ମଲିକ, ବସନ୍ତ କୁମାର ମଲିକ, ରମେଶ ଚନ୍ଦ୍ର ଲାଲ, କାଙ୍ଗାଳି ଚରଣ ସାହୁ ଓ ରବୀନ୍ଦ୍ର ନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଗଳିଦାଣ୍ଡର ମା' ବନଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମଧ୍ୟ ହଂସୁଆ ନଦୀରୁ ମାଟି ଉଠାଯାଇଛି। ପୂଜକ ରବି ନାରାୟଣ ପତି, ବୈକୁଣ୍ଠ ରଥ ଶୋଭାଯାତ୍ରାରେ ନଦୀକୂଳରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଯାଇଥିଲା। କାର୍ଯକ୍ରମରେ ଭିକାରୀ ଚରଣ ବଳ, ଅଭିରାମ ସାହୁ, ସୁଧୀର ରଞ୍ଜନ ସାହୁ, ଦାଶରଥି ଲେଙ୍କା, ଭରତ ଚନ୍ଦ୍ର ସାହୁ, ଦଶରଥ ବେହେରା, ଜୟୀରାମ ସେଠୀ, ଅକ୍ଷୟ କୁମାର ପରିଡା ଓ ବୈକୁଣ୍ଠ ବଳ ପ୍ରମୁଖ ଯୋଗ ଦେଇଥିଲେ।





ଦରକାରଠୁ ଅଧିକ ମିଳିଲେ ତାହାକୁ ଭାଗ୍ୟ କହନ୍ତି, ଭଗବାନ ଦେଇଥିବା ସବୁକିଛି ଥାଇ ପଛେ କାନ୍ଦୁଥାଏ ତାହାକୁ ଦୁର୍ଭାଗ୍ୟ କହନ୍ତି, ଆଉ ଜୀବନରେ ଅଳ୍ପ ପାଇ ଯିଏ ସବୁବେଳେ ଖୁସି ରହେ ତାହାକୁ ଭାଗ୍ୟବାନ କୁହନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### କମ୍ୟୁନିଟି ସେଣ୍ଟର ପାଇଁ ଯୁବକଙ୍କ ମୃତ୍ୟୁ ଘଟଣା ମୃତକଙ୍କ ପରିବାରକୁ ଭେଟିଲେ କଂଗ୍ରେସ ଯୁବ ନେତା



**ବିରଜାକ୍ଷେତ୍ର,୨୧।୯(ଡି.ଏନ୍.ଏ):** ଯାଜପୁର ବ୍ଲକ ବେରୁଦା ପଞ୍ଚାୟତର ବେରୁଦା ଗ୍ରାମରେ ଗୋଷ୍ଠୀ ସଂଘର୍ଷରେ ପ୍ରାଣ ହରାଇଥିବା ଅନିରୁଦ୍ଧ ଭୁତିଆଙ୍କ ଘରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭ୍ୟ ପୁଲିନ ପୁହାଣ ଶୁକ୍ରବାର ପହଞ୍ଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଘଟଣା ବିଷୟରେ ଅବଗତ ହୋଇଥିଲେ। ସୂଚନାଯୋଗ୍ୟ ଯେ ଆମ ବିକାଶ ଆମ ଯୋଜନାରେ ଆସିଥିବା କମ୍ୟୁନିଟି ସେଣ୍ଟରକୁ ନେଇ ଦୁଇଗୋଷ୍ଠୀ ଭିତରେ ସଂଘର୍ଷ ହେବାରୁ ଅନିରୁଦ୍ଧ ଭୁତିଆ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ୧୯ ତାରିଖ ମୃତ୍ୟୁବରଣ କରିଥିଲେ। ଶୁକ୍ରବାର କଂଗ୍ରେସ ଯୁବନେତା ପୁଲିନ ପୁହାଣଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ମୃତ ଅନିରୁଦ୍ଧ ଭୁତିଆଙ୍କ ଘରେ ପହଞ୍ଚି ତାଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବାସହ ଅନ୍ୟାୟର ଶିକାର ହୋଇଥିବା ମୃତ ଭୁତିଆ ଓ ପରିବାରବର୍ଗଙ୍କୁ ନ୍ୟାୟ ପ୍ରଦାନ କରିବାରେ ସମସ୍ତ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଥିଲେ।

### ମହିଳାଙ୍କୁ ପ୍ରତାରଣା, ଯୁବକ ଗିରଫ

**ରସୁଲପୁର,୨୧।୯(ଡିଏନଏ):** ଜଣେ ମହିଳାଙ୍କୁ ପ୍ରତାରଣା କରିବା ଅଭିଯୋଗରେ ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ପଞ୍ଚାୟତର ହଳଧର ମଲିକ (୩୩)ଙ୍କୁ କୁଆଖିଆ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ହଳଧର ୨୦୧୨ରେ ଜଣେ ମହିଳାଙ୍କୁ ପ୍ରେମ ବିବାହ କରିଥିଲେ। ମାତ୍ର ବିବାହ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ରହି ନ ଥିଲା। ଫଳରେ ହଳଧର ତାଙ୍କ ସ୍ତ୍ରୀଙ୍କୁ ଛାଡପତ୍ର ଦେଇଥିଲେ। ସେବେଠାରୁ ମହିଳା ଜଣକ ସ୍ୱଧାର ଗୃହରେ ରହିଆସୁଥିଲେ। ଘଟଣାର କିଛିଦିନ ପରେ ହଳଧର ପୁଣି ତାଙ୍କୁ ପୁନର୍ବିବାହ କରିବାର ପ୍ରତିଶ୍ରୁତି ଦେଇ ଘରକୁ ଆଣିଥିଲେ। ମାତ୍ର କିଛିଦିନ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିଲେ। ଏ ନେଇ ମହିଳା ଜଣକ ଅଗଷ୍ଟ ୩୧ରେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ-୧୪୫/୧୮) ରୁଜୁ କରିବା ସହ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଶିକ୍ଷା ସହାୟକଙ୍କ ବନ୍ଧୁମିଳନ

**ବରୀ,୨୧।୯(ସ୍ୱ.ପ୍ର.):** ବରୀ ବ୍ଲକ ଅଧୀନ କିମ୍ବୀରିଆପାଳ ପଞ୍ଚାୟତର ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ୨୦୧୫ ଶିକ୍ଷା ସହାୟକ ନିଯୁକ୍ତି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୪୧ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଭାଇଚାରା ସୃଷ୍ଟି କରିଥିବା ଦେଖିବାକୁ ମିଳିଛି। ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ ସାହୁ ସହଯୋଗ କରିଥିଲେ। ୪୧ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଜୁନିୟର ଶିକ୍ଷକ ଭାବେ ପଦୋନ୍ନତି ପାଇଛନ୍ତି। ସଂଘ ସଭାପତି ଶରତ ଚନ୍ଦ୍ର ଘଡାଇ, ସମ୍ପାଦକ ଗୋପୀନାଥ ସାହୁ, ସହ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ଉପସଭାପତି ଦୁର୍ଗା ପ୍ରସାଦ ପଢିଆରି ପ୍ରମୁଖ ଉପସ୍ଥିତ ରହି ବନ୍ଧୁମିଳନକୁ ପରିଚାଳନା କରିଥିଲେ।

# ଅମରଙ୍କ ହାତ ଛାଡ଼ୁଛନ୍ତି ପୁରୁଖା ନେତା

**ବଡ଼ଚଣା ବିଜେଡିରେ ଫାଟ**
- ଲୋକଙ୍କୁ ଭେଟୁଛନ୍ତି ସମାନ୍ତରାଳ ଗୋଷ୍ଠୀ
- ଚର୍ଚ୍ଚାରେ ଟିଟୋ ଲିଙ୍କ, ଅଡୁଆରେ ବିଜେଡି

**ଯାଜପୁର ଅଫିସ,୨୧।୯**

ବଡ଼ଚଣା ବିଜେଡିରେ ଦେଖାଦେଇଛି ଅର୍ନ୍ତଦ୍ୱନ୍ଦ୍ୱ। ବିଧାୟକ ତଥା ସରକାରୀ ଦଳର ମୁଖପାତ୍ର ଅମର ପ୍ରଶାଦ ଶତପଥୀଙ୍କ ବିରୋଧରେ ବିଜେଡିର କେତେଜଣ ନୂଆ ଓ ପୁରୁଣା ନେତା ମେଳି ହୋଇ ଏକ ସମାନ୍ତରାଳ ଗୋଷ୍ଠୀ ଗଠନ କରିଥିବା ଦେଖିବାକୁ ମିଳିଛି। ଏହି ଗୋଷ୍ଠୀ ବିଧାୟକ ଶତପଥୀଙ୍କ ବିରୋଧରେ ବିଶେଦ୍‌ଗାର କରି ଗାଁ ଗାଁ ବୁଲି ଲୋକଙ୍କ ସହ ଆଲୋଚନା କରୁଥିବା ଶୁଣିବାକୁ ମିଳିଛି। ବହୁ ଚର୍ଚ୍ଚିତ ଟିଟୋ ଲିଙ୍କ, ଭୂତଗାଡି ମାମଲା, ଜଳ ସମ୍ପଦ ବିଭାଗରେ ଦୁର୍ନୀତି ଓ ଅନୁଦାନ ହରିଲୁଟ ଆଦି ଘଟଣାରେ ଅମରଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହୋଇଥିଲା। ୧୯୯୦ ମସିହାରୁ ଏଯାଏ ୫ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ହେଁ ବଡଚଣା ନିର୍ବାଚନ ମଣ୍ଡଳୀରେ ସେଭଳି ଆଖିଦୃଶିଆ ଉନ୍ନତି ହୋଇ ପାରିନାହିଁ, ବରଂ ବିଭିନ୍ନ ଆପରାଧିକ କାର୍ଯ୍ୟରେ ଅମରଙ୍କ ସମ୍ପୃକ୍ତି ବଢ଼ିଛି ବୋଲି କହିଛି ଏହି ଗୋଷ୍ଠୀ। ଫଳରେ ବଡଚଣା ବିଜେଡି ସମର୍ଥନ ହରାଉଥିବା ଆଶଙ୍କା କରି ଶୁକ୍ରବାର ଏହି ଗୋଷ୍ଠୀ ତିଲେଇ, ବାଲିପଡିଆ, ବରଦା, ଭରତପୁର, ନଳିପୁର, ଚାରିନଙ୍ଗଲ ଆଦି ପଞ୍ଚାୟତର ଲୋକଙ୍କ ସହିତ ମିଶି ଆଲୋଚନା କରିଥିବା ଜଣାପଡ଼ିଛି। ଏଥିରୁ ଆଗାମୀ ଦିନରେ ବଡଚଣା ବିଜେଡିରେ ଏକ ବିରାଟ ଫାଟ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି।

ଯାଜପୁର ଜିଲାର ବଡଚଣା ବ୍ଲକକୁ ନେଇ ବଡଚଣା ନିର୍ବାଚନ ମଣ୍ଡଳୀ ଗଠିତ। ଏହି ନିର୍ବାଚନ ମଣ୍ଡଳୀରେ ଗତ ୩୫ବର୍ଷ ମଧ୍ୟରେ କଂଗ୍ରେସ ୧୫ବର୍ଷ ଏବଂ ବିଜେଡି ଓ ଏନ୍‌ସିପି ମିଳିତ ଭାବେ ୨୦ବର୍ଷ ଧରି ସଫଳତା ପାଇଛନ୍ତି। ବିଧାୟକ ଅମରଙ୍କ ବିଭିନ୍ନ ଆପରାଧିକ ବ୍ୟକ୍ତିଙ୍କ ସହିତ ଲିଙ୍କ ଅଭିଯୋଗ ବିରୋଧୀଙ୍କୁ ଅପରପକ୍ଷେ ଶକ୍ତ କରିଛି। ଏହିକ୍ରମରେ ବିଜେଡିର କେତେଜଣ ପୁରୁଖା ନେତା ମଧ୍ୟ ଅମରଙ୍କ ନେତୃତ୍ୱ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ୧୯ ନମ୍ବର ଜିଲା ପରିଷଦ ସଭ୍ୟା ଇତିଶ୍ରୀ ସାମଲ ଏବେ ଖୋଲାଖୋଲି ଅମରଙ୍କ ବିରୋଧରେ ଯାଇଥିବା ଦେଖିବାକୁ ମିଳିଛି। ଇତିଶ୍ରୀ ୨ଥର ଜିଲା ପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇଥିବାବେଳେ ବଡଚଣା ବ୍ଲକର ପୂର୍ବତନ ଅଧ୍ୟକ୍ଷା ହୋଇ ପାରିଛନ୍ତି। ସେହି ଦୃଷ୍ଟିରୁ ଇତିଶ୍ରୀଙ୍କ ଅସହଯୋଗ ଅମରଙ୍କୁ ଭାରି ପଡିବ ବୋଲି ଚର୍ଚ୍ଚା ଜୋର ଧରିଛି। ବିଜେଡି ଉପରେ ଜନସମର୍ଥନକୁ ଇତିଶ୍ରୀ ବଜାୟ ରଖିବାକୁ ଉଦ୍ୟମ କରୁଛନ୍ତି। ସେହିପରି ଅମରଙ୍କ ପାଖରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ବିଜେଡି ବ୍ଲକ ସଭାପତି କୈଳାସ ଚନ୍ଦ୍ର ରାଉତ ଦୂରେଇ ଯାଇଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ରବୀନ୍ଦ୍ର ନାଥ ଶାନ୍ତି, ପୂର୍ବତନ ଯୁବ ବିଜେଡି ସଭାପତି ପ୍ରମୋଦ ଜେନା, ପୂର୍ବତନ ମହିଳା ବିଜେଡି ସଭାନେତ୍ରୀ ଦମୟନ୍ତୀ ସାମଲ ପ୍ରମୁଖ ମଧ୍ୟ ଅମରଙ୍କୁ ବିରୋଧ କରୁଥିବା ଜଣାପଡ଼ିଛି। ଗତ ପଞ୍ଚାୟତ ନିର୍ବାଚନ ପରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରମଣି ପୂର୍ତ୍ତି, ପୂର୍ବତନ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ମହାପାତ୍ର, ପୂର୍ବତନ ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ନଟବର ପରିଡା, ରମେଶଚନ୍ଦ୍ର ପୃଷ୍ଟି ପ୍ରମୁଖ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ଅମରଙ୍କ ପ୍ରତି ଏଭଳି ଆଚରଣ ବିଜେଡିକୁ ସଂକଟରେ ପକାଇଛି। ଅନ୍ୟ ବିରୋଧୀ ଦଳ ଏହାର ଲାଭ ଉଠାଇବାକୁ ଉଦ୍ୟମ ଚଳାଇଛନ୍ତି। ପୂର୍ବରୁ ଜିଲା ରାଜନୀତିରେ ଯେଉଁଭଳି ଜନମତ ବଦଳିବା ଭଳି ବାତାବରଣ ସୃଷ୍ଟି ହୋଇଥିଲା, ବଡଚଣା ନିର୍ବାଚନ ମଣ୍ଡଳୀରେ ତାହା ବଦଳିବାକୁ ଲାଗିଛି। ଧିରେ ଧିରେ ବହୁ ପୁରୁଖା ବିଜେଡି ନେତା ବିଧାୟକ ଅମରଙ୍କ ହାତ ଛାଡିବାକୁ ନିଷ୍ପତ୍ତି ନେଇ ଏକ ସମାନ୍ତରାଳ ଗୋଷ୍ଠୀ ଗଠନ କରିଛନ୍ତି। ଯାହାକି ଜିଲାର ଅନ୍ୟ ନିର୍ବାଚନ ମଣ୍ଡଳୀକୁ ପ୍ରଭାବିତ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଜିଲା ପରିଷଦ ସଭ୍ୟା ଇତିଶ୍ରୀ କୁହନ୍ତି, ବିଧାୟକ ଅମରଙ୍କ ସହିତ ଏକାଧିକ ଆପରାଧିକ ବ୍ୟକ୍ତି ବିଶେଷଙ୍କ ସମ୍ପର୍କ ଥିବା ଅଭିଯୋଗ ହେବା ପରେ ସେ ନିର୍ବାଚନ ମଣ୍ଡଳୀରେ ଏକପ୍ରକାର ବଦନାମ ହୋଇଛନ୍ତି। ତେଣୁ ତାଙ୍କୁ ସମର୍ଥନ ନ କରି ବିଜେଡିକୁ ଆହୁରି ସୁଦୃଢ କରିବାକୁ ଉଦ୍ୟମ କରାଯାଉଛି। ଆସନ୍ତା ଗାନ୍ଧୀ ଜୟନ୍ତୀଠାରୁ ଜନସମ୍ପର୍କ ପଦଯାତ୍ରା ସ୍ୱତନ୍ତ୍ର ଭାବେ ପୁଣି ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଉଛି ବୋଲି କହିଛନ୍ତି। ବିଧାୟକ ଅମରପ୍ରସାଦ ଶତପଥିଙ୍କୁ ପଚାରିବାରୁ, ଦଳ ଭିତରେ କୌଣସି ବିବାଦ ନାହିଁ। ଦଳ ଯାହା ନିଷ୍ପତ୍ତି ନେବ ସେହି ଅନୁସାରେ କାର୍ଯ୍ୟ କରାଯିବ। ଅପରାଧିକ ବ୍ୟକ୍ତିଙ୍କ ସହିତ ଲିଙ୍କ ଥିବା ଅଭିଯୋଗ ଭିତ୍ତିହୀନ ଓ ରାଜନୈତିକ ଅଭିସନ୍ଧି ବୋଲି କହିଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ କୋର୍ଟ ଚାଲଣ

**ବିଞ୍ଝାରପୁର,୨୧।୯(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ନାଉପାଳ ଗ୍ରାମର ପ୍ରଦୀପ ମଲ୍ଲିକ (୨୦) ସେହି ଗ୍ରାମର ଜଣେ ନାବାଳିକା (୧୬)ଙ୍କୁ ଅପହରଣ କରିବା ଅଭିଯୋଗରେ ଗିରଫ ହୋଇ ଶୁକ୍ରବାର କୋର୍ଟଚାଲାଣ ହୋଇଛନ୍ତି। ପ୍ରଦୀପ ଗତ ୧୮ତାରିଖ ନିକଟସ୍ଥ ବ୍ୟାଙ୍କକୁ ଟଙ୍କା ଉଠାଣ ବାହାନାରେ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ବିଞ୍ଝାରପୁର ଥାନାରେ ୧୯ତାରିଖ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (୨୧୯/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଗୁରୁବାର ବିଳମ୍ବିତ ରାତିରେ ବିଞ୍ଝାରପୁର ପୋଲିସ କୌଣସି ସୂତ୍ରରୁ ଖବର ପାଇ ପ୍ରଦୀପଙ୍କୁ ମଙ୍ଗଳପୁର ଥାନା ଅଧିନ ପାଳଟପୁର ଗ୍ରାମରୁ ଗିରଫ କରିବା ସହିତ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଶୁକ୍ରବାର ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହିତ ପ୍ରଦୀପଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

### ■ ମା’ ବିରଜାଙ୍କ ବନଯୋଗ ଯାତ୍ରା ଆରମ୍ଭ

# ରଥ ପାଇଁ ଅନୁକୂଳ ହେଲା କାଠ

**ବିରଜାକ୍ଷେତ୍ର,୨୧।୯(ଡି.ଏନ୍.ଏ)**



ରଥ କାଠକୁ ଶୋଭାଯାତ୍ରାରେ ନିଆଯାଉଛି।

ଶୁଭ ସୁନିଆ ଅବସରରେ ଶୁକ୍ରବାର ମା’ ବିରଜାଙ୍କ ବନଯୋଗ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମା’ ବିରଜାଙ୍କ ପବିତ୍ର ଶାରଦୀୟ ଦୁର୍ଗୋତ୍ସବରେ ରଥଯାତ୍ରା ନିମନ୍ତେ ରଥ ନିର୍ମାଣ ପାଇଁ ଶୁଭ ସୁନିଆଁ ଅବସରରେ କାଠ ଅନୁକୂଳ ହେଉଥିଲା। ବନଯୋଗ ଯାତ୍ରା ତଥା ଶୁକ୍ରବାର ପ୍ରାତଃରୁ ମା’ ବିରଜାଙ୍କ ସେବାୟତ ସୀତାକାନ୍ତ ପାଣି ସ୍ନାନ କରାଇ ବେଶଭୂଷାରେ ସଜ୍ଜିତ କରିଥିଲେ। ପରେ ରୀତିନୀତି ଅନୁଯାୟୀ ମଧ୍ୟାହ୍ନରେ ନୀତିଲାଗି ମା’ଙ୍କର ପହୁଡ଼ ହୋଇଥିଲା। ଅପରାହ୍ନରେ ମା’ଙ୍କର ପହୁଡ଼ ଖୋଲିବା ପରେ ଅପରାହ୍ନ ୫ଟାରେ ମା’ଙ୍କ ସମ୍ମୁଖରେ ଥିବା ବିଧି ମଣ୍ଡପରେ ବନଯୋଗ ଯାତ୍ରା ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ବନଯୋଗ ଯାତ୍ରା ପାଇଁ ଧର୍ମାଧିକାରୀ ହିମାଂଶୁ ଶେଖର ପତିମିଶ୍ର, ପ୍ରସନ୍ନ କୁମାର ପତି, ପ୍ରଫୁଲ୍ଲ କୁମାର ପତି, ମନୋରଞ୍ଜନ ପତି, ଜ୍ଞାନରଞ୍ଜନ ପତି, ବିରଜା କିଙ୍କର ପତି, ପ୍ରମୋଦ କୁମାର ପତି, ସରୋଜ କୁମାର ପତି ଓ ପୂଜକ ସତ୍ୟନାରାୟଣ କର ବିଧି ମଣ୍ଡପରେ ବନଯୋଗ ଯାତ୍ରା ପାଇଁ ପୂଜା କରିଥିଲେ। ବିଧି ମଣ୍ଡପରେ ପୂଜା ସରିବା ପରେ ବନଯୋଗ ଯାତ୍ରା ଆରମ୍ଭ ହୋଇଥିଲା। ମା’ଙ୍କର ଶକ୍ତିବାଡ଼ି ଆରସାକୁ ଧରି ଅମୂଲ୍ୟ ପାଣି, ଚରୁ ଅଶୋକ କୁମାର ପାଣି, ସମିଧ ଧନଞ୍ଜୟ ପାଣି, ତରାସ ନିତ୍ୟାନନ୍ଦ ରଣା, ଛତା ଭାଗବତ ରଣା, ଅକ୍ଷୟ ରଣା, ଚାମର ସରୋଜ ସିଂଙ୍କ ସମେତ ପୁରୋହିତ ଓ ପୂଜକ ବନଯୋଗ ଯାତ୍ରା ଆରମ୍ଭ କରିଥିଲେ। ଘଣ୍ଟ, ଘଣ୍ଟା, ବାଦ୍ୟ, ତୂରୀ ପ୍ରଭୃତି ଶୋଭାଯାତ୍ରାରେ ଯାଇ ମା’ଙ୍କର ପୂର୍ବଦିଗରେ ଥିବା କୁଆମଡ଼େଇର ନଟବର ଦାସଙ୍କ ଗୃହରେ ପହଞ୍ଚି ରଥକାଠ ଅନୁକୂଳ ପାଇଁ ବିଲ୍ୱ ଗଛକୁ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ କରିବାପରେ କୁଠାର ସାହାଯ୍ୟରେ ବିଲ୍ୱ ବୃକ୍ଷରୁ ଏକ ଶାଖାକୁ ଛେଦ କରିଥିଲେ। ଏହିଠାରୁ ମା’ ବିରଜାଙ୍କ ରଥଯାତ୍ରାର ଶୁଭାରମ୍ଭ ହୋଇଥିଲା। ଛେଦ କାଠକୁ ପୁନଶ୍ଚ ଶୋଭାଯାତ୍ରାରେ ଅଣାଯାଇ ମା’ ବିରଜାଙ୍କ ରତ୍ନଗର୍ଭ ଗୃହରେ ରଥଯାତ୍ରା ଅନୁକୂଳ ପାଇଁ ରଖାଯାଇଥିଲା। ଏହି ଶୋଭାଯାତ୍ରାରେ ସେବାୟତବୃନ୍ଦ ଓ ଅନ୍ୟାନ୍ୟ ଭକ୍ତମାନେ ସାମିଲ ହୋଇଥିଲେ। ବନଯୋଗ ଯାତ୍ରାକୁ ରେଭିନ୍ୟୁ ଅଫିସର ଅନୁପ କୁମାର ବେହେରା ମନ୍ଦିର ପରିସରରେ ରହି ପରିଚାଳନା କରିଥିଲେ। ମନ୍ଦିରର ଗୁମାସ୍ତା ପ୍ରଭାତ କୁମାର ପତି, ଗୁରୁଚରଣ ମହାରଣା, ନରେନ୍ଦ୍ର ଭୂଷଣ କର ଓ ମଳୟ ପଣ୍ଡା ପ୍ରମୁଖ ବନଯୋଗ ଯାତ୍ରାରେ ସହଯୋଗ କରିଥିଲେ।

### ପ୍ରହସନ ପାଲଟିଛି ଉଚ୍ଛେଦ ପ୍ରକ୍ରିୟା

**ଯାଜପୁରରୋଡ,୨୧।୯(ନି.ପ୍ର.)**

ଡ୍ରେନ୍ ନିର୍ମାଣ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଯାଜପୁରରୋଡ ସହରର ରାସ୍ତା ପାର୍ଶ୍ୱରେ ଥିବା ଉଠା ଦୋକାନ ଓ ରାସ୍ତାକୁ ମାଡି ବସିଥିବା ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନଗୁଡିକୁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି। ଜୁଲାଇ-ଅଗଷ୍ଟ ମାସରେ ଯାଜପୁରରୋଡର ଗୋପବନ୍ଧୁଛକଠାରୁ ଚୋରଦା ବାଇପାସ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଥିଲା। ସେହିପରି ନହକା ଛକଠାରୁ ଚୋରଦା ବାଇପାସ୍ ପର୍ଯ୍ୟନ୍ତ ଭଙ୍ଗାଗଲା। ଏଥିରୁ ମନ୍ଦିର ମଧ୍ୟ ବାଦ୍ ପଡିଲା ନାହିଁ। ଉଚ୍ଛେଦ ସତ୍ତ୍ୱେ ଡ୍ରେନ୍ ନିର୍ମାଣ ଓ ରାସ୍ତା ଚଉଡା କରା ନ ଯିବାରୁ ବ୍ୟବସାୟୀ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଉଛି। ଉଚ୍ଛେଦ ପ୍ରକ୍ରିୟା ପ୍ରହସନ ପାଲଟିଥିବା ସଂଘ ପକ୍ଷରୁ ପ୍ରକାଶ। ସେହିପରି ଲକ୍ଷ୍ମୀ ମାର୍କେଟ, ରେଲୱେ ଷ୍ଟେଶନ, ବସଷ୍ଟାଣ୍ଡ, ଗୋପବନ୍ଧୁ ଛକ, ଡାକବଙ୍ଗଳା ଛକରେ ଉଠା ଦୋକାନୀମାନେ ପୁଣି ସେମାନଙ୍କ ପସରା ମେଲାଇ ରାସ୍ତା ଉପରେ ବସିଛନ୍ତି। ଯାହାଫଳରେ ଟ୍ରାଫିକ୍ ଜାମ୍ ହେଉଛି। ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ପାଣି ଚାଲୁଛି।

### ■ ଖୋର୍ଦ୍ଧା ରେଲୱେ ଡିଭିଜନାଲ କମିଟି ବୈଠକ

# ଯାଜପୁରରୋଡ ଷ୍ଟେଶନକୁ ଡିଭିଜନ ମାନ୍ୟତା ଦାବି



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀବୃନ୍ଦ।

**ଯାଜପୁର ଅଫିସ,୨୧।୯**

ଖୋର୍ଦ୍ଧାଠାରେ ଗୁରୁବାର ରେଲୱେ ଡିଭିଜନାଲ କମିଟି ବୈଠକରେ ଯାଜପୁର ଏମ୍‌ପି ରୀତା ତରାଇ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ସ୍ୱତନ୍ତ୍ର ଡିଭିଜନ କରିବାକୁ ଦାବି କରିଛନ୍ତି। ଏହାବାଦ ଯାଜପୁର ଜିଲାର ଧାନମଣ୍ଡଳ, ହରିଦାସପୁର, ବୈରୀ, ଜେନାପୁର, ଗଡମଧୁପୁର, ଯାଜପୁର-କେନ୍ଦୁଝରରୋଡ, କୋରେଇ, ବୈତରଣୀରୋଡ, ଯଖପୁରା ଷ୍ଟେଶନରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବି କରିଥିଲେ। ଯାତ୍ରୀଙ୍କ ବସିବା ପାଇଁ ଅଧିକ ପକ୍କା ଚେୟାର, ଶୌଚାଳୟ, ଉନ୍ନତଧରଣର ଆଲୋକୀକରଣ, ଅଧିକ ପରିଷ୍କାର ପରିଚ୍ଛନ୍ନତା, ଥଣ୍ଡାପାଣିର ବ୍ୟବସ୍ଥା କରିବାକୁ ସେ ଦାବି ଉପସ୍ଥାପନ କରିଥିଲେ। ପାଖରରେ ଏକ ନୂତନ ରେଲୱେ ଷ୍ଟେଶନ ପ୍ରତିଷ୍ଠା କରିବାକୁ ମଧ୍ୟ ଦାବି କରାଯାଇଥିଲା। ପ୍ରାୟ ୬ଟି ପଞ୍ଚାୟତର ଲୋକ ଦୀର୍ଘଦିନ ହେବ ପାଖର ଷ୍ଟେଶନ କରିବାକୁ ଦାବି କରି ଆସୁଛନ୍ତି। ଏଥିପାଇଁ ଏମ୍‌ପି ତରାଇ ଗତ ଜୁଲାଇରେ ଇଷ୍ଟକୋଷ୍ଟ ରେଲୱେ ଜେନେରାଲ ମ୍ୟାନେଜର ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ଏନେଇ ଡିଆରଏମ ଓ ଜିଏମ ଏହା ଉପରେ ତୁରନ୍ତ ବିଚାର କରାଯିବ ବୋଲି ଉତ୍ତର ରଖିଥିଲେ। ସେହିପରି ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନରେ ଏକ ଫ୍ଲାଏଓଭର ବ୍ରିଜ ନିର୍ମାଣ ଓ ଉଭୟ ପାର୍ଶ୍ୱରେ କଂକ୍ରିଟ ରାସ୍ତା ପାଇଁ ଦୃଢ ଦାବି ଉପସ୍ଥାପନ କରିଥିଲେ। ଏହାବାଦ ଇ-କାଉଣ୍ଟର ମାଧ୍ୟମରେ ଟିକେଟ ବିକ୍ରି, ନବୀକରଣ, ଧର୍ମଶାଳାରେ ରେଲୱେ ଟିକେଟ ବିକ୍ରି କରିବାକୁ ମେଶିନ ବ୍ୟବସ୍ଥା ହୋଇଛି, ହେଲେ ତାହା କାର୍ଯ୍ୟକାରୀ ହୋଇନାହିଁ। ଯାଜପୁର ଟାଉନରେ ଅସ୍ଥାୟୀ ଭାବେ ଜିଲାପାଳଙ୍କ ଅଫିସ ଭିତରେ ଥିବା ଟିକେଟ କାଉଣ୍ଟର ଭାଙ୍ଗି ଯାଇଥିବାରୁ ତାହାର ସ୍ଥାୟୀ ସମାଧାନ ନିମନ୍ତେ ଏକ ନୂତନ ଗୃହ ନିର୍ମାଣ କରିବାକୁ ଦାବି କରିଥିଲେ।

### ସାର୍ବଜନୀନ ପୂଜା କମିଟିର ଦୁର୍ଗାପୂଜା ପ୍ରସ୍ତୁତି



ମୂର୍ତ୍ତୀ ନିର୍ମାଣ ପାଇଁ ପୂଜାର୍ଚ୍ଚନା କରାଯାଇ ମାଟି ଉଠାଯାଉଛି।

**ଢୁବୁରୀ, ୨୧।୯(ଡି.ଏନ୍.ଏ.)**

ଢୁବୁରୀ ଅଞ୍ଚଳର ବହୁ ପୁରାତନ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଶୁକ୍ରବାର ହାଟ ପଡ଼ିଆସ୍ଥିତ ପୂଜା ମଣ୍ଡପଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଛି। ଆବାହକ ସଞ୍ଜୟ ପ୍ରାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ କଟକରୁ ମା’ଙ୍କ ମୃଣ୍ମୟୀ ମୂର୍ତ୍ତିନିର୍ମାଣ କରିବାକୁ ଶିଳ୍ପୀ ନିମନ୍ତ୍ରଣ କରାଯାଇଥିବା ବେଳେ ପୂଜାର୍ଚ୍ଚନା ପାଇଁ ପୁରୀରୁ ଅଭିଜ୍ଞ ପଣ୍ଡିତ ଓ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରାଯାଇଛି। ସେହିପରି ରାବଣ ପୋଡ଼ି ଓ ଆତସବାଜି ପ୍ରତିଯୋଗିତା ଦଶହରା ଦିନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଆତସବାଜୀ ପ୍ରତିଯୋଗିତାରେ କଟକ,ଖୋର୍ଦ୍ଧା,ସାଲେପୁର ଓ ଯାଜପୁର ଅଞ୍ଚଳରୁ ପ୍ରତିଯୋଗୀଙ୍କୁ ଆମନ୍ତ୍ରଣ କରାଯାଇଥିବା ସଭାପତି ବିଶ୍ୱଜିତ ଦାସ କହିଛନ୍ତି। ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ହାଟ ଛକସ୍ଥିତ ପୂଜା ମଣ୍ଡପଠାରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଶାନ୍ତିଶୃଙ୍ଖଳା ନିମନ୍ତେ କମିଟି ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇ କଳିଙ୍ଗନଗର ଥାନା ପୋଲିସର ସହାୟତା ନିଆଯିବ ବୋଲି ମଧ୍ୟ ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମା’ଙ୍କ ମୂର୍ତ୍ତି ନିମାଣ ପାଇଁ ଗ୍ରାମ ଶ୍ମଶାନରୁ ଯଥା ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇ ମାଟି ଉଠାଯାଇ ଦୁର୍ଗାପୂଜା ପ୍ରସ୍ତୁତି ଆରମ୍ଭ ହୋଇଛି। କାର୍ଯକ୍ରମରେ ସଭାପତି ସଞ୍ଜୟ ରାଉତ, ବିଷ୍ଣୁରଞ୍ଜନ ଦାସ, ଜୟନ୍ତ ରାଉତ, ଅଜୟ ସାହୁ, ଚନ୍ଦ୍ରକାନ୍ତ ସ୍ୱାଇଁ, ଶିବପ୍ରସାଦ ରାଉତ, ଉଦୟ କୁମାର ପାତ୍ର, ରମାକାନ୍ତ ରାଉତ, ଗୌତମ ଦାସ, ବାଇନ ସ୍ୱାଇଁ, ପିଣ୍ଟୁ ସ୍ୱାଇଁ, ଦିପୁନ ରାଉତ, ବ୍ରହ୍ମାନନ୍ଦ ବାରକ, ନୀଳମଣି ଜେନା, ସିଦ୍ଧେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

### ୩ଦିନ ହେଲା ଅନ୍ଧାରରେ ଗ୍ରାମବାସୀ



**ଚଢେଇଧରା, ୨୧।୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ କବାଟବନ୍ଧ ବିଦ୍ୟୁତ୍ ସେକ୍ସନ ଅଧୀନ ଗଡ଼ମଧୁପୁର, କୁକୁଡ଼ାଖାଳି, ଜାମୁଝରୀ, ଭୁବନପୁର, କୃଷ୍ଣପଶୀ, ପନ୍ତୁରୀ ଆଦି ବିଭିନ୍ନ ଗ୍ରାମରେ ୩ଦିନ ହେବ ବିଦ୍ୟୁତ୍ ସେବା ଠପ୍ ହୋଇଯାଇଛି। ଫଳରେ ୧୦ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶନିବାର ସୁଦ୍ଧା ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି।

### ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣା: ୧୧ ଦିନ ବିତିଲା, ପୋଲିସର ନାହିଁ ତତ୍ପରତା

**ବରୀ/ରତ୍ନଗିରି, ୨୧।୯ (ସ୍ୱ.ପ୍ର./ଡି.ଏନ୍.ଏ.)**

ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣାକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ପଦକ୍ଷେପ ନେବାରେ ପୋଲିସ ପକ୍ଷରୁ ତତ୍ପରତା ଦେଖାଯାଉ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗୁରୁବାର ରୌପ୍ୟକାନ୍ତଙ୍କ ବ୍ୟବଚ୍ଛେଦ ରିପୋର୍ଟ ଥାନାରେ ପହଞ୍ଚିଛି। କିନ୍ତୁ ରିପୋର୍ଟରେ ମୃତ୍ୟୁର କାରଣ ଉଲ୍ଲେଖ ନ ଥିବାରୁ ଏହା ରାଜ୍ୟ ଫୋରେନ୍ସିକ ଲ୍ୟାବକୁ ପଠାଯିବ। ସେଠାରୁ ରିପୋର୍ଟ ଆସିବା ପରେ ଏହା ହତ୍ୟାକାଣ୍ଡ କି ନୁହେଁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଗତ ୧୦ ତାରିଖରେ ରୌପ୍ୟକାନ୍ତ ନିଖୋଜ ହୋଇଥିବା ନେଇ ପରିବାର ପକ୍ଷରୁ ବୈରୀ ଥାନାରେ ଅଭିଯୋଗ ହୋଇଥିଲା। ୧୧ ତାରିଖରେ ପୋଲିସ ମୃତଦେହ ଉଦ୍ଧାର କରିବା ପରେ ଏକ ଅପମୃତ୍ୟୁ ମାମଲା(୧୨/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପରିବାର ଲୋକେ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ୧୫ ତାରିଖରେ ଏସ୍‌ପିଙ୍କୁ ଭେଟି ଘଟଣାର ତଦନ୍ତ ପାଇଁ ଦାବି କରିଥିଲେ। ଏ ନେଇ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା।

# ୫ ଦିନ ଧରି ରସୁଲପୁର ଉପଡ଼ାକଘର ଅଚଳ

**ରସୁଲପୁର,୨୧।୯(ଡିଏନଏ)**



**ସେବା ବାଧାପ୍ରାପ୍ତ**
- ସେବାରୁ ବଞ୍ଚିତ ୫୦ହଜାରରୁ ଉର୍ଦ୍ଧ୍ୱ ଗ୍ରାହକ
- ବୃଦ୍ଧି ପାଉଛି ଅସନ୍ତୋଷ

ରସୁଲପୁର ଉପଡାକଘର ଗତ ୫ଦିନ ଧରି ଅଚଳ ହୋଇପଡ଼ିଛି। ଫଳରେ ଡାକସେବା ବାଧାପ୍ରାପ୍ତ ହୋଇଛି। ଏଥିପାଇଁ ବିଏସଏନଏଲ ନେଟୱାର୍କକୁ ଦାୟୀ କରାଯାଇଛି। ନେଟ୍‌ୱାର୍କ କାମ କରୁ ନ ଥିବାରୁ ଗତ କିଛିଦିନ ଧରି ଡାକସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। କମ୍ପ୍ୟୁଟର କାର୍ଯ୍ୟ ହୋଇପାରୁ ନ ଥିବାରୁ ଜନସାଧାରଣଙ୍କୁ ସାଧାରଣ ଚିଠିଟିଏ ମିଳିପାରୁ ନାହିଁ। ଏ ଦିଗରେ ଶାଖା ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଉପଡାକଘର ଅଧିନରେ ଥିବା ୫୦ହଜାରରୁ ଉର୍ଦ୍ଧ୍ୱ ଗ୍ରାହକଙ୍କୁ ସେବା ମିଳୁନାହିଁ। ସରକାରୀ ଚିଠି ଆଦାନ ପ୍ରଦାନ ହୋଇପାରୁ ନାହିଁ। ଡାକଘରେ ଗତ କିଛିଦିନ ଧରି ଲାଗି ରହିଥିବା ନାନା ଅବ୍ୟବସ୍ଥାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।

ଏହି ଉପଡାକଘର ଅଧୀନରେ ୭ଟି ଶାଖା ଡାକଘର ରହିଛି। ଏଠାରେ ସର୍ବନିମ୍ନ ସେବା ଗ୍ରାହକଙ୍କୁ ମିଳୁନାହିଁ। ଫଳରେ ଶାଖା ଡାକଘର ଅଧୀନରେ ଥିବା ଗ୍ରାହକଙ୍କୁ ସେବା ମିଳିପାରୁ ନାହିଁ। ଏହାପରେ କେନ୍ଦ୍ର ସରକାର ଡାକଘରକୁ ଲୋକାଭିମୁଖୀ କରିବା ପ୍ରୟାସରେ ଅଛନ୍ତି। ସବୁ ଡାକଘରେ ବ୍ୟାଙ୍କିଂ ସେବା ଉପଲବ୍ଧ ହେବା, ଆଧାର କେନ୍ଦ୍ରଗୁଡିକୁ ଡାକଘର ସହ ସଂଯୋଗ କରାଯିବା, ଡାକଘର ଜରିଆରେ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଜରିଆରେ ମଜୁରୀ ପ୍ରଦାନ କରାଯିବା, ଆର୍ଥିକ କାରବାର ବିଶେଷ ସୁରକ୍ଷିତ ଭାବରେ କରାଯାଇ ପାରିବା, ଗାଁ ଗହଳିରେ ଥିବା ଡାକଘରେ ଏହି ସୁବିଧା ମିଳିପାରିବା ନେଇ ସରକାରୀସ୍ତରରେ ପ୍ରଚାର ପ୍ରସାର କେବଳ ଘୋଷଣାନାମାରେ ସମୀତ ରହିଛି। ଏହି ସେବା ପ୍ରଦାନ କରିବା ପାଇଁ ଡାକଘରେ ଅଭିଜ୍ଞ କର୍ମଚାରୀ ନାହାନ୍ତି। ଗ୍ରାମାଞ୍ଚଳରେ ନେଟୱାର୍କ ବ୍ୟବସ୍ଥା ଏବେ ବି ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି। ଗ୍ରାମାଞ୍ଚଳରେ ବିଏସଏନଲ ଲ୍ୟାଣ୍ଡଲାଇନ ସେବା ମିଳୁନାହିଁ। ଅନ୍ୟ ନେଟୱାର୍କ ବ୍ୟବହାରର ବ୍ୟବସ୍ଥା ରହିଥିଲେ ହେଁ ସେଗୁଡିକର ବ୍ୟବହାର ସମ୍ପର୍କରେ କର୍ମଚାରୀଙ୍କର ଅଭିଜ୍ଞତା ନ ଥିବା ଦେଖାଯାଉଛି। ଡାକଘରଗୁଡ଼ିକରେ ସହସେବା ପାଇଁ ଉପଲବ୍ଧ ହେଉଥିବା ଜାତୀୟ ସେବା ପ୍ରଦାନକାରୀ (ଏନଏସପି) ବିକଳ୍ପ-୧ ଓ ୨ ଅକାମୀ ହୋଇଗଲେ ସର୍ବନିମ୍ନ ସୁବିଧାରୁ ଗ୍ରାହକଙ୍କୁ ବଞ୍ଚିତ କରାଯାଇ ପାରିବ ନାହିଁ। ଏହିକ୍ଷେତ୍ରରେ ମାନୁଆଲ ବ୍ୟବସ୍ଥା ରହିଛି। ବିଶେଷ କରି ଦରକାରୀ ଚିଠିପତ୍ରଗୁଡ଼ିକୁ ଡାଇରୀରେ ଲିପିବଦ୍ଧକରି ଶାଖା ଡାଘରକୁ ଯୋଗାଇ ଦିଆଯିବ। ପରେ ନେଟୱାର୍କ ବ୍ୟବସ୍ଥାରେ ସୁଧାର ଆସିଲେ ସେଗୁଡ଼ିକୁ କମ୍ପ୍ୟୁଟରୀକରଣ କରାଯାଇ ପାରିବ। ମାତ୍ର ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଦିଗରେ ଡାକକର୍ମଚାରୀମାନେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହିଭଳି ଘଟଣା ରସୁଲପୁର ଉପଡାକଘରେ ଘଟୁଛି। ଫଳରେ ଜନସାଧାରଣଙ୍କୁ ଗୁରୁତ୍ୱପୂର୍ଣ୍ଣ ଚିଠି ମିଳି ପାରୁନାହିଁ। ଆର୍ଥିକ କାରବାର ହୋଇପାରୁ ନାହିଁ। ଏ ନେଇ ଗ୍ରାହକଙ୍କ ଅସନ୍ତୋଷ ବଢିବାରେ ଲାଗିଛି। ସରକାରଙ୍କ ଦ୍ୱାରା ଜନସାଧାରଣଙ୍କ ପାଇଁ ଘୋଷିତ ବହୁଗୁଣିତ ଡାକସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଡାକ ନିରୀକ୍ଷକ ସମରେନ୍ଦ୍ର ସେଠୀଙ୍କୁ ପଚାରିବାରୁ, ଜାତୀୟ ସେବା ପ୍ରଦାନକାରୀ-୧ରେ ରେଜିଷ୍ଟ୍ରି ଆଦି କାର୍ଯ୍ୟ ହେଉଛି। ତାହା ଖରାପ ହୋଇଯିବାରୁ ଗ୍ରାହକଙ୍କୁ ଏହି ସେବା ପ୍ରଦାନ କରାଯାଇ ପାରୁନାହିଁ। ଏସ୍‌ବିଡି ଓ ଆରଡି ଆଦି ଜମା କାର୍ଯ୍ୟ ଏନଏସପି-୨ରେ କରାଯାଇ ପାରିବ। ଏହାକୁ ବ୍ୟବହାର କରାଯାଉଛି କି ନାହିଁ ସେ ସମ୍ପର୍କରେ ତଦାରଖ କରାଯିବ। ନେଟୱାର୍କ ସମସ୍ୟାକୁ ନେଇ ମହିଶୂର କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଛି। ଶନିବାର ସୁଦ୍ଧା ସମସ୍ୟାର ସମାଧାନ ହୋଇଯିବାର ଆଶା କରାଯାଉଛି। ସେ ଆସନ୍ତାକାଲି ଡାକଘରକୁ ପରିଦର୍ଶନରେ ଯିବେ ବୋଲି ପ୍ରକାଶ କରିଛନ୍ତି।

### ବିପଦସଙ୍କେତ ପାଖାପାଖି ଆଖୁଆପଦାରେ ଜଳସ୍ତର

**ବୈତରଣୀରେ ପୁଣି ବନ୍ୟା ପରିସ୍ଥିତି**

**ଯାଜପୁର ଅଫିସ,୨୧।୯**

ଯାଜପୁର ଜିଲାରେ ପୁଣି ବୈତରଣୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୈତରଣୀର ଉପରମୁଣ୍ଡ ଓ ଜିଲାରେ ଲଘୁଚାପ ଜନିତ ବର୍ଷା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାରେ ଶୁକ୍ରବାର ପୂର୍ବାହ୍ନ ୧୦ଟା ସୁଦ୍ଧା ୨୪ଘଣ୍ଟା ମଧ୍ୟରେ ହରାହାରି ୫୭.୮୨ ମିମି ବର୍ଷା ରେକର୍ଡ କରାଯାଇଛି। ଆଖୁଆପଦାରେ ବିପଦସଙ୍କେତ ୧୭.୮୩ ମି. ପାଖାପାଖି ୧୭.୪୩ ମିଟର ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଛି। ଗତ ବନ୍ୟା ଯୋଗୁ ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ଲୋକଙ୍କ ଅଣ୍ଟା ସଳଖି ନ ଥିବାବେଳେ ପୁଣି ସମ୍ଭାବ୍ୟ ବନ୍ୟା ଲୋକଙ୍କ ନିଦ ହଜେଇ ଦେଇଛି। ଯାଜପୁର ବ୍ଲକରେ ୭୦ମି.ମି., ବିଞ୍ଝାରପୁରରେ ୭୬, ଦଶରଥପୁରରେ ୪୮, କୋରେଇରେ ୬୪.୬, ଦାନଗଦିରେ ୮୫, ସୁକିନ୍ଦାରେ ୮୫, ରସୁଲପୁରରେ ୧୯.୬, ଧର୍ମଶାଳାରେ ୩୫, ବଡଚଣାରେ ୪୫ ଓ ବରୀରେ ୫୦ ମି.ମି. ବର୍ଷା ରେକର୍ଡ ହୋଇଛି। କେନ୍ଦୁଝରରେ ୪୯.୪୦, ଚମ୍ପୁଆରେ ୪୬.୬୦, ଠାକୁରମୁଣ୍ଡାରେ ୪୯, ଆନନ୍ଦପୁରରେ ୧୦୬ ଓ ଆଖୁଆପଦାରେ ୭୦.୪୦ ମି.ମି. ବର୍ଷା ହୋଇଛି। ଆଖୁଆପଦାରେ ଜଳସ୍ତର ବଢିବାରେ ଲାଗିଥିବା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ସେପ୍ଟେମ୍ବର,୨୦୧୮



ଯେ ନିଜର ବ୍ୟକ୍ତିତ୍ୱ ହରାଏ,
ସେ ସବୁକିଛି ହରାଏ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବିଦ୍ୟୁତ୍ ସେବା ବ୍ୟାହତ

କାଳିଆପାଣି, ୨୧।୯(ଡି.ଏନ୍.ଏ.)- ସୁକିନ୍ଦା ଖଣି ଅଞ୍ଚଳରେ ବୁଧବାରଠାରୁ ଲଘୁଚାପ ଜନିତ ବର୍ଷା ଯୋଗୁ ଖଣି ଅଞ୍ଚଳର ୧୦ଟି ପଞ୍ଚାୟତରେ ୧୬ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତ ପ୍ରଭାବିତ ହୋଇଥିବାବେଳେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାମ ମଧ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ନିକଟରେ କୌଣସି ତ୍ରୁଟି ନାହିଁ। ଥର୍ମାଲ ସେଣ୍ଟରରୁ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେଉଛି ବୋଲି କହିଛନ୍ତି।

### ସିଂହପୁରରେ ବ୍ୟାପିଲା ଡେଙ୍ଗୁ, ୨ ଆକ୍ରାନ୍ତ

ସିଂହପୁର,୨୧।୯(ଡି.ଏନ୍.ଏ)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମରେ ଡେଙ୍ଗୁରେ ୨ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେମାନେ ହେଲେ ଅଜିତ୍ ବେହେରା(୩୫) ଓ ବିଜୟ ବେହେରାଙ୍କ ସ୍ତ୍ରୀ କବିତା(୨୫)। ଅଜିତ୍ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ କବିତା କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ସିଂହପୁର ବଜାର ସମେତ ଗ୍ରାମରେ ଗତ ୨୦ ଦିନ ହେବ ବର୍ଷାପାଣି ଜମି ରହିଛି। ଏପରିକି ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ଜମିଛି। ରାସ୍ତା ପାର୍ଶ୍ୱ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବା ଯୋଗୁ ଡେଙ୍ଗୁ ବ୍ୟାପିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ତୁରନ୍ତ ସିଂହପୁର ଅଞ୍ଚଳ ପରିଦର୍ଶନ କରିବାକୁ ଅଞ୍ଚଳବାସୀ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ଖବରକାଗଜ ବିତରକ ସଂଘ ସଭାପତିଙ୍କୁ ସମ୍ବର୍ଦ୍ଧନା

ସିଂହପୁର,୨୧।୯(ଡି.ଏନ୍.ଏ)- ସିଂହପୁର ବୁଦ୍ଧିଜୀବୀ ସଙ୍ଗଠନ ତରଫରୁ ଶୁକ୍ରବାର ସିଂହପୁରସ୍ଥିତ ଉତ୍କଳମଣି ଖବରକାଗଜ ବିତରକ ସଂଘ ସଭାପତି ଧନେଶ୍ୱର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ଖବରଦାତା ଅନିରୁଦ୍ଧ ବେଉରିଆ ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ। ନିରଞ୍ଜନ ମହାନ୍ତି ମୁଖ୍ୟ ଅତିଥି, ବିଞ୍ଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର ଧଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ ମଲିକ, ରତିକାନ୍ତ ସାମଲ, ଶିକ୍ଷକ ସଞ୍ଜୟ ସାମଲ, ଶ୍ରୀବତ୍ସ ସାମଲ, ଖବରଦାତା ଗୋପାଳ ସୂତାର, ଅମିତ୍ ପ୍ରିୟଦର୍ଶୀ ବେଉରିଆ ପ୍ରମୁଖ ଯୋଗଦେଇ ଧନେଶ୍ୱର ଜଣେ ମିଷ୍ଟଭାଷୀ, ମେଳାପୀ ଓ ସୁସଙ୍ଗଠକ ବୋଲି କହିଥିଲେ । ସଭାପତି ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରତିକାନ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚଦିବସୀୟ ଯୋଗ ଶିବିର ପାଇଁ ପ୍ରସ୍ତୁତି

ଯାଜପୁରରୋଡ,୨୧।୯(ନି.ପ୍ର.)- ଆମ ପୋଲିସ ଯାଜପୁର ରୋଡ ଥାନା ପକ୍ଷରୁ ଥାନା ପରିସରରେ ଶୁକ୍ରବାର ପଞ୍ଚଦିବସୀୟ ଯୋଗ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଥାନା ଅଧିକାରୀ ଅମିତାଭ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ପାତଳୀ ଯୋଗ ସମିତି, ଚାନ୍ଦମା ହିଙ୍ଗୁଳା ଦେବୀ ଯୁବ ପରିଷଦ, କ୍ରୀଡା ଭାରତୀ, ବରିଷ୍ଠ ନାଗରିକ ମଞ୍ଚ, ସ୍ୱଚ୍ଛ ଭାରତ ଅଭିଯାନ, ଆମ ପୋଲିସ ସଭ୍ୟାସଭ୍ୟ ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ଯୋଗ ଶିବିର ସମ୍ପର୍କରେ ଆଲୋଚନା କରିଥିଲେ । ଆସନ୍ତା ୨୨ ତାରିଖଠାରୁ ୨୬ ତାରିଖ ସକାଳ ୬ଟାରୁ ୭.୩୦ ମିନିଟ୍ ପର୍ଯ୍ୟନ୍ତ ଯୋଗ ଶିକ୍ଷା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

### ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

ଧର୍ମଶାଳା, ୨୧।୯(ଡି.ଏନ୍.ଏ.)- ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଧର୍ମଶାଳା ବ୍ଲକର ଅନେକ ତଳିଆ ଅଞ୍ଚଳ ପାଣି ଘେରରେ ରହିଥିବାବେଳେ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି। ବିଲରେ ପାଣି ଜମିରହିବା ଫଳରେ ପାଚିଲା ବିଆଲି ଧାନ ସବୁ ପାଣିରେ ବୁଡି ନଷ୍ଟ ହୋଇଛି। ଏହାକୁ ନେଇ ଚାଷୀ ଏବେ ଚିନ୍ତାରେ ପଡ଼ିଛି। ବିଶେଷକରି ବ୍ଲକର ଜାରକା ଶୈଳ ବିହାରରେ ଅନେକଙ୍କ ଘରେ ବର୍ଷା ପାଣି ପଶିଯାଇଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚ ପାଣି ଜମିରହିଥିବାରୁ ଲୋକେ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡିଛି। ସେହିପରି ପାଟପୁର, ମିର୍ଜାପୁର, ବଡ଼କାଏମା, ଅଚ୍ୟୁତପୁର, କୋଟପୁର, ଅଭୟପୁର, ଗଙ୍ଗାଧରପୁର, ଆନୁଆଳ, ପାଖର, ଗଡ଼ମଧୁପୁର, କମାଗଡ଼, ମଧୁସୂଦନପୁର, କବାଟବନ୍ଧ ଆଦି ବିଭିନ୍ନ ପଞ୍ଚାୟତ ବିଶେଷ ଭାବେ ପ୍ରଭାବିତ ହୋଇଛି।

## ବିଧାନସଭା ଗୃହ କମିଟି ଗସ୍ତ ଅଢ଼େଇ ମାସ ବିତିଲା

# ଫସର ଫାଟିଲା ପ୍ରତିଶ୍ରୁତି

- ସମସ୍ୟା ଅପରିବର୍ତ୍ତିତ
- ପ୍ରଦୂଷଣରେ ରୁନ୍ଧି ହେଉଛନ୍ତି ବିସ୍ଥାପିତ

ଯାଜପୁର ଅଫିସ,୨୧।୯

ବିଧାନସଭା ଗୃହ କମିଟି ଗତ ଜୁଲାଇ ୨ ଓ ୩ ତାରିଖରେ କଳିଙ୍ଗନଗର ଶିଳ୍ପାଞ୍ଚଳ ଗସ୍ତ କରି ବିସ୍ଥାପିତଙ୍କ ମିଶିବା ସହ ଅଜାଡ଼ି ଦେଇଥିଲେ ଅଜସ୍ର ପ୍ରତିଶ୍ରୁତି। ଶିଳ୍ପ କର୍ତ୍ତୃପକ୍ଷଙ୍କ ଅସହଯୋଗ ଉପରେ ବିକ୍ଷୋଦଗାର ମଧ କଲେ। ବିସ୍ଥାପିତଙ୍କ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ଭାବିଗରିବ ଆଦିବାସୀ ବିସ୍ଥାପିତମାନେ ଆଶା ବାନ୍ଧି ବସିଥିଲେ। ଇତିମଧ୍ୟରେ ବିଧାନସଭା ଗୃହ କମିଟି ଗସ୍ତର ଅଢେଇ ମାସ ଅତିକ୍ରାନ୍ତ ହୋଇସାରିଛି। ବିଡମ୍ବନା ଯେ, କମିଟି ପ୍ରତିଶ୍ରୁତି ଫସର ଫାଟିଛି। ଆଜି ବି ସାରଙ୍ଗପୁର, ବାରଗାଡିଆ ଓ ଏହାର ଆଖପାଖ ଗ୍ରାମବାସୀ କାରଖାନାର ବାୟୁ ପ୍ରଦୂଷଣରେ ଅତିଷ୍ଠ ହୋଇ ବିସ୍ଥାପିତ କରିବାକୁ ଆକୁଳ ନିବେଦନ କରୁଛନ୍ତି। ପ୍ରଦୂଷଣର ଶିକାର ହୋଇ ଯକ୍ଷ୍ମା, କିଡନୀ, କ୍ୟାନସର ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ନିଯୁକ୍ତି ପାଇଁ ଶିକ୍ଷିତ ଓ ବୈଷୟିକ ଡିଗ୍ରୀଧାରୀ କମ୍ପାନୀ କର୍ତ୍ତୃପକ୍ଷଙ୍କ ପାଖରେ ଆବେଦନ କରୁଛନ୍ତି। ହେଲେ କିଛି ଲାଭ ମିଳୁନି। ଶିଳ୍ପାଞ୍ଚଳର ରାସ୍ତାଘାଟକୁ ଦେଖିଲେ ଯେ କେହି ବି ଏହାର ବିକାଶ ସହଜରେ ଠଉରାଇ ପାରିବ। ଏଭଳି ସ୍ଥିତିରେ ବିଧାନସଭା ଗୃହ କମିଟି ଗସ୍ତ ନିର୍ବାଚନୀ ଚାଲ ଛଡା ଅନ୍ୟ କିଛି ନ ଥିଲା ବୋଲି ଅଞ୍ଚଳବାସୀ ମତପ୍ରକାଶ କରୁଛନ୍ତି।



ରାଜ୍ୟବାସୀଙ୍କ ଆର୍ଥିକ ଅଭିବୃଦ୍ଧି ନାମରେ ଅବିଚାରିତ ଶିଳ୍ପାୟନରେ ଓଡିଶା ସରକାର ଅଧିକ ଆଗ୍ରହ ଦେଖାଉଛନ୍ତି। କିନ୍ତୁ ବାସ୍ତବ ଚିତ୍ର ଓଲଟା ହୋଇଛି। କଳିଙ୍ଗନଗର ଶିଳ୍ପାୟନରେ ଏହା ଜଳଜଳ ହୋଇ ଦିଶୁଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ପ୍ରତିଷ୍ଠିତ ଶିଳ୍ପାୟନରେ କିଛି ମୁଷ୍ଟିମେୟଙ୍କୁ ଛାଡିଦେଲେ ଅନ୍ୟ ସାଧାରଣ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ହେବା ଦୂରର କଥା ବରଂ ୨୫ ବର୍ଷ ଧରି ସେମାନେ ପ୍ରଦୂଷଣ ଜ୍ୱାଳାରେ ଜର୍ଜରିତ। ଜୀବିକା ହରାଇଛନ୍ତି, ଲୋକେ ଭିଟାମାଟିରୁ ଉଚ୍ଛେଦ ହୋଇଛନ୍ତି। ଜଙ୍ଗଲ କଟିଛି, ଚାଷ ଜମି ସଂକୁଚିତ ହୋଇଛି, ନଦୀ, ନାଳା ପାଣି ଶିଳ୍ପ ଶୋଷିଛି ଆଦି ସମସ୍ୟାରେ ବିସ୍ଥାପିତ ରୁନ୍ଧି ହେଉଛନ୍ତି। ଗତ ଜୁଲାଇ ୨ ଓ ୩ରେ ବିଧାନସଭା ଗୃହ କମିଟି ଗସ୍ତ ଅବସରରେ ସଭ୍ୟମାନେ ଖୋଦ ଏହି ମତ ପ୍ରକାଶ କରିଥିଲେ। ବିଭିନ୍ନ କମ୍ପାନୀର ପରିଚାଳନା ନିର୍ଦ୍ଦେଶକମାନେ ଗୃହ କମିଟିକୁ ମଧ ମାନି ନାହାନ୍ତି। ତେଣୁ ୨୫ ବର୍ଷ ଧରି ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ରାଜନେତା କଣ ଶିଳ୍ପପତିଙ୍କ ମୋହରା ସାଜିଥିବା ଆଲୋଚନା ହେଉଛି।

ପ୍ରଭାବିତ ଓ ବିସ୍ଥାପିତଙ୍କ ଦୁଃଖ ଲାଘବ ନ କରି କେବଳ ଲୋକ ଦେଖାଣିଆ ଭାବେ ଶିଳ୍ପ ବିରୋଧି ମତ ଦେଉଛନ୍ତି। ନିର୍ବାଚନ ବର୍ଷରେ ଏହି ବିଧାନସଭା ଗୃହ କମିଟିର କଳିଙ୍ଗନଗର ଗସ୍ତ ରାଜନୈତିକ ପ୍ରଣୋଦିତ ଥିଲା ବୋଲି ଚର୍ଚ୍ଚା ହେଉଛି। ଉପବାଚସ୍ପତି ସୁଦାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ନୀଳାଚଳ ହାଉସରେ ଗୃହ କମିଟିର ସମୀକ୍ଷା ହୋଇଥିଲା। ମାତ୍ର ବିଡମ୍ବନା ଯେ, ନୀଳାଚଳ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମଡି)ଙ୍କୁ ବାଦ ଦେଲେ ସେଠାରେ କୌଣସି କମ୍ପାନୀ ଏମଡିସ୍ତରୀୟ ଅଧିକାରୀ ଉପସ୍ଥିତ ନ ଥିଲେ। ଆଲୋଚନା ଏକ ପ୍ରକାର ବିଫଳ ହୋଇଥିଲା। ଏଥିରୁ କଳିଙ୍ଗନଗର ଶିଳ୍ପ ମାଲିକମାନେ ଗୃହ କମିଟିକୁ କେତେ ଗୁରୁତ୍ୱ ଦେଇଥିଲେ ତାହା ସ୍ପଷ୍ଟ ବାରି ହୋଇ ପଡିଥିଲା। ଏହାପରେ ଏନେଇ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ହୋଇ ପାରି ନ ଥିଲା। କମିଟି ଓ ଶିଳ୍ପ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା ବୋଲି କୁହାଯାଉଛି। ପୂର୍ବରୁ ଅନୁରୂପ ଭାବେ ଅନେକ ଥର ଗୃହ କମିଟି କଳିଙ୍ଗନଗର ଗସ୍ତରେ ଆସି ଫେରିଛନ୍ତି। କିନ୍ତୁ ସମାଧାନ ପରିବର୍ତ୍ତେ ସମସ୍ୟା ବଢିଥିବା ସେତେବେଳେ କମିଟି ପକ୍ଷରୁ କୁହାଯାଇଥିଲା। କମିଟିର ଗସ୍ତ ଅବସରରେ କଳିଙ୍ଗନଗର ଶିଳ୍ପାଞ୍ଚଳର ତ୍ରିଜଙ୍ଗା କଲୋନୀ, ବରପାଳ, ଟାଙ୍ଗରସାହି, ଚାନ୍ଦିଆ, ଅରାସାହି, ସାରଙ୍ଗପୁର, କୁଡୁମୀସାହି, ଗୋବରଘାଟି, ସଂସାଇଲୋ, ଭିତରମାଣିଆ ଗ୍ରାମକୁ ଯାଇଥିଲେ। ଏହିସବୁ ସ୍ଥାନରେ ସ୍କୁଲ, ରାସ୍ତା, ପାଣି, ସ୍ୱାସ୍ଥ୍ୟ, ପ୍ରଦୂଷଣ ଆଦି ସମସ୍ୟା ଲାଗି ରହିଥିବା ସେମାନେ ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ, ଶିଳ୍ପାଞ୍ଚଳର ରାସ୍ତାଘାଟ କାର୍ଯ୍ୟ ଆରଡି ବିଭାଗକୁ କରିବାକୁ ନିର୍ଦ୍ଦେଶ ହୋଇଛି। ଆରଡି ବିଭାଗ ନ କଲେ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟ ସମସ୍ୟାଗୁଡିକର ସମାଧାନ କରିବାକୁ ପ୍ରଶାସନିକସ୍ତରରେ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି।

## ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

ସୁକିନ୍ଦା, ୨୧।୯(ଡି.ଏନ.ଏ.)

ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବତୀ ପ୍ରେମିକଙ୍କ ନାମରେ ପ୍ରତାରଣା ଅଭିଯୋଗ ଆଣିବା ପରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ବାହାବଳପୁର ଗ୍ରାମର ଉଦୟ ରାଉତ (୨୨)। ଉଦୟ ଓ ସମ୍ପୃକ୍ତ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଏଥିସହ ଦୁହେଁ ବିବାହ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । ଗତ କିଛିଦିନ ତଳେ ଯୁବତୀ ଜଣଙ୍କ ଗର୍ଭବତୀ ଥିବା ଜଣାପଡ଼ିବା ପରେ ଯୁବତୀଙ୍କ ପିତା ଉଦୟଙ୍କ ଘରକୁ ଯାଇ ଝିଅଙ୍କୁ ଛାଡି ଆସିଥିଲେ । ମାତ୍ର ଉଦୟ ଯୁବତୀଙ୍କୁ ଗ୍ରହଣ କରିବାକୁ ମନା କରିଦେଇଥିଲେ । ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଗ୍ରାମବାସୀ ଏହାର ଆପୋସ ସମାଧାନ ନିମନ୍ତେ ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥିଲେ। ଏହାକୁ ନେଇ ଦୁଇ ପରିବାର ପକ୍ଷରୁ ଥାନାରେ ପୃଥକ ଭାବରେ ୨ଟି ଏତଲା ଦିଆଯାଇଥିଲା। ତେବେ ମାମଲାର ସମାଧାନ ନ ହେବାରୁ କେସ୍ ପଞ୍ଜୀକୃତ ହେବା ସହିତ ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା। ଏ ନେଇ ପୋଲିସ ଏକ ମାମଲା (୧୧୪/୨୦୧୮) ରୁଜୁକରି ଉଦୟଙ୍କୁ ଗିରଫକରିଥିଲା।

## ରାସ୍ତା ନିର୍ମାଣକୁ ନେଇ ମାରପିଟ ଘଟଣା

# ଏସ୍‌ପିଙ୍କୁ ଭେଟିବା ପରେ ମାମଲା ରୁଜୁକଲା ପୋଲିସ

କୋରେଇ,୨୧।୯(ସ୍ୱ.ପ୍ର.)

ରାସ୍ତା ନିର୍ମାଣକୁ ନେଇ ମାରପିଟ୍ ଘଟଣାରେ ଶାଶୁ, ବୋହୂ ଶୁକ୍ରବାର ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ପରେ କୁଆଖିଆ ପୋଲିସ ଏକ ମାମଲା(୧୫୫/୧୮) ରୁଜୁ କରିଛି। ପ୍ରକାଶ ଯେ, ଗତ ୧୫ ତାରିଖରେ କୁଆଖିଆ ଥାନା ଅନ୍ତର୍ଗତ ପାରିକଇଁଚି ଗ୍ରାମରେ ହରିଜନ ସାହିଠାରୁ ବୈଷ୍ଣବ ସାହି ପର୍ଯ୍ୟନ୍ତ ଏକ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଉଥିଲା। ଏହି ସମୟରେ ବ୍ୟକ୍ତିଗତ ସ୍ଥାନରେ ପିଣ୍ଡା ହାଣି ରାସ୍ତା ନିର୍ମାଣ କରାଯାଉଥିବାବେଳେ ସାରିଆ ଓ ତାଙ୍କ ପୁତୁରା ବୋହୂ ରଞ୍ଜିତା ବିରୋଧ କରିଥିଲେ। ଫଳରେ କାମ କରୁଥିବା କାର୍ତ୍ତିକ ଦାଶ, ତପନ ମଲିକ, ପ୍ରଶାନ୍ତ ମଲିକ, ରସାନନ୍ଦ ମଲିକ, ଅଜୟ ମଲିକ, ନାରାୟଣ ମଲିକ, ସୁବଳ ମଲିକ ପ୍ରମୁଖ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଖବରପାଇ କୈଳାସ ଓ ପୁତୁରା ଚନ୍ଦନ ପ୍ରତିବାଦ କରିବାରୁ ସେମାନେ ଦୌଡି ପଳାଇଥିଲେ । ସାରିଆ ଓ ରଞ୍ଜିତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ କୈଳାସ ଓ ଚନ୍ଦନ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୋଗ ରଖି ନ ଥିଲା କି ଘଟଣାସ୍ଥଳକୁ ଯାଇ ତଦନ୍ତ କରି ନ ଥିବା ଜଣାପଡିଛି। ଏ ସମ୍ପର୍କରେ କୁଆଖିଆ ଥାନାଧିକାରୀ ଆଶିଷ ସାହୁଙ୍କୁ ପଚାରିବାରେ, ଆମେ ମାମଲା ରୁଜୁ କରିଛୁ । ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



## ସାଇକେଲକୁ ପିଟିଲା ଟ୍ରେଲର, ୨ ଗୁରୁତର

କୋରେଇ,୨୧।୯(ସ୍ୱ.ପ୍ର.)

କୋରେଇ ଥାନା ଅଧୀନ ୨୦ ନଂ. ଜାତୀୟ ରାଜପଥ ଯାଜପୁରରୋଡ-ପାଣିକୋଇଲି ରାସ୍ତାର ଧନପୁର ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରେଲର ଭାରସାମ୍ୟ ହରାଇ ରାସ୍ତାରେ ଥିବା ଦୁଇଟି ସାଇକେଲ ଉପରେ ଚଢିଯାଇଥିଲା। ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଅଢେଇବାଟିଆ ଗ୍ରାମର ବାସୁଦେବ ବୋଇତାଇ ଏବଂ ସୁଶାନ୍ତ ବୋଇତାଇ। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଟାଟାରୁ ଆସୁଥିବା ଟ୍ରେଲର ହଠାତ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ସାଇକେଲ ଉପରେ ଚଢାଇ ଦେଇଥିଲା। ସ୍ଥାନୀୟଲୋକେ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲର ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି।

## ମୂର୍ତ୍ତି ନିର୍ମାଣ ଲାଗି ମାଟି ଉଠାଣ



ଦୁର୍ଗାପୂଜା ପାଇଁ ମାଟିଉଠାଣ କରାଯାଉଛି।

ଧର୍ମଶାଳା, ୨୧।୯(ଡି.ଏନ୍.ଏ.)

ପବିତ୍ର ସୁନିଆ ଅବସରରେ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷର ଶୁକ୍ରବାର ମା’ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ପୀଠରୁ ମାଟି ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ଜଳଧର ମହାନ୍ତିଙ୍କ ନେତୃତ୍ୱରେ ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମାଟି ଉଠାରେ ସହଯୋଗ କରିଥିଲେ । ଚଳିତବର୍ଷ ପୂଜା ମହାଆଡ଼ମ୍ବର ସହକାରେ ପାଳନ କରାଯିବ ବୋଲି ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଇନ୍ଦ୍ରମଣି ନାୟକ, ଆନନ୍ଦ ବିହାରୀ ନାୟକ, ସୁଦୀପ୍ତ କୁମାର ସ୍ୱାଇଁ, ଅଜୟ କୁମାର ମହାପାତ୍ର, ରାଜକିଶୋର ଶତପଥୀ, କିଶୋର ଚନ୍ଦ୍ର ନାୟକ, ଅନିରୁଦ୍ଧ ରାଉତ, ଅର୍ଜୁନ ସାହୁ ପ୍ରମୁଖ ସହୋଯଗ କରିଥିଲେ ।

## ଝଗଡ଼ା ସମାଧାନ କରିବାକୁ ଆସି ଝିଅ ଶାଶୁଘରେ ମାଡ଼ ଖାଇଲେ ବାପା,ଦାଦା

ଦଶରଥପୁର,୨୧।୯(ଡିଏନ୍ଏ)

ଝିଅ ଶାଶୁଘରେ ହୋଇଥିବା ଝଗଡାର ସମାଧାନ କରିବାକୁ ଆସିଥିବା ଝିଅର ବାପା,ଦାଦା ଓ ସମ୍ପର୍କୀୟଙ୍କୁ ଶୁକ୍ରବାର ଶାଶୁଘର ଲୋକେ ନିସ୍ତୁକ ମାଡମାରିଥିଲେ। ଏ ନେଇ ବୋହୂ ଶାଶୁଘର ବିରୋଧରେ ଅଭିଯୋଗ କରିଥିବାବେଳେ ଶ୍ୱଶୁର ବୋହୂ ବାପଘର ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଭଦ୍ରକ ଜିଲା ଧାମନଗର ଥାନା ମାଳସାହି ଗ୍ରାମର ମଦନ ସାହୁଙ୍କ ଝିଅ ସୁଜାତା ଯାଜପୁର ଜିଲା ମଙ୍ଗଳପୁର ଥାନା ଅସନପୁର ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡା ଗ୍ରାମର ମଙ୍ଗୁଳି ସାହୁଙ୍କ ପୁଅ ପ୍ରଭାକରଙ୍କୁ ଗତ ମେ ୬ ତାରିଖରେ ବିବାହ କରିଥିଲେ। ସୁଜାତାଙ୍କ ସ୍ୱାମୀ ଭୁବନେଶ୍ୱରରେ ଏକ ହୋଟେଲ୍‌ରେ ରହି କାମକରନ୍ତି । ବିବାହ ପରଠାରୁ ଛୋଟଛୋଟ କଥାକୁ ନେଇ ଶାଶୁ ଅମ୍ବିକା ସାହୁ ଏବଂ ଶ୍ୱଶୁର ତାଙ୍କୁ ମାନସିକ ଯନ୍ତ୍ରଣା ଦେଇଆସୁଥିଲେ । ସୁଜାତା ଅତ୍ୟାଚାର ସମ୍ପର୍କରେ ସ୍ୱାମୀ ଓ ବାପଘର ଲୋକଙ୍କୁ ଫୋନ୍ ଯୋଗେ ଜଣାଇଥାନ୍ତି। ଗଣେଶ ପୂଜା ପାଇଁ ସୁଜାତା ବାପ ଘରକୁ ଯାଇଥିବାବେଳେ ପ୍ରଭାକର ମଧ ଭୁବନେଶ୍ୱରରୁ ଶ୍ୱଶୁରଘରକୁ ଯାଇଥିଲେ । ଗୁରୁବାର ପ୍ରଭାକର ସ୍ତ୍ରୀଙ୍କୁ ଧରି ଘରକୁ ଫେରିବା ପରେ ପାଟିତୁଣ୍ଡ ହୋଇଥିଲା । ଶୁକ୍ରବାର ସକାଳେ ଶାଶୁ ଓ ଶ୍ୱଶୁର ସୁଜାତାଙ୍କୁ ଗାଳିଗୁଲଜ କରିବା ସହ ବିଷ ଦେଇ ସ୍ୱାମୀ ଓ ସ୍ତ୍ରୀଙ୍କୁ ମାରିଦେବାକୁ କହିଥିଲେ। ସୁଜାତା ଏହି ଘଟଣା ସମ୍ପର୍କରେ ବାପଘର ଲୋକଙ୍କୁ ଜଣାଇଥିଲେ । ଫୋନ୍‌ପାଇ ସୁଜାତାଙ୍କ ବାପା ସାନଭାଇ ଓ ଗ୍ରାମର କେତେଜଣ ଭଦ୍ରଲୋକଙ୍କୁ ଧରି ଝିଅର ଶାଶୁ ଘରେ ପହଞ୍ଚିଥିଲେ। ପହଞ୍ଚିବା ପରେ ମଙ୍ଗୁଳି ଓ ଅମ୍ବିକା ସେମାନଙ୍କୁ ମାଡ଼ ମାରିବା ସହ ସୁଜାତା ଓ ପ୍ରଭାକରଙ୍କୁ ଘରେ ପୂରାଇ ତାଲା ପକାଇ ଦେବାକୁ କହିଥିବା ସୁଜାତା ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ସମୁଦି ତାଙ୍କ ଝିଅ କଥାରେ ପଡ଼ି ମଙ୍ଗୁଳି, ଅମ୍ବିକା ଓ ଗ୍ରାମର ଉମେଶ ସାମଲଙ୍କୁ ଆକ୍ରମଣ କରିଥିବା ମଙ୍ଗୁଳି ଅଭିଯୋଗରେ ଦର୍ଶାଇଛନ୍ତି।

## ମଦ ବେପାରକୁ ନେଇ ବିବାଦ, ୫ ଅଟକ

# ହାତଗୋଡ଼ ବନ୍ଧା ଅବସ୍ଥାରେ ଯୁବକ ଉଦ୍ଧାର

କୋରେଇ,୨୧।୯(ସ୍ୱ.ପ୍ର.)

ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କ ହାତଗୋଡ ବାନ୍ଧି ରାସ୍ତାରେ ପକାଇ ଦେଇଥିବାବେଳେ ପୋଲିସ ତାଙ୍କୁ ଉଦ୍ଧାର କରିଛି। ଏ ନେଇ ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ୨ଟି ମାମଲା(୧୪୩/୧୮ ଓ ୧୪୪/୧୮) ରୁଜୁ କରିବା ସହ ୫ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।
ପ୍ରକାଶ ଯେ, ମାଧପୁର ଗ୍ରାମର ଚକ୍ରଧର ସାହୁ ଓ ରାଜକିଶୋର ସାହୁ ମଦ ବ୍ୟବସାୟ କରନ୍ତି। ଗତ ମଙ୍ଗଳବାର ଅବକାରୀ ବିଭାଗ ରାଜକିଶୋରଙ୍କ ଘରେ ଚଢାଉ କରିଥିଲେ ମଧ ମଦ ନ ପାଇ ଫେରିଯାଇଥିଲେ । ହେଲେ ଚକ୍ରଧରଙ୍କ ଦ୍ୱାରା ଅବକାରୀ ବିଭାଗର ଚଢାଉ କରାଯାଇଥିବା ନେଇ ରାଜକିଶୋରଙ୍କ ପରିବାର ଲୋକେ ସନ୍ଦେହ କରି ତାଙ୍କ ଉପରେ ରାଗ ରଖିଥିଲେ। ଗୁରୁବାର ରାତିରେ ଚକ୍ରଧର ପ୍ରତିଦିନ ପରି ମାଧପୁର ବନ୍ଧରୁ ଶୌଚ ହୋଇ ଆସୁଥିବାବେଳେ ରାଜକିଶୋରଙ୍କ ପରିବାର ଲୋକେ ତାଙ୍କୁ ଟେକି ନେଇ ହାତଗୋଡ଼ ବାନ୍ଧି ପକାଇ ଦେଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚକ୍ରଧରଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା ।

## ସ୍ୱନକ୍ଷତ୍ର ଉତ୍ସବ, ସମ୍ବର୍ଦ୍ଧନା ସଭା




ସୁକନ୍ୟାର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା, ୨୧।୯(ଡି.ଏନ୍.ଏ.)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁକନ୍ୟାର ଦ୍ୱିତୀୟ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ଶୁକ୍ରବାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଏମ୍‌ପି ରୀତା ତରାଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନେହେରୁ ଯୁବକେନ୍ଦ୍ର ଜିଲାଯୁବ ସଂଯୋଜକ ଅଶୋକ କୁମାର ଦାଶ, ଭେଷଜ ଉତ୍ପାଦନ ନିରୀକ୍ଷକ ହରପ୍ରିୟା ମଲ୍ଲିକ, ଦିଲୀପ କୁମାର ଚୌଧୁରୀ ଯୋଗଦେଇଥିଲେ। ରାକେଶ ବେହେରାଙ୍କ ରଚିତ ପୁସ୍ତକ ଏଇତ ଦୁନିଆ ଅତିଥିମାନେ ଉନ୍ମୋଚନ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟପାଇଁ ପ୍ରତିଭାଧର ବ୍ୟକ୍ତିତ୍ୱ ଏମ୍‌ପି ରୀତା ତରାଇ, ଅଶୋକ କୁମାର ପଣ୍ଡା, ବିଧୁଭୂଷଣ ପଣ୍ଡା, ପ୍ରଶାନ୍ତ କୁମାର ଜେନା, ଅନିରୁଦ୍ଧ ସାମନ୍ତରାୟ, ସ୍ମରଣିକା ଦାସ, ଗୌତମ ସାହୁ, ସୁଶ୍ରୀ ବିଭାରାଣୀ ପାତ୍ର, ରଞ୍ଜନ କୁମାର ମହାପାତ୍ର, ସୁଦ୍ଧା ପଟ୍ଟନାୟକ, ବୀଣାପାଣି ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ସୁନାକର ସାହୁ ସ୍ୱାଗତ ଭାଷଣ, ଇନ୍ଦୁପ୍ରଭା ସମାଲ ଅତିଥି ପରିଚୟ ପ୍ରଦାନ, ରଞ୍ଜିତା ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଅଜୟ କୁମାର ବାରିକ, ଶ୍ରୀପଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଣ୍ଡିଖୋଲ ନାଟ୍ୟାୟନ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ ଅଲୋଡ଼ା ମଞ୍ଚସ୍ଥ ହୋଇଥିଲା।

## କାର୍-ବାଇକ୍ ମୁହାଁମୁହିଁ, ଚାଳକ ମୃତ

ଦଶରଥପୁର,୨୧।୯(ଡିଏନ୍ଏ)

ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା କୟାଁଗୋଲା ସେତୁ ଉପରେ ଶୁକ୍ରବାର ସନ୍ଧ୍ୟାରେ କାର୍-ବାଇକ୍ ଧକ୍କାରେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ଦୋହରାପାଟଣା ଗ୍ରାମର ନୀଳମାଧବ ନାୟକ(୨୩)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା(୨୨୪/୧୮) ରୁଜୁ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବ ବୋଲି ଏସ୍‌ଆଇ ସୁଧୀର ବିଶ୍ୱାଳ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଭଦ୍ରକରୁ ଏକ କାର୍(ଓଡି-୦୨-ଏ-ଏନ୍-୨୨୫୧) ମଙ୍ଗଳପୁର ଆଡକୁ ଆସୁଥିଲା। ଏହି ସମୟରେ ନୀଳମାଧବ ମଙ୍ଗଳପୁର ବଜାରସ୍ଥିତ ଭିଣୋଇଙ୍କ ଦୋକାନ ଲକ୍ଷ୍ମୀ ଟ୍ରେଡର୍ସକୁ ଆସୁଥିବା ସମୟରେ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟକି ପଡ଼ି ପୋଲ ବାଡ଼ରେ ପିଟି ହେବାରୁ ତାଙ୍କ ଖପୁରୀ ବାହାରିଯାଇଥିଲା।

## ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ

ଚଣ୍ଡିଖୋଲ,୨୧।୯(ଡ.ଏନ.ଏ.)



- ଖାଲଖମା ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଛି
- ରାଜପଥ ନିକଟସ୍ଥ ଅନେକ ସେତୁ ଦୁର୍ବଳ ହୋଇପଡ଼ିଛି
- ତୁରନ୍ତ ରାସ୍ତା ମରାମତି ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ

ଚଣ୍ଡିଖୋଲ-ପାରାଦୀପ ୫ନଂ.(କ) ଜାତୀୟ ରାଜପଥ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବାବେଳେ ରାଜପଥରେ ଟୋଲଗେଟ୍ ବସାଯାଇ ଟିକସ ଆଦାୟ କରାଯାଉଛି। ୧୯୬୭ରେ ନିର୍ମାଣ ହୋଇଥିବା ଏହି ରାଜପଥ ପ୍ରଥମେ ଦ୍ୱରିତ ରାଜପଥ ଭାବେ ନାମିତ ହୋଇଥିଲା। ପରବର୍ତ୍ତୀ ସମୟରେ ଦୁଇଥାକିଆ ବିଶିଷ୍ଟ ଏହି ରାଜପଥ ୫ ନଂ.(କ) ଭାବେ ନାମିତ ହୋଇଥିଲା। ଏବେ ୪ ଥାକିଆ ବିଶିଷ୍ଟ ଏହି ରାଜପଥର ପୋଲଗୁଡ଼ିକ ଦୁର୍ବଳ ଅବସ୍ଥାରେ ରହିଛି। ପୋଲର ପୁନଃ ମରାମତି କରାଯାଇନାହିଁ। ରାଜପଥର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେବା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ଏବେ ଏହି ରାଜପଥ ମରଣଯନ୍ତା ପାଲଟିଛି। ଏହାର ମରାମତି ପାଇଁ ରାଜପଥ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଆସୁଥିଲେ ମଧ ଏଯାବତ୍ କାମ ଆରମ୍ଭ ହୋଇନାହିଁ। ଏହି ରାଜପଥର ବେଣାପୁରଠାରେ ବଡ଼ ଗେଙ୍ଗୁଟି ନଦୀର ସେତୁ, ନାନପୁରଠାରେ ବିରୂପା ନଦୀର ସେତୁ, ପଟ୍ଟମୁଣ୍ଡାଇ-ଜଗତପୁର କେନାଲର ସେତୁ ଓ ଗୋବରୀ ନଦୀର ଓଳାଶୁଣୀ ନିକଟରେ ହୋଇଥିବା ସେତୁଗୁଡ଼ିକ ଦୁର୍ବଳ ଅବସ୍ଥାରେ ରହିଛି। ଗତ କିଛିଦିନ ତଳେ ନାନପୁରଠାରେ ବିରୂପା ନଦୀ ସେତୁ ଉପରୁ ଜଣେ ଯୁବକ ଖସିପଡ଼ି ଗୁରୁତର ହୋଇଥିଲେ। ଏହି ସେତୁଗୁଡ଼ିକ ମରାମତି ନହେବା ଯୋଗୁ ଏହା ଉପରେ ଖାଲଖମା ସୃଷ୍ଟି ହୋଇଛି। ଏହି ରାଜପଥର ଶ୍ରୀରାମପୁରଠାରେ ଟୋଲ ଟିକସ ଆଦାୟ କରାଯାଉଛି। ଟୋଲ ଟିକସ ନିଆଯାଉଥିବା ଜାତୀୟ ରାଜପଥଗୁଡ଼ିକ ଖରାପ ହେବା ମାତ୍ରେ ସଙ୍ଗେ ସଙ୍ଗେ ମରାମତି କରାଯିବାର ନିୟମ ରହିଛି। ହେଲେ କର୍ତ୍ତୃପକ୍ଷ ନିୟମ ମାନୁ ନ ଥିବା ଜଣାପଡିଛି। ତୁରନ୍ତ ଜାତୀୟ ରାଜପଥ ମରାମତି କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଶିଶୁ ମୋହନଙ୍କୁ ପଚାରିବାରେ, ରାଜପଥର କେତେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ଖବର ପାଇଛୁ। ବର୍ଷାଦିନ ପରେ ମରାମତି କରାଯିବ ବୋଲି ସେ କହିଥିଲେ।



ପ୍ରେମକୁ ପ୍ରାର୍ଥନା କର, ଆଉ ହିଂସାକୁ ପରିହାର କର,
ଜଗତ ତୁମ ଆଡ଼କୁ ଆକୃଷ୍ଟ ହେବ ହିଁ ହେବ।
– ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ପାଣି ଜମି ଧାନ ଫସଲ ନଷ୍ଟ

ତିର୍ତ୍ତୋଲ,୨୧।୯(ଡି.ଏନ.ଏ.): ଗତ ସପ୍ତାହର ଲଗାଣ ବର୍ଷା ଫଳରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଗୁଣ୍ଠିଲ ଗହୀରରେ ୧୦୦ରୁ ଊର୍ଦ୍ଧ୍ୱ ଏକର ଚାଷ ଜମି ଜଳମଗ୍ନ ହୋଇ ରହିଛି। ଏହି ଜଳ ନିଷ୍କାସନ ହୋଇପାରୁ ନ ଥିବାବେଳେ ଦୁଇ ଦିନ ହେବ ପୁଣି ବର୍ଷା ହେବାରୁ ଉଦ୍‌ବୃତ୍ତ ବର୍ଷା ଜଳସ୍ତର ବୃଦ୍ଧି ପାଇଛି। ଧାନ ଫସଲ ଉପରେ ୩ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଛି। ଫଳରେ ଏସବୁ ଚାଷଜମିରେ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଏହାକୁ ନେଇ ଗୁଣ୍ଠିଲ, କୋଷ୍ଟି ଓ ହମିରପୁର ପ୍ରଭୃତି ଗ୍ରାମର ବହୁ ଚାଷୀ ଚିନ୍ତାରେ ପଡିଛନ୍ତି। ବହୁ ଅର୍ଥ ଖର୍ଚ୍ଚ କରି ଧାନ ତଳି ରୋଇବା ସହ ସାର ଆଦି ପକାଇ ଭଲ ଫସଲ ଅମଳ ହେବ ବୋଲି ଆଶା କରିଥିବା ଚାଷୀ ଏବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। କୃଷି ବିଭାଗ ତରଫରୁ ଅଧିକାରୀମାନେ ଜଳମଗ୍ନ ଚାଷଜମି ପରିଦର୍ଶନ କରିଛନ୍ତି। ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର କୁଅଁର, ୱାର୍ଡ ସଭ୍ୟ ସମୀର ନାୟକଙ୍କ ସମେତ ଚାଷୀମାନେ କ୍ଷତିପୂରଣ ସହାୟତା ଯୋଗାଇଦେବା ନିମନ୍ତେ ଦାବି କରିଛନ୍ତି।

### ମହରମ ପର୍ବ ପାଳିତ

ବିରିଡ଼ି,୨୧।୯(ଡି.ଏନ.ଏ.): ବିରିଡ଼ି ବ୍ଲକ ଅଞ୍ଚଳରେ ଥିବା ସମସ୍ତ ମୁସଲମାନ ବସ୍ତିରେ ମହରମ ପର୍ବ ପାଳିତ ହୋଇଛି। ଏହି ଉପଲକ୍ଷେ ମଜସିଦରେ କୋରାନ ଓ ନମାଜ ପାଠ କରାଯିବା ସହ ସିରିଣୀ ଲାଗି କରାଯାଇଥିଲା। ୧୦ ଦିନ ଧରି ପାଳିତ ହୋଇ ଆସୁଥିବା ଏହି ପର୍ବ ଶୁକ୍ରବାର ସମାପ୍ତ ହୋଇଥିଲା। ଏହି ଉପଲକ୍ଷେ ବିରିଡ଼ି ବ୍ଲକର ବେତମାଳିଆ ମୁସଲମାନ ବସ୍ତିରେ ତାଜିଆ ବାହାରିବା ସହ ଆଖଡ଼ା କରାଯାଇଥିଲା। ଏହି ମହରମ ପର୍ବ ବିରିଡ଼ି ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ କରାଯାଇଛି ବୋଲି ଜଗତସିଂହପୁର ଜିଲା ସଂଖ୍ୟା ଲଘୁ ସେଲର ସଭାପତି ମୀର ଆଜମୀର ଅଲ୍ଲୀ ପ୍ରକାଶ କରିଛନ୍ତି।

### ନଳିନୀ ଦେବୀ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ

ବାଲିଆ,୨୧।୯: ବିରିଡ଼ି ବ୍ଲକ ଅଡଙ୍ଗ ମଜୁରାଇର ଶାସନସ୍ଥିତ ନଳିନୀ ଦେବୀ ଉନ୍ନିତ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସ୍ୱଚ୍ଛତା ପକ୍ଷ ପାଳନ ଉପରେ ବକ୍ତୃତା, ସଙ୍ଗୀତ, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ଅଜୟଲକ୍ଷ୍ମୀ ଆଚାର୍ଯ୍ୟ, ସକିଲା ଖାତୁନ, ଭାରତୀ ମହାନ୍ତି, ଜ୍ୟୋସ୍ନାରାଣୀ ଦାସ, ରେବତୀ ମଲ୍ଲିକ, ଶିକ୍ଷକ ହାରୁନ୍ ରସିଦ, ସୁଦାମ ନାୟକ, ଗୋଲେଖ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଯନ୍ତ୍ରୀ, ଠିକାଦାରଙ୍କ ସଲାସୁତରାରେ ଚାଲିଛି ପ୍ରକଳ୍ପ

ରାହାମା,୨୧।୯(ଡି.ଏନ୍.ଏ.): କୁଜଙ୍ଗ ଜଳ ଓ ପରିମଳ ବିଭାଗ ଦ୍ୱାରା ନିର୍ମଳ ଜଳ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଏହି ବ୍ଲକ ପୋତାନଈ ପଞ୍ଚାୟତ ଚନ୍ଦାପାଟଠାରେ ୬୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିବା ପ୍ରକଳ୍ପର କାର୍ଯ୍ୟାଦେଶ ଜଣେ ଠିକାଦାରଙ୍କ ନାମରେ ଦିଆଯାଇଛି। ମାତ୍ର ସମ୍ପୃକ୍ତ ଠିକାଦାର କାର୍ଯ୍ୟ ନ କରି ଅନ୍ୟ ଜଣଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କୁ ହାତ କରି ଅତି ନିମ୍ନମାନର କାର୍ଯ୍ୟ ଚଳାଇଥିବା ଅଭିଯୋଗ ହେଉଛି। ବାରମ୍ବାର ଏନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏବେ ସେହି ପ୍ରକଳ୍ପର ପାଣି ଟାଙ୍କି ନିର୍ମାଣ କରାଯାଉଛି। ଏହି ପାଣି ଟାଙ୍କିଟି ଏକ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ। ଠିକାଦାର ଏରସମା ଅନ୍ଧାରିରୁ ବାଲି ଆଣି ଏହି ଟାଙ୍କି ନିର୍ମାଣ କରୁଛନ୍ତି। ଅନ୍ଧାରିରୁ ଆଣୁଥିବା ବାଲି ଶତ ପ୍ରତିଶତ ଲୁଣାବାଲି ହୋଇଥିବାରୁ ପାଣି ଟାଙ୍କିର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋତାନଈ ସରପଞ୍ଚ ଓ ସମିତି ସଭ୍ୟା ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ କହିଥିଲେ ମଧ ଠିକାଦାର ଓ କନିଷ୍ଠ ଯନ୍ତ୍ରୀ ମିଶି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଚାଲିଛନ୍ତି। ଶତପ୍ରତିଶତ ଲୁଣା ବାଲିରେ କାର୍ଯ୍ୟ କଲେ ଏହା ଶୀଘ୍ର ଭୁଷୁଡି ପଡିବ ବୋଲି ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ମିତାରାଣୀ ମାଝିଙ୍କୁ ପଚାରିବାରେ ସେ କହିଲେ ଯେ, ଅଭିଯୋଗ ହେବା ପରେ ଉକ୍ତ ବାଲି ପରୀକ୍ଷା ପାଇଁ ପଠାଯାଇଛି। ଏ ବିଷୟରେ ବିଭାଗୀୟ ଅଧିକାରୀମାନେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ବିଶ୍ୱକର୍ମା ପୂଜାକୁ ବର୍ଷା ମାଡ଼, ଆଗୁଆ ହେଲା ଭସାଣି

ପାରାଦୀପ,୨୧।୯(ସ୍ୱ.ପ୍ର.)

ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଚଳିତବର୍ଷ ଲଘୁଚାପ ଜନିତ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ପବନରେ ବିଭିନ୍ନ ସଂଗଠନ ପକ୍ଷରୁ କରାଯାଇଥିବା ସୁଦୃଶ୍ୟ ତୋରଣ ସବୁ ଭାଙ୍ଗି ପଡିବା ସହ ଆଲୋକ ସାଜସଜା ନଷ୍ଟ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ପୂଜା ପାଇଁ ଖୋଲିଥିବା ଦୋକାନ ବଜାର ମଧ କ୍ଷତିଗ୍ରସ୍ତ ହୋଇଛି। ଫୁଟ୍‌ପାଥରେ ହୋଇଥିବା ଦୋକାନଗୁଡିକରେ ପାଣି ପଶିଯିବାରୁ ସମ୍ପୃକ୍ତ ବ୍ୟବସାୟୀମାନେ ହଇରାଣ ହୋଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତବର୍ଷ ଆୟୋଜକମାନେ ଭସାଣି ଉତ୍ସବ ଆଗୁଆ ଆରମ୍ଭ କରିଛନ୍ତି। ଅର୍ଥାତ୍ ଆସନ୍ତା ୨୪ ତାରିଖ ଆଡ଼କୁ ହେବାକୁ ଥିବା ଭସାଣି ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଶୁକ୍ରବାର ପାରାଦୀପ–ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ, ପାରାଦୀପ ଟ୍ରକ୍ ମାଲି ସଂଘ ସମେତ ଆଉ କେତେକ ଛୋଟ ସଂଘ ପକ୍ଷରୁ ଭସାଣି ହୋଇଛି। ତେବେ ଜଗନ୍ନାଥ ଟ୍ରକ୍ ମାଲିକ ସଂଘ, ଜିଲା ଟ୍ରକ୍ ମାଲିକ ସଂଘ, ଡମ୍ଫର ମାଲିକ ସଂଘ ସମେତ ୧୦ରୁ ଊର୍ଦ୍ଧ୍ୱ ସଂଘ ରବିବାର ଭସାଣି ଉତ୍ସବ କରିବେ। ଶୁକ୍ରବାର ଯଦିଓ ସେଭଳି ଲଗାଣ ବର୍ଷା ହୋଇନାହିଁ, ତେବେ ପବନର ବେଗ ପୂର୍ବ ଭଳି ଅଧିକ ରହିଛି। ଏହା ସତ୍ତ୍ୱେ ସ୍ଥାନୀୟ ଲୋକେ ପୂଜା ଅଞ୍ଚଳ ବୁଲୁଛନ୍ତି। କିନ୍ତୁ ଆଲୋକ ସାଜସଜା ନ ଥିବାରୁ ସବୁ ଫିକା ଫିକା ଲାଗୁଛି।

### ହେଲାନି ପୁରସ୍କାର ବିତରଣ ଉତ୍ସବ, ବର୍ତ୍ତିଗଲେ ବସନ୍ତ

ପ୍ରତିବର୍ଷ ବିଶ୍ୱକର୍ମା ପୂଜାରେ ସ୍ୱତନ୍ତ୍ର ଭାବେ ପୁରସ୍କାର ବିତରଣ ଉତ୍ସବ ହୋଇଥାଏ। ଏଥିରେ ଶ୍ରେଷ୍ଠ ପୂଜା ମଣ୍ଡପ ତଥା ତୋରଣକୁ ସ୍ଥାନୀୟ ବିଧାୟକ ଦାମୋଦର ରାଉତ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥାନ୍ତି। ତେବେ ଚଳିତବର୍ଷ ବର୍ଷା ବାଧକ ସାଜିବାରୁ ଶୁକ୍ରବାର ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବ ହୋଇପାରିନାହିଁ। ଅନ୍ୟପକ୍ଷରେ ଝଡ଼ ବର୍ଷା ପୂଜା ଉତ୍ସବକୁ କ୍ଷତିଗ୍ରସ୍ତ କରିଥିଲେ ମଧ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କୁ ଆଶ୍ୱସ୍ତ କରିଛି। କାରଣ ୩ ଦଶନ୍ଧୀ ଧରି ଦାମ ପୁରସ୍କାର ବିତରଣ ଉତ୍ସବରେ ଅତିଥି ହେଉଥିଲେ ମଧ ଚଳିତବର୍ଷ ପରିସ୍ଥିତି ଭିନ୍ନ ହୋଇଛି। ଅର୍ଥାତ୍ ବିଜେଡିରୁ ବହିଷ୍କାର ହୋଇଥିବା ଦାମଙ୍କୁ ଅତିଥି କରାଯିବ କି ନାହିଁ ତାହାକୁ ନେଇ ବସନ୍ତ ଦ୍ୱନ୍ଦ୍ୱରେ ଥିଲେ। ଦାମଙ୍କ ଅନୁଗତ ହିସାବରେ ସେ ତାଙ୍କୁ ଅତିଥି ଭାବେ ଡାକିବେ କି ଦଳୀୟ ପଦପଦବୀ ଦୃଷ୍ଟିରୁ ଦୂରେଇ ରହିବେ ତାହା ବୁଝିପାରୁ ନ ଥିଲେ। ଏହା ଭିତରେ ବୁଧବାର ସନ୍ଧ୍ୟାରେ ୫ଜଣିଆ କମିଟି ମାତ୍ର ୩ ମେଢର ଭୋଟିଂ କରିବା ପରେ ଝଡ଼ବର୍ଷା ହୋଇଥିଲା। ତା'ପରଠାରୁ ବର୍ଷା ପବନ ବେଗ ବଢିବା ସହ ତୋରଣ ଆଲୋକ ସଜା ଭାଙ୍ଗି ଯାଇଥିଲା। ତେଣୁ ଭୋଟିଂ କରିବା ପାଇଁ ଆଉ ସାଜସଜା ନ ଥିଲା। ଯେହେତୁ ଭୋଟିଂ ହୋଇ ନ ଥିଲା ତେଣୁ ପୁରସ୍କାର ବିତରଣ ଉତ୍ସବ ହେବ ନାହିଁ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଥିଲା।



ପାରାଦୀପରେ ଭସାଣି ଶୋଭାଯାତ୍ରାରେ ଯାଉଥିବା ଏକ ମେଢ।

### ଦଲାଲଙ୍କୁ ଫାଇଦା, ବ୍ୟବସାୟୀ ହିନସ୍ତା

ବର୍ଷା ପବନ ଯୋଗୁ ଫୁଟ୍‌ପାଥ୍ ବ୍ୟବସାୟୀମାନେ ହୀନସ୍ତା ହୋଇଛନ୍ତି। ସେମାନଙ୍କ ଅସୁବିଧା ପ୍ରସଙ୍ଗରେ ବ୍ୟବସାୟୀମାନେ ପ୍ରତିବାଦ କରିବାରୁ ବନ୍ଦର କର୍ତ୍ତୃପକ୍ଷ ଗତ ଗୁରୁବାର ରାତିରେ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରିଥିଲେ ଯେ ବ୍ୟବସାୟୀମାନେ ଜମା କରିଥିବା ଅର୍ଥ ଫେରିପାଇବେ। ଏହି ଖବର ବ୍ୟବସାୟୀଙ୍କ ମଧରେ ଖୁସି ଆଣିଦେଇଥିଲା। କିନ୍ତୁ ଶୁକ୍ରବାର ଶତାଧିକ ବ୍ୟବସାୟୀଙ୍କ ମଧରୁ ଅର୍ଦ୍ଧାଧିକ ଦଲାଲଙ୍କ ଦ୍ୱାରା ଶୋଷିତ ହୋଇଛନ୍ତି। ସୂଚନାଯୋଗ୍ୟ, ଥାନାଛକଠାରୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବେପାର କରିବା ପାଇଁ ବନ୍ଦର ସମ୍ପଦ ବିଭାଗରୁ ସ୍ୱିକୃତୀ ନେବାକୁ ପଡିଥାଏ। ଜାଗାର ବର୍ଗମିଟର ଅନୁସାରେ ବ୍ୟବସାୟୀମାନେ ୮ଦିନ ପାଇଁ ଅଗ୍ରୀମ ଅର୍ଥ ଜମା କରିଥାନ୍ତି। ଏବେ ପଇସା ଫେରିବାକୁ ହେଲେ ସମ୍ପଦ ବିଭାଗ ଦେଇଥିବା ରସିଦ ଦେଖାଇବାକୁ ପଡୁଛି। ପୂଜା ଆରମ୍ଭ ପୂର୍ବରୁ କେତେକ ଦଲାଲ ଆଗୁଆ ଅର୍ଥ ଜମା କରି ରସିଦ ନେଇଛନ୍ତି। ସେହି ଦଲାଲଙ୍କୁ ଫେରି ବ୍ୟବସାୟୀମାନେ ଅଧିକ ଅର୍ଥ ଦେଇ ଉଠା ଦୋକାନ କରିଥିଲେ। ଏବେ ସେହିମାନେ ପଇସା ପାଇଁ ଦଲାଲଙ୍କୁ ଖୋଜିବା ବେଳକୁ ତାଙ୍କର ଦେଖା ମିଳୁନାହିଁ ବୋଲି ଖେଳନା ବ୍ୟବସାୟୀ ଅମୀୟ ମଣ୍ଡଳ କହିଛନ୍ତି। ଦଲାଲମାନେ ସେମାନଙ୍କ ରସିଦ ଦେଖାଇ ପଇସା ଫେରିପାଇବାର ସମ୍ଭାବନା ଅଛି। କିନ୍ତୁ ଅସଲ ବ୍ୟବସାୟୀ ଅର୍ଥ ଦେଇ କ୍ଷତିର ସମ୍ମୁଖୀନ ହେବେ।

## ବେଗୁନିଆ ଗ୍ରାମରେ ସୁନିଆ ପାଳିତ

ତିର୍ତ୍ତୋଲ,୨୧।୯(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତର ବେଗୁନିଆ ଗ୍ରାମରେ ଶୁକ୍ରବାର ସୁନିଆ ପର୍ବ ପାଳିତ ହୋଇଛି। ଏହି ଅବସରରେ ଗ୍ରାମେଶ୍ୱର ମହାଦେବଙ୍କ ପୀଠରେ ପୂଜା, ଯଜ୍ଞ, ନାମ ସଂକୀର୍ତ୍ତନ କରାଯାଇଥିଲା। ଗ୍ରାମର ଚାରିଛକ ନିକଟରେ ଚଣ୍ଡୀ ଚାମୁଣ୍ଡାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ପଣାହାଣ୍ଡି ଲାଗି କରାଯିବା ସହ ବିଳମ୍ବିତ ରାତିରେ ଅବାଟି ଭୋଗ ହୋଇଥିଲା। ଗ୍ରାମର ଅକ୍ରୁର ପଣ୍ଡାଙ୍କ କହିବା କଥା ଦେଢଶହ ବର୍ଷ ତଳେ ଗ୍ରାମରେ ହଇଜା ବ୍ୟାପିଥିଲା। ସେହି ସମୟରେ ଚଣ୍ଡୀଙ୍କ କୋପରୁ ଏହି ରୋଗ ବ୍ୟାପିଥିବା ଗ୍ରାମର ମୁରବୀମାନେ କହିବାରୁ ସୁନିଆ ଦିନ ଯଜ୍ଞ ସହ ଚଣ୍ଡୀ ଚାମୁଣ୍ଡାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ପଣାହାଣ୍ଡି ଭୋଗ କରାଯାଇଥିଲା। ଫଳରେ ହଇଜା ରୋଗୀ ଆରୋଗ୍ୟ ହୋଇଥିଲେ। ସେହି ବର୍ଷଠାରୁ ପ୍ରତ୍ୟକ ବର୍ଷ ଗ୍ରାମରେ ସୁନିଆ ପାଳିତ ହୋଇଆସୁଛି। ଧ୍ରୁବ ପଣ୍ଡା, ଉଦ୍ଧବ ପଣ୍ଡା, ଯଶୋବନ୍ତ ରାଉତ, ସାରଦା ସେନାପତି, ବିପିନ ନାୟକ, ପଦ୍ମନାଭ ରାଉତ, ନିରଞ୍ଜନ ନାୟକ ପ୍ରମୁଖ ଏହି ପୂଜା ପରିଚାଳନା କରିଥିଲେ।

## ଜମିଜମା ବିବାଦରୁ ତହସିଲଦାରଙ୍କୁ ଅଭିଯୋଗ

ନାଉଗାଁ,୨୧।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ନାଉଗାଁ ଗ୍ରାମର ସ୍ୱର୍ଗତ କରୁଣୀ ସାହୁଙ୍କ ଜମିକୁ ତାଙ୍କ ଜ୍ୟୋଷ୍ଠପୁତ୍ର ବାଳକୃଷ୍ଣ ଅନ୍ୟ ଭଉଣୀ ଭାଇଙ୍କୁ ନ ଜଣାଇ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରାଣକୃଷ୍ଣ ସାହୁ, ହାଡି ସାହୁ, ଟୁକୁନ ସାହୁ ପ୍ରମୁଖ ନାଉଗାଁ ତହସିଲଦାରଙ୍କ ସମେତ ଜିଲାପାଳ, ଉପଜିଲାପାଳ, ନାଉଗାଁ ଥାନ ଅଧିକାରୀ, ସବ୍‌ରେଜିଷ୍ଟ୍ରାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, କରୁଣୀ ସାହୁଙ୍କର ନାଉଗାଁ ମୌଜାରେ ଖାତା ନଂ ୭୬ ଓ ପ୍ଲଟ ନଂ ୩୭୪ ରେ ୩୯ ଡିସିମିଲ ଚାଷ ଜମି ରହିଛି। ବାଳକୃଷ୍ଣ କାହାକୁ ନ ଜଣାଇ ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ନାଥ ନାୟକଙ୍କ ମାଧମରେ ଉକ୍ତ ଜମିରୁ ଅଧା ନିଜ ନାମରେ କରାଇ ନେବା ସହ ଆଉ ଅଧା ବିକ୍ରି କରିଦେଇଥିବା ପଟ୍ଟାରେ ଉଲ୍ଲେଖ ଅଛି। ତିନି ଭାଇ ଭଉଣୀ ଥାଉ ଥାଉ ବାଳକୃଷ୍ଣ କିପରି ସମସ୍ତ ଜମି ନିଜ ନାମରେ କଲେ ଓ ସରକାରୀ ଅଧିକାରୀ କିପରି ତାଙ୍କୁ ସହଯୋଗ କଲେ ତାହାର ତଦନ୍ତ କରିବାକୁ ଦାବି ହୋଇଛି। ୧୫ ଦିନ ମଧରେ ଜମି ଫେରସ୍ତ କରା ନ ଗଲେ ସେମାନେ ସପରିବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଅଭିଯୋଗକାରୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନାଉଗାଁ ତହସିଲଦାର ଜେ .କଳ୍ପନାଙ୍କୁ ପଚାରିବାରେ ସେ କହିଲେ ଯେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ନାଉଗାଁ ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ନାଥ ନାୟକଙ୍କୁ ପଚାରିବାରେ ସେ କହିଲେ ଯେ ଅନ୍ୟ ମନସ୍କରେ ଏଭଳି ଭୁଲ ହୋଇଯାଇଛି।



ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

## ପ୍ଲାଷ୍ଟିକ ଫ୍ରି ଅଭିଯାନରେ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟ

ରଘୁନାଥପୁର,୨୧।୯(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକର ଗୋକୁଳପୁର ସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନରେ ସାମିଲ ହୋଇଛନ୍ତି । ଏନେଇ ପ୍ରଧାନଶିକ୍ଷକ ସର୍ବେଶ୍ୱର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଖବରକାଗଜ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ପ୍ରୟାସ କରାଯାଇଥିବା 'ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା' ଅଭିଯାନ ଦ୍ୱାରା ଅନୁପ୍ରାଣିତ ହୋଇ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ମୁଖ୍ୟଅତିଥି ମୁଗୁରିଆ କ୍ଲଷ୍ଟର ସିଆର୍‌ସିସି ମହମ୍ମଦ ଓସାମା ପ୍ରକାଶ କରିଛନ୍ତି। ଆଗାମୀ ୨୦ବର୍ଷ ପରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁ ପୃଥିବୀ ଏକ ସାଂଘାତିକ ବିପଦର ସମ୍ମୁଖୀନ ହେବାକୁ ଯାଉଛି ବୋଲି ପ୍ରଧାନଶିକ୍ଷକ ବିଶ୍ୱାଳ କହିଥିଲେ। ଆମେ ସମସ୍ତେ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକରେ ନିର୍ମିତ ଉପକରଣକୁ ବର୍ଜନ କରି ଆମ ଓଡ଼ିଶା ସହ ଭାରତ ବର୍ଷକୁ ବିପଦମୁକ୍ତ ରଖିବା ପାଇଁ ଶପଥ ନେବାର ସମୟ ଆସିଛି ବୋଲି ବିଜ୍ଞାନ ଶିକ୍ଷୟିତ୍ରୀ ମନୀଷା ମିଶ୍ର ଆହ୍ୱାନ କରିଥିଲେ। ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ସମାଜ ଉପରେ କି ପ୍ରଭାବ ପଡୁଛି, ସେ ସମ୍ପର୍କରେ ଛାତ୍ରୀଛାତ୍ର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକମାନେ 'ନୋ ପ୍ଲାଷ୍ଟିକ, ୟୁଜ୍ ଓନ୍‌ଲି କଟନ ବ୍ୟାଗ' ଉଦାହରଣସ୍ୱରୂପ ପ୍ରଦର୍ଶନ କରିଥିଲେ। ଏଥିରେ ହିନ୍ଦୀ ଶିକ୍ଷକ ତଥା ସଂଘର ସମ୍ପାଦକ ପ୍ରତାପଚନ୍ଦ୍ର ରାଉତରାୟ, ଉପଦେଷ୍ଟା ପ୍ରସନ୍ନ କୁମାର ପରିଡ଼ା, ସୁଜିତ କୁମାର ବେହେରା, ବିଶ୍ୱଜିତ ଓଝା, ଶଙ୍କର ଦାସ, ରଞ୍ଜିତା ବେହେରା, ଗୀତାରାଣୀ ବିଶ୍ୱାଳ, ମୌସୁମୀ ରଥ, ଗୀତାରାଣୀ ବିଶ୍ୱାଳ, ସଂଯୁକ୍ତା ସିଂ, ରୁକ୍‌ସନା ପ୍ରମୁଖ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ।

## ମା'ଦକ୍ଷିଣେଶ୍ୱରୀ ମନ୍ଦିର ରତ୍ନମୁଦ ସ୍ଥାପନ



ରତ୍ନମୁଦ ସ୍ଥାପନ ନିମନ୍ତେ ଯଜ୍ଞ କରାଯାଉଛି।

ବାଲିଆ,୨୧।୯

ବିରିଡ଼ି ବ୍ଲକ ବତିମୀରା ପଞ୍ଚାୟତର ଇଷ୍ଟ ଦେବୀ ମା' ଦକ୍ଷିଣେଶ୍ୱରୀଙ୍କ ନୂତନ ମନ୍ଦିର ରତ୍ନମୁଦ ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ପବିତ୍ର ପଶାୟତ, ପ୍ରଣୟ ପଶାୟତ, ଅଶ୍ୱିନୀ ପଶାୟତ, ଗୋବିନ୍ଦ ପଶାୟତ, ରାଧା ସ୍ୱାଇଁ, ପ୍ରତାପ ଦାସ, ବ୍ରଜ ମହାରଣା, ଗୋପବନ୍ଧୁ ସ୍ୱାଇଁ, ଅଧିର ନାୟକ ଓ ହାଡିବନ୍ଧୁ ସାହୁଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରାରମ୍ଭରେ ସୂର୍ଯ୍ୟ ପୂଜା, କଳସ ସ୍ଥାପନ, ଆସ୍ଥାନ ପୂଜା ଓ ଲକ୍ଷ୍ମୀପୂଜା ପରେ ବନଜାଗ କାର୍ଯ୍ୟକ୍ରମ ହୋଇଥିଲା। କର୍ତ୍ତା ବିଜୟ କିଶୋର ସ୍ୱାଇଁ ଓ ସୁବର୍ଣ୍ଣା ସ୍ୱାଇଁଙ୍କ ଦ୍ୱାରା ମନ୍ଦିର ଉପରକୁ ରତ୍ନମୁଦ ଉଠାଯାଇ ପଞ୍ଚ ଶସ୍ୟ ଓ ପଞ୍ଚ ରତ୍ନ ଦେଇ ସ୍ଥାପନ କରାଯାଇଥିଲା।

# ପୁଣି ବର୍ଷା, ବଢ଼ିଲା ବିପନ୍ନଙ୍କ ଦୁର୍ଦ୍ଦଶା

କୁଜଙ୍ଗ,୨୧।୯(ସ୍ୱ.ପ୍ର.)

ଦୁଇ ସପ୍ତାହ ତଳେ ୪୮ ଘଣ୍ଟା ଧରି କୁଜଙ୍ଗ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷାରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ସେହି ସବୁ ଅଞ୍ଚଳରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇ ନ ଥିବାବେଳେ ୨ ଦିନ ହେଲା ପୁଣି ଲଘୁଚାପ ଜନିତ ବର୍ଷା ହେବା ଯୋଗୁ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବଢିଯାଇଛି। ଅନେକ ସ୍ଥାନରେ ସ୍ୱାଭାବିକ ଜଳ ନିଷ୍କାସନ ପଥ ନାହିଁ। କେତେକ ସ୍ଥାନରେ ଜଳ ନିଷ୍କାସନ ପଥ ଜବରଦଖଲରେ ଅଛି ତ ଆଉ କେତେକ ସ୍ଥାନରେ ପୋତି ହୋଇଯାଇଛି। ଫଳରେ ଦୋକନ ବଜାର, ବାସଗୃହ, ସରକାରୀ କାର୍ଯ୍ୟାଳୟ ଏପରି କି କୁଜଙ୍ଗ ଥାନା, ମେଡିକାଲ ମଧରେ ପାଣି ପଶିଛି। ପରିସ୍ଥିତି ଏପରି ହୋଇଛି ଯେ କୁଜଙ୍ଗ ଥାନାରୁ ପମ୍ପ ଯୋଗେ ଜଳ ନିଷ୍କାସନ କରାଯାଇଛି। ଲଗାଣ ବର୍ଷା ସହ ପବନ କଚ୍ଚା ଘରେ ରହୁଥିବା ଲୋକଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି। ଏଥିଯୋଗୁ କୁଜଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ବଜାରର ବହୁ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ଭୂତମୁଣ୍ଡାଇ ପଞ୍ଚାୟତର ପିପ୍ପଳ, ଫୁଲବେଲାରୀ ଓ ଭୂତମୁଣ୍ଡାଇ ଗ୍ରାମ ଅଧିକ ପ୍ରଭାବିତ ହୋଇଛି। ପଙ୍କପାଳ ବଜାରରୁ ଜଳ ନିଷ୍କାସନ ହୋଇପାରୁନାହିଁ। ପଙ୍କପାଳର ପ୍ରାୟ ୫ ବିଦ୍ୟାଳୟକୁ ସଂଯୋଗ ହୋଇଥିବା ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ଫଳରେ ପିଲାମାନେ ବିଦ୍ୟାଳୟ ଯିବାରେ ଅସୁବିଧା ହେଉଛି। ଗତ ୬ ତାରିଖ ଲଗାଣ ବର୍ଷାରେ ବହୁ କଚ୍ଚା ଘର ଭାଙ୍ଗି ଯାଇଥିବା ବେଳେ ଚଳିତ ବର୍ଷା ଗରିବ ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ନୂଆଗଡ ପଞ୍ଚାୟତର ବିଜୟଚାନ୍ଦପୁର, ମୂଷାଡିଆ, ପାରାଦୀପ ଗଡର ନିମିଢି, ସିଜୁ, ବଗଦିଆ, କୋଠି ଆଦି ପଞ୍ଚାୟତ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ବଗଦିଆ ପଞ୍ଚାୟତ ପୁଣି ଜଳମଗ୍ନ ହୋଇପଡିଥିବା ବେଳେ ଜଗନ୍ନାଥପୁରର ନାଥ ସାହି, ଗୋପିଆକୁଦର ନୂଆ ବାଲିସାହୀ ଓ ଦୁଆଡିଆ ଗ୍ରାମ, ମଙ୍ଗରାଜପୁର, ଖରିଗୋଠର ୮ ପରିବାର ଜଳବନ୍ଦୀ ହୋଇଛନ୍ତି। ବର୍ଷାରେ ପ୍ରାୟ ୨୦୦୦ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି। ଏହି ସବୁ ଜମିରେ ଫସଲ ହାନୀ ହେବାର ଆଶଙ୍କା ରହିଛି। ଅନେକ ଜମିରେ ଧାନ ଫସଲ ପଚି ଯିବାର ଆଶଙ୍କା ରହିଛି। ଚାଷୀଙ୍କ ପାଖରେ ଆଉ ଧାନ ରୁଆପୋତା କରିବାକୁ ତଳି ଘେରା କି ଆର୍ଥିକ ସମ୍ବଳ ନାହିଁ ବୋଲି କହିଛନ୍ତି ଚାଷୀ ନେତା ଦେବେନ୍ଦ୍ର ପଟ୍ଟନାୟକ, ହରେକୃଷ୍ଣ ସେଠୀ। ପ୍ରଥମେ ଅଭଡୀ ବର୍ଷା ଯୋଗୁ ତଳି ଘେରା ବହୁ ପରିମାଣରେ ନଷ୍ଟ ହୋଇଥିଲା। ଚାଷୀ ନିଜ ଉଦ୍ୟମରେ ତଳି ପକାଇ ଧାନ ରୋଇଥିଲେ। ଏବେ ଅମଳ ଅପେକ୍ଷାରେ ଥିବା ଚାଷୀଙ୍କ ମୁହଁରୁ ବର୍ଷା ହସ ଛଡାଇ ନେଇଛି। କୃଷି ବିଭାଗ ଓ ରାଜସ୍ୱ ବିଭାଗ ଅନୁଧ୍ୟାନ କରି ତୁରନ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରିବାକୁ ପଙ୍କପାଳ ସରପଞ୍ଚ ମିନାକ୍ଷୀ ଦାସ, ସମିତିସଭ୍ୟ ଅକ୍ଷୟ ସାହୁ, ପଙ୍କପାଳ ସମବାୟ ସମିତି ସଭାପତି ନିକୁଞ୍ଜ ଚୌଧୁରୀ, ନାଏବ ସରପଞ୍ଚ କିଶୋର ପରିଡା ପ୍ରମୁଖ ଦାବି କରିଛନ୍ତି। ହଂସୁରା, ପଣ୍ଡୁଆ, ବଣିତୋର ବହୁ ଅଞ୍ଚଳ ବର୍ଷା ଯୋଗୁ ପ୍ରଭାବିତ ହୋଇଛି। ଢିଙ୍କିଆ ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର ବହୁ ଅଂଶ ଜଳମଗ୍ନ ହୋଇ ରହିଛି। ଆଇଓସିଏଲ ବାଇପାସ ରାସ୍ତାରେ ପାଣି ଜମିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପିପ୍ପଳ ଗ୍ରାମର ନୟନା ମାଝୀ, ରଞ୍ଜନ ମାଝୀ, ଅମର ମାଝୀ, ବିଷ୍ଣୁ ତରାଇ, ସର୍ବେଶ୍ୱର ତରାଇ, ଉପେନ୍ଦ୍ର ବେହେରା, ମକର ବେହେରା, ପବିତ୍ର ବେହେରା, ପାତୀ ପଣ୍ଡା, କ୍ଷୀରୋଦ ସେଠୀ, ଗୌରାଙ୍ଗ ସେଠୀ, ସୁରିଆ ସେଠୀ, ମଥୁରୀ ସେଠୀ, ମନୋଜ ସେଠୀ, କୈଳାସ ସେଠୀ, ସଞ୍ଜୟ ଦାସ, ହରିହର ସାହୁଙ୍କ କଚ୍ଚା ଘର ଗତ ୬ ତାରିଖ ବର୍ଷାରେ ଭାଙ୍ଗି ଯାଇଥିଲା। ଏବେ ପୁଣି ବର୍ଷା ହେବାରୁ ସେମାନଙ୍କ ଦୁର୍ଦ୍ଦଶା ବଢିଯାଇଛି।



କୁଜଙ୍ଗ ଅଞ୍ଚଳରେ ଜଳମଗ୍ନ ଚାଷ ଜମି।

- ପୂର୍ବ ବର୍ଷାରେ ଭାଙ୍ଗିଯାଇଥିଲା ଘର
- ବ୍ୟାପକ ଚାଷଜମି ଜଳମଗ୍ନ, ଯାତାୟାତ ବାଧାପ୍ରାପ୍ତ

## ବର୍ଷାରେ ଲଘୁଜାତୀୟ ଧାନ ଫସଲ ପ୍ରଭାବିତ



ନାଉଗାଁରେ କ୍ଷତିଗ୍ରସ୍ତ ଧାନଜମି।

ନାଉଗାଁ,୨୧।୯(ସ୍ୱ.ପ୍ର.)

୨ ଦିନ ହେବ ଲଘୁଚାପ ଜନିତ ବର୍ଷା ଓ ପବନ ଲାଗି ରହିଛି। ଏହାର ପ୍ରଭାବରେ ନାଉଗାଁ ବ୍ଲକର ଦେବୀ ନଦୀ କୂଳବର୍ତ୍ତୀ ଅଞ୍ଚଳରେ ହୋଇଥିବା ଲଘୁ ଜାତୀୟ ଧାନ ବିଶେଷ ଭାବେ ପ୍ରଭାବିତ ହୋଇଛି। କୃଷି ବିଭାଗ ତଥ୍ୟ ଅନୁସାରେ ନାଉଗାଁ ବ୍ଲକର ଓଷକଣା ପଞ୍ଚାୟତରେ ୧୨୫ ହେକ୍ଟର ଚାଷ ଜମିରେ ଲଘୁଜାତୀୟ ଧାନ ଚାଷ କରାଯାଇଥିଲା। ସେହିପରି ଶିଖର ପଞ୍ଚାୟତରେ ୯୪୮ ହେକ୍ଟର ଚାଷଜମି ମଧ୍ୟରୁ ୩୨୫, ଡେରିକି ପଞ୍ଚାୟତରେ ୩୮୪ ହେକ୍ଟର ଚାଷ ଜମି ମଧ୍ୟରୁ ୧୩୮ ହେକ୍ଟର ଚାଷ ଜମିରେ ଲଘୁଜାତୀୟ ଧାନ ହୋଇଥିଲା। ଏହି ଧାନ ସାଧାରଣତଃ ଅଧିକ ଅମଳକ୍ଷମ ହୋଇଥିବାବେଳେ ବାଲିଆ ଓ ଦୋରସା କିସମ ଜମିରେ ଭଲ ଫଳିଥାଏ। ଚାଷୀମାନେ ଏହି ସବୁ ଜମିରେ ଖଣ୍ଡଗିରି, ଓଟରା, ସୁପ୍ରଭା ଆଦି ଲଘୁ ଜାତୀୟ ଧାନ ଚାଷ କରିଥିଲେ। ଅଧିକାଂଶ ଧାନ ଦର ପାଚିଲା ଅବସ୍ଥାରେ ରହିଥିବାବେଳେ ଲଘୁଚାପ ବର୍ଷା ସାଙ୍ଗକୁ ପୁରୁବା ପବନ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି। ପବନ ହେବା ଦ୍ୱାରା ପାଚିଲା ଧାନ କିଆରିରେ ଧାନ ଗଛ ଶୋଇପଡିଛି। ଜମିରେ ବର୍ଷା ପାଣି ରହିଥିବାରୁ ପାଚିଲା ଧାନ ସବୁ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଜଳ ନିଷ୍କାସନ ପାଇଁ ଚାଷୀମାନେ ବାରମ୍ବାର ଅଭିଯୋଗ କଲେ ମଧ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ପାଚିଲା ଧାନ ପାଣିରେ ପଡିଯାଇଥିବାରୁ କେଣ୍ଡା ନଷ୍ଟ ହେବା ସହ ଧାନ ଗଜା ହେବାର ଆଶଙ୍କା ରହିଛି। ଚାଷୀଙ୍କ କହିବା ମୁତାବକ ଆଉ ୧୫ ଦିନ ପରେ ଧାନ କଟାଯାଇଥାନ୍ତା। କିନ୍ତୁ ବର୍ଷା ସାଙ୍ଗକୁ ପବନ ହେବା ଦ୍ୱାରା ଧାନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ନାଉଗାଁ କୃଷି ବିଭାଗ ଅଧିକାରୀ ନିର୍ମାଲ୍ୟ ନାୟକଙ୍କୁ ପଚାରିବାରେ ସେ କହିଲେ ଯେ ଜମିରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ଜଳସେଚନ ବିଭାଗ କିମ୍ବା ଡ୍ରେନଜ ବିଭାଗ କରିପାରିବ।

# ସଂକ୍ଷେପରେ

## ପାଠପଢ଼ା ଓ ଭବିଷ୍ୟତ ମାର୍ଗ ଚୟନ କର୍ମଶାଳା

**ମାର୍ଶାଘାଇ,୨୧।୯(ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଞ୍ଚାୟତ ହାଇସ୍କୁଲରେ ମୋ ସ୍କୁଲ କମିଟି ତରଫରୁ ପାଠପଢ଼ା ଓ ଭବିଷ୍ୟତ ମାର୍ଗ ଚୟନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅନନ୍ତ ଚରଣ ପାଇଟଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ପାରାଦୀପ ମହାବିଦ୍ୟାଳୟର ଅଧାପକ ବ୍ରହ୍ମାନନ୍ଦ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ନିଜ ଦକ୍ଷତା ଅନୁସାରେ ଭବିଷ୍ୟତ ମାର୍ଗ ଚୟନ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରି ବୋର୍ଡ-୧ ପରୀକ୍ଷାର ସର୍ବୋଚ ନମ୍ବର ରଖିଥିବା ୫ଜଣ ଛାତ୍ରୀଛାତ୍ରଙ୍କୁ କମିଟି ତରଫରୁ ଟେଷ୍ଟପେପର ଯୋଗାଇ ଦେବାପାଇଁ ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧରେ ସହକାରୀ ଶିକ୍ଷକ ସମୀର କୁମାର ଦାସ, ଉପସଭାପତି ଖଗେଶ୍ୱର ପାତ୍ର, ସମ୍ପାଦକ ଗଣେଶ୍ୱର ପାତ୍ର, ସହସମ୍ପାଦକ ଉମେଶ ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ଜୟନ୍ତ ମଲ୍ଲିକ, ମାଧବାନନ୍ଦ ପାତ୍ର, ନାରାୟଣ ମଲ୍ଲିକ, ଚନ୍ଦନ ରାଉତ, ମହେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟ ମହିଳାଙ୍କୁ ସହାୟତା



**ଡେରାବିଶ,୨୧।୯ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ କେଶରପୁର (ଢ଼ିଅସାହି) ଗ୍ରାମର ଅସହାୟ ମହିଳା ମିତାଲି ମହାନ୍ତିଙ୍କୁ ତାଙ୍କ ଶାଶୁଙ୍କ ଶୁଦ୍ଧକ୍ରିୟା ନିମନ୍ତେ ଆଞ୍ଚଳିକ ଜନଧନ ସୁରକ୍ଷା ମଞ୍ଚ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଗତବର୍ଷ ମିତାଲି ମହାନ୍ତିଙ୍କ ସ୍ୱାମୀଙ୍କ ଅକାଳରେ ବିୟୋଗ ହୋଇଥିଲା। ମିତାଲି ୨ ଝିଅ ଓ ଶାଶୁଙ୍କୁ ନେଇ ଅସହାୟ ଅବସ୍ଥାରେ ଦିନ ବିତାଉଥିଲେ। ଦଶଦିନ ପୂର୍ବେ ତାଙ୍କ ଶାଶୁଙ୍କର ବିୟୋଗ ହେବା ପରେ ଶୁଦ୍ଧକ୍ରିୟା ନିମନ୍ତେ ଆଞ୍ଚଳିକ ଜନଧନ ସୁରକ୍ଷା ମଞ୍ଚ ପକ୍ଷରୁ ଆର୍ଥିକ ସହାୟତା, ଖାଦ୍ୟସାମଗ୍ରୀ ଓ ବସ୍ତ୍ର ଯୋଗାଇ ଦିଆଯାଇଛି।

## ଶିକ୍ଷକଙ୍କ ବିୟୋଗରେ ସ୍ମୃତିସଭା



**ମାର୍ଶାଘାଇ,୨୧।୯(ଡିଏନ୍ଏ):** ମାର୍ଶାଘାଇ ବ୍ଲକ ବାଲିଘାଇ ବଜ୍ରସୁନା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପରୀକ୍ଷିତ ଶତପଥୀ (୪୮)ଙ୍କ ବିୟୋଗରେ ଏକ ସ୍ମୃତି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗତ ୫ ତାରିଖ ଦିନ ଶିକ୍ଷକ ଶତପଥୀ ଏବଂ ତାଙ୍କ ପୁଅ ଉଭୟ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାନୁଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ କେନ୍ଦ୍ରାପଡା ଜିଲା ଓଷ୍ଟାର ସଂପାଦକ ତପନ କୁମାର ସିଂହ,ନାଲକୋର ଇଞ୍ଜିନିୟର ବିଭୂତି ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ସହକର୍ମୀ ଶିକ୍ଷକ ଭାଗ୍ୟଧର ପତି ଶତପଥୀଙ୍କ ଛାତ୍ର ବତ୍ସଳତା ସଂପର୍କରେ କହିଥିଲେ। ଅନ୍ୟମାନଙ୍କ ମଧରେ ଜଗତସିଂହପୁର ଜିଲା ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ସୁନାକର ବେହେରା,କେନ୍ଦ୍ରାପଡା ଜିଲା ସଂସ୍କୃତ ସଂଘର ସଂପାଦକ ଭଗବାନ ସାହୁ,ବ୍ଲକ ଗ୍ରାଣ୍ଟ ଶିକ୍ଷକ ସଂଘର ପୂର୍ବତନ ସଭାପତି ଅଲେଖ ଚନ୍ଦ୍ର ରାଉତ,ଡେରାବିଶ କୁରୁଜଙ୍ଗା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଲେଖ ସାହୁ,ତାଳପଦା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିନୋଦ ନିହାରୀ ମୁଦୁଲି, ଉଦୟନାଥ ଚୌଧୁରୀ, ରମାକାନ୍ତ ସ୍ୱାଇଁ,ରଶ୍ମିରଞ୍ଜନ ସାମନ୍ତରାୟ,ମିନତୀ ସୁନ୍ଦରାୟ,ଯଯାତି କେଶରୀ ମହାନ୍ତି ପ୍ରମୁଖ ଦିବଂଗତ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। ୨୪ ବର୍ଷ କାଳ ଶିକ୍ଷକତା ସମୟରେ ସ୍ୱର୍ଗତ ଶତପଥୀଙ୍କ ଶିକ୍ଷାଦାନ ଉଚ୍ଚକୋଟୀର ଥିଲା ବୋଲି ବହୁ ଛାତ୍ରୀଛାତ୍ରୀ ସ୍ମୃତିସଭାରେ ପ୍ରକାଶ କରିଥିଲେ। ଅନ୍ତେଇ ପଞ୍ଚାୟତର ସରପଞ୍ଚ ସ୍ନେହଲତା ମହାପାତ୍ର,ବଟିରା ପଞ୍ଚାୟତର ସରପଞ୍ଚ ଅନିରୁଦ୍ଧ ଚଇନିଙ୍କ ସମେତ ଅନ୍ତେଇ,ବଟିରା,ମଙ୍ଗରାଜପୁର ପଞ୍ଚାୟତର ଜନସାଧାରଣ ଏହି ସ୍ମୃତିସଭାରେ ଯୋଗ ଦେଇଥିଲେ।

# ଘୋଷଣାରେ ସୀମିତ ବୋଟ ଆମ୍ବୁଲାନ୍ସ ସେବା

**କେନ୍ଦ୍ରାପଡ଼ା ଅଫିସ, ୨୧।୯**




**କେନ୍ଦ୍ରାପଡ଼ା ଜିଲା**
- ବୋଟ୍ ଆମ୍ବୁଲାନ୍ସ ସେବା ଘୋଷଣାକୁ ଦେଢ଼ବର୍ଷ
- ଉପକୂଳ ଅଞ୍ଚଳରେ ରୋଗୀସେବା ବ୍ୟାହତ

ଜିଲାର ନଦୀକୂଳବର୍ତ୍ତୀ ଅଞ୍ଚଳବାସୀଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ବୋଟ ଆମ୍ବୁଲାନ୍ସ ସେବା ଆରମ୍ଭ ହେବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୭ ମେ ମାସରେ ଘୋଷଣା କରାଯାଇଥିଲା। ବୋଟ ଆମ୍ବୁଲାନ୍ସରେ ଜୀବନରକ୍ଷାକାରୀ ଔଷଧ ଓ ଆନୁଷଙ୍ଗିକ ଭିତ୍ତିଭୂମି ରହିବ ବୋଲି ତତ୍କାଳୀନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ସୂଚନା ଦେଇଥିଲେ। ଜଳପଥ ଯୋଗୁ ଯାତାୟାତ ପାଇଁ ନାନା ଅସୁବିଧା ଭୋଗୁଥିବା ଲୋକମାନେ ବୋଟ ଆମ୍ବୁଲାନ୍ସ ସେବା ଦ୍ୱାରା ବହୁମାତ୍ରାରେ ଉପକୃତ ହେବେ ବୋଲି ଆଶା କରାଯାଉଥିଲା।

ମାତ୍ର ଏହି ଘୋଷଣାକୁ ଇତିମଧ୍ୟରେ ୧ ବର୍ଷ ୪ମାସ ବିତିଥିଲେ ହେଁ ବୋଟ୍ ଆମ୍ବୁଲାନ୍ସ ଯୋଜନା କେବଳ ଘୋଷଣାରେ ଅଟକିଛି। ସ୍ୱାସ୍ଥ୍ୟସେବା ପାଇଁ ଉପକୂଳବାସୀ ବିଭିନ୍ନ ସମୟରେ ହଇରାଣ ହେଉଥିବା ବେଳେ ଗତ ଲଘୁଚାପ ବର୍ଷା ଓ ବନ୍ୟା ଯୋଗୁ ମହାକାଳପଡ଼ା, ରାଜନଗର, ରାଜକନିକା ଓ ଆଳି ଆଦି ବ୍ଲକ ଅଞ୍ଚଳର ଲୋକମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲେ। ଅପରପକ୍ଷରେ ୨୦୦୧ ଜନଗଣନା ଅନୁଯାୟୀ ସ୍ୱାସ୍ଥ୍ୟସେବା ନିମନ୍ତେ ଜିଲାରେ ମୋଟ ୧୩୧ଡାକ୍ତର ପଦବୀ ସୃଷ୍ଟି ହୋଇଥିଲା। ଇତିମଧ୍ୟରେ ୨୦୧୧ଜନଗଣନା ସରିଥିଲେ ବି ଡାକ୍ତର ପଦବୀ ସଂଖ୍ୟା ବୃଦ୍ଧି କରାଯାଇନାହିଁ। ଜିଲାରେ ମୁଖ୍ୟ ଚିକିତ୍ସାଳୟ ସହ ୯ଟି ସିଏଚସି, ୪୫ଟି ପିଏଚସି ଓ ୨୨୬ଟି ସବସେଣ୍ଟର ଅଛି। ତେବେ ମୁଖ୍ୟ ଚିକିତ୍ସାଳୟ, ସିଏଚ୍ସି ଓ ପିଏଚ୍ସିରେ ମୋଟ ୭୭ ଡାକ୍ତର ଅଛନ୍ତି। ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ରହୁ ନଥିବାରୁ ରୋଗୀସେବା ବ୍ୟାହତ ହେଉଛି ବୋଲି ମହାକାଳପଡା ବ୍ଲକ ତନ୍ତିଆପାଳ ଗ୍ରାମର ସାମାଜିକ କର୍ମୀ ପ୍ରମିଳା ଜେନା କହିଛନ୍ତି। ମହାକାଳପଡା ବ୍ଲକର ବଟୀଘର, ଆଳିର ଏକମାଣିଆ, ରାଜନଗର ବ୍ଲକର ସାତଭାୟାଠାରୁ ଆରମ୍ଭ କରି ବହୁ ସ୍ଥାନରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ଜଳପଥ ବାଧକ ସାଜିଛି। ଉକ୍ତ ଅଞ୍ଚଳଗୁଡ଼ିକରେ ଆମ୍ବୁଲାନ୍ସ ସେବା ପହଞ୍ଚି ପାରୁ ନଥିବାରୁ ରୋଗୀମାନେ ତୁରନ୍ତ ଚିକିତ୍ସା ପାଇପାରୁ ନାହାନ୍ତି। ଏଥିପାଇଁ ଉପାନ୍ତ ଅଞ୍ଚଳରେ କ୍ୱାକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେବେ କ୍ୱାକଙ୍କ ଦ୍ୱାରା ଚିକିତ୍ସା ଫଳରେ ଅନେକ ସମୟରେ ଅଘଟଣ ଘଟି ଲୋକମାନେ ମରଣ ମୁହଁରେ ପଡୁଛନ୍ତି। ତେବେ ତୁରନ୍ତ ବୋଟ ଆମ୍ବୁଲାନ୍ସ ସେବା ଆରମ୍ଭ କରିବା ପାଇଁ ସାମାଜିକ କର୍ମୀ ଜେନା ଦାବି କରିଛନ୍ତି। ରାଜନଗର ବ୍ଲକ ବାରହାପୁର ଗ୍ରାମର ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ଜିଲା ପାଇଁ ଏହା ଏକ ଅଭିନବ ଯୋଜନା। ବହୁ ସମୟରେ ରୋଗୀ କୁମ୍ଭୀର ଭୟରେ ଘରୁ ଡାକ୍ତରଖାନାକୁ ଯାଇ ପାରୁନାହାନ୍ତି। ବୋଟ ଆମ୍ବୁଲାନ୍ସ ନିକଟରେ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରହୁଥିବାରୁ ପ୍ରାଥମିକ ଚିକିତ୍ସା ସହ ରୋଗୀଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ପହଞ୍ଚା ଯାଇପାରିବ। ସେହିପରି ସ୍ଥଳ ଓ ଜଳଭାଗରେ ଆମ୍ବୁଲାନ୍ସ ସେବା ଫଳରେ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସମସ୍ୟା ଜିଲାରେ କିଛି ମାତ୍ରାରେ କମି ପାରିବ। ଏହି ସେବା ଆରମ୍ଭ ସମ୍ପର୍କରେ ସିଡିଏମଓ ଡା. ବୈଷ୍ଣବ ଚରଣ ସାହୁଙ୍କୁ ପଚାରିବାରେ ଏହି ଘୋଷଣା ପରେ ଏକ ତଦନ୍ତକାରୀ ଟିମ୍ ଜିଲାର ବିଭିନ୍ନ ନଦୀ ଅଧ୍ୟୁଷିତ ଅଞ୍ଚଳ ଗସ୍ତ କରିଥିଲେ। ମାତ୍ର ଏହି ସେବା ଆରମ୍ଭ ସମ୍ପର୍କରେ କୌଣସି ତଥ୍ୟ ଅଦ୍ୟାବଧି ହସ୍ତଗତ ହୋଇନାହିଁ।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ଜିଲା ସମେତ କୋରାପୁଟ, ମାଲକାନଗିରି ଓ କଳାହାଣ୍ଡିରେ ଏହି ଯୋଜନା କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏଥିପାଇଁ ଆଇଆଇଟି ମାଡ୍ରାସର ସହାୟତା ଲୋଡା ଯାଇଥିଲା।

## ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଶ୍ରମରେ ସ୍ମରଣ ଉତ୍ସବ

**ରାଜନଗର,୨୧।୯(ଡି.ଏନ୍.ଏ.)**

ରାଜନଗର ବ୍ଲକର ବାଘତୈଳାଠାରେ ଥିବା ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସେବାଶ୍ରମରେ ପୂଜ୍ୟପାଦ ସନ୍ନ୍ୟାସୀ ବାବାଜି ରବିନାରାୟଣ ଦାସଙ୍କ ୮ମ ସ୍ମରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀ ସଭାପତି ଅନନ୍ତ ଚରଣ ମହାନ୍ତିଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଠାକୁରଙ୍କ ପୂଜାର୍ଚ୍ଚନା, ଭଜନକୀର୍ତ୍ତନ, ଗୀତାପାଠ ସହ ପୂଜ୍ୟବାବାଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସେବକ ଅଭୟ ଦାସ, ସଂଘର ସମ୍ପାଦକ ପରୀକ୍ଷିତ ନାୟକ, କୋଷାଧକ୍ଷ ଦିବାକର ପରିଡା, ଶଶୀଭୂଷଣ ପଣ୍ଡା, କୈଳାସ ପରିଡା, ଚିତ୍ତରଞ୍ଜନ ଖିଲାର, ଭରତଚନ୍ଦ୍ର ପରିଡା, ଶଙ୍କର ରାଉତ ଓ ବୃନ୍ଦାବନ ଦାସ ପ୍ରମୁଖ ଯୋଗଦେଇଥିଲେ।

## ପଲିଥିନ ପାଇଁ ତହସିଲ ଘେରାଉ



ତହସିଲ ଆଗରେ ଗ୍ରାମବାସୀଙ୍କ ଆନ୍ଦୋଳନ।

**କେନ୍ଦ୍ରାପଡ଼ା ଅଫିସ, ୨୧।୯**

ଗତ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା କେନ୍ଦ୍ରାପଡା ବ୍ଲକ ଚନ୍ଦନପୁର ପଞ୍ଚାୟତବାସୀଙ୍କୁ ଅଦ୍ୟାବଧି ଗୃହର ସୁରକ୍ଷା ପାଇଁ ପଲିଥିନ ଯୋଗାଇ ଦିଆଯାଇନାହିଁ। ପ୍ରତିବାଦରେ ପଞ୍ଚାୟତବାସୀ ବୁଧବାର କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ତହସିଲଦାର ହେମଲତା ବାହାଲିଆ ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣିବା ସହ ତୁରନ୍ତ ପାଲ ଯୋଗାଇ ଦେବେ ବୋଲି ଘୋଷଣା କରିବା ପରେ ଆନ୍ଦୋଳନ ବନ୍ଦ ହୋଇଥିଲା। ଏ ସମ୍ପର୍କରେ ପଞ୍ଚାୟତର ନରେନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି, ଗତ ବର୍ଷାରେ ଅନେକ ଲୋକଙ୍କ ଘର ଭାଙ୍ଗିଯାଇଛି। ଅଦ୍ୟାବଧି ଏହି ପଞ୍ଚାୟତକୁ ପ୍ରଶାସନିକ ଅଧିକାରୀ ଗସ୍ତ କରିନାହାନ୍ତି। ଫଳରେ ବିପନ୍ନ ଲୋକମାନେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେବା ଆଶଙ୍କ ସୃଷ୍ଟି ହୋଇଛି। ପଞ୍ଚାୟତର ପ୍ରକାଶ ମଲ୍ଲିକ, ମହମ୍ମଦ ଜାକିଉଲ୍ଲା, ସୁଶାନ୍ତ ମଲ୍ଲିକ, ପ୍ରମିଳା ମଲ୍ଲିକ, ପାର୍ବତୀ ମଲ୍ଲିକ, ମାଳତୀ ମଲ୍ଲିକ, ସଞ୍ଜୁଲତା ମଲ୍ଲିକ, ଝରଣା ମଲ୍ଲିକ ପ୍ରମୁଖ ତହସିଲ ଘେରାଉରେ ସାମିଲ ହୋଇଥିଲେ।

## ସାନଜରିଆରେ ମଦ ଦୋକାନ ଭାଙ୍ଗିଲେ ଯୁବକ

**ପଟ୍ଟାମୁଣ୍ଡାଇ,୨୧।୯(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତର ଜଳଖିଆ ଦୋକାନ ଓ ଚା'ଦୋକାନ ଆଦିରେ ଦେଶୀ ଓ ବିଦେଶୀ ମଦ ଚୋରା ବ୍ୟବସାୟ ହେଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଯୁବପିଢ଼ି ବିଶେଷ ଭାବେ ପ୍ରଭାବିତ ହେଉଥିବା ବେଳେ କେତେଜଣ ଯୁବକ ଚୋରା ମଦ ବିକ୍ରି ବନ୍ଦ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ଗ୍ରାମରେ ବେଆଇନ ଭାବେ ଚାଲିଥିବା ଦେଶୀ ଓ ବିଦେଶୀ ମଦ ଦୋକାନକୁ ସ୍ଥାନୀୟ ଯୁବକମାନେ ମଙ୍ଗଳବାର ସନ୍ଧ୍ୟାରେ ଭାଙ୍ଗି ଦେଇଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ଗଣେଶ ଭସାଣି ଚାଲିଥିବା ବେଳେ କେତେଜଣ ଯୁବକ ମଦ ପିଇ ଗଣ୍ଡଗୋଳ କରିଥିଲେ। ତେବେ ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟକ୍ତି ଏକ ଅନାବାଦି ଜମିରେ ଘର କରି ସେଠାରେ ମଦ ବିକ୍ରି କରୁଥିବାରୁ ଯୁବକମାନେ ଏଥିରେ ଉତ୍କ୍ଷୀପ୍ତ ହୋଇ ଉକ୍ତ ଦୋକାନକୁ ଭାଙ୍ଗି ଦେଇଥିଲେ।

## ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ ବୈଠକ

**କେନ୍ଦ୍ରାପଡା ଅଫିସ୍, ୨୧।୯**



ବୈଠକରେ ଉପସ୍ଥିତ ଶିକ୍ଷକମାନେ।

ନିଖିଳ ଓଡ଼ିଶା ପ୍ରାଥମିକ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଙ୍ଘର କାର୍ଯ୍ୟକାରିଣୀ ବୈଠକ ସହରର କଜଳାସ୍ଥିତ ମହାଦେବ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରମେଶ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୧୪ ମସିହା କ୍ୟାଡର ରୁଲ୍, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବିଷୟ ଭିତ୍ତିକ ବିଇଡି ଶିକ୍ଷକ ନିଯୁକ୍ତି କରି ଟିଜି ସ୍କେଲ ପ୍ରଦାନରେ ସରକାରଙ୍କ ଟାଳଟୁଳ ନୀତି ଅବଲମ୍ବନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଶିକ୍ଷକ ନେତା କମଳାକାନ୍ତ ଦାସ, ବଳଦେବ ପ୍ରସାଦ ଉପାଧ୍ୟାୟ, ବଳଦେବ ପ୍ରସାଦ ଜେନା, ମହେନ୍ଦ୍ର ମଲ୍ଲିକ, ହରିହର ପତି, ଅଶୋକ ପରିଡ଼ା, ରମେଶ ଚନ୍ଦ୍ର ସାହୁ, ରାଜକିଶୋର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକନେତାମାନେ ସପ୍ତମ ବେତନ କମିଶନର ପେ-ଫିକ୍ସେସନ, ଏମଏସିପି ଶିକ୍ଷକଙ୍କୁ ସର୍ବଶିକ୍ଷା ଅଭିଯାନର ସିଭିଲ ୱାର୍କରେ ବକେୟା ଅର୍ଥ ପ୍ରଦାନ ନ କରିବା, ଅବସର ପରେ ନୋ ଅବଜେକଶନ ପ୍ରମାଣପତ୍ର ପାଇବାରେ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକନେତା ଅଶୋକ ପରିଡ଼ା, ଶ୍ରୀଚରଣ ନାୟକ, ବିବେକାନନ୍ଦ ସ୍ୱାଇଁ, ମନୋରଞ୍ଜନ ମଙ୍ଗରାଜ, ଚିନ୍ତାମଣି ଦାସ, ଖଗେଶ୍ୱର ନାଥଙ୍କ ସମେତ ଜିଲାର ୯ ବ୍ଲକର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ।

**■ମାର୍ଶାଘାଇ ଉ.ପ୍ରା. ବିଦ୍ୟାଳୟ, ବାଳିକା ହାଇସ୍କୁଲ ମିଶ୍ରଣକୁ ବିରୋଧ**

## ବିଇଓଙ୍କୁ ଭେଟିଲେ ପରିଚାଳନା କମିଟି ଓ ଅଭିଭାବକ

**ମାର୍ଶାଘାଇ, ୨୧।୯ (ଡି.ଏନ୍.ଏ.)**

ମାର୍ଶାଘାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟ ସହିତ ମିଶ୍ରଣକୁ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକମାନେ ବିରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଭିଭାବକମାନେ ବିଇଓଙ୍କୁ ଇତିମଧ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମାର୍ଶାଘାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତବର୍ଷ ପ୍ରଥମରୁ ୮ମ ପର୍ଯ୍ୟନ୍ତ ମୋଟ ୨୭୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ସ୍କୁଲରେ ଆବଶ୍ୟକ ଛାତ୍ରୀଛାତ୍ର ଥିବାରୁ ଏହାକୁ ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟ ସହ ମିଶ୍ରଣ ନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

ମାର୍ଶାଘାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାର୍ଶାଘାଇ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଏବଂ ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟକୁ ମିଶାଇ ଏକ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପରିଣତ କରିବା ପାଇଁ ପ୍ରସ୍ତାବ ରହିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମାର୍ଶାଘାଇ ଉପ୍ରା ବିଦ୍ୟାଳୟକୁ ଚିଠି କରିବା ପରେ ବିଦ୍ୟାଳୟ ପରିଚାଳନା କମିଟିର ଏକ ଜରୁରୀ ବୈଠକ ଡକାଯାଇ ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରାଯାଇଛି। ଏହି ୩ଟି ବିଦ୍ୟାଳୟ ମିଶ୍ରଣ ହେଲେ ସ୍କୁଲରେ ୬୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ହୋଇଯିବେ। ଏତେ ସଂଖ୍ୟକ ପିଲାଙ୍କୁ ନେଇ ଶାନ୍ତି ଶୃଙ୍ଖଳାର ସହ ପାଠପଢ଼ା ହୋଇପାରିବ ନାହିଁ ବୋଲି ଅଭିଭାବକମାନେ ଦର୍ଶାଇଛନ୍ତି। ଏତେ ସଂଖ୍ୟକ ପିଲାଙ୍କ ନିମନ୍ତେ ପ୍ରତିଯୋଗିତା କରିବା, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଖୋଲା ସ୍ଥାନର ଅସୁବିଧା, ସଭା ସମିତି ପାଇଁ ହଲର ସୁବିଧା ମଧ୍ୟ ନାହିଁ। ବିଶେଷ କରି ବାଳିକା ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ପ୍ରଧାନଶିକ୍ଷକ ପଦ ଖାଲି ରହିଛି। ତେଣୁ ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାରୁ ମାର୍ଶାଘାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବାଦ ଦେବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେକୃଷ୍ଣ ଦାସ, ସୁଦର୍ଶନ ରାଉତ, ସଂଯୁକ୍ତା ମଳିକ, ସୁରଜିତା ବେଉରା, ଅର୍ଜୁନ ମହାରଣା, ଗୀତାଞ୍ଜଳି ବେଉରା, ପୁଷ୍ପଲତା ମଳିକ, ହେନାରାଣି ମହାରଣା ପ୍ରମୁଖ ଦାବି କରିଛନ୍ତି। ରଞ୍ଜନ କୁମାର ବେହେରା, କାଞ୍ଚନ ବେହେରା, ପ୍ରତିମା ବେହେରା, ଅଜୟ ମାହାଳୀ, ମିଲି ବେହେରାଙ୍କ ସମେତ ଶତାଧିକ ଅଭିଭାବକଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ବିଇଓଙ୍କୁ ପ୍ରଦାନ କରାଯାଇଛି।

## ନିମପୁର-ଶାସନ କୃଷକ କ୍ଲବଠାରେ ଆଇନ ସଚେତନତା ଶିବିର

**ପଟ୍ଟାମୁଣ୍ଡାଇ, ୨୧।୯ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ସ୍ଥାନୀୟ ନିମପୁର-ଶାସନ କୃଷକ କ୍ଲବଠାରେ ମଙ୍ଗଳବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କୋର୍ଟ ସିନିୟର ସିଭିଲ ଜଜ୍ ତଥା ତାଲୁକ ଆଇନ ସେବା ସମିତି ଅଧକ୍ଷ ହରପ୍ରସାଦ ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ପାରିବାରିକ ହିଂସା, ଯୌତୁକ ନିରୋଧ ଆଇନ, ଅନୁସୂଚିତ ଜାତି ଓ ଜନଜାତି ହିଂସା ନିରୋଧି ଆଇନ ଦିଗରେ ସହାୟତା ପ୍ରଦାନ କରାଯିବା ନେଇ ସଚେତନ କରାଯାଇଥିଲା। ଏହାର ସୁଯୋଗ ନେବା ପାଇଁ ସିନିୟର ସିଭିଲ ଜଜ୍ ପାଢ଼ୀ ସୂଚନା ଦେଇଥିଲେ। ଶିବିରରେ ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ପିଏଲ୍ଭି ପ୍ରଫୁଲ୍ଲ କୁମାର ଦାଶ ଓ କୃଷକ କ୍ଲବ ସମ୍ପାଦକ ବିଜୟ କୁମାର ପରିଡ଼ା ଆଇନ ସହାୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିବିରରେ ୧୦୬ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଶେଷରେ କୃଷକ କ୍ଲବ ସଭାପତି ହରେକୃଷ୍ଣ ଦାଶ ଧନ୍ୟବାଦ ଦେଇଥିଲେ।

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**ରାଜକନିକା,୨୧।୯( ଡି.ଏନ୍.ଏ.)**

**କ୍ୟାନ୍ସର ପୀଡିତା ସାଗରିକା**



ରାଜକନିକା ବ୍ଲକ ହାଟସାହି ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ଗାଁର ଜଣେ କ୍ୟାନସର ପୀଡିତାଙ୍କ ପାଇଁ ଅର୍ଥ ସାଜିଛି ବାଧକ। ସେ ହେଲେ ସାଗରିକା ସାହାଣୀ (୨୫)। ଗରିବ ପରିବାରରେ ଜନ୍ମନେଇଥିବା ଏହି ଯୁବତୀ ଏବେ କଟକ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୨୦ ବର୍ଷ ପୂର୍ବେ ବାପା ଯଦୁନାଥ ସାହାଣୀଙ୍କ ପରଲୋକ ଘଟିଛି। ବଡ ଭଉଣୀ ଆଦରମଣି ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ପରିବାରର ସବୁ ଦାୟିତ୍ୱ ଏବେ ମା'ଯାମିନୀ ସାହାଣୀ(୬୫)ଙ୍କ ଉପରେ ରହିଛି।

ବୟସାଧିକ ହେତୁ ପରିବାର ବୋଝ ସମ୍ଭାଳିବା ମା'ଙ୍କ ପାଇଁ କାଠିକର ପାଠ ହୋଇପଡୁଛି। ଏଭଳିସ୍ଥିତିରେ ସାଗରିକାଙ୍କ କ୍ୟାନସର ରୋଗ ପରିବାର ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ତାଙ୍କ ଚିକିତ୍ସା ପାଇଁ ମା ପାଖରେ ଥିବା ସବୁ ଟଙ୍କା ଖର୍ଚ୍ଚ ହୋଇସାରିଲେଣି। ଏବେ ଆଗକୁ ସାନଝିଅର ଚିକିତ୍ସା କିପରି କରିବେ ସେନେଇ ମା'ଯାମିନୀ ଚିନ୍ତିତ ହୋଇପଡିଛନ୍ତି। ଅପରପକ୍ଷେ ସରକାରୀ ସାହାଯ୍ୟ ତାଙ୍କ ପରିବାର ପାଇଁ ସାତସପନ ପାଲଟିଛି। ଏପର୍ଯ୍ୟନ୍ତ ଏହି ଅସହାୟ ପରିବାରକୁ ରାଶନ କାର୍ଡ ଅବା ଆବାସିକ ଯୋଜନାରେ ଘର ଖଣ୍ଡେ ମିଳିପାରିନାହିଁ। ଅର୍ଥ ଅଭାବରୁ ରହୁଥିବା ଭଙ୍ଗା ଘର ଛପର ହୋଇପାରୁନାହିଁ। ଏନେଇ ସେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଆର୍ଥିକ ସାହାଯ୍ୟ ପାଇଁ ନିବେଦନ କରିଥିଲେ। ମାତ୍ର ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ ବୋଲି ସାଗରିକା କହିଛନ୍ତି। ତାଙ୍କ ଦୁଃଖ ବିଷୟରେ ସୋସିଆଲ ମିଡିଆରେ ପ୍ରକାଶ ପାଇଥିଲା। ପରେ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ତାଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅଧିକ ଆର୍ଥିକ ସହଯୋଗ ଯୋଗାଇଦେବା ପାଇଁ ସେ ଜିଲା ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି, ସାଗରିକାଙ୍କ ସମସ୍ୟା ସମ୍ପର୍କରେ ଅବଗତ ଅଛି। ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଖୁବଶୀଘ୍ର ପଦକ୍ଷେପ ନିଆଯିବ।

## ପାଳକଣାପାଟଣାରେ ସ୍ୱାସ୍ଥ୍ୟ ଶିବିର ପାଇଁ ଦାବି

**କେନ୍ଦ୍ରାପଡ଼ା ଅଫିସ, ୨୧।୯**

ଗତ ଲଗାଣ ବର୍ଷାରେ କେନ୍ଦ୍ରାପଡ଼ା ବ୍ଲକ କୋରୋ ପଞ୍ଚାୟତ ଅଧୀନ ପାଳକଣାପାଟଣା ଗ୍ରାମର ପରିବେଶ ଓ ପରିମଳ ବିପର୍ଯ୍ୟସ୍ତ ହୋଇଛି। ଦୀର୍ଘ ଦିନ ଧରି ଏହି ଗ୍ରାମର ହରିଜନ ସାହି ଓ ଗୋଖାସାହିରେ ବର୍ଷାଜଳ ଜମି ରହିବା ଫଳରେ ପୂତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ଏଠାରେ ଥିବା ପାନୀୟଜଳ ଉତ୍ସ ରୁ ପାଣି ବ୍ୟବହାର କରି ଲୋକମାନେ ଗତ ୨ଦିନ ହେବ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ଅଧିବାସୀ ଏହି ରୋଗରେ ପଡିଛନ୍ତି। ତେବେ ଏହି ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବାକୁ ପଞ୍ଚାୟତବାସୀ ସିଡିଏମଓଙ୍କୁ ଶୁକ୍ରବାର ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଦୁଇଦିନ ମଧ୍ୟରେ ଉକ୍ତ ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ ବୋଲି ସିଡିଏମଓ ଡା. ବୈଷ୍ଣବ ଚରଣ ସାହୁ ସୂଚନା ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଆଇନଜୀବୀ ଚୈତନ୍ୟ ଚରଣ ମଲ୍ଲିକ, ସୁନାକର ସେଠୀ, ରାଜକିଶୋର ମଲ୍ଲିକ, ମଣ୍ଟୁ ମଲ୍ଲିକ, ବାବାଜି ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଭରତପୁର ପଞ୍ଚାୟତବାସୀ ସ୍ୱାସ୍ଥ୍ୟ ଶିବିର ପାଇଁ ସିଡିଏମଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

## କୃଷି ଋଣ ଛାଡ ପାଇଁ ଦାବିପତ୍ର

**କେନ୍ଦ୍ରାପଡା ଅଫିସ, ୨୧।୯**

ଡେରାବିଶ ବ୍ଲକ ଗଣିଆମୁହଁ ଗ୍ରାମର ପାର୍ବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କୃଷିଋଣ ଛାଡ ପାଇଁ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଦାଶରଥି ଶତପଥୀ କୃଷିକ୍ଷେତର କ୍ଷୟକ୍ଷତି ତଦନ୍ତ କରି ତୁରନ୍ତ ଜଣାଇବା ପାଇଁ ଡେରାବିଶ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସଭାନେତ୍ରୀ ନଳିନୀ ପ୍ରଧାନ ସୂଚନା ଦେଇଛନ୍ତି, ଗ୍ରାମ ନିକଟସ୍ଥ କ୍ଷେତରେ ଖରିଫ ଚାଷ ପାଇଁ ଗୋଷ୍ଠୀ ସଦସ୍ୟମାନେ ଗତ ଜୁନରେ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଗତ ଲଗାଣ ବର୍ଷା ଏହି ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରିଛି। ଫଳରେ ଗୋଷ୍ଠୀ ପକ୍ଷରୁ ଏହି ଋଣ ଶୁଝିବା ସମ୍ଭବ ହେଉନାହିଁ। ଫଳରେ କୃଷି ଋଣ ଛାଡ କରାଯିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି।



ଦାବିପତ୍ର ଦେବାକୁ ଆସିଥିବା ସ୍ୱୟଂ ସହାୟକଗୋଷ୍ଠୀର ମହିଳାମାନେ।

# ଚାଷ ଜମିରୁ ପାଣି ନ ଛାଡୁଣୁ ପୁଣି ଲଗାଣ ବର୍ଷା

**ଚାଷୀ ମୁଣ୍ଡରେ ଚଡ଼କ**

**ପାଟକୁରା, ୨୧।୯ (ଡି.ଏନ୍.ଏ)**



ଚାଷ ଜମି ବର୍ଷାପାଣିରେ ବୁଡ଼ି ରହିଛି।

ଗତ ଲଘୁଚାପଜନିତ ବର୍ଷା ଯୋଗୁ ଗରଦପୁର ବ୍ଲକ ଅଞ୍ଚଳରେ ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଥିବା ବେଳେ ଅନେକ ଜମିରେ ଧାନ ଫସଲ ପଚି ନଷ୍ଟ ହୋଇଥିଲା। କେତେକ ବିଲରୁ ପାଣି ଛାଡିବା ପରେ କିଛି ଫସଲ ନଷ୍ଟ ନ ହେବା ନେଇ ଚାଷୀମାନେ ଆଶଙ୍କା କରୁଥିବା ବେଳେ ବଙ୍ଗୋସାଗରରେ ପୁଣି ଏକ ଲଗୁଚାପ ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଲଘୁଚାପ ଯୋଗୁ ଗତ ବୁଧବାରଠାରୁ ଉପକୂଳ ଅଞ୍ଚଳରେ ପୁଣି ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ବ୍ଲକ ଅଞ୍ଚଳରେ ୮୫ମି.ମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଫଳରେ ଗରଦପୁର ବ୍ଲକ ଅଞ୍ଚଳରେ ହଜାର ହଜାର ଏକ ଚାଷଜମିରେ ପୁଣି ବର୍ଷା ପାଣି ଢେ଼ଉ ଖେଳୁଛି। ଦୀର୍ଘଦିନ ଧରି ବିଲରେ ପାଣି ଜମି ରହିବା ହେତୁ ଧାନ ଗଛ ଶଢ଼ି ଯାଉଥିବା ବେଳେ ପନିପରିବା ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପାଟକୁରା ପଞ୍ଚାୟତର ଯମୁନାବାଦ, ଜଗଦ୍ଦଳପୁର, ବେଡାରୀ ପଞ୍ଚାୟତର ଶ୍ରୀଚନ୍ଦନପୁର, ପରକଣା, ସୋଲପାଟ, କୂଳତୁଠୀ, ହରିଦାସପୁର ଆଦି ଅଞ୍ଚଳର ଚାଷଜମିରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହିଛି। ବେଡାରୀ ଗହୀର ପାଟଠାରେ ଥିବା ଜାମୁଗଛ ମାହାରାଠାରେ ନିର୍ମିତ ଚେକ୍ଡ୍ୟାମ୍ରୁ ବର୍ଷା ପାଣି ଠିକ୍ ଭାବେ ନିଷ୍କାସିତ ହୋଇ ପାରୁ ନ ଥିବାରୁ ଚାଷୀମାନେ ଡ୍ୟାମ୍ର ୨ଟି ଗେଟ୍କୁ ତାଡି ଦେଇଛନ୍ତି। ଅପରପକ୍ଷେ ଗତ ଲଘୁଚାପ ବର୍ଷାରେ ବହୁ ଲୋକଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ପଲିଥିନ୍ ଯୋଗାଇ ଦିଆଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ସଂକ୍ଷେପରେ

### ଏମ୍ସରେ ଜୟନାରାୟଣ



**ସମ୍ବଲପୁର, ୨୧।୯ (ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ସମ୍ବଲପୁରର ଭାଜପା ଯୁବନେତା କାହ୍ନୁରାମ ଶର୍ମା ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ଅପରପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡିଶା ଗସ୍ତରେ ଆସୁଛନ୍ତି। ବହୁ ପ୍ରତୀକ୍ଷିତ ଝାରସୁଗୁଡା ଏୟାରପୋର୍ଟକୁ ସେ ଉଦ୍‌ଘାଟନ କରିବେ । ଏହାପରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ । କିନ୍ତୁ ଜୟନାରାୟଣଙ୍କ ଅନୁପସ୍ଥିତିରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ନିରାଶାଭାବ ଦେଖାଦେଇଛି ।

### ବଦଳିଲେ ସାତକୋଶିଆ ଡିଏଫ୍‌ଓ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ):** ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଏସ୍.ଏମ୍.ଟି. ରହମନଙ୍କୁ ଶୁକ୍ରବାର ବଦଳି କରାଯାଇଛି। ରହମନଙ୍କୁ କଟକ ବନଖଣ୍ଡକୁ ବଦଳି କରାଯାଇଥିବା ବେଳେ ବର୍ତ୍ତମାନ କଟକ ବନଖଣ୍ଡ ଅଧିକାରୀ ଥିବା ସୁଦର୍ଶନ ପାତ୍ରଙ୍କୁ ଢେଙ୍କାନାଳ(ଟେରିଟୋରି)ର ଡିଭିଜନ୍‌କୁ ବଦଳି କରାଯାଇଛି। ଏ ନେଇ ଶୁକ୍ରବାର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସାତକୋଶିଆରେ ଗତ ୧୨ ତାରିଖରେ ବାଘୁଣୀ 'ସୁନ୍ଦରୀ' ଜଣେ ମହିଳାଙ୍କୁ ମାରିଥିବା ଅଭିଯୋଗ ହୋଇଥିଲା। ଏହାପରେ ସ୍ଥାନୀୟ ଲୋକେ ସେଠାରେ ଲଙ୍କାକାଣ୍ଡ ଘଟାଇଥିଲେ। ଫଳରେ ବନବିଭାଗର ଲକ୍ଷାଧିକ ଟଙ୍କା ନଷ୍ଟ ହୋଇଥିଲା। ଏହି ଘଟଣା ପାଇଁ ରହମନଙ୍କୁ ବଦଳି କରାଯାଇଥିବା କୁହାଯାଉଛି। ଘୁମୁସର ଉତ୍ତର ବନଖଣ୍ଡର ଡିଏଫ୍‌ଓ ରାମସ୍ୱାମୀ ପି. ସାତକୋଶିଆର ଡିଏଫ୍‌ଓ ଭାବେ ନିଯୁକ୍ତ ପାଇପାରନ୍ତି ବୋଲି ସୂଚନା ମିଳିଛି।

# ମୋଦିଙ୍କ ଆଭିମୁଖ୍ୟ ଉପରେ ନଜର

ଭୁବନେଶ୍ୱର୨୧।୯, (ବ୍ୟୁରୋ)

- କୌଣସି ପ୍ରଭାବ ପଡିବ ନାହିଁ ବୋଲି କହିଲେ ବିଜେଡି, କଂଗ୍ରେସ
- ଏଠି କଳି, ଦିଲ୍ଲୀରେ କୋଳାକୋଳି: ନିରଞ୍ଜନ
- ୪ବର୍ଷ କାମ କଲୁ, ଏବେ ହିସାବ ଦେବୁ: ଧର୍ମେନ୍ଦ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡିଶା ଗସ୍ତ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ମୋଦି ଏହି ଗସ୍ତ ବେଳେ କି ବକ୍ତବ୍ୟ ରଖିବେ ତା'ଉପରେ ସମସ୍ତଙ୍କ ନଜର ରହିଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ମୋଦିଙ୍କ ଆଭିମୁଖ୍ୟ ରାଜ୍ୟ ରାଜନୀତିକୁ ଭିନ୍ନ ମୋଡ ଦେଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ପୂର୍ବ ଗସ୍ତ ବେଳେ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ନିଷ୍ପତ୍ତିକୁ ସମର୍ଥନ ଜଣାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରର ଅନ୍ୟମନ୍ତ୍ରୀମାନେ ଧନ୍ୟବାଦ ଦେଇଥିଲେ। ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନରେ ଏନ୍‌ଡିଏ ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ସମେତ ଭାଜପା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ କେନ୍ଦ୍ରର ଅନ୍ୟ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହା ଜାତୀୟ ରାଜନୀତିରେ ମୁଖ୍ୟମନ୍ତ୍ରୀଙ୍କ ପତିଆରାକୁ ବହୁଗୁଣିତ କରିଛି। ଏଭଳି କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ରାଜ୍ୟ ସରକାର ବିରୋଧୀ ଆଭିମୁଖ୍ୟ ଓଡ଼ିଶାବାସୀଙ୍କ ଉପରେ କୌଣସି ପ୍ରଭାବ ନ ପକାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆଲୋଚନା କରୁଛନ୍ତି। ବିଗତ ଦିନରେ ମଧ୍ୟ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ଶାହ ରାଜ୍ୟ ସରକାରଙ୍କ ବିରୋଧରେ ବହୁବାର କଡ଼ା ଆଭିମୁଖ୍ୟ ରଖିଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ତାହା ପ୍ରଭାବଶୂନ୍ୟ ହୋଇଥିବା ପରିଲକ୍ଷିତ ହୋଇଛି। ରାଜ୍ୟର ଭାଜପା ନେତାମାନେ ମଧ୍ୟ ବିଜେଡ଼ି ସରକାରଙ୍କୁ ବାରମ୍ବାର ଟାର୍ଗେଟ କରିଥିବାବେଳେ କେନ୍ଦ୍ର ସରକାରଙ୍କ ପ୍ରଶଂସା ସବୁକିଛିକୁ ଏପଟସେପଟ କରିପକାଇଛି। ପଞ୍ଚାୟତ ନିର୍ବାଚନର ସଫଳତାକୁ ଛାଡିଦେଲେ ରାଜ୍ୟବାସୀଙ୍କ ସମର୍ଥନ କୌଣସି ସମୟରେ ଭାଜପାକୁ ନ ମିଳିବା ଏହାକୁ ସ୍ପଷ୍ଟ କରୁଛି। ତେବେ ଏଭଳି କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ ବହୁ ଗୁରୁତ୍ୱ ବହନ କରୁଛି। ମାତ୍ର ତାଙ୍କ ଗସ୍ତ ଦ୍ୱାରା କୌଣସି ପ୍ରଭାବ ପଡିବ ନାହିଁ ବୋଲି ବିଜେଡି ଏବଂ କଂଗ୍ରେସ ମତ ରଖିଛନ୍ତି।

ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଯେଉଁସବୁ ପ୍ରକଳ୍ପ ଉଦ୍‌ଘାଟନ କରିବା ପାଇଁ ଆସୁଛନ୍ତି ତାହା ବହୁ ପୂର୍ବରୁ ହେବା କଥା। ମାତ୍ର ଏବେ ନିର୍ବାଚନକୁ କମ୍ ସମୟ ଥିବାରୁ ସେ ଉଦ୍‌ଘାଟନ କରି ଜନମତ ସଂଗ୍ରହ ପାଇଁ ପ୍ରୟାସ କରିବାକୁ ଆସୁଛନ୍ତି। ୩ବର୍ଷ ତଳୁ କେନ୍ଦ୍ର ସରକାର ଏନେଇ ଯୋଜନା କରିଥିଲେ। ମାତ୍ର କାର୍ଯ୍ୟ ବିଳମ୍ବ ହେବାରୁ ମୁଖ୍ୟମନ୍ତ୍ରୀ ବାରମ୍ବାର ଚିଠି ଲେଖି ଏ ବାବଦରେ ତାଙ୍କୁ ଜଣାଇଥିଲେ। ହେଲେ ଜାଣିଶୁଣି ବିଳମ୍ବରେ ଏହା କରାଯାଉଛି। ପ୍ରଧାନମନ୍ତ୍ରୀ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଛନ୍ତି। ତାଙ୍କ ଆଭିମୁଖ୍ୟକୁ ଲକ୍ଷ୍ୟକରି ବିଜେଡି ତା'ର ଉତ୍ତର ଦେବ। ତେବେ ତାଙ୍କ ଗସ୍ତ ଦ୍ୱାରା କୌଣସି ପ୍ରଭାବ ପଡିବ ନାହିଁ ବୋଲି ଶତପଥୀ କହିଛନ୍ତି।

ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମୋଦିଙ୍କ ଗସ୍ତ ଦ୍ୱାରା କୌଣସି ପ୍ରଭାବ ପଡିବ ନାହିଁ। ବିଜେଡି-ଭାଜପା ଭାଇଭାଇ। ଏଠି କଳି, ଦିଲ୍ଲୀରେ ଉଭୟ କୋଳାକୋଳି ବୋଲି ସେ ସମାଲୋଚନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସାଢେ ୪ବର୍ଷ ହେଲା କାମ କରୁଛୁ। ଏବେ ତା'ର ହିସାବ ଦେବାର ସମୟ ଆସିଛି। ଯେଉଁ ରାଜ୍ୟ ଏକ ବିରାଟ ସାମ୍ବିଧାନିକ ସଙ୍କଟ ଆଡକୁ ମୁହାଁଉଛି ସେଠାର ଶାସନକର୍ତ୍ତାଙ୍କୁ ଲୋକମାନେ ଏବେ ଚିହ୍ନିଲେଣି। ତେଣୁ ତାଙ୍କ ସହ ମୋଦିଙ୍କ ବିକାଶକୁ ତୁଳନା କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସଭା ଉପାଧ୍ୟକ୍ଷ ପଦ ବିଜେଡିକୁ ଯଚାଯାଇଥିଲା। ମାତ୍ର ସେମାନେ କାହିଁକି ନେଲେ ନାହିଁ ଏକଥା ତାଙ୍କୁ ପଚାରିଲେ କହିପାରିବେ। ଅନାସ୍ଥା ପ୍ରସ୍ତାବ ବେଳେ ଭାଜପାକୁ ବିଜେଡି ସାହାଯ୍ୟ କରି ନ ଥିଲା। କୌଣସି ବାଧ୍ୟବାଧକତାରୁ ଦଳୀୟ ଏମ୍‌ପିମାନେ ବିନା ବିତର୍କରେ କକ୍ଷତ୍ୟାଗ କରିଥିଲେ। ରାଷ୍ଟ୍ରପତି ନିର୍ବାଚନରେ ଆମେ ସମର୍ଥନ ମାଗିଥିଲୁ ଓ ସେମାନେ ଦେଇଥିଲେ। କିନ୍ତୁ ଉପରାଷ୍ଟ୍ରପତି ନିର୍ବାଚନରେ କାହିଁକି ସମର୍ଥନ କଲେନି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

# ଅକ୍ଟୋବରରେ ଆସିବେ ରାହୁଲ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡିଶା ଗସ୍ତ ନେଇ କିଛିଦିନ ହେବ ଚର୍ଚ୍ଚା ଜୋର ଧରିଛି। ପିସିସି ସଭାପତି ଭାବେ ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ନେବା ପରଠାରୁ ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟାଳୟରେ ହେଉଥିବା ବୈଠକ ବା କାର୍ଯ୍ୟକ୍ରମରେ ଏନେଇ ନେତାମାନେ ମତ ରଖୁଛନ୍ତି। ପୂର୍ବରୁ ସେପ୍ଟେମ୍ବର ଶେଷ ସପ୍ତାହରେ ରାହୁଲ ଓଡିଶା ଗସ୍ତରେ ଆସିବେ ବୋଲି କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ସୂଚନା ଦେଇଥିଲେ। ରାହୁଲ ଓଡିଶା ଆସିବାକୁ ଆଗ୍ରହୀ ଥିଲେ ମଧ୍ୟ ସାଙ୍ଗଠନିକ କାର୍ଯ୍ୟ ଶେଷ ହୋଇପାରୁ ନ ଥିବାରୁ ଏହା ସମ୍ଭବ ହୋଇପାରୁ ନାହିଁ ବୋଲି ଶୁଣିବାକୁ ମିଳିଥିଲା। ଅନ୍ୟପଟେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪ବର୍ଷ ମଧ୍ୟରେ ବାରମ୍ବାର ଓଡିଶା ଗସ୍ତରେ ଆସି ରାଜ୍ୟରେ ଦଳୀୟ ସଙ୍ଗଠନ ମଜଭୁତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ମୋଦି ପୁଣି ଶନିବାର ଓଡିଶା ଆସୁଛନ୍ତି। ଶାହ ମଧ୍ୟ ଆସନ୍ତା ୨୪ତାରିଖରେ ପୁରୀ ଗସ୍ତରେ ଆସିବେ। ଏହି ଅବସରରେ ସେ ଦଳୀୟ ସଙ୍ଗଠନ ମଜଭୁତ କରିବା ସହ ରାଜ୍ୟରେ ଭାଜପା କିଭଳି ସରକାର କରିବ ତା'ର ଭିତ୍ତିଭୂମି ଯାଞ୍ଚ କରିବେ। ଏଭଳି ସ୍ଥିତିରେ ପିସିସି ସଭାପତି ଆସନ୍ତା ମାସରେ ରାହୁଲଙ୍କ ଓଡିଶା ଗସ୍ତ ନେଇ ସୂଚନା ଦେଇଛନ୍ତି। ଏହାକୁ ନେଇ ଦଳୀୟ ନେତା ଓ କର୍ମୀ ମହଲରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ନିରଞ୍ଜନ କହିଛନ୍ତି ଯେ, ଅକ୍ଟୋବରରେ ରାହୁଲ ଓଡିଶା ଆସିବେ। ଏହାପରେ ନଭେମ୍ବରରେ ସେ ପୁନର୍ବାର ଆସିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ସେ କେବେ ଆସିବେ ସେ ନେଇ ତାରିଖ ସ୍ପଷ୍ଟ କରାଯାଇ ନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ସାଧାରଣ ସଭା ଆୟୋଜନ କରାଯିବ। ରାହୁଲ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦୁର୍ନୀତି ସମ୍ପର୍କରେ ସାଧାରଣ ଲୋକଙ୍କୁ ଜଣାଇବା ସହ ଦଳକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେବେ। ଅନ୍ୟପଟେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି। ତେବେ ଶାହ ଓ ମୋଦି ବାରମ୍ବାର ଓଡିଶା ଗସ୍ତ କରୁଥିବାବେଳେ ରାହୁଲ ଏ ପର୍ଯ୍ୟନ୍ତ ରାଜ୍ୟ ଗସ୍ତରେ ନ ଆସିବା ଦ୍ୱାରା କିଛି ପ୍ରଭାବ ପଡିବ କି ବୋଲି ନିରଞ୍ଜନଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟରେ ଭାଜପା ବହୁ ଦୁର୍ବଳ ଅବସ୍ଥାରେ ରହିଛି। କେନ୍ଦ୍ରୀୟ ନେତାମାନେ ଯେତେ ଚେଷ୍ଟା କଲେ ସୁଦ୍ଧା ସେମାନେ ଆଗକୁ ବଢିପାରୁ ନାହାନ୍ତି। ସେଥିଲାଗି ଶାହ ଓ ମୋଦି ବାରମ୍ବାର ଓଡିଶା ଗସ୍ତ କରୁଛନ୍ତି ।



**ଅପେକ୍ଷାରେ:** ଝାରସୁଗୁଡ଼ା ବିମାନବନ୍ଦର



ତାଳଚେର ବକ୍ସି ଜଗବନ୍ଧୁ ଷ୍ଟାଡିୟମ୍‌ଠାରେ ପ୍ରଧାନମନ୍ତ୍ରୀଙ୍କ ସାଧାରଣ ସଭା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ହୋଇଥିବା ମଞ୍ଚ।

# ବିମାନବନ୍ଦରରେ କଡ଼ା ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ୨୧।୯ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ମୋଦି ସ୍ୱତନ୍ତ୍ର ବିମାନ ଯୋଗେ ଆସି ସକାଳ ପ୍ରାୟ ୮ଟା ୫୫ରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବେ। ପରେ ଏଠାରୁ ସିଧା ତାଳଚେର ଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ବିମାନ ବନ୍ଦର ଓ ଏହାର ଆଖପାଖ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିମାନବନ୍ଦର ଏବଂ ଏହା ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଓ ୪୦ ଅଫିସର ମୁତୟନ ହେବେ।

ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଆପତକାଳୀନ ଯୋଜନା କରାଯାଇଛି। ପ୍ରଧାନମନ୍ତ୍ରୀ ବିମାନବନ୍ଦରରୁ ସିଧା ତାଳଚେର ଯିବାକୁ ଥିବାବେଳେ ଯଦି କୌଣସି କାରଣ ବଶତଃ ବିମାନରେ ଯିବା ବାତିଲ ହୁଏ କିମ୍ବା ପ୍ରଧାନମନ୍ତ୍ରୀ ରାଜଭବନକୁ ଯିବାକୁ ଚାହାନ୍ତି, ତେବେ ତାଙ୍କୁ ବାଇ ରୁଟ୍‌ରେ ନିଆଯିବ। ଏହାକୁ ଦୃଷ୍ଟିରେ ରଖି ଆପତକାଳୀନ ଯୋଜନା କରାଯାଏ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ଏଥିପାଇଁ ଶୁକ୍ରବାର କମିଶନରେଟ୍ ପୋଲିସ ପକ୍ଷରୁ ଏକ କାର୍‌କେଡ୍ ରିହରସାଲ କରାଯାଇଥିଲା। ଏଥିରେ ୧୬ ଗାଡି ସାମିଲ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ନାମରେ ଥାନାରେ ଅଭିଯୋଗ

ବ୍ରହ୍ମଗିରି, ୨୧।୯ (ଡି.ଏନ୍.ଏ.)

**ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣା**

ଚିଲିକା ଉପରେ ହେଲିକପ୍ଟର ଉଡାଣକୁ ନେଇ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ନାମରେ ଥାନାରେ ମାମଲା ରୁଜୁ ହେବା ପରେ ଏବେ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ରାଜନେତାଙ୍କ ଉପରକୁ ଅଙ୍ଗୁଳି ଉଠିଛି। ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ରାଜନେତାମାନେ ଚିଲିକା ଉପରେ ହେଲିକପ୍ଟର ଉଡାଇଥିବା ଦର୍ଶାଇ ଶୁକ୍ରବାର ପୁରୀ ସଚେତନ ନାଗରିକ ମଞ୍ଚ ତରଫରୁ ସଭାପତି ପ୍ରିୟଦର୍ଶନ ପଟ୍ଟନାୟକ ଅରଖକୁଦା ମେରାଇନ ଥାନାରେ ଏକ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୁରୀ ଏମ୍‌ପି ପିନାକୀ ମିଶ୍ର ଓ ବ୍ରହ୍ମଗିରି ବିଧାୟକ ସଞ୍ଜୟକୁମାର ଦାସବର୍ମା ଅନେକ ଥର ଚିଲିକା ଉପରେ ହେଲିକପ୍ଟର ଉଡାଇଛନ୍ତି। ଏହା ଦ୍ୱାରା ସେମାନେ ଆଇନର ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଏ ନେଇ ସେମାନଙ୍କ ଉପରେ ମଧ୍ୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପଟ୍ଟନାୟକ ପୂର୍ବରୁ ଗତ ୧୮ ତାରିଖରେ ପୁରୀ ଏସପିଙ୍କ ନିକଟରେ ଏକ ଅଭିଯୋଗ କରିଥିଲେ। ଶୁକ୍ରବାର ଏହାର ଏକକିତା ନକଲ ଅରଖକୁଦା ମେରାଇନ ଥାନାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଅରଖକୁଦା ମେରାଇନ ଥାନା ଅଧିକାରୀ ଖଗେଶ୍ୱର କର କୁହନ୍ତି, ମୁଁ ଏକ ଅଭିଯୋଗ ପାଇଛି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବି।

## କୋଣାର୍କ, ଶ୍ରୀମନ୍ଦିର ପ୍ରତି ଅରୁଚିକର ମନ୍ତବ୍ୟ

# ଆୟରଙ୍କ ନାମରେ ପୁଣି ଏତଲା

**ପୁରୀ ଅଫିସ, ୨୧।୯:** ଅଭିଜିତ ଆୟର ମିତ୍ର ଓଡ଼ିଶା, ଓଡ଼ିଆ ଜାତି, ଓଡ଼ିଶାର ଐତିହ୍ୟକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ଅରୁଚିକର ମନ୍ତବ୍ୟ ରଖୁଛନ୍ତି। ଶ୍ରୀଜଗନ୍ନାଥ ଓ କୋଣାର୍କ ସୂର୍ଯ୍ୟମନ୍ଦିର ବିରୋଧରେ କଦର୍ଥ ମନ୍ତବ୍ୟ ରଖିଛନ୍ତି। ଏହା ଓଡ଼ିଶା ଏବଂ ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଭାବାବେଗକୁ କଠୋର ଆଘାତ ଦେଇଛି। ଅଭିଜିତଙ୍କ ଏହି ବିବାଦୀୟ ମନ୍ତବ୍ୟକୁ ବିରୋଧ ଶୁକ୍ରବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ମଞ୍ଚର ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଏତଲାରେ ଦର୍ଶାଇଛନ୍ତି ଯେ, ଅଭିଜିତ ବିଧାନସଭାର ସଦସ୍ୟ ଓ ସଦସ୍ୟାଙ୍କ ନାମରେ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଏଭଳି ବ୍ୟକ୍ତିଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୧୫୩(ଏ), ୨୯୫(କ), ୨୯୬, ୨୯୭, ୨୯୮, ୧୨୦(ଖ), ୩୪ ଏବଂ ବିଧାନସଭା ଆଚରଣ ବିଧି ନିୟମ ୧୪୨ ଧାରା ବଳରେ ମକଦ୍ଦମା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଏହାସହିତ ସିଂହଦ୍ୱାର ଥାନା ସମ୍ମୁଖରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅଭିଜିତଙ୍କ ଫଟୋ ଚିତ୍ର ସମ୍ବଳିତ ଫ୍ଲେକ୍ସ ପୋଡା ଯାଇଥିଲା। ଏ ସମ୍ପର୍କରେ ସିଂହଦ୍ୱାର ଥାନା ଅଧିକାରୀ ଗୋକୁଳ ଚନ୍ଦ୍ର ଦାସ କହିଛନ୍ତି, ଏହି ଅଭିଯୋଗକୁ ଭିତ୍ତିକରି ଏକ ଷ୍ଟେଶନ ଡାଏରୀ କରାଯାଇଛି। ଏହାର ତଦନ୍ତ କରାଯିବ। ସୂଚନାଯୋଗ୍ୟ, ଗତ ୧୫ତାରିଖରେ ଚିଲିକା ଉପରେ ହେଲିକପ୍ଟର ଉଡାଣ ହୋଇଥିଲା। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏହି ଉଡାଣ କରିଥିବା ଜଣାପଡିଥିଲା। ତାଙ୍କ ସହିତ ଦିଲ୍ଲୀର ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋ ହେଲିକପ୍ଟରରେ ଥିଲେ। ସେ ତାଙ୍କର ଟୁଇଟରରେ ଏହି ହେଲିକପ୍ଟରେ ବୁଲିବାର ଫଟୋ ପୋଷ୍ଟ କରିବା ସହିତ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ, ଓଡ଼ିଶା ଏବଂ ଓଡିଆ ଜାତି ବିରୋଧରେ ମନ୍ତବ୍ୟ ରଖିଥିଲେ। ଏହାକୁ ନେଇ ପୂର୍ବରୁ ସିଂହଦ୍ୱାର ଥାନାରେ ଏକ ଏତଲା ହୋଇଛି। ଏହାସହିତ କୋଣାର୍କ ଥାନରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ମାମଲାରେ ପୋଲିସ ଗୁରୁବାର ତାଙ୍କୁ ଦିଲ୍ଲୀରୁ ଗିରଫ କରିଥିବା ବେଳେ ସାକେତ କୋର୍ଟ ତାଙ୍କ ଜମିନ ମଞ୍ଜୁର କରିଛନ୍ତି। ୨୮ତାରିଖ ସୁଦ୍ଧାରେ ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟ ସରକାରଙ୍କ ମୁଖା ଖୋଲିଛି ସିଏଜି ରିପୋର୍ଟ: ଭାଜପା

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

- ଅଡିଟ୍ ନ ହେବା ଯାଏ ବିଜୁ ଯୁବବାହିନୀ ବାବଦରେ ଅର୍ଥ ଖର୍ଚ୍ଚ କରିପାରିବେନି
- ଆମକୁ କେନ୍ଦ୍ର ହିଁ ସମ୍ମାନିତ କରିଛି: ବିଜେଡି



ଖବରଦାତା ସମ୍ମିଳନୀରେ ସିଏଜି ରିପୋର୍ଟକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଛନ୍ତି ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ।

ସିଏଜି(କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ)ଙ୍କ ରିପୋର୍ଟ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନର ଅସଲ ଚେହେରା ଖୋଲିଯାଇଛି। ସିଏଜି ଦର୍ଶାଇଥିବା ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଭାଜପା ରାଜ୍ୟବାସୀଙ୍କ ପକ୍ଷରୁ ଅଦାଲତର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି । ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ବିଜୁ ଯୁବ ବାହିନୀ ବାବଦରେ ରାଜ୍ୟ ସରକାର ସବୁ ଖର୍ଚ୍ଚ ବନ୍ଦ ରଖିବା ପାଇଁ ସିଏଜିଙ୍କ ପକ୍ଷରୁ କ୍ରୀଡା ଓ ଯୁବ ବ୍ୟାପାର ବିଭାଗକୁ ଚିଠି ଦିଆଯାଇଛି । ହକି ବିଶ୍ୱକପରେ ବ୍ୟସ୍ତ ଥିବା କାରଣରୁ ବିଜୁ ଯୁବବାହିନୀ ପାଇଁ ହେବାକୁ ଥିବା ଅଡିଟ୍ କାର୍ଯ୍ୟରେ ସହଯୋଗ କରିପାରିବ ନାହିଁ ବୋଲି କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଉତ୍ତର ଦେବାପରେ ସିଏଜି ଏଭଳି ଚିଠି ଲେଖିଥିଲେ। ଡିସେମ୍ବର ପରେ ଅଡିଟ୍ କାର୍ଯ୍ୟରେ ବିଭାଗ ସହଯୋଗ କରିବ ବୋଲି କହିଥିଲା । ବିଭାଗର ଏଭଳି ଉତ୍ତରକୁ ଉଲ୍ଲେଖ କରି ସିଏଜି କହିଛନ୍ତି, ଯଦି ହିସାବ ଦେବାପାଇଁ ସମୟ ନାହିଁ ତେବେ ଯୁବବାହିନୀ କ୍ରିୟାନ୍ୱୟନ ପାଇଁ ସମୟ କେମିତି ଅଛି। ହକି ବିଶ୍ୱକପ୍ କାମରୁ ମୁକ୍ତ ହୋଇ ହିସାବ ନ ଦେବା ପର୍ଯ୍ୟନ୍ତ ଯୁବବାହିନୀ ଖର୍ଚ୍ଚ ବାବଦରେ ତହବିଲରୁ ଟଙ୍କାଟିଏ ଖର୍ଚ୍ଚ ନ କରିବାକୁ ସିଏଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ସତ୍ୟାସତ୍ୟ ସମ୍ପର୍କରେ କ୍ରୀଡ଼ା ଓ ଯୁବବ୍ୟାପାର ସଚିବ ବିଶାଳ ଦେବ ଉତ୍ତର ରଖନ୍ତୁ ବୋଲି ଆଚାର୍ଯ୍ୟ ଦାବି କରିଛନ୍ତି । ଏପରି କି ଯୁବବାହିନୀ ଶାସକ ବିଜେଡିର ଗୁଣ୍ଡାବାହିନୀ ବୋଲି ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ।

ସେ ଆହୁରି କହିଛନ୍ତି ଯେ, ପିସି ଖାଇବା ପାଇଁ ରାଜ୍ୟ ସରକାର ୟୁସି ଦେଉନାହାନ୍ତି । ତ୍ରୟୋଦଶ ଅର୍ଥ କମିଶନରୁ ଗୃହ ବିଭାଗ ପାଇଁ ୧୦୦ କୋଟି ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ଏହାର ୟୁସି ନ ଦେବା କାରଣରୁ ରାଜ୍ୟ ସରକାରଙ୍କୁ ୨୫ କୋଟି ଟଙ୍କା ହରାଇବାକୁ ପଡ଼ିଲା। ୟୁସି ନ ଦେବା ପଛର କାରଣ ହେଉଛି ରାଜ୍ୟ ସରକାର ୭୫ କୋଟି ଟଙ୍କା ଖର୍ଚ୍ଚ ନ କରି ଚଳୁ କରିଦେଇଛନ୍ତି । ଜାମର କିଣା, କର୍ମଚାରୀଙ୍କ ଗୃହ ନିର୍ମାଣ ଭଳି ବ୍ୟାପକ ଅନିୟମିତତା କରାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ସରକାରୀ ଡାକ୍ତରଖାନାରେ ସରଞ୍ଜାମ କିଣା, ନବକଳେବର ଅର୍ଥ ବାଟମାରଣା, ବାତ୍ୟା ଅଞ୍ଚଳରେ ବାସଗୃହ ନିର୍ମାଣ ଆଦି କ୍ଷେତ୍ରରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଛି। ୧୯ ବର୍ଷରେ ସରକାର ରାଜ୍ୟବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ବିଫଳ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣରେ ଓଡିଶା ଦେଶର ଏକ ନମ୍ବର ରାଜ୍ୟ ବୋଲି ରଙ୍ଗିନ ବିଜ୍ଞାପନ ଦିଆଯାଇଛି। ମାତ୍ର ରାଜ୍ୟ ସରକାରଙ୍କ ମନ୍ଥର କାର୍ଯ୍ୟକୁ ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି। ଏଥିପାଇଁ ଓଡ଼ିଶା ୧୫୫ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତାରୁ ବଞ୍ଚିତ ହେଲା ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି, ଯାହା କି ରାଜ୍ୟ ସରକାରଙ୍କ କେନ୍ଦ୍ର ଅବହେଳା ନାରାକୁ ମିଥ୍ୟା ବୋଲି ପ୍ରମାଣିତ କରୁଛି ବୋଲି ଆଚାର୍ଯ୍ୟ କହିଛନ୍ତି । ମୟୂରଭଞ୍ଜ ଜିଲାରେ ହୋଇଥିବା କୃଷି ଦୁର୍ନୀତିକୁ ସରକାର ସ୍ୱୀକାର କରିଥିଲେ ମଧ୍ୟ କାହିଁକି ତଦନ୍ତ କରୁନାହାନ୍ତି ବୋଲି ଆଚାର୍ଯ୍ୟ ପ୍ରଶ୍ନ ଉଠାଇଛନ୍ତି ।

ଏସବୁର ଉତ୍ତରରେ ଶାସକ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଛନ୍ତି, ବିଜୁ ଯୁବବାହିନୀ ଅର୍ଥ ଏ ପର୍ଯ୍ୟନ୍ତ ସବୁ ଜାଗାରେ ଖର୍ଚ୍ଚ ହୋଇନାହିଁ। ଆଗକୁ ଏ ଟଙ୍କା ଖର୍ଚ୍ଚ ହେବାପରେ ସିଏଜି ଏନେଇ ଅଡିଟ୍ କରିପାରିବେ। ଅଡିଟ୍ କରିବାକୁ ସିଏଜିଙ୍କୁ ମନା ନାହିଁ। ଭାଜପା ଏପରି ହାବଭାବ ଦେଖାଉଛି, ଯେମିତି ଲୋକମାନଙ୍କୁ ବିଭ୍ରାନ୍ତ କରିପାରିବ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣରେ କେନ୍ଦ୍ର ସରକାର ଓଡ଼ିଶାକୁ ଏକ ନମ୍ବର ରାଜ୍ୟଭାବେ ସମ୍ମାନିତ କରିଛନ୍ତି। ଓଡ଼ିଶାର ଭାଜପା ନେତାମାନେ ରାଜ୍ୟ ସରକାର ଭୁଲ୍ ତଥ୍ୟ ଦେଉଛନ୍ତି ବୋଲି କହିଲା ବେଳେ କେନ୍ଦ୍ରୀୟ ନେତାମାନେ ସମ୍ମାନିତ କରୁଛନ୍ତି। ତେବେ କେଉଁଟା ଠିକ୍ ସେକଥା ସେମାନେ କୁହନ୍ତୁ ବୋଲି ଶତପଥୀ କହିଛନ୍ତି।

# ସୋସିଆଲ୍ ମିଡିଆ ଆନାଲିଷ୍ଟ

ସାମ୍ପ୍ରତିକ ସମୟରେ ଏହି ସୋସିଆଲ୍ ମିଡିଆ ଆନାଲିସିସ୍ କ୍ଷେତ୍ରରେ କ୍ୟାରିୟର ସୁଯୋଗ କିପରି ରହିଛି, ଏହାର ଭୂମିକା କ'ଣ, ଏହାର ଗୁରୁତ୍ୱ ତଥା ନିଯୁକ୍ତି ସୁଯୋଗ ଆଦି ସମ୍ପର୍କରେ ଏଠାରେ ଏକ ସଂକ୍ଷିପ୍ତ ଉପସ୍ଥାପନା...




## ସୋସିଆଲ୍ ମିଡିଆ ଆନାଲିଟିକ୍ସ କ'ଣ

ଏହା ଏକ ପ୍ରକ୍ରିୟା। ବିଭିନ୍ନ ଗଣମାଧ୍ୟମରୁ ତଥ୍ୟ ସଂଗ୍ରହ କରିବା, ଏହାକୁ ଏକତ୍ର କରିବା, ତର୍ଜମା କରିବା ହେଉଛି ସୋସିଆଲ୍ ମିଡିଆ ଆନାଲିଟିକ୍ସ ପର୍ଯ୍ୟାୟଭୁକ୍ତ। ଏହା ଦ୍ୱାରା ନିଜ ବ୍ରାଣ୍ଡ୍ ସମ୍ପର୍କରେ ଗ୍ରାହକ, ଉପଭୋକ୍ତା ତଥା ଟାର୍ଗେଟ୍ ଅଡିଏନ୍ସମାନଙ୍କ ମନରେ କିପରି ପ୍ରତିକ୍ରିୟା ରହିଛି ତାହା ଆକଳନ କରାଯାଇ ପାରେ। ଏହାକୁ ବ୍ୟବହାର କରି ନିଜର ପରବର୍ତ୍ତୀ ରଣକୌଶଳ ସମ୍ପର୍କରେ ଯୋଜନା ପ୍ରସ୍ତୁତ କରାଯାଇ ପାରିବ। ବିଶେଷ କରି ଏହାକୁ ତିନୋଟି ମୁଖ୍ୟ ସୋପାନରେ ବର୍ଗୀକରଣ କରାଯାଇଛି। ପ୍ରଥମ ହେଲା ତଥ୍ୟ ଚିହ୍ନଟ ବା ସଂଗ୍ରହ(ଗ୍ୟାଦରିଂ)। ଦ୍ୱିତୀୟରେ ତର୍ଜମା(ଆନାଲିସିସ୍)ଏବଂ ତୃତୀୟରେ ଏହାର ବ୍ୟାଖ୍ୟା(ଇଣ୍ଟରପ୍ରିଟେଶନ)। ବିଶେଷ କରି କିଏ, କଣ, କେଉଁଠି, କେତେବେଳେ, କାହିଁକି, କିପରି ଭଳି ୬ ଟି ପ୍ରମୁଖ ପ୍ରଶ୍ନ ଆଧାରରେ ଏହି ପ୍ରକ୍ରିୟା ଗତିଶୀଳ। ସେହିପରି ବିଭିନ୍ନ ସୂତ୍ରରୁ ନିଜ ସମ୍ପର୍କିତ ତଥ୍ୟକୁ ସଂଗ୍ରହ କରି ତାହାକୁ ତର୍ଜମା କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ବ୍ୟାଖ୍ୟା କରିବା ହେଉଛି ସୋସିଆଲ ମିଡିଆ ଆନାଲିଷ୍ଟମାନଙ୍କ ପ୍ରମୁଖ କାର୍ଯ୍ୟ।

ଖର୍ଚ୍ଚ କାଟ କରିବା ପାଇଁ ବିଜ୍ଞାପନ ବନ୍ଦ କରିଦେବା ଯାହା, ସମୟ ବଞ୍ଚାଇବା ପାଇଁ ଘଣ୍ଟା କଣ୍ଟା ବନ୍ଦ କରିଦେବା ଠିକ୍ ସେୟା। ଆମେରିକାର ତୃତୀୟ ରାଷ୍ଟ୍ରପତି ଥୋମାସ୍ ଜେଫରସନ ଏକଦା ଏହି କଥା କହିଥିଲେ। ଅର୍ଥାତ୍ ଘଣ୍ଟା କଣ୍ଟାକୁ ବନ୍ଦ କରିଦେଲେ ଯେମିତି ସମୟ ସ୍ଥିର ହୋଇଯାଏ ନାହିଁ ଠିକ୍ ସେମିତି ନିଜର ପ୍ରଚାର ପ୍ରସାର ପାଇଁ ବିଜ୍ଞାପନ ବାବଦ ଖର୍ଚ୍ଚକୁ ବନ୍ଦ କରିଦେଲେ ବି ଟଙ୍କା ସଞ୍ଚୟ ହୋଇଯାଏ ନାହିଁ। ବରଂ ଏହା ଦ୍ୱାରା ନିଜର ବ୍ରାଣ୍ଡ ଭାଲ୍ୟୁ ଲୋକଙ୍କ ପାଖରେ ଅପହଞ୍ଚ ହୋଇଯାଏ।

ବର୍ତ୍ତମାନ ସମୟରେ ଏହି କଥାକୁ ବୋଧହୁଏ ବ୍ୟବସାୟୀମାନେ ଅତି ଗୁରୁତ୍ୱର ସହ ବୁଝିଛନ୍ତି। ଖାଲି ଶିଳ୍ପପତି ବା ନିବେଶକମାନେ ନୁହନ୍ତି ବରଂ ରାଜନେତାଙ୍କଠାରୁ ଆରମ୍ଭ କରି ଅଭିନେତା ତଥା ଯେକୌଣସି କ୍ଷେତ୍ରର ସେଲିବ୍ରିଟି ସମସ୍ତଙ୍କ ପାଇଁ ସମାନ କଥା ପ୍ରଯୁଜ୍ୟ ବୋଲି କୁହାଯାଇ ପାରେ। ସମସ୍ତେ ନିଜର ପ୍ରଚାର ପ୍ରସାର କରାଉଛନ୍ତି। ଏଥିପାଇଁ ବର୍ତ୍ତମାନର ନ୍ୟୁ ମିଡିଆକୁ ଏକ ବୃହତ ପ୍ଲାଟ୍‌ଫର୍ମ ଭାବେ ବାଛି ନିଆଯାଇଛି। ରେଡିଓ, ଟେଲିଭିଜନ, ଖବରକାଗଜ ପରେ ଯଦି ବର୍ତ୍ତମାନ ଗଣଯୋଗାଯୋଗ ବା ଲୋକସମ୍ପର୍କର ବଳିଷ୍ଠ ମାଧ୍ୟମ କାହାକୁ କୁହାଯାଉଥିବ ତେବେ ସୋସିଆଲ୍ ମିଡିଆ ହିଁ ଉକ୍ତ ସ୍ଥାନ ଅକ୍ତିଆର କରିବ। ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଟୁଇଟର ଭଳି ବହୁଳ ବ୍ୟବହୃତ ସୋସିଆଲ୍ ମିଡିଆଗୁଡିକ ପ୍ରଚାର ପ୍ରସାର ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

ଏହିଭଳି ସୋସିଆଲ୍ ମିଡିଆଗୁଡିକରୁ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରିବା, ତାହାକୁ ତର୍ଜମା କରିବା, ଲୋକମାନଙ୍କ ମତାମତ, ଆଗ୍ରହ ତଥା ଆବଶ୍ୟକତା ସମ୍ପର୍କରେ ଜାଣି ନିଜର ବ୍ରାଣ୍ଡ୍ ପ୍ରମୋଶନ କରିବା ଆଜି ଏକ ଜରୁରୀ ମାର୍କେଟିଂ ଷ୍ଟ୍ରାଟେଜି ହୋଇଯାଇଛି। ଏହି କାମ ପାଇଁ ଯେଉଁମାନେ ନିୟୋଜିତ ସେମାନଙ୍କୁ ସୋସିଆଲ୍ ମିଡିଆ ଆନାଲିଷ୍ଟ୍ ବୋଲି କୁହାଯାଉଛି।

### ଶିକ୍ଷା

ଏକ କମ୍ପାନୀର ଅନ୍‌ଲାଇନ୍ ଉପସ୍ଥିତିକୁ ସୁଦୃଢ କରିବାରେ ଜଣେ ସୋସିଆଲ୍ ମିଡିଆ ଆନାଲିଷ୍ଟଙ୍କର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଏହି ଦୃଷ୍ଟିରୁ ନିଜ ଶିକ୍ଷାଗତ ଯୋଗ୍ୟତା ସେହି ଅନୁଯାୟୀ ହେବା ଉଚିତ। ବିଶେଷ କରି ସୋସିଆଲ୍ ମିଡିଆ ମ୍ୟାନେଜ୍‌ମେଣ୍ଟ, ପବ୍ଲିକ୍ ରିଲେଶନ, ବିଜ୍‌ନେସ୍ କମ୍ୟୁନିକେଶନ ଭଳି କେତେକ ବିଷୟରେ ସ୍ନାତକୋତ୍ତର ଡିଗ୍ରୀଧାରୀଙ୍କୁ ଅଗ୍ରାଧିକାର ମିଳୁଛି। ଅନ୍‌ଲାଇନ୍ ଭ୍ୟୁୟରଙ୍କ ସଂଖ୍ୟା ବଢାଇବା ଏବଂ ନିଜ ବ୍ରାଣ୍ଡକୁ ପ୍ରୋତ୍ସାହିତ କରିବା ପ୍ରମୁଖ କାର୍ଯ୍ୟ। ଏଥିପାଇଁ ଆନୁଷ୍ଠାନିକ ଶିକ୍ଷାର ଯେତିକି ପ୍ରାଧାନ୍ୟ ରହିଛି ବ୍ୟବହାରି ଜ୍ଞାନର ଆବଶ୍ୟକତା ତା ଠାରୁ ଯଥେଷ୍ଟ ଅଧିକ। ବିଭିନ୍ନ ଘଟଣା ସମ୍ପର୍କରେ ଜ୍ଞାନ ରଖିବା, ନିଜକୁ ଅପଡେଟ୍ କରାଇବା ନିହାତି ଜରୁରୀ। ସେହିଭଳି ଯେଉଁ କମ୍ପାନୀ ପାଇଁ ଆପଣ ସୋସିଆଲ୍ ମିଡିଆ ଆନାଲିଷ୍ଟ ଭାବେ ଦାୟିତ୍ୱ ନେଇଛନ୍ତି ତା'ର ଦୋଷ ଦୁର୍ବଳତା ଜଣିବା ନିହାତି ଜରୁରୀ। ଏହା ହେଲେ ହିଁ କମ୍ପାନୀକୁ ବିଭିନ୍ନ ସମୟରେ ସୁରକ୍ଷିତ ରଖିପାରିବେ।



### ନିଯୁକ୍ତି

ବର୍ତ୍ତମାନ ବ୍ୟକ୍ତିବିଶେଷଙ୍କ ଠାରୁ ଆରମ୍ଭ କିର ଅନୁଷ୍ଠାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସ୍ୱତନ୍ତ୍ର ସୋସିଆଲ୍ ମିଡିଆ ଅପରେଟିଂ ଶାଖା କାର୍ଯ୍ୟ କରୁଛି। ସରକାର, ସରକାରଙ୍କ ବିଭିନ୍ନ ବିଭାଗ, ରାଜନୈତିକ ଦଳ, ଶିକ୍ଷାନୁଷ୍ଠାନ ଆଦି ସବୁ କ୍ଷେତ୍ରରେ ସୋସିଆଲ୍ ମିଡିଆ ଉଇଙ୍ଗ୍‌ସ ସକ୍ରିୟ। ସାମ୍ବାଦିକତା, ଗଣଯୋଗାଯୋଗ କ୍ଷେତ୍ରରେ ଶିକ୍ଷାଲାଭ କରିଥିବା ଯୁବପିଢିଙ୍କ ପାଇଁ ମଧ୍ୟ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ବର୍ତ୍ତମାନ ସମୟରେ ସୋସିଆଲ୍ ମିଡିଆରେ ଯୁବପିଢିଙ୍କର ବହୁଳ ସମୟ ବ୍ୟୟ ହେଉଛି। ତେଣୁ ଏହାକୁ ଉପାର୍ଜନର ମାଧ୍ୟମ ପାଇଁ ସୋସିଆଲ୍ ମିଡିଆ ଆନାଲିସିସ୍‌କୁ କ୍ୟାରିୟର କରିବାରେ ସୁଯୋଗ ରହିଛି କହିଲେ ଭୁଲ୍ ହେବ ନାହିଁ।

## ନୂଆ ନିଯୁକ୍ତି କିଛି ଟିପ୍ସ



ବର୍ତ୍ତମାନର ନିଯୁକ୍ତି ବଜାର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ସରକାରୀ ହେଉ କିମ୍ବା ବେସରକାରୀ ଚାକିରି ପାଇଁ କଡା ପ୍ରତିଦ୍ୱନ୍ଦ୍ୱିତା ସାମ୍ନା କରିବାକୁ ପଡୁଛି। ଭଲ ସ୍ଥାନରେ ନିଯୁକ୍ତି ପାଇବା ସମସ୍ତଙ୍କର ସ୍ୱପ୍ନ। ମାତ୍ର ସମସ୍ତଙ୍କୁ ଯେ, ମନ ଚାହୁଁଥିବା ନିଯୁକ୍ତି ମିଳିବ ତାହା କୁହାଯାଇ ନ ପାରେ। ଏଭଳି ସ୍ଥିତିରେ ନୂଆ ନିଯୁକ୍ତି ଆଶାୟୀଙ୍କ ଲାଗି ଏଠାରେ କିଛି ଟିପ୍ସ ପ୍ରଦାନ କରାଗଲା...



- ନିଯୁକ୍ତି ଖୋଜିବା ବର୍ତ୍ତମାନ ସମୟର ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ। ଏଥି ଲାଗି ଅନେକ ଗ୍ରାଉଣ୍ଡୱାର୍କ କରିବାକୁ ହୁଏ। ଠିକ୍ ନିଯୁକ୍ତିରେ ନିଜକୁ ଫିଟ୍ କରାଇବା ପାଇଁ ଅନେକ ପ୍ରସଙ୍ଗ ଉପରେ ଧ୍ୟାନ ଦେବାକୁ ହୁଏ। ସେହିଭଳି ଫଲୋଅପ୍‌ର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଏ ଦିଗରେ ରହିଛି।
- ଏଭଳି ସ୍ଥିତିରେ ପ୍ରଥମେ ରୁଚିକୁ ଜାଣିବାକୁ ପଡିବ। କୌଣସି କାର୍ଯ୍ୟରେ ରୁଚି ନ ଥିଲେ କାମ କରିବାକୁ ମନ ଲାଗିବ ନାହିଁ। ଏଣୁ ଏହି ପ୍ରସଙ୍ଗକୁ ଧ୍ୟାନ ଦେବା ଉଚିତ୍। ଏହାକୁ ଜାଣି ପାରିଲେ ଠିକ୍ ଦିଗରେ ପରିଚାଳିତ ହେବାକୁ ସୁବିଧା ହେବ। ଏହା ପରେ ସମ୍ଭାବ୍ୟ ନିଯୁକ୍ତିଦାତାଙ୍କୁ ଚୟନ କରି ଆଗକୁ ବଢି ପାରିବେ।
- ନୂଆ ନିଯୁକ୍ତି ଲାଗି ନିଜକୁ ତଥା ନିଜର କାର୍ଯ୍ୟ ପରିସର ତଥା ଅଭିଜ୍ଞତାକୁ ଭଲ ଭାବେ ଉପସ୍ଥାପନା କରିବାକୁ ପଡିବ। ଯଦି ନିଜକୁ ତଥା ନିଜ ଆଭିମୁଖ୍ୟକୁ ନିଯୁକ୍ତିଦାତାଙ୍କ ସାମ୍ନାରେ ଠିକ୍ ଭାବେ ଉପସ୍ଥାପନ କରିବାକୁ ସକ୍ଷମ ନ ହେବେ ତେବେ ସେମାନଙ୍କୁ ଇମ୍ପ୍ରେସ କରି ପାରିବେ ନାହିଁ। ଏଭଳି ଏକ ସିଭି ତିଆରି କରନ୍ତୁ ଯାହା ନିଜର ଆଭିମୁଖ୍ୟ ତଥା ଅନ୍ୟାନ୍ୟ ପ୍ରମୁଖ ବିଷୟକୁ ଭଲ ଭାବେ ପ୍ରତିପାଦନ କରୁଥିବ। ଠିକ୍ ପ୍ରସ୍ତୁତି ପରେ ଯାଇ ସାକ୍ଷାତକାରକୁ ଯାଆନ୍ତୁ।
- ନିଯୁକ୍ତିଦାତାଙ୍କ ଧ୍ୟାନ ଆକର୍ଷଣ କରିବା ଲାଗି ନିଜକୁ ଠିକ୍ ଭାବେ ମାର୍କେଟିଂ କରାଇବା ଆବଶ୍ୟକ। ସାକ୍ଷାତକାର ତଥା ସୋସିଆଲ ମିଡିଆ ସହ ଅନ୍ୟାନ୍ୟ ଟୁଲ୍ ବ୍ୟବହାର କରି ଏ ଦିଗରେ କାର୍ଯ୍ୟ କରିପାରିବେ।
- ନିଯୁକ୍ତିଦାତାଙ୍କ ନିକଟକୁ ଯିବା ଆଗରୁ ଘରେ ହୋମୱାର୍କ କରିବାକୁ ଭୁଲନ୍ତୁ ନାହିଁ। କମ୍ପାନୀ ବିଷୟରେ ଗବେଷଣା, ପ୍ରୋଫାଇଲ, କର୍ମଚାରୀ ତଥା ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଜାଣି ରଖିବା ଆବଶ୍ୟକ। ଏହା ବିଶେଷ ଭାବେ ସହାୟକ ହେବ।
- ନୂଆ ଚାକିରି ଖୋଜିବା କଷ୍ଟକର ହେଉଥିବା ବେଳେ ରେଫରେନ୍ସ ଏ କ୍ଷେତ୍ରରେ ବିଶେଷ ଭାବେ ସହାୟକ ହୋଇଥାଏ। ନିଜ ସ୍କୁଲର ପୁରାତନ ଛାତ୍ରୀଛାତ୍ର, ପୂର୍ବତନ ସହକର୍ମୀ, ସୋସିଆଲ ମିଡିଆ ଭଳି ଟୁଲ୍ ବ୍ୟବହାର ଦ୍ୱାରା ନିଜ ଲାଗି ଏକ ରେଫରେନ୍ସ ଗଠନ କରିପାରିବେ।

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

**URGENT REQUIREMENT**
**NIGAM SERVICES**
- CUSTOMER HANDLING EXECUTIVE
- SALES EXECUTIVE
- CUSTOMER CARE OFFICER
- HOME DELIVERY (BOY & GIRL)
Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**୪୫ ଜଣ କର୍ମଚାରୀ ଆବଶ୍ୟକ**
(FOR A BOOK SALES COMPANY)
ବିନା ଖର୍ଚ୍ଚରେ ରହିବା ସୁବିଧା ସହିତ ମାସିକ ରୋଜଗାର Rs.8000/- ରୁ Rs.17000/- & more. Qualification - 10th ରୁ Graduation ଏବଂ ବୟସ (18-30) ବର୍ଷ ହୋଇଥିବା ଆବଶ୍ୟକ। ନିଜର Bio-Data ଏବଂ Aadhar Card ସହିତ ଆସନ୍ତା ୪ ଦିନ ମଧ୍ୟରେ ସାକ୍ଷାତ କରନ୍ତୁ।
OFFICE ADDRESS : MICRO EXPANSION
N/6-315, Jaydev Vihar, Bhubaneswar.
Ph : 9238100178

**URGENT REQUIREMENT**
**NIGAM SERVICES**
Official Job:
- BACK OFFICE EXECUTIVE
- FRONT OFFICE EXECUTIVE
- ACCOUNTANT
- DATA ENTRY OPERATOR
Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**WANTED**
Candidates with 55% of marks at PG Level may attend the Walk-in-Interview for the Post of **LECT. IN ZOOLOGY** (against leave vacancy) at the College at 11.00 A.M. on Dt.29.09.2018.
**Principal I/C/Secy.**
**Balanga College, Balanga, Puri**
Mob.: 9776428131

**ଆବଶ୍ୟକ**
ଲୋଡର୍ - ଅନ୍‌ଲୋଡର୍
ଡେଲିଭରୀ ବଏଜ୍ ଏକ୍ସି.
ବାଇକ୍/ଡିଏଲ୍/ସ୍ମାର୍ଟ ଫୋନ୍ ଥିବା ଜରୁରୀ, ପାରିତୋଷିକ + ପିଏଫ୍ + ଇଏସ୍ଆଇସି + ପେଟ୍ରୋଲ ସୁବିଧା
ଆଗ୍ରହୀ ବ୍ୟକ୍ତିମାନେ ଯୋଗାଯୋଗ କରନ୍ତୁ: 8109036707, 89820 66707

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Income upto Rs.25000/-.
Part Time / Full Time
Contact: 9938676412

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍**
IBPS
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ

**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୧୯-୨୦ର ଖାଲି ପଦବୀ ନିମନ୍ତେ ସିଡବ୍ଲ୍ୟୁଇ କ୍ଲର୍କ-VIII)**

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲରିକାଲ୍ କ୍ୟାଡର୍ ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଡିସେମ୍ବର ୨୦୧୮ ଏବଂ ଜାନୁୟାରୀ ୨୦୧୯ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ତା୧୮।୦୯।୨୦୧୮ରିଖରୁ ତା୧୦।୧୦।୨୦୧୮ରିଖ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ତା୧୮।୦୯।୨୦୧୮ରିଖରୁ ତା୧୦।୧୦।୨୦୧୮ରିଖ |
| ପ୍ରାକ୍-ପରୀକ୍ଷା ତାଲିମ୍ ଲାଗି କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୮ |
| ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ତା୨୬।୧୧।୨୦୧୮ରିଖରୁ ତା୦୧।୧୨।୨୦୧୮ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୮ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ତା୦୮।୧୨।୨୦୧୮ରିଖ, ତା୦୯।୧୨।୨୦୧୮ରିଖ, ତା୧୫।୧୨।୨୦୧୮ରିଖ ଓ ତା୧୬।୧୨।୨୦୧୮ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ପରୀକ୍ଷାଫଳ | ଡିସେମ୍ବର, ୨୦୧୮/ ଜାନୁୟାରୀ, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ତା୨୦।୦୧।୨୦୧୯ରିଖ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ, ୨୦୧୯ |

ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୧୪।୦୯।୨୦୧୮ — ନିର୍ଦ୍ଦେଶକ, ଆଇବିପିଏସ୍

ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅପିଲା ଏବଂ ସ୍ତ୍ରୀଲୋକ ଆବଶ୍ୟକ। ଯୋଗାଯୋଗ, ଭୁବନେଶ୍ୱର
9583125024

**AREA MANAGER**
**LAVITA WARE PVT. LTD.** a leading sanitary & Bath fittings company urgently required a Area Manager for Odisha. Candidates having a experience of 2-3 yrs in channel & corporate sales through Dealer & Distributor.
Salary Negotiable with TA/DA
Contact: 9861033823, 9937144418

**CANDIDATES REQUIRED FOR TRUST**
ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ।
POST: • DIST HEAD (15), • AREA MANAGER (10)
• MARKETING EXECUTIVE (30) • PEON (1)
• TELECALLER-Female (2)
• DESIGNER (1) Must have knowledge of Photoshop & CorelDRAW
SALARY: 5000/- to 25,000/-
Interested Candidates may walk in Interview within 7 days from the date of publication. TIME: 10.30 A.M. to 5 P.M.
Office Address: SAHAYAKA, Plot No: 246, Kharvel Nagar, Unit-3, BBSR,
Ph: 9437820775, 9078206566

**WALKING INTERVIEW**
- BANKING
- BACK OFFICE
- HR/ADMIN
- SALES / MARKETING
Qual.: 10, +2, Graduation, MBA
Male / Female
8480280229, 9583279596

**AREA SALES EXECUTIVE**
CLEAN PLUS ADVANCED CLEANING SOLUTION, a rapidly growing start up urgently require AREA SALES EXECUTIVES for Bhubaneswar, Cuttack and Puri. Candidates having knowledge of Channel Sales through Dealers and Distributors will be preferred. Lucrative Salary, TA/DA and Incentives on offer.
CALL: 9007929009
within 7 days between 10 A.M. to 6 P.M.

**HICKS THERMOMETERS INDIA LIMITED**
Requires following dynamic candidate:
**SENIOR SALES EXECUTIVE:** Age upto 40 yrs. with minimum 3 years experience in marketing of Pharmaceutical/OTC/ Surgical products etc. Walk in interview with bio-data on: 21st & 22nd Sept. 2018 Between 12 a.m. to 4.00p.m.
The Royale Midtown, 52-53, Janpath, Bhubaneswar, Odisha 751001
Narendra Singh 9759825801, 6395158669

**---DIRECT JOINING---**
BACK OFFICE / DATA ENTRY / CUSTOMER CARE / BANK TECHNICAL / SURVEY
Qual : Under Matric, 10th, +2, Graduate, ITI, Diploma, B.Tech, MBA, MCA, MSW.
Salary : 5000/- To 30,000/- per month
8658566430, 9078148138

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। ରହିବା ସୁବିଧା ଅଛି। ଉପଯୁକ୍ତ ବେତନ ଦିଆଯିବ।
7750899392, 8249431114

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**URGENTLY REQUIRED**
FIELD INVESTIGATION EXECUTIVES for all Odisha location & BACK OFFICE EXECUTIVES having Computer Knowledge for BBSR Office.
Add: Flat No. 307, Nirmala Plaza, Forest Park, BBSR-9.
CONTACT MOB: 7504008200
Send Resume to above address & email
dillipkumar00@gmail.com

**DRIVER REQUIRED**
Requires Driver for Private Business House for 407 & 709 goods carrying vehicle at Bhubaneswar.
Contact: 9437022584, 9437460875

See CAREER APPOINTMENT on every Wednesday & Saturday

**LCJ SILVER**
LALCHAND JEWELLERS REQUIRE
1. SALES CONSULTANT: 8 Nos.
2. CASHIER: 3 Nos.
3. SALES SUPERVISOR: 2 Nos.
For the Bhubaneswar Store.
Minimum Qualification: +3 & 2 yrs. Retail/ Jewellery Experience.
Send Resume at Indramani_r@yahoo.com or CALL: 0674-2534625, 2536666

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 09319469228

**URGENT REQUIREMENT**
**NIGAM SERVICES**
- HOUSE MAID
- PEON
- DRIVER
- SECURITY GUARD
- SECURITY SUPERVISOR
Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**URGENTLY REQUIRED**
For Ladies Garment Showroom
1. SALESMAN / SALES GIRL
2. PEON
RIAZ Collections, Shop No.-5, Plot No.-616/4449, Shree Vihar, Patia, Bhubaneswar
Ph.- 9853715701, 9116923462

**KONERU LAKSHMAIAH EDUCATION FOUNDATION**
(Declared u/s 3 of UGC Act 1956)
KL (DEEMED TO BE UNIVERSITY)
VIJAYAWADA | HYDERABAD
Ph: 0866 - 2577715, 040 - 2354 2127
Applications for our Vijayawada & Hyderabad campuses are invited from **Doctorates only** for the positions of
**PROFESSORS**
**ASSOCIATE PROFESSORS**
**ASSISTANT PROFESSORS**
in Engineering (CSE / ECE / Mechanical / Civil / Bio-Tech), Management, Law, Pharmacy, Fine Arts & Architecture.
Apply online at: www.kluniversity.in/careers.aspx within 15 days
www.kluniversity.in — REGISTRAR

**WANTED TRUCK DRIVERS URGENTLY**
**THRIVENI LOGISTICS SERVICES LLP**
Required HMV Drivers for:-
Ashok Leyland, TATA & Bharat Benz (14 & 12 Wheels) at Koida and Rourkela Sector.
CONTACT DETAILS:
9437703976, 9658317291
mail to: thrivenilogisticsodisha@gmail.com

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

**DIRECT JOINING**
- CALL CENTER
- DATA ENTRY
- TELE CALLER
- DELIVERY EXE
- BACK OFFICE
- AUTOCAD
Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9937529015, 9853844830

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



" ଭାରତୀୟ କ୍ରିକେଟ ଦଳ ପୁଣି ଥରେ ଯେତେବେଳେ ଇଂଲଣ୍ଡ ଟୁର୍‌ରେ ଯିବ, ସେତେବେଳେ ଏହାର ବ୍ୟାଟ୍ସମ୍ୟାନମାନେ ଭଲରୂପେ ପ୍ରସ୍ତୁତ ହୋଇଯିବା ଉଚିତ୍ ।
–ରାହୁଲ ଦ୍ରାବିଡ, ଭାରତର ପୂର୍ବତନ ଅଧିନାୟକ



" ମାଞ୍ଚେଷ୍ଟର ସିଟି ଫୁଟ୍‌ବଲ କ୍ଲବରେ ମୁଁ ଅତିକମ୍‌ରେ ୧୦ ବର୍ଷ ରହିବା ଲାଗି ମନସ୍ଥ କରିଥିଲି । ଚୁକ୍ତି ମିଆଦ ବୃଦ୍ଧି ଦ୍ୱାରା ଏହା ସମ୍ଭବ ହେବାକୁ ଯାଉଛି ।
–ସର୍ଗିଓ ଆଗୁଏରୋ, ଆର୍ଜେଣ୍ଟିନା ଫୁଟ୍‌ବଲ ଖେଳାଳି

## ସଂକ୍ଷେପରେ

### ତାମିଲନାଡୁର ବୃହତ ବିଜୟ

କଟକ ଅଫିସ,୨୧।୯: କଟକରେ ଚାଲିଥିବା ୨୪ତମ ସିନିୟର ମହିଳା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ରେ ଶୁକ୍ରବାର ୫ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ତାମିଲନାଡୁ ୧୩-୦ ଗୋଲରେ ବୃହତ ବ୍ୟବଧାନରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଅନ୍ୟ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୫-୦ ଗୋଲରେ ଝାଡ଼ଖଣ୍ଡକୁ, ପଣ୍ଡିଚେରୀ ୭-୦ ଗୋଲରେ ଉତ୍ତରାଖଣ୍ଡକୁ, ଆସାମ ୫-୦ ଗୋଲରେ କେରଳକୁ ଓ ମହାରାଷ୍ଟ୍ର ୩-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି।

### ଫିଲ୍ମ ପୋଷ୍ଟରକୁ ନେଇ ଚର୍ଚ୍ଚାରେ କୋହଲି

ନୂଆଦିଲ୍ଲୀ,୨୧।୯: ଚଳିତ ଏସିଆ କପ୍‌ରୁ ବିଶ୍ରାମ ଦିଆଯାଇଥିବା ଭାରତୀୟ ଦଳର ନିୟମିତ ଅଧିନାୟକ ବିରାଟ କୋହଲି ଏବେ ନୂଆ କାରଣ ଲାଗି ଚର୍ଚ୍ଚାକୁ ଆସିଛନ୍ତି। କୋହଲି ଶୁକ୍ରବାର ସୋସିଆଲ ମିଡିଆ ସାଇଟ୍ ଟୁଇଟର ଓ ଇନଷ୍ଟାଗ୍ରାମରେ ଏକ ଫିଲ୍ମ ପୋଷ୍ଟର ଅପଲୋଡ କରିଛନ୍ତି। ଏଥିରେ କୋହଲିଙ୍କୁ ଏକ ସୁପରହିରୋ ଲୁକରେ ଦେଖିବାକୁ ମିଳିଛି। ଏଥିସହ ଫଟୋ ଉପରେ 'ଇଣ୍ଟରଡ୍ୟୁସିଂ ବିରାଟ କୋହଲି, ଟ୍ରେଲର ଦ ମୁଭି' ଲେଖାଅଛି। ଏହାର କ୍ୟାପଶନରେ କୋହଲି ଲେଖିଛନ୍ତି, ୧୦ ବର୍ଷ ପରେ ପୁଣି ଥରେ ପଦାର୍ପଣ କରୁଛି, ଅପେକ୍ଷା ହେଉନାହିଁ। ତେବେ ଏହା ଏକ ଶର୍ଟ ଫିଲ୍ମ ବୋଲି ଆଶା କରାଯାଉଛି।

### କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିଲେ ବଜରଙ୍ଗ

ନୂଆଦିଲ୍ଲୀ,୨୧।୯(ପି.ଟି.): କ୍ରୀଡ଼ା ବିଭାଗରେ ସର୍ବୋଚ୍ଚ ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିବା ଷ୍ଟାର କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କୁ ଭେଟିଛନ୍ତି। ଏଥିସହ ଘଟଣାକୁ ଗୁରୁତ୍ୱ ଦେବା ଲାଗି କ୍ରୀଡ଼ାମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ''ମୁଁ ଶୁକ୍ରବାର କ୍ରୀଡ଼ାମନ୍ତ୍ରୀ ରାଠୋରଙ୍କୁ ଭେଟିଥାନ୍ତି। ମାତ୍ର ହଠାତ୍ ଗୁରୁବାର ସନ୍ଧ୍ୟାରେ ଦେଖା କରିବା ଲାଗି ଡାକରା ଆସିଥିଲା। ମୋତେ କେଉଁ କାରଣରୁ ଖେଳରତ୍ନ ପୁରସ୍କାରରୁ ବଞ୍ଚିତ କରାଗଲା, ସେ ସମ୍ପର୍କରେ ମୁଁ ପ୍ରଶ୍ନ କରିଥିଲି। ସେ କହିଲେ ମୋ ନିକଟରେ ଏହି ସମ୍ମାନ ପାଇବା ଲାଗି ଯଥେଷ୍ଟ ପଏଣ୍ଟ ନାହିଁ, ଯାହାକି ସମ୍ପୂର୍ଣ୍ଣ ଭୁଲ। ସମ୍ମାନ ଲାଗି ମନୋନୀତ ହୋଇଥିବା ବିରାଟ କୋହଲି ଓ ମିରାବାଇ ଚାନୁଙ୍କ ଠାରୁ ମୁଁ ଅଧିକ ପଏଣ୍ଟ ଅର୍ଜନ କରିଛି। ମୋ ସହ ଭୁଲ ହୋଇଛି। ମୋତେ ନ୍ୟାୟ ଦରକାର। କ୍ରୀଡ଼ାମନ୍ତ୍ରୀ ଏ ଘଟଣାକୁ ଗୁରୁତ୍ୱ ଦେବାକୁ ଆଶ୍ୱସନା ଦେଇଛନ୍ତି। କିନ୍ତୁ ୨୮ ତାରିଖରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବକୁ ଆଉ ଖୁବ କମ୍ ଦିନ ରହିଲା। ମୁଁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବି'' ବୋଲି ବଜରଙ୍ଗ କହିଛନ୍ତି। ଏହି ୨୪ ବର୍ଷୀୟ ରେସଲର ରାଜ୍ୟଗୋଷ୍ଠୀ ଓ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଯଦି ତାଙ୍କ ସପକ୍ଷରେ ନିଷ୍ପତ୍ତି ନ ନିଆଯାଏ, ତେବେ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାଇ ଦେଇଛନ୍ତି। କ୍ରୀଡ଼ାମନ୍ତ୍ରୀଙ୍କ ସହ ବୈଠକ ଅବସରରେ ବଜରଙ୍ଗଙ୍କ ସହିତ ତାଙ୍କ ମେଣ୍ଟର ଯୋଗେଶ୍ୱର ଦତ୍ତ ମଧ ଉପସ୍ଥିତ ଥିଲେ।

### ଡକ୍ଟରେଟ୍ ଡିଗ୍ରୀକୁ ସଚିନଙ୍କ ନା'

କଲିକତା,୨୧।୯: ଯାଦବପୁର ବିଶ୍ୱବିଦ୍ୟାଳୟ ପଦାଧିକାରୀମାନେ ଅଲିମ୍ପିକ୍ସ ପଦକଧାରୀ ମେରୀକମ୍ ଓ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ସମ୍ମାନଜନକ ଡି. ଲିଟ୍ ଉପାଧିରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ନୈତିକତା ଦୃଷ୍ଟିରୁ ସଚିନ ଏହାକୁ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି। ଆସନ୍ତା ଡିସେମ୍ବର ୨୪ ତାରିଖରେ ବିଶ୍ୱବିଦ୍ୟାଳୟର ୬୩ତମ ବାର୍ଷିକ କନଭୋକେଶନ ଅବସରରେ ଉଭୟ ମେରୀକମ୍ ଓ ସଚିନଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ଥିଲା। ''ଆମେ ସଚିନଙ୍କୁ ଡି. ଲିଟ୍ ଉପାଧିରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଥିଲୁ। ଆମେ ତାଙ୍କ ନିକଟକୁ ମଧ ଯାଇଥିଲୁ। ମାତ୍ର ସେ ଆମକୁ ଏବେ ମେଲ କରିଛନ୍ତି, ସେ ନୈତିକତା ଦୃଷ୍ଟିରୁ ଏହାକୁ ଗ୍ରହଣ କରିପାରିବେ ନାହିଁ'' ବୋଲି ଜାଦବପୁର ବିଶ୍ୱବିଦ୍ୟାଳୟ ଭାଇସ ଚାନ୍ସଲର ସୁରଞ୍ଜନ ଦାସ କହିଛନ୍ତି। ଏଥିସହ ଏଭଳି ସମ୍ମାନଜନକ ଉପାଧି ସେ କୌଣସି ବିଶ୍ୱବିଦ୍ୟାଳୟରୁ ଗ୍ରହଣ କରନ୍ତି ନାହିଁ। ଏପରି କି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ ଦିଆଯାଇଥିବା ପ୍ରସ୍ତାବକୁ ମଧ ସେ ଫେରାଇ ଦେଇଥିଲେ। କ୍ରିକେଟ ଇତିହାସର ସର୍ବାଧିକ ସ୍କୋରରଙ୍କ ଅନୁଯାୟୀ, ଯେଉଁ ପର୍ଯ୍ୟନ୍ତ ନିଜେ ଡକ୍ଟରେଟ ଅର୍ଜନ କରି ନାହାନ୍ତି ସେ ପର୍ଯ୍ୟନ୍ତ କୌଣସି ଉପାଧି ଗ୍ରହଣ କରିବେ ନହିଁ।

# ତ୍ରୁଟିରୁ ଶିକ୍ଷାଲାଭ କରିଛୁ: ମନପ୍ରୀତ

ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)



ମନପ୍ରୀତ ସିଂ

ଗତ ଏସିଆନ ଗେମ୍ସରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବ ବୋଲି ଅନେକେ ଆଶା କରୁଥିଲେ। ମାତ୍ର ତାହା ହୋଇ ନ ଥିଲା। ଭାରତ ସେମିଫାଇନାଲରେ ମାଲେସିଆଠାରୁ ହାରିବା ଦ୍ୱାରା ପ୍ଲେ-ଅଫ୍ ଖେଳିବାକୁ ବାଧ ହୋଇଥିଲା ଏବଂ ସେଥିରେ ପାକିସ୍ତାନକୁ ହରାଇ ବ୍ରୋଞ୍ଜ ପଦକ ଜିତିଥିଲା। ଏସିଆନ ଗେମ୍ସରେ ଭାରତ ଭଲ ପ୍ରଦର୍ଶନ କରିଥିଲେ ହେଁ ଗୋଟିଏ ମ୍ୟାଚରେ ଖରାପ ପ୍ରଦର୍ଶନ ଯୋଗୁ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ି ଯାଇଥିଲା। ଏହା ସମସ୍ତଙ୍କୁ ନିରାଶ କରିଛି। ସେଠାରେ କରିଥିବା ତ୍ରୁଟିରୁ ଶିକ୍ଷାଲାଭ କରି ଆମେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଏବଂ ହକି ବିଶ୍ୱକପ ଖେଳିବାକୁ ଯିବୁ ବୋଲି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଅବସରରେ ପ୍ରକାଶ କରିଛନ୍ତି ତାରକା ଖେଳାଳି ମନପ୍ରୀତ ସିଂ।

ଏସିଆଡ୍‌ର ଦୁଃଖ ଏବେ ମଧ ମନରେ ଅଛି କି ପ୍ରଶ୍ନର ଉତ୍ତରରେ ମନପ୍ରୀତ କହିଲେ ଯେ, ଆମ ଟିମ୍ ବହୁତ ଭଲ। ନିକଟ ଅତୀତରେ ପ୍ରାୟ ସବୁ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ଦେଇ ଆସିଛି। ମାତ୍ର ଏସିଆନ ଗେମ୍ସରେ ଗୋଟିଏ ମ୍ୟାଚକୁ ନେଇ ପୂରା ଟିମ୍ ନିରାଶ ରହିଛି। ସେଠାରେ କରିଥିବା ତ୍ରୁଟିରୁ ଶିକ୍ଷା ମିଳିଛି। କୋଚ୍‌ଙ୍କ ଅନୁସାରେ ଆମେ ମ୍ୟାଚ ବାଇ ମ୍ୟାଚ ଉପରେ ଫୋକସ କରିବୁ। ପ୍ରତିପକ୍ଷ ଯେଉଁ ଦଳ ହେଉ ନା କାହିଁକି ଆମେ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରିବୁ। ଜାକର୍ତ୍ତାରେ ତ୍ରୁଟି ସମ୍ପର୍କରେ ସେ କହିଲେ ଯେ, ଦୁର୍ଭାଗ୍ୟବଶତଃ ଆମେ ଶେଷ ମୁହୂର୍ତ୍ତରେ ଏକ ପେନାଲ୍ଟି କର୍ନର ଦେଲୁ। ଭୁଲ କରିବାରୁ କାର୍ଡ ପାଇଲୁ। ଏହା ପୂରା ଦଳ ପାଇଁ କ୍ଷତିକାରକ ହୋଇଥିଲା। ପୂର୍ବରୁ ଆମକୁ ବହୁ ସୁଯୋଗ ମିଳିଥିଲା। ତାହାର ସଦୁପଯୋଗ କରିଥିଲେ ଆମେ ବହୁ ଆଗରୁ ଭଲ ସ୍ଥିତିରେ ରହି ପାରିଥାନ୍ତୁ। ମାତ୍ର ତ୍ରୁଟି କରିବାରୁ ତାହାର ଫାଇଦା ନେଇପାରି ନ ଥିଲୁ। ଏଥିରୁ ଆମେ ବହୁତ କିଛି ଶିକ୍ଷା ପାଇଛୁ। ଏପରି ଭୁଲ ପୁଣି ନ କରିବା ଉପରେ ଧ୍ୟାନ ଦେବୁ।

ଏସିଆନ ଗେମ୍ସର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମୁଖ୍ୟ ଖେଳାଳିଙ୍କୁ ବିଶ୍ରାମ ଦିଆ ଯାଇଥିଲେ ସେମାନେ ସେମିଫାଇନାଲ ପାଇଁ ଅଧିକ ସତେଜ ରହି ପାରିଥାନ୍ତେ କି ପ୍ରଶ୍ନର ଉତ୍ତରରେ ମନପ୍ରୀତ କହିଲେ ଯେ, ପ୍ରତି ମ୍ୟାଚ ଜିତିବା ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ କୌଣସି ଟିମ୍‌କୁ ଦୁର୍ବଳ ମନେ କରି ହେଉନି। ଜାପାନ ଟିମ୍‌କୁ ଏତେ କେହି ଗୁରୁତ୍ୱ ଦେଉ ନ ଥିଲେ। ମାତ୍ର ସେ ଏସିଆନ ଗେମ୍ସରେ ଚାମ୍ପିୟନ ହେଲା। ଫାଇନାଲରେ ସମସ୍ତେ ଆଶା ରଖିଥିଲେ ଯେ ମାଲେସିଆ ଜିତିବ, ମାତ୍ର ତାହା ହୋଇ ନ ଥିଲା। ତେଣୁ ପ୍ରତିପକ୍ଷ ଦଳ ଯିଏ ହେଉ ନା କାହିଁକି ସବୁବେଳେ ଆମେ ଶ୍ରେଷ୍ଠ ଦଳ ସହ ଖେଳିବା ସପକ୍ଷରେ ରହିଛୁ।

ଅନେକ ସମୟରେ ମନପ୍ରୀତଙ୍କ ପୋଜିଶନ ବଦଳି ଯାଇଥାଏ। ଏ ସମ୍ପର୍କରେ ସେ କୁହନ୍ତି ଯେ, ମୁଁ ଫରୱାର୍ଡ ପୋଜିଶନରେ ଖେଳିବି କିମ୍ବା ଡିଫେନ୍ସରେ ରହିବି ତାହା ଦଳୀୟ ରଣନୀତି ଉପରେ ନିର୍ଭର କରିଥାଏ। ସିମରନଜିତ ଓ ଆକାଶଦୀପଙ୍କ ପରି ଆମ ଦଳର ଅନ୍ୟ ମିଡ୍‌ଫିଲ୍ଡରମାନେ ମଧ ବହୁତ ଭଲ। ସେମାନେ ଭଲ ଷ୍ଟ୍ରାଇକର ମଧ। ସେମାନଙ୍କୁ ବଲ୍ ଯେତେ ଯୋଗାଇ ଦିଆଯିବ ଦଳପାଇଁ ସେତେ ଭଲ। ତେଣୁ ସବୁକିଛି ପ୍ଲାନ ଅନୁସାରେ ହୋଇଥାଏ। ସର୍ଦ୍ଦାର ସିଂ ଅବସର ନେଇଯିବାପରେ ଦଳରେ ତାଙ୍କର ଯେଉଁ କାର୍ଯ୍ୟ ଏବେ ତାହା ଆପଣଙ୍କ ଉପରକୁ ଆସିଛି କି ବୋଲି ପ୍ରଶ୍ନର ଉତ୍ତରରେ ମନପ୍ରୀତ କହିଲେ ଯେ, ହକି ଏକ ଟିମ୍ ଗେମ୍ ହୋଇଥିବାରୁ ଏହି ଭାର ଏବେ କେବଳ ମୋ ଉପରେ ନାହିଁ। ସମସ୍ତଙ୍କ ଯୋଗଦାନ ବହୁତ ଜରୁରୀ। ଯେପରି ଡିଫେନ୍ସ ଗୋଲକିପରଙ୍କଠାରୁ ଆରମ୍ଭ ହୋଇଥାଏ ସେହିପରି ଆକ୍ରମଣ କ୍ଷେତ୍ରରେ ସମସ୍ତ ଖେଳାଳିଙ୍କ ଅବଦାନ ଜରୁରୀ ହୋଇଥାଏ।

ଶେଷ ମୁହୂର୍ତ୍ତରେ ଗୋଲ ବରଣ ସମ୍ପର୍କରେ ମନପ୍ରୀତଙ୍କ ମତ ହେଲା ଯେ, ଏଥିରୁ ଆମେ ଉଦ୍ଧାର ପାଇ ପାରିନାହୁଁ ସତ, ମାତ୍ର ଏହାକୁ କୌଣସି ଜଣେ ଖେଳାଳିର ତ୍ରୁଟି କହି ହେବନି। ଶେଷ ମୁହୂର୍ତ୍ତରେ କମ୍ୟୁନିକେଶନରେ କିଛିଟା ତ୍ରୁଟି ରହୁଥିବାରୁ ଏପରି ହେଉଛି। ଏସିଆନ ଗେମ୍ସରେ ମଧ ତାହାର ପୁନରାବୃତ୍ତି ହୋଇଥିଲା। ଏବେ ଭାରତୀୟ ଦଳ ଅଧିକ ଦୃଢ଼ ହେଉଛି। ତେଣୁ ଏହା ଉପରେ କାମ କରି ତ୍ରୁଟିକୁ ଆମେ ନିଶ୍ଚିତ ସୁଧାରିବୁ।

ଏସିଆନ ଗେମ୍ସରେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କ ପ୍ରଦର୍ଶନ ବହୁତ ଭଲ ଥିଲା। ବୀରେନ୍ଦ୍ର ଡିଫେନ୍ସରେ ବହୁତ ଭଲ ଖେଳାଳି। ତାଙ୍କ ନିକଟରେ ବହୁତ ଅଭିଜ୍ଞତା ରହିଛି। ଅମିତ ଜଣେ ଆକ୍ରମଣାତ୍ମକ ଖେଳାଳି। ସେମାନେ ଦଳ ପାଇଁ ଭଲ ଯୋଗଦାନ ଦେଉଛନ୍ତି। ଅମିତ କୋର ଖେଳାଳିଙ୍କ ସହିତ ମିଶି ଆମ ସହିତ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ କରୁଛନ୍ତି ବୋଲି କହିଛନ୍ତି ମନପ୍ରୀତ।

ଆସନ୍ତା ୨୫ ତାରିଖରେ ଅର୍ଜୁନ ପୁରସ୍କାର ପାଇବାକୁ ଯାଉଛନ୍ତି ମନପ୍ରୀତ। ''ଜାତୀୟ ପୁରସ୍କାର ଅଧିକ ସଫଳତା ପାଇଁ ଉତ୍ସାହିତ କରିଥାଏ। ମୋ କ୍ଷେତ୍ରରେ ମଧ ତାହା ହୋଇଛି। ଗ୍ରାଉଣ୍ଡ ଉପରେ ଭଲ ପ୍ରଦର୍ଶନ କଲେ ପୁରସ୍କାର ଆପେ ଆସିବ ବୋଲି ମୋର ମତ। ଦେଶପାଇଁ ଭଲ ପ୍ରଦର୍ଶନ କରି ଚାଲିବା ମୋର ମୁଖ୍ୟ ଲକ୍ଷ୍ୟ। ଏହି ପୁରସ୍କାର ମୋତେ ମିଳିଥିବାରୁ ମୁଁ ବହୁତ ଖୁସି। ହକି ଏକ ଟିମ୍ ଗେମ୍। ଏଥିରେ ପୂରା ଦଳର ଯୋଗଦାନ ରହିଥାଏ। କେହି ଜଣେ ଚାହିଁଲେ କିଛି କରି ପାରିବ ନାହିଁ। ତେଣୁ ମୋର କଠିନ ପରିଶ୍ରମ,ଉତ୍ସର୍ଗୀକୃତ ମନୋଭାବ ଏବଂ ପୂ ରା ଦଳର ସହଯୋଗ ଯୋଗୁ ମୋତେ ଏହି ପୁରସ୍କାର ମିଳିବାକୁ ଯାଉଛି'' ବୋଲି ମନପ୍ରୀତ ପ୍ରକାଶ କରିଛନ୍ତି।

# ସୂରଜଙ୍କୁ ପୁଣି ଏନ୍‌ସିଏ ଶିବିରକୁ ଡାକରା



ସୂରଜ କୁମାର ବେହେରା।

କଟକ ଅଫିସ,୨୧।୯

ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)୧୬ବର୍ଷରୁ କମ୍ ଶିବିରରେ ସାମିଲ ହୋଇ ଓଡ଼ିଶା ଫେରିବାର ଗୋଟିଏ ଦିନ ପରେ ପୁଣି ସୂରଜ କୁମାର ବେହେରାଙ୍କୁ ଡାକରା ଆସିଛି। ୧୬ବର୍ଷରୁ କମ୍ ବର୍ଗରେ ସୂରଜଙ୍କ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ରହିଥିବା ବେଳେ ଏଥର ତାଙ୍କୁ ୧୯ବର୍ଷରୁ କମ ସ୍ୱତନ୍ତ୍ର ଶିବିରରେ ସାମିଲ କରାଯାଇଛି। ରାଜ୍ୟର ଏହି ପ୍ରତିଭାବାନ ଡାହାଣହାତୀ ପେସ୍ ବୋଲର ଜଣଙ୍କ ଗତ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ୧୬ବର୍ଷରୁ କମ୍ ଏନସିଏ ଶିବିରରେ ରହି ଗୁରୁବାର ଓଡ଼ିଶା ଫେରିଥିଲେ।

ଶିବିରରେ ହୋଇଥିବା ୨ଟି ମ୍ୟାଚ୍‌ରେ ତାଙ୍କ ପ୍ରଦର୍ଶନ ବେଶ ପ୍ରଭାବଶାଳୀ ରହିଥିଲା। ଏପରିକି ସୂରଜଙ୍କ ପ୍ରଦର୍ଶନ ବଳରେ ସେଠାରେ ଖେଳାଯାଇଥିବା ଅଭ୍ୟାସ ମ୍ୟାଚ୍‌ରେ ତାଙ୍କ ଦଳ ବିଜୟୀ ମଧ ହୋଇଥିଲା। ସେ ପ୍ରଥମ ମ୍ୟାଚ୍‌ରେ ୪୪ ରନ୍ କରିବା ସହ ୪ଟି ଉଇକେଟ ଦଖଲ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ୨୦ରନ୍ କରିବା ସହ ୩ଟି ଉଇକେଟ ମଧ ହାସଲ କରିଥିଲେ। ୧୬ବର୍ଷରୁ କମ୍ ଏନସିଏ ଶିବିରରେ ମୁଖ୍ୟ କୋଚ୍ ଦାୟିତ୍ୱରେ ଥିବା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ନରେନ୍ଦ୍ର ହିରୱାନୀ ତାଙ୍କ ପ୍ରଦର୍ଶନରେ ବେଶ ଖୁସି ଥିବା ସୂରଜ କହିଛନ୍ତି। ଏହାଛଡ଼ା ଫିଲ୍ଡିଂ କୋଚ୍ ଅଜୟ ରାତ୍ରା, ବ୍ୟାଟିଂ କୋଚ୍ ସୁରେଶ କୁମାର, ପେସ୍ ବୋଲିଂ କୋଚ୍ ଅତୁଲ ଗାଏକ୍ୱାଡ ମଧ ବିଭିନ୍ନ କ୍ଷେତ୍ରରେ ଉନ୍ନତି ଆଣିବା ନେଇ ତାଙ୍କୁ ପରାମର୍ଶ ଦେଇଥିଲେ ବୋଲି ସେ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉକ୍ତ ୧୯ବର୍ଷରୁ କମ୍ ଶିବିରରେ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି। ୧୯ବର୍ଷରୁ କମ୍ ବିଶ୍ୱକପ୍-୨୦୨୦ରେ ଜାତୀୟ ଦଳରେ ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରହିଛି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଥାଉକି, ପିତା ଦେବପ୍ରିୟ ବେହେରା ଓ ମା ଅନସୂୟା ବେହେରାଙ୍କ ପୁତ୍ର ସୂରଜ ନିଜ ପରିବାର ସହ କଟକରେ ରହୁଛନ୍ତି। ସିଡ଼ିଏ ସେକ୍ଟର-୭ ସ୍ଥିତ ରାଜ୍ୟର ପୂର୍ବତନ ଖ୍ୟାତନାମା କ୍ରିକେଟର ସୌରଜିତ ମହାପାତ୍ରଙ୍କ ଶିବିରରେ ସେ ପିଲାଟି ବେଳୁ ପ୍ରଶିକ୍ଷଣ ନେଉଛନ୍ତି। ୨୦୧୭-୧୮ ସିଜନ୍‌ରେ ତାଙ୍କୁ ରାଜ୍ୟ ୧୬ବର୍ଷରୁ କମ୍ ଦଳରେ ସ୍ଥାନ ମିଳିଥିଲା। ଉକ୍ତ ସିଜନ୍‌ରେ ସେ ମୋଟ୍ ୪ଟି ମ୍ୟାଚ୍ ଖେଳି ୭ଟି ଉଇକେଟ ଦଖଲ କରିଥିଲେ। ଆସାମ ବିପକ୍ଷ ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ସୂରଜଙ୍କ ୩ଟି ଉଇକେଟ ରାଜ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥିଲା। ସୂରଜଙ୍କ କୋଚ୍ ସୌରଜିତଙ୍କ କହିବା ଅନୁଯାୟୀ ଆଗାମୀ ୧୯ବର୍ଷରୁ କମ୍ ବିଶ୍ୱକପ୍ ନିମନ୍ତେ ସୂରଜ ଜାତୀୟ ଦଳ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏନସିଏ ଶିବିରରେ ମଧ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି ବୋଲି କୋଚ୍‌ମାନେ ଅନୁଭବ କରିଛନ୍ତି। ରାଜ୍ୟ ନିମନ୍ତେ ସେ ଭବିଷ୍ୟତର ଆଶା ବୋଲି ସୌରଜିତ କହିଥିଲେ।

# ମାଲେସିଆରେ ହକି ବିଶ୍ୱକପ୍‌ର ପ୍ରଚାର




ମାଲେସିଆରେ ହକି ବିଶ୍ୱକପ୍‌ର ପ୍ରଚାର କରୁଛନ୍ତି ଓଡ଼ିଶାର ହକି ପ୍ରେମୀ।

ଭୁବନେଶ୍ୱର,୨୧।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଦେଶ ଓ ବିଦେଶରେ ଭୁବନେଶ୍ୱରରେ ହେବାକୁଥିବା ପୁରୁଷ ହକି ବିଶ୍ୱକପ୍‌ର ପ୍ରସାର ପାଇଁ ଓଡ଼ିଶା ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆୟୋଜକ ସହରର କେତେଜଣ କ୍ରୀଡ଼ାପ୍ରେମୀ ନିଜସ୍ୱ ଉଦ୍ୟମରେ ମାଲେସିଆରେ ଇଭେଣ୍ଟର ପ୍ରଚାର କରିଛନ୍ତି। ଅଲ୍ ଓଡ଼ିଶା କ୍ୟାଟରର ଓ ଟେଣ୍ଟ ହାଉସ୍ ଆସୋସିଏଶନର କେତେଜଣ ସଦସ୍ୟ ସେମାନଙ୍କ ବ୍ୟବସାୟିକ କାର୍ଯ୍ୟରେ ମାଲେସିଆ ଯାଇଥିଲେ। ସେଠାରେ ଦୁଇ ଦିନ ଧରି ବିଭିନ୍ନ ସ୍ଥାନରେ ସେମାନେ ବିଶ୍ୱକପ୍‌ର ପ୍ରଚାର କରିଥିବା ବିନୟ ଭୂଷଣ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେଠାକାର ଲୋକେ ଟୁର୍ନାମେଣ୍ଟ ନେଇ ଆମ ରାଜ୍ୟ ବିଷୟରେ ବିଭିନ୍ନ କଥା ପଚାରି ବୁଝିଥିଲେ। ଯଥା ରାଜ୍ୟର ପାଣିପାଗ ଏବଂ ବିଭିନ୍ନ ଦର୍ଶନୀୟ ସ୍ଥାନ ସମ୍ପର୍କରେ ନାନା ପ୍ରଶ୍ନ ପଚାରିଥିଲେ। ଏହା ଆମ ପାଇଁ ଏକ ଭିନ୍ନ ଅଭିଜ୍ଞତା ଥିଲା ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି। ମାଲେସିଆ ଗସ୍ତରେ ଯାଇଥିବା ଏହି ଦଳର ଅନ୍ୟ ଜଣେ ସଦସ୍ୟ ଗୁରୁ ଚରଣ ଦାସ କହିଛନ୍ତି, କେବଳ ମାଲେସିଆ ନୁହେଁ ଏହି ଦେଶକୁ ଭ୍ରମଣ କରିବାକୁ ଆସିଥିବା ଅନ୍ୟ କେତେକ ବିଦେଶୀ ଆମକୁ ପଚାରିଥିଲେ ତୁମେ କ'ଣ ପୂର୍ବତନ ଭାରତୀୟ ହକି ଖେଳାଳି କିମ୍ବା ଟୁର୍ନାମେଣ୍ଟ ଆୟୋଜକ ? ଆମେ କେବଳ ଏକ ହକି ଖେଳକୁ ଉତ୍ସାହିତ କରିବା ସମ୍ପର୍କିତ ଏକ ବ୍ୟାନର ହାତରେ ଧରିଥିଲୁ। ଇଭେଣ୍ଟ ପ୍ରତି ଲୋକମାନଙ୍କର ଜାଣିବା ପାଇଁ ଆଗ୍ରହରୁ ସ୍ପଷ୍ଟ ସୂଚନା ମିଳୁଛି ନଭେମ୍ବରରେ ଓଡ଼ିଶାକୁ ବିଦେଶୀ ଦର୍ଶକଙ୍କ ସୁଅ ଛୁଟିବ। ଏହି ପରିପ୍ରେକ୍ଷୀରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା କହିଛନ୍ତି, ବ୍ୟକ୍ତିଗତ ଭାବେ ଓଡ଼ିଶା ହକି ବିଶ୍ୱକପ୍‌ର ପ୍ରଚାର ଅଭିଯାନରେ ନିଜକୁ ସାମିଲ କରିବା ଏକ ପ୍ରଶଂସନୀୟ କାର୍ଯ୍ୟ।

# ଦିଲ୍ଲୀରେ ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍

ନୂଆଦିଲ୍ଲୀ,୨୧।୯(ପି.ଟି.)

ଦୀର୍ଘ ଏକ ଦଶନ୍ଧିର ବ୍ୟବଧାନ ପରେ ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍ ଦେଶରେ ଆୟୋଜିତ ହେବାକୁ ଯାଉଛି। ଆଗାମୀ ନଭେମ୍ବର ୧୫ ତାରିଖଠାରୁ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଏଠାରେ ଅନୁଷ୍ଠିତ ହେବ। ଏ ନେଇ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ଶୁକ୍ରବାର କହିଛି। ନଭେମ୍ବର ୧୩ ତାରିଖ ସୁଦ୍ଧା ଅଂଶଗ୍ରହଣକାରୀ ଦଳମାନେ ପହଞ୍ଚିବେ। ଅନ୍ତିମ ଥର ୨୦୦୬ରେ ଏହି ଇଭେଣ୍ଟରେ ଦେଶରେ ଆୟୋଜିତ ହୋଇଥିଲା।

■ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ନିର୍ବାଚନ

# ସୁମିତ୍ରା ସଭାପତି, ପ୍ରସନ୍ନ ସମ୍ପାଦକ

ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନର ସାଧାରଣ ନିର୍ବାଚନ ଶୁକ୍ରବାର ପାନ୍ଥନିବାସଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସୁମିତ୍ରା ତ୍ରିପାଠୀ ନୂଆ ସଭାପତି ହୋଇଥିବାବେଳେ ପ୍ରସନ୍ନ ମହାସୁଆର ସାଧାରଣ ସମ୍ପାଦକ ପଦ ବଜାୟ ରଖିଛନ୍ତି। ଆସନ୍ତା ୫ ବର୍ଷ ପାଇଁ ନିର୍ବାଚିତ ହୋଇଥିବା ଅନ୍ୟ କର୍ମକର୍ତ୍ତାମାନେ ହେଲେ ମହମ୍ମଦ କୁତ୍‌ବୁଦ୍ଦିନ କାର୍ଯ୍ୟକାରୀ ସଭାପତି, ବାବୁଲି ସ୍ୱାଇଁ କାର୍ଯ୍ୟନିର୍ବାହୀ ଉପ ସଭାପତି, ଡ.ଭାରତୀକୃଷ୍ଣ ବ୍ରହ୍ମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସତ୍ୟନାରାୟଣ ମହାନ୍ତି, ନାରାୟଣ ଚନ୍ଦ୍ର ବେହେରା, ବିଜୟ କୁମାର ଦାସ, ବିରଜା ଦାସ, ବିପିନ ଦାସ, ଜି.ସଞ୍ଜୀବ କୁମାର, ବିଶ୍ୱମ୍ବର ବହିଦାର(ସମସ୍ତେ ଉପ ସଭାପତି), ତରୁଣ କୁମାର ଚାଟାର୍ଜୀ କୋଷାଧ୍ୟକ୍ଷ, ପ୍ରଫୁଲ୍ଲ କୁମାର ଗୁରୁ ଓ ଆର.କେ. ମନୋଜ(ଉଭୟେ ଯୁଗ୍ମ ସମ୍ପାଦକ)। ସଞ୍ଜୟ ଶତପଥୀ, ପ୍ରଶାନ୍ତ କୁମାର ରାଉତ, ଲଲାଟେନ୍ଦୁ ପାତ୍ର, ଅଶୋକ କୁମାର ନାୟକ, ଉମା ଚରଣ ଶତପଥୀ ଆୟୋଜକ କମିଟି ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ ନବ କୁମାର ସାହୁ, ରାଜ କିଶୋର ସାହୁ, ବିରଞ୍ଚି ନାରାୟଣ ମିଶ୍ର, ତୁଷାରକାନ୍ତ ଦାସ, ସୁଦର୍ଶନ ବେହେରା, ଅସିତ୍ ଅମିତାଭ ସାମଲ, ଭବାନୀ ଶଙ୍କର ସାହୁ, କେଦାରନାଥ ରାଉତ, ମନୋଜ କୁମାର ଦାସ, ବିନୋଦ କୁମାର ମହାରଣା, ଜିତେନ୍ଦ୍ର କୁମାର ଜେନା, ବିବେକାନନ୍ଦ ବାରିକ, ଦିବାକର ପ୍ରହରାଜ, ପାର୍ଥସାରଥୀ ନାୟକ ଓ ନୃସିଂହ ଚରଣ ପାଣିଗ୍ରାହୀ କାର୍ଯ୍ୟକାରୀ ସଭ୍ୟରୂପେ ନିର୍ବାଚିତ ହୋଇଛନ୍ତି।




ଓଡ଼ିଶା ବଡି ବିଲ୍ଡିଂ ଆସୋସିଏଶନ ନିର୍ବାଚନ ପରେ କର୍ମକର୍ତ୍ତାମାନେ।

# ବାଳିକା ଫୁଟ୍‌ବଲ: ଭାରତୀୟ ଦଳର ପରାଜୟ

ଉଲାନ ବତାର, ୨୧।୯ (ପି.ଟି.)

ଏଠାରେ ଚାଲିଥିବା ଏଏଫ୍‌ସି ୧୬ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଭାରତୀୟ ଦଳ ୧-୨ ଗୋଲରେ ମଙ୍ଗୋଲିଆଠାରୁ ହାରିଯାଇଛି। ଏହି ପରାଜୟ ଦ୍ୱାରା ଭାରତ ଗ୍ରୁପ୍ ବି' ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନ ହରାଇ ଲାଓସ ପଛକୁ ଦ୍ୱିତୀୟକୁ ଖସି ଆସିଛି। ଲାଓସ ତିନୋଟି ମ୍ୟାଚରୁ ୯ ପଏଣ୍ଟ ଅର୍ଜନ କରିସାରିଥିବା ବେଳେ ଭାରତ ସମାନ ସଂଖ୍ୟକ ମ୍ୟାଚରୁ ୬ ପଏଣ୍ଟ ହାସଲ କରିଛି। ରବିବାର ଭାରତ ଓ ଲାଓସ ଗ୍ରୁପ୍ ପର୍ଯ୍ୟାୟରେ ସେମାନଙ୍କ ଶେଷ ମ୍ୟାଚ ଖେଳିବେ। ଏଥିରେ ଯଦି ଭାରତ ବିଜୟ ଲାଭ କରେ ତେବେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିପାରିବ। ଆଭେକା ମ୍ୟାଚର ପ୍ରଥମ ଗୋଲ ସ୍କୋର କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ଏହାର ଅଧଘଣ୍ଟା ପରେ ମଙ୍ଗୋଲିଆର ଗାଣ୍ଡାମର ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଏହା ପରେ ଭାରତ ପଛକୁ ପଛ ଦୁଇଟି ସୁଯୋଗ ପାଇଥିଲେ ମଧ ମଙ୍ଗୋଲିଆ ଦଳର ରକ୍ଷଣଭାଗ ଖେଳାଳିଙ୍କ ଦୃଢ ପ୍ରତିରୋଧ ଯୋଗୁ ଗୋଲ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ଭାରତୀୟ ରକ୍ଷଣଭାଗ ଦୁର୍ବଳତା ସୁଯୋଗ ନେଇ ଖେଳର ୭୦ ମିନିଟ ସମୟରେ ଖୁଲାଙ୍ଗୁ ମଙ୍ଗୋଲିଆ ତରଫରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।



ବିଚିତ୍ର ଚୟନ ନୀତି ଯୋଗୁ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ସୌରଭ ଚୌଧାରୀଙ୍କୁ ଜାତୀୟ ଦଳରୁ ଗୋଟିଏ ବର୍ଷ ବଞ୍ଚିତ ହେବାକୁ ପଡ଼ିଥିଲା ।

—ଯଶପାଲ ରାଣା, ଭାରତର ଜୁନିୟର ଶୁଟିଂ କୋଚ୍



ଆଇପିଏଲ ଓ ବିଗ୍ ବାଶ୍ ଭଳି ଟୁର୍ନାମେଣ୍ଟ ପ୍ରତି ଲକ୍ଷ୍ୟ ରଖି ଆମ ଖେଳାଳିମାନେ ଟି ୨୦କୁ ନୁହେଁ ବରଂ ୫୦ ଓଭର ଗେମ୍‌କୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ ।

—ଆଣ୍ଡ୍ରୁ ମୋଲ୍ସ, ଆଫଗାନିସ୍ତାନ ୧୯ ବର୍ଷରୁ କମ୍ କ୍ରିକେଟ କୋଚ୍

## ସଂକ୍ଷେପରେ

### ଆଫଗାନିସ୍ତାନର ଚମତ୍କାର ବ୍ୟାଟିଂ

ଆବୁଧାବି, ୨୧।୯(ପି.ଟି.): ଚଳିତ ଏସିଆ କପ୍‌ର ଦ୍ୱିତୀୟ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ଆଫଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୨୫୭ ରନର ସମ୍ମାନଜନକ ସ୍କୋର ହାସଲ କରିଛି। ଦଳ ତରଫରୁ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ହସମାତୁଲ୍ଲା ସହିଦି ଅପରାଜିତ ୯୭, ଅଧିନାୟକ ଅସଘର ଆଫଗାନ ୬୭, ରହମତ ଶାହ ୩୬ ରନ ସଂଗ୍ରହ କରିଛନ୍ତି। ବୋଲିଂରେ ପାକିସ୍ତାନ ତରଫରୁ ମହମ୍ମଦ ନୱାଜ ୩, ଶାହିନ ଆଫ୍ରିଦି ୨, ହାସନ ଅଲୀ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

### ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ମ୍ୟାଚ ଅଧାରୁ ବାତିଲ

କଲମ୍ବୋ, ୨୧।୯ (ପି.ଟି.): ପ୍ରବଳ ବର୍ଷା ଯୋଗୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଶୁକ୍ରବାର ଖେଳାଯିବାକୁଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଟି୨୦ ମ୍ୟାଚକୁ ଅଧାରୁ ବାତିଲ କରିଦିଆଯାଇଛି। ବର୍ଷା କାରଣରୁ ମ୍ୟାଚ ଅଧଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଭାରତ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳ ଏକଦା ୭.୫ ଓଭରରେ ୩ ଉଇକେଟ ବିନିମୟରେ ୪୯ରନ କରିଥିବା ବେଳେ ପ୍ରବଳ ବର୍ଷା ହେବାରୁ ମ୍ୟାଚକୁ ବାତିଲ କରିବାକୁ ପଡ଼ିଥିଲା। ବୁଧବାର ଅନୁଷ୍ଠିତ ପ୍ରଥମ ଟି୨୦ରେ ଭାରତ ୧୩ ରନରେ ବିଜୟ ଲାଭ କରିଥିଲା। ୫ ମ୍ୟାଚ ବିଶିଷ୍ଟ ସିରିଜର ତୃତୀୟ ମ୍ୟାଚ ଏଠାରେ ଶନିବାର ଖେଳାଯିବ।

### କରୁଣ ନାୟାର ବୋର୍ଡ ଏକାଦଶ ଅଧିନାୟକ

ନୂଆଦିଲ୍ଲୀ, ୨୧।୯ (ପି.ଟି.): ସେପ୍ଟେମ୍ବର ୨୯ରୁ ଆରମ୍ଭ ହେବାକୁଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷ ୱାର୍ମ ଅପ୍ ମ୍ୟାଚ ପାଇଁ ବ୍ୟାଟ୍ସମ୍ୟାନ କରୁଣ ନାୟାରଙ୍କୁ ଶୁକ୍ରବାର ବୋର୍ଡ ସଭାପତି ଏକାଦଶ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଦୁଇ ଦିନିଆ କ୍ରିକେଟ ମ୍ୟାଚ ଭଦୋଦରାଠାରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସିନିୟର ସିଲେକ୍ସନ କମିଟି ମ୍ୟାଚ ପାଇଁ ୧୩ ଜଣିଆ ଦଳ ମନୋନୟନ କରିଛି। ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ସେପ୍ଟେମ୍ବର ୨୬ରୁ ଆରମ୍ଭ କରି ପ୍ରାୟ ୭ ସପ୍ତାହ ଧରି ଭାରତରେ ରହିବ। ଦଳ ଭାରତରେ ଦୁଇଟି ଟେଷ୍ଟ, ୫ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବ। ଓପନିଂ ଟେଷ୍ଟ ରାଜକୋଟଠାରେ ଅକ୍ଟୋବର ୪ରୁ ୮ ପର୍ଯ୍ୟନ୍ତ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ହାଇଦ୍ରାବାଦଠାରେ ଅକ୍ଟୋବର ୧୨ରୁ ୧୬ ପର୍ଯ୍ୟନ୍ତ ହେବ। ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୨୧ରୁ ଗୁଆହାଟୀଠାରେ ଆରମ୍ଭ ହେବ। ଏହା ପରେ ଦ୍ୱିତୀୟ ଦିନିକିଆ ଅକ୍ଟୋବର ୨୪ରେ ଇନ୍ଦୋରଠାରେ ଏବଂ ତୃତୀୟ ଦିନିକିଆ ଅକ୍ଟୋବର ୨୭ରେ ପୁଣେଠାରେ ଖେଳାଯିବ। ଶେଷ ଦୁଇଟି ଦିନିକିଆ ଯଥାକ୍ରମେ ମୁମ୍ବାଇ ଓ ଥିରୁଭାନନ୍ତପୁରମରେ ଯଥାକ୍ରମେ ଅକ୍ଟୋବର ୨୯ ଓ ନଭେମ୍ବର ୧ରେ ଅନୁଷ୍ଠିତ ହେବ। ଦିନିକିଆ ସିରିଜ ଶେଷ ହେବା ପରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ କଲିକତା (ନଭେମ୍ବର ୪), ଲକ୍ଷ୍ନୌ (ନଭେମ୍ବର ୬) ଓ ମାଡ୍ରାସ (ନଭେମ୍ବର ୧୧)ଠାରେ ଖେଳାଯିବ। ବୋର୍ଡ ସଭାପତି ଏକାଦଶ: ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ’, ହନୁମା ବିହାରୀ, କରୁଣ ନାୟାର(ଅଧିନାୟକ), ଶ୍ରେୟାସ ଆୟାର, ଅଙ୍କିତ ବାଓନେ, ଇଶାନ କିଷାନ (ଉଇକେଟକିପର), ଜଲଜ ସାକ୍‌ସେନା, ସୌରଭ କୁମାର, ବସିଲ ଥାମ୍ପି, ଆଭେଶ ଖାଁ, କେ. ବିଗ୍ନେଶ, ଇଶାନ ପୋରେଲ।

# ଭାରତର କ୍ରମାଗତ ତୃତୀୟ ବିଜୟ

**ଏସିଆ କପ୍ କ୍ରିକେଟ**

**ଦୁବାଇ, ୨୧।୯(ପି.ଟି.)**

ପ୍ରତ୍ୟାବର୍ତ୍ତନରେ ରବୀନ୍ଦ୍ର ଜାଡେଜାଙ୍କ ଦମ୍‌ଦାର ବୋଲିଂ ଓ ଅଧିନାୟକ ରୋହିତ ଶର୍ମାଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ଏସିଆ କପ୍ ସୁପର-୪ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୮୨ଟି ବଲ ବାକି ଥାଇ ୭ ଉଇକେଟରେ ଅତି ସହଜରେ ପରାସ୍ତ କରିଛି। ଏହା ପୂର୍ବରୁ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ହଂକଂ ଓ ପାକିସ୍ତାନକୁ ହରାଇଥିଲା। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ୪୯.୧ ଓଭରରେ ୧୭୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ୩୬.୨ ଓଭରରେ ୩ ଉଇକେଟ ହରାଇ ୧୭୪ ରନ କରି ବିଜୟ ହାସଲ କରିଛି। ୧୦୪ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୩ ଛକା ସହ ରୋହିତ ୮୩ ରନ କରି ଅପରାଜିତ ରହିବା ସହ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଓପନର ଶିଖର ଧାୱନ ୪୦, ଅମ୍ବାତି ରାୟୁଡୁ ୧୩ ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୩ ରନ କରି ଆଉଟ ହୋଇଥିଲେ। ଦୀନେଶ କାର୍ତ୍ତିକ ୧ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ତରଫରୁ ମାଶ୍ରାଫି ମୋର୍ତ୍ତାଜା, ସାକିବ ଅଲ ହାସନ ଓ ରୁବେଲ ହୋସେନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ୨୯ ରନ ବ୍ୟୟ କରି ମୂଲ୍ୟବାନ ୪ ଉଇକେଟ ନେଇଥିବା ଜାଡେଜାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚନା କରାଯାଇଛି।



ଉଇକେଟ ହାସଲ ପରେ ଉଲ୍ଲସିତ ରବୀନ୍ଦ୍ର ଜାଡେଜା (ଡାହାଣ)।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ମାତ୍ର ୬୫ ରନରେ ୫ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର ଲିଟନ ଦାସ ଓ ନାଜମୁଲ ହୋସେନ ସାଣ୍ଟୋ ୭ ରନ ଲେଖାଏ ସଂଗ୍ରହ କରି ଯଥାକ୍ରମେ ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମରାଙ୍କ ଶିକାର ହୋଇଥିଲେ। ଏହାପରେ ସାକିବ ଅଲ ହାସନ ୧୭, ମହମ୍ମଦ ମିଥୁନ ୯ ଓ ଉଇକେଟ କିପର ବ୍ୟାଟ୍ସମ୍ୟାନ ମୁଶଫିକର ରହିମ ୨୧ ରନ କରି ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ମହମୁଦୁଲ୍ଲା ୨୫ ରନ କରି ଭୁବନେଶ୍ୱରଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ମୋସାଦେକ ହୋସେନ ୧୨ ରନ କରିଥିବାବେଳେ ଜାଡେଜାଙ୍କ ଚତୁର୍ଥ ଶିକାର ହୋଇଥିଲେ। ଅଧିନାୟକ ମୋର୍ତ୍ତାଜା ଓ ମେହିଦୀ ହାସନ ମିରାଜ ଅଷ୍ଟମ ଉଇକେଟ ଯୋଡିରେ ୬୬ ରନ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ମୋର୍ତ୍ତାଜା ୨୬ ରନ କରି ଭୁବନେଶ୍ୱରଙ୍କ ଦ୍ୱାରା ଆଉଟ ହେବା ପରେ ମିରାଜ ୨ ଚୌକା ଓ ୨ ଛକା ସହ ୫୦ଟି ବଲର ସମ୍ମୁଖୀନ ହୋଇ ୪୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଜାଡେଜା ସର୍ବାଧିକ ୪, ଭୁବନେଶ୍ୱର ଓ ବୁମରା ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ବାଂଲାଦେଶ ୪୯.୧ ଓଭରରେ ୧୭୩ ଅଲଆଉଟ୍ (ମିରାଜ- ୪୨, ମୋର୍ତ୍ତାଜା- ୨୬, ମହମୁଦୁଲ୍ଲା- ୨୫, ମୁସ୍‌ଫିକର- ୨୧, ସାକିବ- ୧୭, ଜାଡେଜା- ୪/୨୯, ଭୁବନେଶ୍ୱର-୩/୩୨, ବୁମରା-୩/୩୭)। ଭାରତ ୩୬.୨ ଓଭରରେ ୧୭୪/୩ (ରୋହିତ- ୮୩*, ଧାୱନ- ୪୦, ଧୋନୀ- ୩୩, ମୋର୍ତ୍ତାଜା- ୧/୩୦, ସାକିବ- ୧/୪୪, ରୁବେଲ- ୧/୨୧)।

## ଚାଇନା ଓପନ: କିଡ଼ାମ୍ବି, ସିନ୍ଧୁ ଆଉଟ୍

**ଚାଙ୍ଗଝୋଉ, ୨୧।୯**

ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ଚାଇନା ଓପନର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ଶ୍ରୀକାନ୍ତ ୯-୨୧, ୧୧-୨୧ ଗେମ୍‌ରେ ଜାପାନର କେଣ୍ଟୋ ମୋମୋଟାଙ୍କଠାରୁ ହାରି ଯାଇଛନ୍ତି। ଚଳିତ ବର୍ଷ ଜାପାନିଜ ଖେଳାଳିଙ୍କ ବିପକ୍ଷରେ ଏହା ଶ୍ରୀକାନ୍ତଙ୍କ କ୍ରମାଗତ ୩ୟ ପରାଜୟ। ସେହିଭଳି ମହିଳା ସିଙ୍ଗଲ୍ସ ବର୍ଗର କ୍ୱାର୍ଟର ପର୍ଯ୍ୟାୟ ମ୍ୟାଚ୍‌ରେ ସିନ୍ଧୁଙ୍କୁ ୧୧-୨୧, ୨୧-୧୧, ୧୫-୨୧ ଗେମ୍‌ରେ ବିଶ୍ୱର ୬ ନଂ ଚେନ ୟୁଫେଇ ପରାସ୍ତ କରିଛନ୍ତି।

## ଫିଫା ଏଲିଟ୍ କୋଚିଂ କୋର୍ସ କରି ଫେରିଲେ ଶୁଭେନ୍ଦୁ



ଫିଫ ଇନ୍‌ଷ୍ଟ୍ରକ୍ଟର କିମ୍ ପୌଲସେନଙ୍କ ସହ ଶୁଭେନ୍ଦୁ ପଣ୍ଡା।

**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)**

ଗୋଆରେ ଚଳିତମାସ ୧୭ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ଫିଫା ଏଲିଟ୍ କୋଚିଂ କୋର୍ସ କରି ଫେରିଛନ୍ତି ଓଡ଼ିଶାର ଶୁଭେନ୍ଦୁ ପଣ୍ଡା। ଏଥିରେ ଭାରତର ୧୯ ଜଣ ଏଲିଟ୍ କୋଚ୍ ଅଂଶଗ୍ରହଣ କରିଥିଲେ। ଫିଫା ଇନ୍‌ଷ୍ଟ୍ରକ୍ଟର ଡେନମାର୍କର କିମ୍ ପୌଲସେନ ଇନ୍‌ଷ୍ଟ୍ରକ୍ଟର ଦାୟିତ୍ୱ ତୁଲାଇଥିଲେ। ଫିଫା ଓ ଏଆଇଏଫଏଫର ମିଳିତ ଆନୁକୂଲ୍ୟରେ ଏହି କୋର୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଆଇଏଫଏଫ ପକ୍ଷରୁ ଦେଶର ଶ୍ରେଷ୍ଠ କୋଚ୍‌ମାନଙ୍କୁ ଏହି କୋର୍ସ ପାଇଁ ମନୋନୀତ କରାଯାଇଥିଲା। ଶୁଭେନ୍ଦୁ ବର୍ତ୍ତମାନ ୧୫ ବର୍ଷରୁ କମ୍ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ପ୍ରଥମ ଭାରତୀୟ କୋଚ୍ ଭାବେ ଫୁଟବଲ ପିରିଓଡିସେସନ ବିଶେଷଜ୍ଞ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହା ବ୍ୟତୀତ ସେ ଓଡ଼ିଶାର ପ୍ରଥମ କୋଚ୍ ଭାବେ ଫିଫାର ଏଲିଟ୍ କୋର୍ସ କରିଛନ୍ତି। କିମ୍ ଜଣେ ଅତ୍ୟନ୍ତ ଅଭିଜ୍ଞ ଇନ୍‌ଷ୍ଟ୍ରକ୍ଟର। କୋର୍ସ ଅବସରରେ ସେ ୟୁଥ୍ ଓ ପ୍ରଫେସନାଲ ପିଲାଙ୍କ ଟ୍ରେନିଂ ଶୈଳୀରେ ଭିନ୍ନତା, ପୂରା ସିଜନ ପାଇଁ କିପରି ଟ୍ରେନିଂ ଡିଜାଇନ୍ ପ୍ରସ୍ତୁତ କରାଯିବ, ଫୁଟବଲ ସଂସ୍କୃତିରେ କିପରି ଉନ୍ନତି ଅଣାଯିବ ଆଦି ଉପରେ ବିଶେଷ ଶିକ୍ଷା ଦେଇଥିଲେ। ଏହି କୋର୍ସ କରିବା ଫଳରେ ଅନେକ ଅନୁଭୂତି ହୋଇଛି ଏବଂ ଅଭିଜ୍ଞତା ମିଳିଛି ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି।

## ଇଣ୍ଡିଆ ଗ୍ରୀନ୍‌ରେ ସୁଶ୍ରୀ, ବ୍ଲୁରେ ଅଞ୍ଜଳି, ରୀମାଲକ୍ଷ୍ମୀ

**କଟକ ଅଫିସ, ୨୧।୯**

ଅକ୍ଟୋବର ୪ରୁ ୮ ପର୍ଯ୍ୟନ୍ତ ମହୀଶୂରଠାରେ ୨୩ବର୍ଷରୁ କମ୍ ମହିଳା ଟି୨୦ ଚ୍ୟାଲେଞ୍ଜର ସିରିଜ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଦ୍ୱାରା ଅନୁଷ୍ଠିତ ଏହି ସିରିଜରେ ଓଡ଼ିଶାର ୩ଜଣ ଖେଳାଳିଙ୍କୁ ଦେଖିବାକୁ ମିଳିବ। ଇଣ୍ଡିଆ ଗ୍ରୀନ ଦଳରେ ସୁଶ୍ରୀ ଦିବ୍ୟଦର୍ଶିନୀ, ଇଣ୍ଡିଆ ବ୍ଲୁଦଳରେ ଅଞ୍ଜଳି ସିଂ ଓ ରୀମାଲକ୍ଷ୍ମୀ ଏକ୍କାଙ୍କୁ ସୁଯୋଗ ମିଳିଛି। ଏହି ୩ଜଣ ଖେଳାଳି ଗତ ଜାତୀୟ ୨୩ବର୍ଷରୁ କମ୍ ମହିଳା କ୍ରିକେଟ ଟୁର୍ନାମେଣ୍ଟ, ୨୩ବର୍ଷରୁ କମ୍ ପୂର୍ବାଞ୍ଚଳ ଦଳରେ ପ୍ରତିନିଧିତ୍ୱ କରିବା ସହ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅକ୍ଟୋବର ୨ ତାରିଖରେ ଏହି ୩ଜଣ ଖେଳାଳିଙ୍କୁ ମହୀଶୂରରେ ପହଞ୍ଚିବାକୁ କୁହାଯାଇଛି।

## ତୀରନ୍ଦାଜୀ କୋଚ୍ ତେଜାଙ୍କ ଇସ୍ତଫା

**ଚଣ୍ଡିଗଡ଼, ୨୧।୯(ପି.ଟି.)**

ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରତ୍ୟାଶୀ ତାଲିକାରୁ ବାଦ୍ ପଡିବା ପରେ ତୀରନ୍ଦାଜୀ ତଥା କମ୍ପାଉଣ୍ଡ ଆର୍ଚେରୀ କୋଚ୍ ଜୀବନଜୋତ ସିଂ ତେଜା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ମୁଁ ଭାରତୀୟ ଆର୍ଚେରୀ ଟିମ୍ କୋଚ୍ ପଦରୁ ଇସ୍ତଫା ଦେଇଛି ବୋଲି ତେଜା କହିଛନ୍ତି। ମୋ ପ୍ରତି ଅନ୍ୟାୟ ହୋଇଛି ବୋଲି ସେ କହିଛନ୍ତି। ମୁଁ ଏହି ପୁରସ୍କାର ପାଇ ଦାବି କରୁ ନ ଥିଲି, କିନ୍ତୁ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଗତ ଏସିଆନ ଗେମ୍ସ ଅବସରରେ ସେ ଜାତୀୟ କମ୍ପାଉଣ୍ଡ ହେଡ୍ କୋଚ୍ ହିସାବରେ ଜାକର୍ତ୍ତା ଗସ୍ତ କରିଥିଲେ। ତଥାକଥିତ ବିଶୃଙ୍ଖଳା ପାଇଁ ମୋତେ ଆର୍ଚେରୀ ଆସୋସିଏଶନ ଅଫ ଇଣ୍ଡିଆ ତରଫରୁ ଗୋଟିଏ ବର୍ଷ ବାସନ୍ଦ କରିଥିବା ମାମଲା ଏବେ ଅତୀତ ହେଲାଣି ଓ ପୁଣି ମୋ ବିରୋଧରେ ଅସିଥିବା ଅଭିଯୋଗ ବହୁଦିନ ହେବ ମଧ୍ୟ ଭିତ୍ତିହୀନ ତଥା ଅମୂଳକ ସାବ୍ୟସ୍ତ ହୋଇଛି ବୋଲି ତେଜା କହିଛନ୍ତି। ବାସ୍ତବରେ ମୁଁ ଏ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଓ ବିନା କାରଣରେ ମୋତେ ଦଣ୍ଡିତ କରାଯାଇଥିଲା ବୋଲି ତେଜା କହିଛନ୍ତି।

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଜଣେ କ୍ରୀଡ଼ାବିତ୍ ହୋଇଥିବାରୁ ଏହି କଥା ଭଲ ଭାବେ ହୃଦୟଙ୍ଗମ କରିଥିବେ । ଏବେ ମୋତେ ଜଣେ ଦୋଷୀ କିମ୍ବା ଚୋର ବୋଲି ସାବ୍ୟସ୍ତ କରାଯାଉଛି। ଏବେ ମୁଁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହେବି ବୋଲି ସେ କହିଛନ୍ତି। ଦ୍ରୋଣାଚାର୍ଯ୍ୟ ପ୍ରତ୍ୟାଶୀ ତାଲିକାରୁ ମୋ ନାମ ବାଦ ଦେବା ନେଇ ପୁନର୍ବିଚାର କରିବାକୁ ୩ଜଣ ଅର୍ଜୁନ ପୁରସ୍କାର ବିଜେତା ପ୍ରସ୍ତାବ ଦେଇଥିଲେ ବୋଲି ତେଜା ଦାବି କରିଛନ୍ତି।

୨୦୧୫ରେ ବିଶ୍ୱ ବିଶ୍ୱବିଦ୍ୟାଳୟ ଗେମ୍ସ ପାଇଁ ତେଜା ଭାରତୀୟ ଟିମ୍ ମୁଖ୍ୟ କୋଚ୍ ହିସାବରେ ଯାତ୍ରା କରିଥିଲେ। ତେବେ ଇଭେଣ୍ଟ ସମୟ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବା ଫଳରେ ଦଳ ବିଳମ୍ବରେ ପହଞ୍ଚିଥିଲା। ଫଳରେ ଦଳ ଅଳ୍ପକେ ବ୍ରୋଞ୍ଜ୍ ପଦକ ହରାଇଥିଲା। ଏହି କାରଣ ଯୋଗୁ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ତାଙ୍କୁ ୩ ବର୍ଷ ବାସନ୍ଦ କରିଥିଲା। ତେବେ ଆର୍ଚେରୀ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଏଆଇ) ତାଙ୍କ ଉପରେ ଗୋଟିଏ ବର୍ଷ ବାସନ୍ଦାଦେଶ ଜାରି କରିଥିଲା। ଏଆଇୟୁ ପରେ ଏହି ବାସନ୍ଦ ଅବଧିକୁ ଦେଢ଼ ବର୍ଷକୁ କମାଇ ଦେଇଥିଲା। କାରଣ ସେମାନେ ଜାଣିଥିଲେ ଯେ, ଏଥିପାଇଁ ମୋର କୌଣସି ଦୋଷ ନାହିଁ। ଏହା ଏକ ଦୁର୍ଭାଗ୍ୟଜନକ ଘଟଣାଥିଲା ଓ ମୁଁ ଜାଣିଶୁଣି ଏପରି କରି ନ ଥିଲି। ଚିଫ୍ ଡି ମିଶନ ଟାଇମିଂ ପରିବର୍ତ୍ତନ ସମ୍ପର୍କରେ ଜାଣିଥିଲେ ଓ ଆମକୁ ଏ ବିଷୟରେ ସୂଚନା ଦେଇ ନ ଥିଲେ ବୋଲି ତେଜା କହିଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରଶିକ୍ଷଣରେ ୪ ବର୍ଷଧରି ଉଲ୍ଲେଖନୀୟ ଯୋଗଦାନ ପାଇଁ କୋଚ୍‌ମାନଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ। ପୁରସ୍କାର ବାବଦରେ ନଗଦ ୫ ଲକ୍ଷ୍ୟ ଟଙ୍କା ଦିଆଯାଇଥାଏ। ଏ ବର୍ଷ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ କ୍ଲାରେନ୍ସ ଲୋବୋ (ହକି), ତରକ ସିହ୍ନା (କ୍ରିକେଟ), ଜୀବନ କୁମାର ଶର୍ମା (ଜୁଡୋ) ଓ ଭି.ଆର. ବିଦୁ (ଆଥଲେଟିକ୍ସ)ଙ୍କ ନାମ ସୁପାରିସ୍ କରାଯାଇଛି।

## ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**ବିଜୟ ହଜାରେ ଟ୍ରଫି**

**କଟକ ଅଫିସ, ୨୧।୯**

ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଲଗାତାର ଦ୍ୱିତୀୟ ପରାଜୟ ବରଣ କରିଛି । ନୂଆଦିଲ୍ଲୀ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଗୁରୁବାର ଆନ୍ଧ୍ରପ୍ରଦେଶଠାରୁ ପରାସ୍ତ ହୋଇଥିବା ଓଡ଼ିଶା ଶୁକ୍ରବାର ୬ ଉଇକେଟରେ କେରଳଠାରୁ ହାରିଛି। ଖରାପ ବ୍ୟାଟିଂ ହିଁ ଦୁଇଟି ଯାକ ମ୍ୟାଚ୍‌ରେ ଓଡ଼ିଶା ପାଇଁ ମହଙ୍ଗା ପଡ଼ିଛି। କେରଳ ବିପକ୍ଷରେ ଓଡ଼ିଶା ମାତ୍ର ୧୧୮ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ୪ ଉଇକେଟ ହରାଇ କେରଳ ମ୍ୟାଚ୍‌କୁ ଜିତିଥିଲା।

ସଚିନ ବେବିଙ୍କ ନେତୃତ୍ୱାଧୀନ କେରଳ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଦଳୀୟ ସ୍କୋର ୬ ହୋଇଥିବାବେଳେ ଓଡ଼ିଶା ଦୁଇ ଓପନର ରାଜେଶ ଧୂପର (୪ରନ୍) ଓ ଅନୁରାଗ ଷଡ଼ଙ୍ଗୀ (୨ରନ୍)ଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ଗୋବିନ୍ଦ ପୋଦ୍ଦାର ଓ ଶୁଭ୍ରାଂଶୁ ସେନାପତିଙ୍କ ମଧ୍ୟରେ ୩ୟ ଉଇକେଟ ଯୋଡ଼ିରେ ୪୮ରନ୍‌ର ଭାଗୀଦାରି ହୋଇଥିଲା। ୧୩ତମ ଓଭରରେ ଓଡ଼ିଶାର ଦଳୀୟ ସ୍କୋର ୫୦ ହେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ଭାଗୀଦାରିକୁ ଭାଙ୍ଗିବାରେ ସମର୍ଥ ହୋଇଥିଲେ କେରଳ ବୋଲର। ଗୋବିନ୍ଦ (୨୨ରନ୍) ଓ ଶୁଭ୍ରାଂଶୁ (୨୬ରନ୍)ଙ୍କୁ ଗୋଟିଏ ଓଭର ବ୍ୟବଧାନରେ ପ୍ୟାଭିଲିୟନ ଫେରାଇ ଦେଇଥିଲେ। ଓଡ଼ିଶାର ସ୍କୋର ୪ ଉଇକେଟରେ ୫୮ରନ୍‌ରେ ପହଞ୍ଚିଥିଲା। ପରେ ଅଭିଷେକ ରାଉତ (୨୩ରନ୍)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୀର୍ଘ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ। ବିପ୍ଳବ ସାମନ୍ତରାୟ ୬, ଉଇକେଟ କିପର ସୁଜିତ ଲେଙ୍କା ୧୦, ଦୀପକ ବେହେରା ୫, ରାଜେଶ ମହାନ୍ତି ୪, ପପୁ ରାୟ ୬ ଓ ପ୍ରୀତ କନୱର ସିଂ ଚୌହ୍ୱାନ ୫ରନ୍ କରିଥିଲେ। ୩୪.୪ ଓଭରରେ ସମସ୍ତ ଉଇକେଟ ହରାଇ ଓଡ଼ିଶା ୧୧୭ରନ କରିଥିଲା। କେରଳ ପକ୍ଷରୁ ବାମହାତୀ ଅର୍ଥୋଡକ୍ସ ଅକ୍ଷୟ ଚନ୍ଦ୍ରନ ୪ଟି ଓ ସ୍ପିନର ଜଲଜ ସକ୍ସେନା ୩ଟି ଉଇକେଟ ପାଇଥିଲେ। କେରଳ ଇନିଂସ୍‌ର ପ୍ରାରମ୍ଭରୁ ଓଡ଼ିଶା ମଧ୍ୟ ସ୍ପିନ ବୋଲରଙ୍କ ସହାୟତାରେ ଉଇକେଟ ଦଖଲ କରିଥିଲା। ୨୫ରନ୍‌ରେ କେରଳ ୨ଟି ଉଇକେଟ ହରାଇଥିଲା। ମାତ୍ର ଅଧିନାୟକ ସଚିନ ଓ ଉଇକେଟ କିପର ସଞ୍ଜୁ ସାମସନ ସତର୍କତାର ସହ ବ୍ୟାଟିଂ କରି ଦଳକୁ ବିଜୟୀ କରିବାରେ ସକ୍ଷମ ହୋଇଥିଲେ। ଅଧିନାୟକ ସଚିନ ସର୍ବାଧିକ ୪୧ରନ କରି ପପୁ ରାୟଙ୍କ ଦ୍ୱାରା ଆଉଟ ହୋଇଥିଲେ। ସଞ୍ଜୁ ୨୫ରନ୍‌ରେ ଅଭିଷେକ ରାଉତଙ୍କ ଶିକାର ହୋଇଥିଲେ। ୫ନଂ ବ୍ୟାଟିଂ କ୍ରମରେ କେରଳ ସଲମାନ ନିଜାର ଅପରାଜିତ ୩୧ରନ୍ କରିଥିଲେ। ୩୭.୩ ଓଭରରେ ୪ ଉଇକେଟ ହରାଇ କେରଳ ବିଜୟୀ ହୋଇଥିଲା। ପପୁ ରାୟ ୨୫ରନ୍ ବିନିମୟରେ ୨ଟି ଉଇକେଟ ପାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୧୧୭/ଅଲଆଉଟ୍ (ଶୁଭ୍ରାଂଶୁ ସେନାପତି-୨୬, ଅଭିଷେକ ରାଉତ-୨୩, ଅକ୍ଷୟ ଚନ୍ଦ୍ରନ-୪/୨୯)। କେରଳ: ୧୧୮/୪( ସଚିନ ବେବି ୪୧, ସଲମାନ ନିଜାର-୩୧, ପପୁ ରାୟ-୨/୨୫)।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୨/୨୦୧୮ Bhubaneswar, Saturday, September 22/ 2018

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

ବାଲିକୁଦା,୨୧।୯(ସ୍ୱ.ପ୍ର.): ବାଲିକୁଦା ବ୍ଲକ ନାଗପୁର ପଞ୍ଚାୟତର ନରସିଂହପୁର ଗ୍ରାମରେ ଶୁକ୍ରବାର ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ପବନି ଭୋଇଙ୍କ ପୁଅ ଚନ୍ଦ(୧୫)। ଅପରାହ୍ନରେ ସେ ପୋଖରୀକୁ ଶୌଚ ହେବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲେ ବିଦ୍ୟୁତ୍ ଉପଭୋକ୍ତା

ବିରିଡି,୨୧।୯(ଡି.ଏନ.ଏ.): ବିରିଡ଼ି ବିଦ୍ୟୁତ୍ ସେକ୍ସନ ଅଧୀନରେ ରହିଛି ବାଲିଆ-ଶିବପୁର ୩୩ କେଭି ଷ୍ଟ୍ରକ୍ଚର ଓ ୨୨ ମୌଜା ଚାଷୀଖଣ୍ଡ ଷ୍ଟ୍ରକ୍ଚର। ଏହି ଷ୍ଟ୍ରକ୍ଚରରୁ ବିଦ୍ୟୁତ୍ ଉପଭୋକ୍ତାମାନେ ଠିକ ଭାବେ ସେବା ପାଇପାରୁ ନାହାନ୍ତି। ଏହାର ପ୍ରତିବାଦରେ ବାଲିଆ ଓ ଶିବପୁର ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ଶୁକ୍ରବାର ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ପ୍ରାୟ ୩ଘଣ୍ଟା ଧରି ସେମାନେ ବିଦ୍ୟୁତ୍ ସେକ୍ସନରେ ହୋହଲ୍ଲା କରିଥିଲେ। ସେଠାରେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ବନୋଜ କୁମାର ନାୟକ ନ ଥିବାରୁ ଜଗତସିଂପୁର ସେସୁ ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନରେ ଅବଗତ କରାଇଥିଲେ। କିଛି ସମୟ ପରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ପହଞ୍ଚି ସମସ୍ୟା ସମ୍ପର୍କରେ ବୁଝି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିବାରୁ ଉପଭୋକ୍ତାମାନେ ସେଠାରୁ ଫେରିଥିଲେ। ବାଲିଆର ବିଦ୍ୟୁତ୍ ଉପଭୋକ୍ତା ବିକ୍ରମ ସାହୁ କୁହନ୍ତି ଯେ ପ୍ରତ୍ୟେକ ମାସରେ ଆମେ ବିଦ୍ୟୁତ୍ ଦେୟ ପଇଠ କରୁଛୁ। ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉ ନ ଥିବାରୁ ଲୋକମାନେ ହନ୍ତସନ୍ତ ହେଉଛନ୍ତି।




# ଦଳିତ ସାହିରେ ବ୍ୟାପୁଛି ମ୍ୟାଲେରିଆ

ବାଲିଆ,୨୧।୯

ବିରିଡ଼ି ବ୍ଲକ ମଙ୍ଗୁଲି ପଞ୍ଚାୟତର ୨୨ ମଉଜା ଶଙ୍ଖାରିସାହିର ୭ ନମ୍ବର ଓାର୍ଡ ଦଳିତ ସାହିରେ ମ୍ୟାଲେରିଆ ବ୍ୟାପିବାରେ ଲାଗିଛି। ଏପର୍ଯ୍ୟନ୍ତ ସାହିର ୩ଜଣ ଏହି ଜ୍ୱରରେ ପୀଡିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଆଉ କେତେଜଣଙ୍କଠାରେ ମ୍ୟାଲେରିଆ ଜ୍ୱରର ଲକ୍ଷ୍ୟଣ ଦେଖିବାକୁ ମିଳୁଥିବାରୁ ସେମାନେ ଭୟଭୀତ ହୋଇପଡିଛନ୍ତି। ଏ ସମ୍ପର୍କରେ ଉପସ୍ୱାସ୍ଥ୍ୟକେନ୍ଦ୍ର କର୍ମୀ ଓ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୌଣସି ଅଧିକାରୀ କିମ୍ବା ଡାକ୍ତର ଉକ୍ତ ଅଞ୍ଚଳ ପରିଦର୍ଶନ କରି ନ ଥିବା ଗ୍ରାମର ଶ୍ୟାମସୁନ୍ଦର ପାଇକରାୟ, ସୁଦର୍ଶନ ପାଇକରାୟ, ଲିଙ୍ଗରାଜ ରାଉତରାୟ, ଶ୍ୟାମସୁନ୍ଦର ସେଠୀ, ଚନ୍ଦନ ଭୋଇ, ଅକ୍ଷୟ କୁମାର ଭୋଇ, ମାନସ ରଞ୍ଜନ ବାରିକ, ରବୀନ୍ଦ୍ର କୁମାର ଭୂୟାଁ, ରାମଚନ୍ଦ୍ର ବେହେରା, ନୃସିଂହ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଏହି ଦଳିତ ସାହିର ଜଗନ୍ନାଥ ଭୋଇ(୨୭)ଙ୍କୁ ୮ ଦିନ ଜ୍ୱର ହେବାପରେ ଗତ ୧୬ ତାରିଖରେ ପରିବାର ଲୋକେ କଟକ ବଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ରକ୍ତ ନମୁନା ପରୀକ୍ଷା କରିବାରୁ ତାଙ୍କୁ ମ୍ୟାଲେରିଆ ହୋଇଥିବା ଜଣାପଡିଥିଲା। ସେଠାରେ ୪ ଦିନ ରହିବା ପରେ ଜ୍ୱର ଭଲ ହୋଇଥିଲା। ତେଣୁ ଡାକ୍ତରଙ୍କ ପରାମର୍ଶରେ ପରିବାର ଲୋକେ ଘରକୁ ନେଇ ଆସିଥିଲେ। କିନ୍ତୁ ଏବେ ପୁନର୍ବାର ତାଙ୍କୁ ପ୍ରବଳ ଜ୍ୱର ହେବାରୁ ସେ ଉଠିପାରୁନାହାନ୍ତି। ଫଳରେ ଶୁକ୍ରବାର ତାଙ୍କୁ ପୁନର୍ବାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି କାଳନ୍ଦୀ ଭୋଇ ୫ ଦିନ ତଳେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ। ଏବେ ସେ ଜଗତସିଂହପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଛନ୍ତି। ଗ୍ରାମର ଅକ୍ଷୟ ଭୋଇଙ୍କୁ ୩ ଦିନ ହେବ ଜ୍ୱର ଛାଡୁ ନାହିଁ। ତାଙ୍କୁ ମ୍ୟାଲେରିଆ ହୋଇଥିବା ସନ୍ଦେହ କରାଯାଉଛି। ସେ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ଯିବେ ବୋଲି କହୁଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଗରିବ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ସରକାର ବିପୁଳ ଅର୍ଥ ଖର୍ଚ୍ଚ କରୁଥିବାବେଳେ ଏଠାରେ ସବୁ ନିରର୍ଥକ ସାବ୍ୟସ୍ତ ହୋଇଛି। ମ୍ୟାଲେରିଆ ନିରାକରଣ ନିମନ୍ତେ ଏଠାରେ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା କିମ୍ବା ସଚେତନତା କାର୍ଯ୍ୟକ୍ରମ କରାଯାଉନାହିଁ। ଫଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି।



ମ୍ୟାଲେରିଆରେ ପୀଡ଼ିତ ଜଗନ୍ନାଥ ଭୋଇ।

- ମ୍ୟାଲେରିଆରେ ୩ ପୀଡ଼ିତ, ଗ୍ରାମବାସୀ ଭୟଭୀତ
- ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି
- ହେଉନାହିଁ ସଚେତନତା କାର୍ଯ୍ୟକ୍ରମ

## ସମୁଦ୍ରରେ ଫସିଥିଲେ ୧୪ ମତ୍ସ୍ୟଜୀବୀ
# କୋଷ୍ଟଗାର୍ଡ ଉଦ୍ଧାର କଲା

ପାରାଦୀପ,୨୧।୯(ସ୍ୱ.ପ୍ର.)

ସାମୁଦ୍ରିକ ଝଡ଼ ଡାଏ ଆସିବାର ଯଥେଷ୍ଟ ପୂର୍ବରୁ ସରକାରୀଭାବେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଥିଲା। ତେବେ ଏହା ସତ୍ତ୍ୱେ କେତେଜଣ ମତ୍ସ୍ୟଜୀବୀ ଅଧିକ ମାଛ ଧରିବା ଆଶାରେ ସମୁଦ୍ରରେ ମାଛ ଧରୁଥିଲେ। ଗତ ବୁଧବାର ରାତିରୁ ସମୁଦ୍ର ଅଶାନ୍ତ ହେବାରୁ ପାରାଦୀପ ମାଛଧରା ବନ୍ଦରରୁ ଯାଇଥିବା ୨ଟି ମାଛଧରା ଟ୍ରଲରର ୧୪ଜଣ ମତ୍ସ୍ୟଜୀବୀ ଆସି ନ ପାରି ଫଶି ଯାଇଥିଲେ। ଏହି ଖବର ଜଣାପଡ଼ିବା ପରେ ଶୁକ୍ରବାର ରାତିରେ କୋଷ୍ଟଗାର୍ଡ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରାଯାଇଛି। କୋଷ୍ଟଗାର୍ଡର ବୃହତ ପାଟ୍ରୋଲିଂ ଜାହାଜ ଆଇସିଜିସି ସୁଜୟ ଟ୍ରଲର ୨ଟିକୁ ଆଣି ପାରାଦୀପ ମାଛଧରା ବନ୍ଦରରେ ଛାଡ଼ିଛି। ନିର୍ମନ ୦୬ ଏବଂ ଓଁ ମା' ପାର୍ବତୀ ନାମକ ଟ୍ରଲର ସମ୍ପର୍କରେ ଗୁରୁବାର କୋଷ୍ଟଗାର୍ଡକୁ ସୂଚନା ଦିଆଯାଇଥିଲା। ଅଶାନ୍ତ ସମୁଦ୍ରରେ ଦୀର୍ଘ ସଂଘର୍ଷ କରି ସୁଜୟ ସେମାନଙ୍କ ପାଖରେ ପହଞ୍ଚିଥିଲା। ଏପରି ବିପଦ ପୂର୍ବରୁ ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକ ସଚେତନତା ପୂର୍ବକ କୂଳକୁ ଫେରିଆସିବା ଆବଶ୍ୟକ। ଏଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି।

# ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର

ରାହାମା,୨୧।୯(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ରାହାମା ବଜାରଠାରେ କଟକ-ପାରାଦୀପ ରାସ୍ତାରେ ଶୁକ୍ରବାର ଦୁର୍ଘଟଣାରେ ୨ଜଣ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ତାଳପଡା ଗ୍ରାମର ପ୍ରମୋଦ ପତି ଏବଂ ସୁରେଶ ପରିଡା। ସେମାନେ ବଜାରରୁ ଫେରୁଥିବା ବେଳେ ଏକ ପିକ୍ଅପ ଭ୍ୟାନ ଧକ୍କା ଦେଇଥିଲା। ସେମାନଙ୍କୁ ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଉକ୍ତ ଗାଡି ଜବତ କରିଛି।

## ବନ୍ଦର ନିଷିଦ୍ଧାଞ୍ଚଳରେ ଦୁର୍ଘଟଣା
# ପ୍ରୋକ୍ଲିନ ଚାପାରେ ଅପରେଟର ମୃତ

ପାରାଦୀପ,୨୧।୯(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଶୁକ୍ରବାର ସନ୍ଧ୍ୟା ୮ଟାରେ ଦୁର୍ଘଟଣା ଘଟିଛି। ଏକ ପ୍ରୋକଲିନ ଚାପାରେ ଜଣେ ଅପରେଟରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୁଃଶାସନ ପ୍ରଧାନ। ତାଙ୍କ ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ଅସନାପାଲି ଗ୍ରାମରେ। ସେ ଓଏସ୍ଏଲ କମ୍ପାନୀରେ ଅପରେଟର ଭାବେ କାମ କରୁଥିଲେ। ନିଷିଦ୍ଧାଞ୍ଚଳରେ କୌଣସି କାରଣ ବସତଃ ଦୁର୍ଘଟଣା ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଅନ୍ୟ ଅପରେଟରମାନେ ମୃତଦେହ ଅଟକ ରଖି ପ୍ରତିବାଦ ଜଣାଇଛନ୍ତି। ପୋଲିସ, ସିଆଇଏସ୍ଏଫ୍ ଓ ବନ୍ଦର ଟ୍ରାଫିକ ବିଭାଗ ଅଧିକାରୀମାନେ ପହଞ୍ଚି ସେଠାରେ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚଳାଇଛନ୍ତି।

# ବୃଦ୍ଧାବୃଦ୍ଧଙ୍କ ସେବାରେ ଆହ୍ୱାନ କମ୍ପାଇନ୍ସ

ପାରାଦୀପ,୨୧।୯(ସ୍ୱ.ପ୍ର.)

ପାରାଦୀପ ମଧୁବନ ଅଞ୍ଚଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆହ୍ୱାନ କମ୍ପାଇନ୍ସର ସଦସ୍ୟମାନେ ଶୁକ୍ରବାର ବାଲିଝରା ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀଙ୍କୁ ବିଶ୍ୱକର୍ମା ପୂଜା ବୁଲାଇ ଦେଖାଇଛନ୍ତି। ବୃଦ୍ଧାବୃଦ୍ଧମାନେ ପ୍ରତ୍ୟେକ ତୋରଣ ବୁଲି ଦେଖିବା ସହ ପ୍ରସାଦ ସେବନ କରିଥିଲେ। ଯୁବବର୍ଗଙ୍କ ଏହି କାର୍ଯ୍ୟ ପାଇଁ ସେମାନଙ୍କୁ ବୃଦ୍ଧାବୃଦ୍ଧମାନେ ଆଶୀର୍ବାଦ କରିଥିଲେ। ଏହି ଅବସରରେ ବୃଦ୍ଧାବୃଦ୍ଧଙ୍କୁ ଔଷଧ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।



ଆହ୍ୱାନ କମ୍ପାଇନ୍ସର ସଦସ୍ୟମାନେ ବୃଦ୍ଧାବୃଦ୍ଧଙ୍କୁ ପାରାଦୀପର ବିଶ୍ୱକର୍ମା ପୂଜା ବୁଲି ଦେଖାଉଛନ୍ତି।

# ଭୁବନେଶ୍ୱରରୁ କର୍ମୀଙ୍କୁ ଡକରା, ଖୁବ୍‌ଶୀଘ୍ର ନେତୃତ୍ୱ ଘୋଷଣା

ପାରାଦୀପ,୨୧।୯(ସ୍ୱ.ପ୍ର.)

ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଯିବାକୁ ଇତିମଧ୍ୟରେ ୧୦ ଦିନ ବିତିଲାଣି। କିନ୍ତୁ ଦାମଙ୍କ ପରେ ପାରାଦୀପ ନିର୍ବାଚନମଣ୍ଡଳୀର ଦାୟିତ୍ୱ ଦଳ କାହାକୁ ଦେବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରୁନାହିଁ। ଏନେଇ ଦଳୀୟ ନେତା, କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ଏଭଳି ସ୍ଥିତିରେ ଭୁବନେଶ୍ୱରରୁ ଶୁକ୍ରବାର ସନ୍ଧ୍ୟାରେ ପାରାଦୀପ, କୁଜଙ୍ଗ, ତିର୍ତ୍ତୋଲ ବ୍ଲକର ଛାମୁଆ କର୍ମୀଙ୍କୁ ଡାକରା ଆସିଛି। ଏନେଇ ସେଠାରେ ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରାଯିବା ସହ ୨୦୧୯ ନିର୍ବାଚନର ସମ୍ଭାବ୍ୟ ପ୍ରାର୍ଥୀ ସମ୍ପର୍କରେ ଆଲୋଚନା ହେବ। ସେଠାରୁ ଫେରିବା ପରେ ଏକ ବଡ଼ଧରଣର ଦଳୀୟ ସମାବେଶ କୁଜଙ୍ଗ କିମ୍ବା ପାରାଦୀପରେ ହେବାର ଅଛି। ଏହି କ୍ରମରେ ଆସନ୍ତା ୨ ଦିନ ମଧ୍ୟରେ ଦାମଙ୍କ ଉତ୍ତରାଧିକାରୀ ଘୋଷଣା ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସ ପାରାଦୀପରେ ନିଜର ପତିଆରା ବୃଦ୍ଧି କରିବାରେ ଲାଗିଛନ୍ତି। ଗୁରୁବାର ସେ ପାରାଦୀପ ଗସ୍ତ କରି କର୍ମୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରିଛନ୍ତି। ଏପରି କି ଦାମଙ୍କ ଅନୁଗତ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ଅନ୍ୟତମ ପ୍ରମୁଖ ନେତା ସୁମନ୍ତ ବିଶ୍ୱାଳଙ୍କୁ ସେ ଆଲୋଚନା ପାଇଁ ଡାକିଥିଲେ ବୋଲି ଜଣାପଡିଛି। କିନ୍ତୁ ଉପଯୁକ୍ତ ପରିବେଶ ତଥା ରାଜ୍ୟ ସଭାପତିଙ୍କ ପକ୍ଷରୁ ସେଭଳି ସବୁଜ ସଙ୍କେତ ମିଳି ନ ଥିବାରୁ ସେମାନେ ବିଷ୍ଣୁଙ୍କ ପାଖକୁ ଯାଇ ନ ଥିଲେ। ବିଷ୍ଣୁ ଏବେ ସମସ୍ତଙ୍କ ସହ ଫୋନରେ ଯୋଗାଯୋଗରେ ଅଛନ୍ତି। ନିକଟରେ ସେ ପାରାଦୀପରୁ ପ୍ରାର୍ଥୀତ୍ୱ କରିବାକୁ ଗଣମାଧ୍ୟମରେ ଖୋଲାଖୋଲି ଇଚ୍ଛା ପ୍ରକାଶ କରିଥିଲେ। ଏହାକୁ ନେଇ ପାରାଦୀପ ବିଜେଡି ରାଜନୀତି ସରଗରମ ରହିଛି। ଅନ୍ୟପକ୍ଷରେ ଏଠାରେ ବିଜେଡିର ନେତୃତ୍ୱ ନେବାକୁ ଅନେକ ନାମ ସାମ୍ନାକୁ ଆସୁଛି। ସେମାନଙ୍କ ମଧ୍ୟରେ ଦେବାଶିଷ ସାମନ୍ତରାୟ, ବସନ୍ତ ବିଶ୍ୱାଳ, ସନ୍ତୋଷ କୁମାର ପଟ୍ଟନାୟକ, କୁଳମଣି ସାମଲ ଓ ସମିତ ରାଉତରାୟଙ୍କ ନାମରେ ଆଗରେ ଅଛି। ଏବେ ଏହି ୫ଜଣଙ୍କ ମଧ୍ୟରୁ କିଏ ପାରାଦୀପ ମଙ୍ଗ ଧରିବ ନା ନୂଆ ମୁହଁ ସାମ୍ନାକୁ ଆସିବ ତାହା ଆସନ୍ତା ୨ ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି।

**ଦାମଙ୍କ ବହିଷ୍କାର ପରେ**

- ପାରାଦୀପରେ ପତିଆରା ବଢ଼ାଉଛନ୍ତି ବିଷ୍ଣୁ
- ଦୌଡ଼ରେ ଅଛନ୍ତି ଏକାଧିକ ନେତା









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

# ୫୦ କି.ମି. ବେଗରେ ବହିଲା ପବନ, ଭାଙ୍ଗିଲା ୩୩ ଘର

■କୂଳ ଖାଉଛି ଅଶାନ୍ତ ସମୁଦ୍ର
■ବେଳାଭୂମି ମାର୍ଗରେ ଧୂଳିଝଡ଼

**ପୁରୀ ଅଫିସ, ୨୧।୯**

ବାତ୍ୟା ଆଶଙ୍କା ଟଳିଥିଲେ ବି ଶୁକ୍ରବାର ଦିନତମାମ ପୁରୀରେ ପାଗ ମେଘୁଆ ରହିବା ସାଙ୍ଗକୁ ପବନ ଜାରି ରହିଛି। ଲଘୁଚାପ ପ୍ରଭାବରେ ସମୁଦ୍ର ବି ଅଶାନ୍ତ ରହିଛି। ପ୍ରତି ୬ ସେକେଣ୍ଡରେ ୫ଫୁଟ ଉଚ୍ଚରେ ଜୁଆର ଆସୁଛି। ସମୁଦ୍ର ସ୍ନାନ କରିବା ଲାଗି ପର୍ଯ୍ୟଟକ ସୁରକ୍ଷିତ ମଣୁନାହାନ୍ତି। ଅନ୍ୟପକ୍ଷରେ ସମୁଦ୍ର ଅଶାନ୍ତ ରହିଥିବାରୁ ମତ୍ସ୍ୟଜୀବୀ ସମୁଦ୍ରକୁ ନ ଯାଇ ହାତବାନ୍ଧି ବସିଛନ୍ତି।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତ ରୂପ ନେବା ପରେ ଝଡ଼ବାତ୍ୟା ହେବାର ଆଶଙ୍କା ରହିଥିଲା। ଏପରି କି ୬୦ରୁ ୮୦ କିମି ବେଗରେ ପବନ ବହିବାର ପୂର୍ବାନୁମାନ କରାଯାଇଥିଲା। କିନ୍ତୁ ଗୁରୁବାର ଦିନତମାମ ବର୍ଷା ଜାରି ରହିଥିଲା। ରାତି ୧୦ଟା ପରଠାରୁ ପବନ ଆରମ୍ଭ ହୋଇଯାଇଥିଲା। ରାତି ବଢ଼ିବା ସାଙ୍ଗକୁ ପବନର ଗତି ମଧ ବଢ଼ିଥିଲା। ପୁରୀରେ ସର୍ବାଧିକ ୫୦କିମି ବେଗରେ ପବନ ବହିଥିବା ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକ ସୂଚନା ଦେଇଛନ୍ତି।


ଝଡ଼ବାତ୍ୟାରେ ପୁରୀ ଏସ୍‌ସିଏସ୍ ମହାବିଦ୍ୟାଳୟ ପରିସରରେ ୨ଟି ଗଛ ଉପୁଡି ପଡିଛି।

ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ ସହରରେ ୪୯.୩୩ ମିଲିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ଗୁରୁବାର ରାତିର ପବନରେ ଏସ୍‌ସିଏସ୍ ମହାବିଦ୍ୟାଳୟ ପରିସରରେ ୨ଟି ଗଛ ଉପୁଡି ପଡିଥିଲା। ଏହାସହିତ ଜିଲାର ବିଭିନ୍ନ ଅଞ୍ଚଳରେ ୩୩ଟି କଚ୍ଚାଘର ଭାଙ୍ଗିଥିବା ଜଣାପଡିଛି। ସେଥିମଧ୍ୟରେ ସଦର ବ୍ଲକ ଅଞ୍ଚଳର ୨୬ଟି ଘର ଭାଙ୍ଗିଥିବା ବେଳେ କଣାସ ଓ ନିମାପଡ଼ା ଅଞ୍ଚଳରେ ୭ଟି ଘର ଭାଙ୍ଗିଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ପବନ ଯୋଗୁ ଧୂଳିଝଡ଼ ହୋଇ ବେଳାଭୂମି ମାର୍ଗରେ ବାଲିର ଆସ୍ତରଣ ଜମି ରହିଛି। ଶୁକ୍ରବାର ଦିନତମାମ ପବନ ଯୋଗୁ ବାଲି ଉଡିଥିବାରୁ ବେଳାଭୂମି ମାର୍ଗରେ ଲୋକମାନଙ୍କ ଚଳପ୍ରଚଳରେ ସମସ୍ୟା ଉପୁଜିଥିଲା।

## ସଂକ୍ଷେପରେ

### ୱିନିଙ୍ଗ ସ୍ପୋର୍ଟିଂ କ୍ଲବର କଲ୍‌ଚରାଲ କାର୍ନିଭାଲ ମନ ମୋହିଲା ନବଦୁର୍ଗା



**ପୁରୀ ଅଫିସ, ୨୧।୯:** ୱିନିଙ୍ଗ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କଲ୍‌ଚରାଲ କାର୍ନିଭାଲ-୨୦୧୮ ଶୁକ୍ରବାର ପୌର ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୀ ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷା, ସାହିତ୍ୟ, ସମାଜସେବା, ଶିଶୁ ପ୍ରତିଭା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଏକାଧିକ ଯୁବକ ସମ୍ମାନିତ ହୋଇଥିଲେ। ଅନୁଷ୍ଠାନର ସଭାପତି ଇଂ. ସୂର୍ଯ୍ୟ ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟ ଅତିଥି, ନଗରପାଳ ଜୟନ୍ତ ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସାମାଜିକ କର୍ମୀ ଭରତ ନାୟକ, ଅରୁଣିମା ନନ୍ଦ, ଯୁବ ନେତା ଶୁଭାଶିଷ ଖୁଣ୍ଟିଆ, ସ୍ମୃତି ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ନବ କିଶୋର ପ୍ରଧାନ, କାର୍ଯ୍ୟକାରୀ ସଭାପତି ନାରାୟଣ ଦାଶ କାର୍ଯ୍ୟକ୍ରମ ଏବଂ ସାଂସ୍କୃତିକ ସଙ୍ଗଠକ ସଞ୍ଜୀବ ରଥ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ ଅନୁଷ୍ଠାନ ନବ ପ୍ରତିଭାର କଳାକାରମାନେ ମଙ୍ଗଳାଚରଣ, ଗୁରୁବନ୍ଦନା ପରେ ନବଦୁର୍ଗା ପରିବେଷଣ କରିଥିଲେ। ଶେଷରେ ନାଟକ କୋଣାର୍କ କାନ୍ଦୁଛି ପରିବେଷିତ ହୋଇଥିଲା।

### ଖୋର୍ଦ୍ଧା ଲିଗ୍ ଫୁଟବଲ୍ ମ୍ୟାଚ୍ ଡ୍ର

**ଖୋର୍ଦ୍ଧା ଅଫିସ,୨୧।୯:** ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲୁ ରହିଥିବା ଖୋର୍ଦ୍ଧା ଲିଗ୍ ଟୁର୍ନାମେଣ୍ଟର ଅଷ୍ଟମ ଦିବସ ଶୁକ୍ରବାର ମ୍ୟାଚ ଡ୍ର ରହିଛି। ପ୍ରଥମାର୍ଦ୍ଧ ଖେଳର ୮ତମ ମିନିଟ୍‌ରେ ସୌରୀ କ୍ଲବ ଛିଆମର ଖେଳାଳି ମାନସ ନାୟକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। ୨ୟାର୍ଦ୍ଧରେ କେରଙ୍ଗ ଦଳ ପକ୍ଷରୁ ଦିଲୀପ ପ୍ରଧାନ ଗୋଲ କରି ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ। ଉଭୟ ଦଳ ୧ ପଏଣ୍ଟ ପାଇ ସମାନ ସ୍ଥିତିରେ ରହିଛନ୍ତି। ପ୍ରଫୁଲ୍ଲ ବେହେରା ଖେଳ ପରିଚାଳନା କରିଥିବାବେଳେ ରବି ନାରାୟଣ ରଣା, ଅମଜାଦ ଖାଁ, ଅରୁଣ ଦାସ ସହାୟତା କରିଥିଲେ।

# ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

**ପୁରୀ ଅଫିସ, ୨୧।୯**

ନିଖିଳ ଉତ୍କଳ ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ କୁଳମଣି ଭବନରେ ଏକ ସାଙ୍ଗଠନିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଘର ରାଜ୍ୟ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟଅତିଥି ଏବଂ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାଥ ସ୍ୱାଇଁ, ନିରଞ୍ଜନ ପ୍ରସାଦ ବାରିକ, ଉଲ୍ଲାସବାଳା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଶିକ୍ଷାବିତ୍ ରଘୁନାଥ ମହାପାତ୍ର, ହରିପ୍ରିୟା ଦେଈ ଓ ସୁରେନ୍ଦ୍ର କୁମାର ଦାସ ଉପଦେଷ୍ଟା ରହିଛନ୍ତି। ଶିକ୍ଷୟିତ୍ରୀ ଉଲ୍ଲାସବାଳା ଦାଶ ସଭାପତି, ବସନ୍ତ କୁମାର ସ୍ୱାଇଁ କାର୍ଯ୍ୟକାରୀ ସଭାପତି, ପ୍ରତାପ କୁମାର ରାଉତ ସମ୍ପାଦକ, ଚାରୁଲତା ମିଶ୍ର କାର୍ଯ୍ୟକାରୀ ସମ୍ପାଦକ, ସ୍ୱର୍ଣ୍ଣଲତା ତ୍ରିପାଠୀ ଓ କାମଦେବ ପ୍ରଧାନ ଯୁଗ୍ମ ସମ୍ପାଦକ, ମହେନ୍ଦ୍ର କୁମାର ଦାଶ କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ମାନସ ମିଶ୍ର, ଈଶ୍ୱର ଚନ୍ଦ୍ର ନାୟକ, କ୍ରିଷ୍ଟା ମହାପାତ୍ର, ମିନତି ପଟ୍ଟନାୟକ, ଆଶାଲତା ଦେଈ, ଦୁର୍ଗାବତୀ ପ୍ରଧାନ, ବିଦ୍ୟାଧର ମିଶ୍ର ପ୍ରମୁଖ ମନୋନୀତ ହୋଇଛନ୍ତି।

# ଛାତ୍ରୀଛାତ୍ରଙ୍କ ଗୀତା ଆବୃତ୍ତି ଓ ଯୋଗାଭ୍ୟାସ

**ପୁରୀ ଅଫିସ, ୨୧।୯**

ବିଶ୍ୱମ୍ଭର ବିଦ୍ୟାପୀଠରେ ଶୁକ୍ରବାର ଏକ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା। ବିଶ୍ୱମ୍ଭର ବିଦ୍ୟାପୀଠ ଆଲୁମ୍ନି ଆସୋସିଏଶନ ଓ ଚିନ୍ମୟ ମିଶନର ମିଳିତ ଆନୁକୂଲ୍ୟରେ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା ଭାଗବତ ଗୀତା ଓ ଯୋଗ ଶିବିର। ଶତାଧିକ ଛାତ୍ରୀଛାତ୍ର ଗୀତା ଆବୃତ୍ତି କରିଥିଲେ। ପରେ ଯୋଗ ଓ ପ୍ରାଣାୟାମ ଆୟୋଜିତ ହୋଇଥିଲା। ପିଲାମାନେ ସାମୂହିକ ଭାବେ ସୂର୍ଯ୍ୟ ନମସ୍କାର, ବିଭିନ୍ନ ମୁଦ୍ରା ଏବଂ ଆସନ କରିଥିଲେ। ଯୋଗଗୁରୁ ରମାବଲ୍ଲଭ ମହାପାତ୍ର ଯୋଗର ବିଭିନ୍ନ ଉପକାର ବିଷୟରେ ଆଲୋକପାତ କରିଥିଲେ। ଦୈନିକ ସୂର୍ଯ୍ୟ ନମସ୍କାର କରିବା ଲାଗି ପିଲାଙ୍କୁ ପରାମର୍ଶ ଦେଇଥିଲେ। ଚିନ୍ମୟ ମିଶନର ପ୍ରଧାନାଚାର୍ଯ୍ୟ ବ୍ରହ୍ମଚାରୀ ନୀଳାଦ୍ରି ଚୈତନ୍ୟ ପିଲାମାନଙ୍କୁ ଗୀତା ଆବୃତ୍ତି ଶିକ୍ଷା ଦେଇଥିଲେ। ଏହି ଶିବିରରେ ଆଲୁମ୍ନି ଆସୋସିଏଶନର ସାଧାରଣ ସମ୍ପାଦକ ବୀରେନ୍ଦ୍ର କୁମାର ଶାସ୍ତ୍ରୀ, ବିଦ୍ୟାପୀଠ ପ୍ରଧାନଶିକ୍ଷକ ଏସ୍.କେ. ବ୍ରହ୍ମା ଉପସ୍ଥିତ ଥିଲେ।

# ଗାଣପତ୍ୟ ସମିତିର ଭସାଣି ଉତ୍ସବ


ଶ୍ରୀଗଣେଶଙ୍କୁ ବିସର୍ଜନ ପାଇଁ ନିଆଯାଉଛି।

**ପୁରୀ ଅଫିସ, ୨୧।୯**

ବଡ଼ଦାଣ୍ଡସ୍ଥିତ ଅଶୋକ ବଜାର ଗାଣପତ୍ୟ ସମିତିର ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରେ ପୂଜାମଣ୍ଡପରେ ବିସର୍ଜନ ହୋମ ସମ୍ପନ୍ନ ହୋଇଥିଲା। ଅଶୋକ ବଜାରର ସମସ୍ତ ବ୍ୟବସାୟୀ ଅପରାହ୍ନରେ ପୂର୍ଣ୍ଣାହୁତିରେ ଯୋଗ ଦେଇଥିଲେ। ସନ୍ଧ୍ୟା ୬ଟାରେ ଏକ ସୁସଜ୍ଜିତ ରଥରେ ଗଣେଶଙ୍କୁ ବିଜେ କରାଇ ବାଦ୍ୟବାଜଣା ସହ ବିସର୍ଜନ ଶୋଭାଯାତ୍ରାରେ ବାହାରିଥିଲେ। ପ୍ରଥମେ ଶ୍ରୀମନ୍ଦିର ନିକଟରେ ପହଞ୍ଚି ସେଠାରୁ ବାଜା ରୋଶଣିରେ ମରିଚିକୋଟ ଛକ, ମାର୍କେଟ ଛକ ଦେଇ ଦେବୀଘାଟରେ ମୂର୍ତ୍ତି ବିସର୍ଜନ କରିଥିଲେ। ଏଥିସହିତ ଅଶୋକ ବଜାର ଗାଣପତ୍ୟ ସମିତି ପକ୍ଷରୁ ଗତ ୯ଦିନ ଧରି ଚାଲିଥିବା ଗଣେଶ ପୂଜାର ସମାପ୍ତ ହୋଇଛି। ଚଳିତବର୍ଷ ସମିତି ପକ୍ଷରୁ ବାହୁବଳି ତୋରଣ ପ୍ରସ୍ତୁତ ହୋଇଥିଲା। ଏହାସହିତ ପୂଜାମଣ୍ଡପରେ ମୁଷ୍ଟରାସ୍ୱର ବଧ ଡିଜାଇନ୍‌ର ଗଣେଶ ପୂଜା ପାଇଥିଲେ। ଆକର୍ଷଣୀୟ ତୋରଣ ସାଙ୍ଗକୁ ଠାକୁରଙ୍କୁ ଦେଖିବା ଲାଗି ନବଦିନ ବ୍ୟାପୀ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭସାଣି ଶୋଭାଯାତ୍ରାରେ ସଭାପତି ଜାନକୀ ନନ୍ଦନ ମହାନ୍ତି, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ପ୍ରଭାକର ପଣ୍ଡା, ସହସମ୍ପାଦକ ଅଶୋକ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ, କାର୍ଯ୍ୟକାରୀ ସଦସ୍ୟ ଶଙ୍କର ପ୍ରସାଦ ନାୟକ, ଦୋଳଗୋବିନ୍ଦ ମହାନ୍ତି, ଲଲାଟେନ୍ଦୁ ସାହୁ, ମୁରଲୀଧର ନାୟକ ଓ ଅଶୋକ କୁମାର ପ୍ରଧାନଙ୍କ ସମେତ ବଜାରର ସମସ୍ତ ବ୍ୟବସାୟୀ ଯୋଗଦେଇଥିଲେ।

# ଡକାୟତି ଉଦ୍ୟମ ପଣ୍ଡ ମାରଣାସ୍ତ୍ର ସହ ୫ ଡକାୟତ ଗିରଫ

**ଖୋର୍ଦ୍ଧା ଅଫିସ,୨୧।୯**

ଖୋର୍ଦ୍ଧା ଟାଉନ ଥାନା ପୋଲିସ ଖୋର୍ଦ୍ଧା ସହରରୁ ଡକାୟତି ଉଦ୍ୟମ ପଣ୍ଡ କରିଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଗ୍ୟାଙ୍ଗର ୫ ଜଣ ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଭୁଜାଲି, ଲଙ୍କା ଗୁଣ୍ଡ, ମୋବାଇଲ ଓ ମହମବତି ଜବତ କରିଛି। ଅନ୍ୟପକ୍ଷେ ଦଫା ୩୯୯, ୪୦୨ରେ ନଂ. ୩୬୮/୧୮ରେ ମାମଲା ରୁଜୁ କରି ପୁରୀ ଜିଲା ପିପିଲି ଥାନା ଧାନ ଗହୀର ଗାଁର ଆସିଫ ଅଫତର ଖାଁ(୨୨), ଏମ.ଡି. ମହମ୍ମଦ ସିଫୁର ଓରା ଓରଫ ବାବୁନିଆ(୫୨) ଓ ଅବଦୁଲ ବସର(୨୦), ଜଟଣୀ ଥାନା ଜୋରକଣି ଗାଁର ସୁମନ୍ତ ବିଶ୍ୱାଳ(୩୨) ଏବଂ ବେଗୁନିଆ ଥାନା ଧଳାପଥର ଗାଁର ସଞ୍ଜୟ ବେହେରା(୩୪)ଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ୫ ଡକାୟତଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ସାଢେ ଗୋଟାଏରୁ ଦୁଇଟା ମଧ୍ୟରେ ୫ ଜଣ ଡକାୟତ ଡକାୟତି ପାଇଁ ଖୋର୍ଦ୍ଧା ସହରର ଗାନ୍ଧୀ ପଡିଆରେ ଏକତ୍ର ହୋଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ଠିକ୍ ସେହି ସମୟରେ ଟାଉନ ଥାନା ପକ୍ଷରୁ ପାଟ୍ରୋଲିଂ ଚାଲୁଥିଲା। ଖବରପାଇ ଇନ୍ସପେକ୍ଟର ବ୍ରହ୍ମାନନ୍ଦ ସ୍ୱାଇଁ ଚଢ଼ାଉ କରି ୫ଜଣଙ୍କୁ ନିଜ କବଜାକୁ ନେଇଥିଲେ।

# ବର୍ଷା ପବନରେ ଗଛ, ଘର ଭାଙ୍ଗିଲା

**୧୬ଘଣ୍ଟା ବିଦ୍ୟୁତ୍ କାଟ, ଜନଜୀବନ ଅସ୍ତବ୍ୟସ୍ତ**

**ଖଣ୍ଡପଡା,୨୧।୯(ସ୍ୱ.ପ୍ର.)**

ଗୁରୁବାରଠାରୁ ଲଘୁଚାପ ଜନିତ ବର୍ଷା ଓ ପବନ ଲାଗିରହିଛି। ଏହାର ପ୍ରଭାବରେ ଖଣ୍ଡପଡା ଅଞ୍ଚଳରେ କେତେକ ଘର ଭାଙ୍ଗିଥିବା ବେଳେ ଗଛ ଉପୁଡି ରାସ୍ତା ଅବରୋଧ ହୋଇଛି। କ୍ରମାଗତ ଭାବେ ୧୬ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ଯୋଗୁ ବ୍ଲକର ହଜାର ହଜାର ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଦ୍ୟୁତ୍ ତାରରେ ଗଛପଡି ଏପରି ସ୍ଥିତି ଉପୁଜିଥିବା ଜଣାପଡିଛି । ବର୍ଷା ଓ ପବନ ଲାଗି ରହିଥିବାବେଳେ ଗୁରୁବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରତି ୫ରୁ ୧୦ମିନିଟ ବ୍ୟବଧାନରେ ବିଦ୍ୟୁତ୍ କାଟ ହୋଇଥିଲା। ରାତି ପ୍ରାୟ ୧୨ଟା ପରଠାରୁ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ରାତିରେ ବର୍ଷା ଓ ପବନ ଯୋଗୁ ଖଣ୍ଡପଡା ଅଞ୍ଚଳରେ କେତେକ ଗଛ ଭାଙ୍ଗି ୩୩ କେଭି ବିଦ୍ୟୁତ୍ ତାର ଉପରେ ପଡିଥିଲା। କଣ୍ଟିଲୋ ବାଣପୁର କଲେଜ ମାଳବନ୍ଧ ଉପରେ ଏକ ବଡ ଗଛ ଭାଙ୍ଗି ପଡିବା ଯୋଗୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପଥରଚକଡା ପଞ୍ଚାୟତ ନୂଆସାହି ପଠାଣି ବେହେରାଙ୍କ ଚାଳଛପର ଘର ବର୍ଷାରେ ଭୁଶୁଡି ପଡିଛି।


ଗଛପଡ଼ି ରାସ୍ତା ଅବରୋଧ ହୋଇଛି।

ରାତି ୧୨ଟାଠାରୁ ଶୁକ୍ରବାର ସନ୍ଧ୍ୟା ସାଢେ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଏଥିଯୋଗୁ ଜଳ ଯୋଗାଣ ହୋଇପାରି ନ ଥିଲା । ବିଦ୍ୟୁତ୍ କାଟ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ଯୋଗାଯୋଗ କରାଯାଉଥିଲେ ମଧ ସେମାନଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଏହି ସମସ୍ୟାର ସମାଧାନ ନିମନ୍ତେ ସେସୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କଣ୍ଟିଲୋରେ ଯୋଗଦେଲେ ନୂତନ ଫାଣ୍ଡି ଅଧିକାରୀ

# ଟ୍ରାଫିକ ସମସ୍ୟା ସମାଧାନ ପ୍ରାଥମିକତା

**ଖଣ୍ଡପଡା,୨୧।୯(ସ୍ୱ.ପ୍ର.)**

ଶୁକ୍ରବାର କଣ୍ଟିଲୋରେ ନୂତନ ଫାଣ୍ଡି ଅଧିକାରୀ ଭାବେ ରଘୁନାଥ ଷଡଙ୍ଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଟ୍ରାଫିକ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ଏହାକୁ ସୁଧାରିବା ପାଇଁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠ ଯାତ୍ରାପଦା ବଜାର ମୁଖ୍ୟ ରାସ୍ତା କଡରେ ପ୍ରତିଦିନ ପରିବା ଓ ମାଛ ବ୍ୟବସାୟୀମାନେ ପସରା ମେଲାଇ ବସିଥାନ୍ତି। ଉପଭୋକ୍ତାମାନେ ରାସ୍ତା ଉପରେ ଯାନବାହନ ରଖି ଆବଶ୍ୟକ ସାମଗ୍ରୀ କିଣୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ସାହିବାସିନ୍ଦା ବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯାତାୟାତରେ ଘୋର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣା ମଧ ଘଟିଥାଏ। ଶୁକ୍ରବାର ଦାୟିତ୍ୱ ଗ୍ରହଣ ପରେ ଫାଣ୍ଡି ଅଧିକାରୀ ଷଡଙ୍ଗୀ ବଜାରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାସହ ରାସ୍ତା ଉପରକୁ ଜବରଦଖଲ କରି ଦୋକାନ କରିଥିବା ବ୍ୟକ୍ତିମାନଙ୍କୁ ତାଗିଦ କରି ତୁରନ୍ତ ଅନ୍ୟତ୍ର ଉଠି ଯିବା ପାଇଁ କହିଥିଲେ। ଆସନ୍ତା ରବିବାରଠାରୁ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଷଡଙ୍ଗୀ ସୂଚନା ଦେଇଥିଲେ।


ଯାତ୍ରାପଦା ବଜାର ଛକରେ ଟ୍ରାଫିକ ସମସ୍ୟା।

# ପ୍ରାଚୀନ 'ଅଙ୍କ' ପରମ୍ପରାକୁ ଭୁଲିଗଲେଣି ଯୁବପିଢ଼ି

■ରାଜାରାଜୁଡା ଅମଳରେ ସୁନିଆ ଦିନଠାରୁ ରାଜସ୍ୱ ଆଦାୟ ହୋଇଥାଏ
■ସୁନିଆ ହେଉଛି ରାଜା, ପ୍ରଜା ଉଭୟଙ୍କର ବର୍ଷ ଆରମ୍ଭର ଦିବସ
■ମହାଜନ ଓ କାରିଗରଙ୍କ ବ୍ୟବସାୟିକ ସମ୍ପର୍କର ସେତୁ ଅଙ୍କ ପରମ୍ପରା

**ଖଣ୍ଡପଡା,୨୧।୯(ସ୍ୱ.ପ୍ର.)**

ଶୁକ୍ରବାର ବାମନ ଜନ୍ମ ଦିବସକୁ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ପାରମ୍ପରିକ ରୀତିରେ ପାଳନ କରାଯାଇଛି। ଉତ୍କଳୀୟ ସଂସ୍କୃତି ଓ ସାମାଜିକ ଚଳଣିରେ ଏହି ପର୍ବକୁ ସୁନିଆ ବା ଅଙ୍କ ପର୍ବ ବୋଲି କୁହାଯାଇଥାଏ। 'ଅଙ୍କ' ପର୍ବ ପ୍ରଚଳିତ ପ୍ରାଚୀନ ପରମ୍ପରା ଓ ଐତିହ୍ୟ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରିଆସିଛି। ଓଡିଶାରେ ଓଡିଆ ପାଞ୍ଜି ଆରମ୍ଭ ହୁଏ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିଠାରୁ। ଏହି ଦିନଟି ଓଡିଆଙ୍କ ନବବର୍ଷ ଭାବରେ ସାଧାରଣରେ ଗୃହୀତ ହୋଇଛି । ମାତ୍ର ଓଡିଶାରେ ରାଜକୀୟ ନବବର୍ଷ ଆରମ୍ଭ ହୁଏ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅର୍ଥାତ୍ ବାମନ ଜନ୍ମ ଦିବସ ବା ସୁନିଆ ଦିନରେ। ସୂଚନାଯୋଗ୍ୟ ଯେ, ସୁନିଆ ହେଉଛି ଓଡିଆ ରାଜାଙ୍କର ରାଜତ୍ୱ ଅଙ୍କ ଗଣନା ବର୍ଷର ପ୍ରଥମ ଦିନ। ରାଜାରାଜୁଡା ଅମଳରେ ଏହି ଦିନଠାରୁ ରାଜସ୍ୱ ଆଦାୟ ଆରମ୍ଭ ହୋଇଥାଏ ଏବଂ ଅଙ୍କବର୍ଷ ଅନୁସାରେ ଗଣନା କରାଯାଏ । ଏହି ଦୃଷ୍ଟିରୁ ସୁନିଆ ହେଉଛି ରାଜା, ପ୍ରଜା ଉଭୟଙ୍କର ବର୍ଷ ଆରମ୍ଭର ଦିବସ । ଧାନ ଅମଳ ପରେ ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟ ସୁବିଧା ପାଇଁ ରାଜା ବା ଜମିଦାରମାନେ ଏହି ଅଙ୍କ ବର୍ଷର ଆରମ୍ଭ ଆଜିର ଦିନଠାରୁ କରିଥିଲେ। ଏହି ଦିନ ପ୍ରଜାମାନେ ରାଜାମାନଙ୍କୁ ବିଭିନ୍ନ ଭେଟି ବା ଉପହାର ପ୍ରଦାନ କରୁଥିଲେ। ବାମନ ଜନ୍ମଦିନ ଗୋଟିଏ ସୁନା ମୋହର ଉପରେ ରାଜାଙ୍କ ରାଜତ୍ୱର ଅଙ୍କ ଚିହ୍ନିତ କରାଯାଏ। ଏହାକୁ 'ଅଙ୍କ' କଟାଇବା ବୋଲି ସାଧାରଣରେ କୁହାଯାଏ। ଜମିଦାରି ପ୍ରଥା ଓ ରାଜାରାଜୁଡା ଶାସନ ଉଚ୍ଛେଦ ପରେ ସୁନିଆ ଦିନର ଗୁରୁତ୍ୱ ଆଜି କମିଯାଇଛି ସତ ମାତ୍ର ଏଥି ମଧ୍ୟରେ ଏକ ସ୍ମୃତି ଅନ୍ତର୍ନିହିତ ରହିଛି।


ସୁନିଆ ପୂଜା କରାଯାଉଛି।

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ଜୀଉ ଏବଂ କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିଲା। ଏହି ଶିଳ୍ପର ଶତାଧିକ କାରିଗର ସୁନିଆ ଦିନ କଂସାପିତ୍ତଳର ନୂତନ ଧରଣର ସାମଗ୍ରୀ ପ୍ରସ୍ତୁତ କରି ମହାଜନ ବା ସାହୁକାର ଓ ଶିଳ୍ପ ସମବାୟ ସମିତିକୁ ଭେଟି ଦେଇଥାନ୍ତି। ଏହାପରେ ସମସ୍ତ କାରିଗର, ମହାଜନ ଓ ସମିତି କର୍ମକର୍ତ୍ତାମାନେ ଏହି ଦିନକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିଥାନ୍ତି। ଏବେ କିନ୍ତୁ କଂସା ପିତ୍ତଳ ବାସନ ଶିଳ୍ପ ବିଭିନ୍ନ କାରଣରୁ ବୁଡି ଯିବାକୁ ବସିଲାଣି। କାରିଗରମାନେ ଜୀବନ ଜୀବିକା ହରାଇ ଅନ୍ୟ ଧନ୍ଦାରେ ନିୟୋଜିତ ହେଲେଣି। ଅପରପକ୍ଷରେ ବାସନ ଶିଳ୍ପର ରୁଗ୍ଣ ଅବସ୍ଥା ଯୋଗୁ କାରିଗରମାନଙ୍କୁ ଆବଶ୍ୟକ କଞ୍ଚାମାଲ ଯୋଗାଇବା ସମ୍ଭବ ହେଉନି । ଫଳରେ ମହାଜନ ଓ ବିଭିନ୍ନ ସମବାୟ ସମିତି ସହିତ କାରିଗରମାନଙ୍କ ବ୍ୟବସାୟିକ ସମ୍ପର୍କ ତୁଟି ଗଲାଣି। ତେବେ କେବଳ ପରମ୍ପରାକୁ ବଜାୟ ରଖିବାକୁ ଶିଳ୍ପ ଅନୁଷ୍ଠାନରେ ଅଙ୍କ ବା ସୁନିଆଁ ପୂଜା କରାଯାଉଥିଲା। କଣ୍ଟିଲୋଠାରେ ୧୯୬୦ ମସିହାରୁ ପ୍ରତିଷ୍ଠା କରାଯାଇଥିବା ନୀଳମାଧବ କଂସା ପିତ୍ତଳ ସମବାୟ ସମିତି ଲିଃର ସମସ୍ତ କାରିଗର ସୁନିଆରେ ବିଭିନ୍ନ ପ୍ରକାର ସୌଖୀନ ସାମଗ୍ରୀ ପ୍ରସ୍ତୁତ କରି ସମିତିକୁ ପ୍ରଦାନ କରୁଥିଲେ ଏବଂ ଆଡମ୍ବର ସହକାରେ ଏହି ଦିବସଟିକୁ ପାଳନ କରୁଥିଲେ । ମାତ୍ର ପରିଚାଳନାଗତ ତ୍ରୁଟି ଯୋଗୁ ଏହି ସମିତି ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଛି । ଦୟନୀୟ ଅବସ୍ଥାରେ ଥିବା ସମ୍ପୃକ୍ତ ସୋସାଇଟି ପ୍ରତିବର୍ଷ ଅଙ୍କ ପର୍ବ ପାଳନ କରିଆସୁଥିବା ବେଳେ ଚଳିତବର୍ଷ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏବେ କୌଣସି କାରିଗର ତା'ର ହାତ ତିଆରି ବାସନ ସାମଗ୍ରୀ ଆଉ ଉପହାର ଆକାରରେ ଦେବାର ଦେଖିବାକୁ ମିଳୁନ। ଆଜିର ଦିନରେ କଣ୍ଟିଲୋ ଅଞ୍ଚଳର କେତେକ କାରିଗର ନିଜର କୌଳିକ ବୃତ୍ତିକୁ ଆଦରି ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ସେମାନଙ୍କ ଉତ୍ପାଦିତ କଂସା ପିତଳ ବାସନ ସାମଗ୍ରୀ ଯୋଗାଉଛନ୍ତି। ଏହି ପବିତ୍ର ଅଙ୍କ ପରମ୍ପରାକୁ ସେମାନେ ଭୁଲି ନ ଯାଇ ଆଡମ୍ବର ସହକାରେ ପାଳନ କରୁଥିବା ପରିଲକ୍ଷିତ ହୋଇଥିଲା। କଂସା ପିତଳ ଶିଳ୍ପକୁ କୌଳିକ ବୃତ୍ତି ଭାବରେ ଗ୍ରହଣ କରିଥିବା କଣ୍ଟିଲୋ ପାଣ୍ଡୁସାହୁପାଟଣା ଗ୍ରାମର କାହ୍ନୁ ବ୍ରାସ ୟୁନିଟ, ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃ ଦାୟିତ୍ୱରେ ଥିବା ସନ୍ତୋଷ କୁମାର ମହାରଣା ଓ ଦଣ୍ଡପାଣି ସାହୁ ଏବଂ ବିଦୁରବେହେରା ପାଟଣା ଗ୍ରାମର ଏକ ପୁରାତନ କଂସା ପିତ୍ତଳ ବାସନ ପ୍ରତିଷ୍ଠାନ ତଥା ମହାଜନ ସ୍ୱର୍ଗତ ଭଗବାନ ସାହୁ ଏଣ୍ଡ୍‌କୋ ପରମ୍ପରାକୁ ମନେ ପକାଇ ସେମାନଙ୍କ ବଂଶଜ ସଞ୍ଜୟ କୁମାର ସାହୁ ଓ ଅଜୟ କୁମାର ସାହୁ ଲକ୍ଷ୍ମୀନାରାୟଣ ମୂର୍ତ୍ତି ପାଖରେ ରଖି ଅଙ୍କ ପୂଜା କରୁଥିବା ଦେଖିବାକୁ ମିଳିଛି। ହେଲେ ଆଜିର ଯୁବପିଢି ଏ ଅଙ୍କ ପରମ୍ପରାକୁ ଭୁଲିଯିବାକୁ ବସିଲାଣି ବୋଲି ନିଖିଳ ଉତ୍କଳ କଂସାରି ସମାଜର ସଭାପତି ଅଖିଳ କୁମାର ମହାରଣା, ଉପସଭାପତି ଶ୍ରୀପତି ମହାରଣା, ଶିଳ୍ପୀ ମହାସଂଘ ନୟାଗଡ଼ ଶାଖାର ସଭାପତି ଦଣ୍ଡପାଣି ମହାରଣା ଓ କଂସାରି ସମାଜର ପୂର୍ବତନ ସଭାପତି ନକୁଳ ସାହୁ ପ୍ରମୁଖ କ୍ଷୋଭର ସହ ପ୍ରକାଶ କରଛନ୍ତି।



ଯେ ନିଜର ବ୍ୟକ୍ତିତ୍ୱ ହରାଏ,
ସେ ସବୁକିଛି ହରାଏ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ରହିତାଦେଶ ଉଠିବା ପରେ ରିଲିଭ୍ ହେଲେ ଭାପୁର ବିଡିଓ

ଭାପୁର,୨୧।୯(ଡି.ଏନ.ଏ.): ନୟାଗଡ଼ ଜିଲାପାଳ ଭାପୁର ବିଡିଓଙ୍କୁ ଗୁରୁବାର ରିଲିଭ କରିଛନ୍ତି। ଭାପୁର ବିଡିଓ ସୁଷମା ବାରିକ ତିହିଡି ତହସିଲଦାରଭାବେ ବଦଳି ହୋଇଛନ୍ତି। ରାଜ୍ୟ ସରକାର ପୂର୍ବରୁ ଭାପୁର ବିଡିଓଙ୍କୁ ୨ ଥର ବଦଳି ନିର୍ଦ୍ଦେଶ ଦେଇଥିଲେ ହେଁ ସେ ଓଡ଼ିଶା ଆଡମିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲରେ ତାଙ୍କ ବଦଳି ରୋକିବା ପାଇଁ ମାମଲା ଦାଏର କରି ରହିତାଦେଶ ଆଣିଥିଲେ। ମାତ୍ର ତାଙ୍କ ରହିତାଦେଶ ଗତ ୧୨ ତାରିଖରେ ହଟିଯିବା ପରେ ନୟାଗଡ଼ ଜିଲାପାଳ ଡ.ଏନ୍ ତିରୁମାଲା ନାୟକ ଗୁରୁବାର ବିଡିଓ ବାରିକଙ୍କୁ ରିଲିଭ୍ କରିଦେଇଛନ୍ତି। ପୂର୍ବରୁ ବିଡିଓ ବାରିକଙ୍କ ସମୟରେ ବିଜୁ ପକ୍କା ଗୃହ ଆବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗର ଜିଲାସ୍ତରୀୟ ତଦନ୍ତ ପରେ ସତ୍ୟତା ଜଣାପଡ଼ିଥିଲା।

### ୨ଦିନ ହେଲା ଭାପୁର ବ୍ଲକ ଅନ୍ଧାରରେ

ଭାପୁର,୨୧।୯(ଡି.ଏନ.ଏ.): ଗୁରୁବାର ରାତି ୯ଟା ଠାରୁ ଶୁକ୍ରବାର ରାତି ପର୍ଯ୍ୟନ୍ତ ଭାପୁର ବ୍ଲକର ବିଦ୍ୟୁତ୍ ଉପଭୋକ୍ତା ଅନ୍ଧାରରେ ରହିଛନ୍ତି। ଲଘୁଚାପ ଜନିତ ଝଡବର୍ଷାରେ ନୟାଗଡ଼ରୁ ଭାପୁର ଆସିଥିବା ୩୩ କେଭି ବିଦ୍ୟୁତ୍ ଲାଇନରେ ଖରାପ ହେବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବିଦ୍ୟୁତ୍ ନ ଥିବାରୁ ଜଳଯୋଗାଣ ଓ ଟେଲିଫୋନ୍ ସେବା ଭଳି ଅତ୍ୟାବଶ୍ୟକ ସେବା ଠପ୍ ହୋଇପଡିଛି। ବର୍ଷା ହେଲେ ଭାପୁର ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ନିତିଦିନିଆ ଘଟଣା ହୋଇଛି। ଏଠାକାର ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ବିଦ୍ୟୁତ୍ ସେବାରେ ଉନ୍ନତି ଆସିପାରୁ ନ ଥିବା ଅଭିଯୋଗ ହେଉଛି।

### ଦେଶୀ ମଦ ଜବତ, ଜଣେ ଗିରଫ

ଦଶପଲ୍ଲା,୨୧।୯(ଡି.ଏନ.ଏ.): ଦଶପଲ୍ଲା-ଭଞ୍ଜନଗର ରାସ୍ତାର ସ୍ଥାନୀୟ ପଙ୍ଖୁଆ ଛକ ନିକଟରୁ ପୋଲିସ ୧୧ ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅପରାହ୍ଣ ପ୍ରାୟ ୧ଟା ସମୟରେ ତାରସିଂ ଥାନା ଅନ୍ତର୍ଗତ ଜାଡଧର ଗ୍ରାମର ସଞ୍ଜୟ କହଁର(୩୮) ଏକ ବାଇକ ଯୋଗେ ଦେଶୀ ମଦ ନେଇ ଯାଉଥିବା ପୋଲିସ ଖବର ପାଇଥିଲା। ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଚଢାଉ କରାଯାଇଥିଲା। ବାଇକ ଓ ମଦ ଜବତ କରାଯାଇଥିବା ବେଳେ ସଞ୍ଜୟଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି।

### ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ

ବୋଲଗଡ,୨୧।୯(ଡି.ଏନ.ଏ.): ଲଘୁଚାପ ବାତ୍ୟା 'ଡାଏ' ପ୍ରଭାବରେ ବୋଲଗଡ ବ୍ଲକ ଅଞ୍ଚଳରେ ଗୁରୁବାର ରାତ୍ରିରୁ ଶୁକ୍ରବାର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଥିଲା। କାରଣ ବିଭିନ୍ନ ସ୍ଥାନରେ ଗଛଡାଳ ବିଦ୍ୟୁତ ତାର ଉପରେ ପଡିଥିଲା । ତେଣୁ ଗୁରୁବାର ରାତ୍ରି ଏବଂ ଶୁକ୍ରବାର ଦିନ ତମାମ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଥିଲା। ତେବେ ଶୁକ୍ରବାର ସନ୍ଧ୍ୟା ସାଢ଼େ ୭ଟା ବେଳକୁ ବିଦ୍ୟୁତ ସଂଯୋଗ ସ୍ୱାଭାବିକ ହୋଇଛି ।

# ଏସ୍‌ଏଚ୍‌ଜି କାମରେ ଆସୁନି ମାର୍କେଟ କମ୍ପ୍ଲେକ୍ସ

ନୟାଗଡ଼ ଅଫିସ,୨୧।୯

ନୟାଗଡ଼ ବ୍ଲକର ମାର୍କେଟ କମ୍ପ୍ଲେକ୍ସ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚଜି)ଙ୍କ ପାଇଁ ଥିଲା ବେଳେ ଏହି ଦୋକାନଗୃହକୁ ବ୍ୟବସାୟୀମାନେ ହାତେଇଛନ୍ତି। ଯେଉଁ ମାର୍କେଟ କମ୍ପ୍ଲେକ୍ସରେ ଏସ୍ଏଚଜି ମହିଳାମାନଙ୍କ ହାତ ତିଆରି ଜିନିଷ ବିକ୍ରି ହେବା କଥା ସେଠାରେ ବିକ୍ରି ହେଉଛି ସ୍ନାକ୍ସ, ତେଲ, ଥଣ୍ଡା ଆଦି ମୃଦୁପାନୀୟ। ଖାଲି ସେତିକି ନୁହେଁ ସେଠାରେ ଜେରକ୍ସ ସେଣ୍ଟର ଖୋଲାଯିବା ସହ ଡିଟିପି ଓ ଏକ ଚେନ୍ କମ୍ପାନୀ (ଆରସିଏମ୍)ର ଜିନିଷ ମଧ୍ୟ ବିକ୍ରି ହେଉଛି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ମାର୍କେଟ କମ୍ପ୍ଲେକ୍ସ ତିଆରି ହୋଇଥିଲା ତାହା ଫେଲ୍ ମାରିଥିବା ଆଲୋଚନା ହେଉଛି।




ମାର୍କେଟ କମ୍ପ୍ଲେକ୍ସରେ ସ୍ନାକ୍ସ ବିକ୍ରି କରାଯାଉଛି ।

ପ୍ରକାଶ ଯେ, ଏକକୋଟି ଟଙ୍କା ବ୍ୟୟରେ ସ୍ୱର୍ଣ୍ଣ ଜୟନ୍ତୀ ସ୍ୱରୋଜଗାର ଯୋଜନା ଅଧୀନରେ ନୟାଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ଏହି ମାର୍କେଟ କମ୍ପ୍ଲେକ୍ସ ତିଆରି ହୋଇଥିଲା। ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ନିଜର ହାତତିଆରି ସାମଗ୍ରୀ ଏଠାରେ ବିକ୍ରି କରିବା ଉଦ୍ଦେଶ୍ୟ ଥିଲା। ୮ କୋଠରିବିଶିଷ୍ଟ ଏହି ମାର୍କେଟ କମ୍ପ୍ଲେକ୍ସକୁ ୧୦ ଡିସେମ୍ବର ୨୦୧୧ରେ ପୁରୀ ଏମ୍‌ପି ପିନାକୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କ ସମେତ ଜିଲାପାଳ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତଥିଲେ। ସେତେବେଳେ ୨୬ଟି ପଞ୍ଚାୟତରେ ଥିବା ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ସେମାନଙ୍କ ଜିନିଷ ବିକ୍ରି କରିବା ପାଇଁ ଲବି କରିଥିଲେ । ଏହି ବିବାଦ ଦେଖାଯିବା ଯୋଗୁ ସେହି ସମୟରେ କାହାକୁ ଦୋକାନ ଗୃହ ବଣ୍ଟନ କରାଗଲା ନାହିଁ। ପରେ ଏ ନେଇ କେହି ମୁଣ୍ଡ ନ ଖେଳାଇବାରୁ ୬ ବର୍ଷ ହେଲାଣି ୫୭ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏହି ମାର୍କେଟ କମ୍ପ୍ଲେକ୍ସ ଭୂତକୋଠି ପାଲଟିଥିଲା। ୩ ଜୁନ୍ ୨୦୧୭ରେ ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତତ୍କାଳୀନ ବିଡ଼ିଓ ଦୟାନିଧି ଶତପଥୀ ଏ ନେଇ ଏକ କମିଟି ଗଠନ କରିଥିଲେ। ପରେ ୬ ମାସ ହେଲାଣି ଏହା କାର୍ଯ୍ୟକ୍ଷମ ହୋଇଥିଲା। ସ୍ୱୟଂସହାୟକ ଗୋଷ୍ଠୀ ବଦଳରେ ବ୍ୟବସାୟୀମାନଙ୍କ ହାତକୁ ଏହି ଗୃହଗୁଡ଼ିକ ଟେକି ଦିଆଯାଇଛି। ଏଥିରୁ ବି ବାଦ୍ ପଡ଼ି ନାହାନ୍ତି ଜନ ପ୍ରତିନିଧି । ବ୍ଲକର ଜଣେ ଜନ ପ୍ରତିନିଧି ଏହି ମାର୍କେଟ କମ୍ପ୍ଲେକ୍ସର ଏକ ଦୋକାନ ଗୃହକୁ ନେଇ ସେଠାରେ ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି। ଏ ନେଇ ନୟାଗଡ଼ ବିଡିଓ ମନୋଜ ପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ମୋ ପୂର୍ବରୁ ଏକ କମିଟି ଗଠନ କରାଯାଇ ଏହି ଗୃହଗୁଡ଼ିକ ବଣ୍ଟନ କରାଯାଇଛି। ମାର୍ଚ୍ଚ ମାସରେ ସିଲେକ୍ସନ କମିଟି କାହାକୁ ଦୋକାନ ଗୃହ ଦେଇଛନ୍ତି ଫାଇଲ୍ ଦେଖିଲେ ଜଣାପଡ଼ିବ ବୋଲି କହିଥିଲେ।

**ନୟାଗଡ଼ ବ୍ଲକ**
- ଏସ୍ଏଚଜି ପାଇଁ ଥିଲା, ହାତେଇଲେ ବ୍ୟବସାୟୀ
- ଜନପ୍ରତିନିଧି ବି ନେଲେ ଦୋକାନ
- ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜିନିଷ ବଦଳରେ ବିକ୍ରି ହେଉଛି ସ୍ନାକ୍ସ

ହରିପୁରରେ ୧୨ ଘଣ୍ଟା ରାସ୍ତା ଅବରୋଧ ଘଟଣା

# ୧୬ ଜଣଙ୍କ ବିରୋଧରେ ରୁଜୁ ହେଲା ମାମଲା

ଓଡ଼ଗାଁ ୨୧।୯(ସ୍ୱ.ପ୍ର.)

ବିଭିନ୍ନ ଦାବି ପୂରଣ ନେଇ ଲୋକମାନେ ରାସ୍ତା ଅବରୋଧ କରିବା ଦ୍ୱାରା ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଫଳରେ ଆମ୍ବୁଲାନ୍ସ, ଜରୁରୀ କାର୍ଯ୍ୟରେ ବାହାରିଥିବା ଲୋକେ ଠିକଣା ସମୟରେ ପହଞ୍ଚିବାରେ ଅସୁବିଧା ସୃଷ୍ଟି ହୋଇଥାଏ । ଏହା ଏକ ବେଆଇନ କାର୍ଯ୍ୟ ବୋଲି ଉଚ୍ଚତମ ନ୍ୟାୟାଳୟ ଏହାକୁ ନିଷିଦ୍ଧ କରିଛନ୍ତି । ଏପରିସ୍ଥଳେ ଗୁରୁବାର ସ୍କୁଲ ନଥିପତ୍ର ଉଦ୍ଧାର ଦାବିରେ ଓଡଗାଁ ଥାନା ଅନ୍ତର୍ଗତ ହରିପୁର ଗ୍ରାମବାସୀଙ୍କ ସହିତ ଅନ୍ୟ କେତେକ ଲୋକ ଦିନ ତମାମ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଓଡ଼ଗାଁ-ବାହାଡ଼ାଝୋଲା ପୂର୍ତ୍ତ ବିଭାଗୀୟ ମୁଖ୍ୟ ରାସ୍ତାରେ କାଠ ଗଣ୍ଡି ପକାଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ରାସ୍ତାରୋକୋର ଅବ୍ୟବହିତ ପୂର୍ବରୁ ସ୍ଥାନୀୟ ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କେତେକ ଗଠନ ମୂଳକ ପ୍ରସ୍ତାବ ସେମାନଙ୍କୁ ଦିଆଯାଇଥିଲା । ଏହାସତ୍ତ୍ୱେ ସେମାନେ ନିଜ ଜିଦରେ ଅଟଳ ରହିବା ସହିତ ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ସେମାନଙ୍କୁ ରାସ୍ତା ଅବରୋଧରୁ ନିବୃତ୍ତ ହେବାକୁ ଅନୁରୋଧ କରିଥିଲା । ହେଲେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିବା ବଦଳରେ ପୋଲିସ କର୍ମଚାରୀଙ୍କୁ ନାନା ଧମକ ଚମକ ଦେବା ସହିତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଫଳରେ ସ୍ଥାନୀୟ ପୋଲିସ ସେମାନଙ୍କ ନେତୃତ୍ୱ ନେଉଥିବା ରାଘବ ମଲ୍ଲିକ, କିଶୋର କୁମାର ମହାପାତ୍ର, ହାତୀ ନାୟକ, ଖଦାଳ ବେହେରା, ଶଶୀ ବେହେରାଙ୍କ ସମେତ ୧୬ ଜଣଙ୍କ ବିରୋଧରେ ବିଭିନ୍ନ ଦଫାରେ ନଂ. ୧୮୮/୧୮ ରେ ଏକ ମାମଲା ରୁଜୁ କରିଛି। ଥାନା ଆଇଆଇସି ଅନିଲ କୁମାର ପ୍ରଧାନ ମାମଲାର ତଦନ୍ତଭାର ଗ୍ରହଣ କରିଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଏଭଳି ରାସ୍ତା ଅବରୋଧ ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଉଛି।

# ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିଥାଏ କାଶତଣ୍ଡୀ ଫୁଲ



ଗଣିଆ ଅଞ୍ଚଳରେ କାଶତଣ୍ଡୀ ଫୁଲର ସମ୍ଭାର।

ଗଣିଆ,୨୧।୯(ଡି.ଏନ୍.ଏ.)

ଋତୁ ପରିବର୍ତ୍ତନର ତାଳେ ତାଳେ ବଦଳିଥାଏ ପ୍ରାକୃତିକ ଚିତ୍ର। ଆଉ ଏହା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦିଏ। ଗହୀର ବିଲରେ କାଶତଣ୍ଡୀ ଫୁଲକୁ ଦେଖିଲେ ଏହା ଅନୁଭବ କରିହୁଏ। ଶରତ ଋତୁର ଆଗମନରେ ଗ୍ରାମାଞ୍ଚଳର ବିଲବାଡିରେ ଦେଖିବାକୁ ମିଳିଥାଏ କାଶତଣ୍ଡୀ ଫୁଲର ସମ୍ଭାର। ସମ୍ପ୍ରତି ଗଣିଆ ବ୍ଲକର ପାଣ୍ଡରାସିଂହା, ପଦୁରିଆ, କାଦୁଆ, ରାଜିଙ୍ଗି ଓ ଛାମୁଣ୍ଡିଆ ଗହୀରର ଏକର ଏକର ପଡ଼ିଆ ଜମି ଓ ହୁଡ଼ାରେ ପ୍ରସ୍ଫୁଟିତ ହୋଇଛି ଏହି କାଶତଣ୍ଡୀ ଫୁଲ। ଦେଖିବାକୁ ବେଶ୍ ମନମୁଗ୍ଧକର। ସକାଳର ଝୁଲୁଝୁଲିଆ ପବନରେ ଦୋହଲୁଥିବା ଏହି ଫୁଲ ବେଶ୍ ଉପଭୋଗ୍ୟ। ସତେଯେପରି ସମୁଦ୍ର ଲହଡ଼ି ସଦୃଶ ପ୍ରତୀୟମାନ ହୋଇଥାଏ। ତୋଫା ଧଳାରଙ୍ଗର ଏହି କାଶତଣ୍ଡୀ ଫୁଲର ସମ୍ଭାର ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ବଡମୂଲସ୍ଥିତ ସାତକୋଶିଆ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ରକୁ ଆସୁଥିବା ପର୍ଯ୍ୟଟକମାନେ ରାସ୍ତାରେ ଗଲାବେଳେ କାଶତଣ୍ଡୀ ଫୁଲକୁ ଦେଖି ଆନମନା ହେବା ସହ ସେଲ୍‌ଫି ନେବାର ମଜା ଉଠାଇଥାନ୍ତି। ପାର୍ବଣ ଋତୁରେ ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆବିର୍ଭାବ ପୂର୍ବରୁ ଶାନ୍ତିର ପ୍ରତୀକ ଭାବେ ଏହି କାଶତଣ୍ଡୀ ଫୁଲ ଧରାଧାମରେ ମା'ଙ୍କୁ ସ୍ୱାଗତ ଜଣାଇବା ଲାଗି ପ୍ରସ୍ଫୁଟିତ ହୋଇଥାଏ ବୋଲି ପୌରାଣିକବିତ୍ ମତ ପୋଷଣ କରିଥାନ୍ତି। ଅନ୍ୟପକ୍ଷେ ଏହା ଘାସଜାତୀୟ ହୋଇଥିବାରୁ ଗାଁ ଗହଳିର ଲୋକମାନେ ଘର ଛପର କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ସେହିପରି ଆଉ କେତେକ ଲୋକ ଏହାକୁ ପହଁରା(ଝାଡୁ) ଭାବେ ତିଆରି କରି ଘର କାମରେ ବ୍ୟବହାର କରିଥାନ୍ତି। ତେବେ ଏହି କାଶତଣ୍ଡୀ ଫୁଲ ଶରତ ଋତୁ ପରେ ଧରାପୃଷ୍ଠରୁ ଉଭାନ୍ ହୋଇଯାଇଥାଏ।

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମାଡ଼ ଘଟଣା

# ସଭାପତିଙ୍କୁ ଗିରଫ କଲା ପୋଲିସ

ଦଶପଲ୍ଲା,୨୧।୯(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନୂଆଗାଁ କୁଟିବାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠପଢାଇବା ସହ ମାଡମାରି ରକ୍ତାକ୍ତ କରିଥିବା ତତ୍କାଳୀନ ସଭାପତି ବିରୁପାକ୍ଷ ଗୌଡଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗତ ଜୁଲାଇ ୨୮ ତାରିଖରେ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ସଭାପତି ପିଲାମାନଙ୍କୁ ମାଡ ମାରିବା ନେଇ ସରପଞ୍ଚ , ସମିତିସଭ୍ୟ ଏବଂ ଅଭିଭାବକ ବାଣିଗୋଛା ଥାନାରେ ଅଭିଯୋଗ କରିବା ସହ ତୁରନ୍ତ ଗୌଡଙ୍କୁ ଗିରଫ କରିବା ଦାବି କରିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ସମେତ ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ ଏବଂ ନୂଆଗାଁ, କଳସାଖମଣ, ଚଢେୟାପଲ୍ଲୀ, ଦୁଡା, କୁଲୁରୁକୁମ୍ପା ପଞ୍ଚାୟତ ସମେତ ଅଧିକାଂଶ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ତୁରନ୍ତ ସମ୍ପାଦକଙ୍କୁ ଗିରଫ ପାଇଁ ଦାବି କରିଥିଲେ।

# ସୁନାଥାଳିରେ ଶ୍ରୀରଘୁନାଥଜୀଉଙ୍କୁ କାକରା ଲାଗି

ଓଡ଼ଗାଁ,୨୧।୯(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ସୁନିଆଁରେ ସୁନାଥାଳିରେ ଶ୍ରୀଜୀଉଙ୍କୁ ସ୍ୱତନ୍ତ୍ର କାକରା ପିଠା ଲାଗି ହୋଇଛି । ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ସୁନିଆଁ ଓ ବାମନ ଜନ୍ମ ମହୋତ୍ସବ ଶୁକ୍ରବାର ମଧ୍ୟାହ୍ନରେ ପାଳିତ ହୋଇଛି । ଏହି ଦିନରେ ଗଜପତି ମହାରାଜାଙ୍କ ନାମରେ ନୂତନ ଅଙ୍କ ପ୍ରଚଳନ କରାଯାଇ ୧୪୨୬ ସାଲର ଆରମ୍ଭ ହୋଇଛି। ଏହି ନୂତନ ଓଡ଼ିଆ ବର୍ଷ ଚାଳନାକୁ ସୁନିଆଁ କୁହାଯାଇଥାଏ । ଏହି ଦିନ ବାମନ ଜନ୍ମ ଅବସରରେ ପରମ୍ପରା ଅନୁସାରରେ ଶ୍ରୀଜୀଉମାନେ ନୂତନ ପାଟ ବସ୍ତ୍ର, ବନାରସୀ ପୋଷାକ, ସୁବର୍ଣ୍ଣ ମୁକୁଟ ସହିତ ନାନାଦି ଅଳଙ୍କାରରେ ଭୂଷିତ ହୋଇ ଅଗଣିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ସକାଳ ଧୂପ ଅନ୍ତେ ସୁନିଆଁ ପାଳନ ନିମିତ୍ତ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଆଜ୍ଞା ମାଳ ପାଇ ସୁବର୍ଣ୍ଣ ଖଟୁଲିରେ ବିଜେ କରି ରତ୍ନ ସିଂହାସନରେ ଆଳତି ପ୍ରଦାନ ପୂର୍ବକ ଦ୍ୱାରପାଳ ଦ୍ୱାର ନିକଟରେ ସୁବର୍ଣ୍ଣ ସିଂହାସନ ଉପରେ ଉପବେଶନ କରିଥିଲେ । ସେବାୟତଙ୍କ ଗହଣରେ ଶ୍ରୀଜୀଉଙ୍କୁ ଷୋଡଶ ଉପଚାର ବିଧିରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ୩ ବାଡ କାକରା ରାଜ ଭୋଗ (ପିଠା) ୩ଟି ସୁବର୍ଣ୍ଣ ଥାଳିରେ ନୈବେଦ୍ୟ ଅର୍ପଣ କରାଯାଇଥିଲା। ବର୍ଷକରେ ଥରେ ବାମନ ଦ୍ୱାଦଶୀ ତିଥିରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣ ଥାଳିରେ ଏହି ବିଶେଷ ଭୋଗ ଲାଗି କରାଯିବା ପରମ୍ପରା ମନ୍ଦିର ପ୍ରତିଷ୍ଠା ଦିନରୁ ପ୍ରଚଳିତ ଥିବା ମନ୍ଦିର ଇତିହାସରୁ ଜଣାଯାଏ । ଏହା ସହିତ ଶ୍ରୀଜୀଉଙ୍କ ସେବାରେ ଥିବା ଛତିଶାଣୀ ନିଯୋଗ ତଥା ପୂଜକ ସେବକ, କର୍ମଚାରୀ, ଶ୍ରଦ୍ଧାଳୁ ଓ ଅଧିକାରୀମାନେ ଧନ ଆକାରରେ ପ୍ରଭୁଙ୍କୁ ଅଙ୍କ ଭେଟି ପ୍ରଦାନ କରିଥିଲେ । ଅପରାହ୍ଣ ୨ଟାରେ ଶ୍ରୀଜୀଉଙ୍କ ପ୍ରତ୍ୟାବର୍ତ୍ତନ ପରେ ମଧ୍ୟାହ୍ନ ଧୂପ ସହିତ ଶ୍ରୀଜୀଉଙ୍କ ଦିବା ପହୁଡ ହୋଇଥିଲା । ପାଳିଆ ପଣ୍ଡା ପ୍ରସନ୍ନ କୁମାର ଦାଶ ପୂଜାକାର୍ଯ୍ୟ ସମାପନ କରିଥିବା ବେଳେ ପୂଜକ ପରିଷଦ ସଭାପତି ପୂର୍ଣ୍ଣଚନ୍ଦ୍ର ନନ୍ଦ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଦାଶ, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଶ୍ରୀଜୀଉଙ୍କୁ ସୁନାଥାଳିରେ କାକରା ଭୋଗ ଲାଗି କରାଯାଇଛି।

# ଜିଲାରେ 'ଡାଏ'ର ସାମାନ୍ୟ ପ୍ରଭାବ

ନୟାଗଡ଼ ଅଫିସ,୨୧।୯

**ଗୋଟିଏ ଦିନରେ ୪୯୬ ମିଲିମିଟର ବର୍ଷା**

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟା 'ଡାଏ'ର ସାମାନ୍ୟ ପ୍ରଭାବ ନୟାଗଡ଼ ଜିଲାରେ ଦେଖିବାକୁ ମିଳିଥିଲା। ଜିଲାରେ ଗୁରୁବାର ରାତିରେ ଏହାର ପ୍ରଭାବରେ ବର୍ଷା ଓ ପବନ ବହିଥିଲା। ତେବେ ବିଶେଷ କିଛି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। ଜିଲାରେ ଗୁରୁବାର ସକାଳ ୮ଟାରୁ ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ ୪୯୬ ମିଲିମିଟର ବର୍ଷା ହୋଇଥିଲା। ଭାପୁର ବ୍ଲକରେ ୫୫.୨ ମିମି, ଦଶପଲ୍ଲାରେ ୮୨.୬ , ଗଣିଆରେ ୮୯, ଖଣ୍ଡପଡ଼ାରେ ୭୦.୫, ନୟାଗଡ଼ରେ ୩୧ , ନୂଆଗାଁରେ ୫୮.୨ ମିମି, ଓଡ଼ଗାଁରେ ୩୯.୯ ଓ ରଣପୁର ବ୍ଲକରେ ୬୯.୬ ମିମି ବର୍ଷା ରେକର୍ଡ କରାଯାଇଛି। ଅନ୍ୟପକ୍ଷେ ବର୍ଷା ଯୋଗୁ ଗୁରୁବାର ରାତି ୧୧ଟାରୁ ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବାରହ ବନ୍ଦ ରହିଥିଲା। ପବନରେ ନୟାଗଡ଼ ବ୍ଲକ ବାଉଁଶିଆପଡ଼ା ପଞ୍ଚାୟତ ପାଟଚଣ୍ଡୀ ପ୍ରସାଦ ଠାକୁରାଣୀଙ୍କ ନିକଟରେ ଥିବା କଇଁଆ ଗଛ ଭାଙ୍ଗିପଡ଼ିଥିଲା। ଗଛ ଚାରିପଟେ ଘର ଥିଲା ବେଳେ କୌଣସି କ୍ଷୟକ୍ଷତି ହୋଇନାହିଁ। ବାତ୍ୟାର ପରିସ୍ଥିତକୁ ଦେଖି ଶୁକ୍ରବାର ଜିଲାର ସମସ୍ତ କାର୍ଯ୍ୟାଳୟ ଖୋଲାଯାଇ କର୍ମଚାରୀମାନେ ସଜାଗ ରହିଥିବା ଜଣାପଡିଥିଲା। ହେଲେ ଜିଲାର ମୃତ୍ତିକା ପରୀକ୍ଷାଗାର କେନ୍ଦ୍ରର କାର୍ଯ୍ୟାଳୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଜିଲା ପାଇଁ ବିଶେଷ କୌଣସି ବିପଦ ନ ଥିବା ବେଳେ ପ୍ରଶାସନ ତରଫରୁ ସଜାଗ ରହିଥିବା ଜିଲା ଜରୁରିକାଳୀନ ଅଧିକାରୀ ଧୋବା ନାୟକ ପ୍ରକାଶ କରିଛନ୍ତି। ଓଡ଼ଗାଁ ଅଞ୍ଚଳର ୩ ଜଣଙ୍କ କଚ୍ଚା ଘର ଭାଙ୍ଗିଥିବା ବେଳେ ସେମାନଙ୍କୁ ଜରିପାଲ ବଣ୍ଟନ କରାଯାଇଥିବା ନେଇ ନାୟକ ସୂଚନା ଦେଇଥିଲେ।



ପାଟଚଣ୍ଡୀପ୍ରସାଦ ଗ୍ରାମରେ ଗଛ ଭାଙ୍ଗି ପଡ଼ିଛି।

ଜିଲାରେ କାୟାବିସ୍ତାର କରୁଛି ଡେଙ୍ଗୁ

# ୧୨୮ରେ ପହଞ୍ଚିଲା ରୋଗୀ ସଂଖ୍ୟା

ନୟାଗଡ଼ ଅଫିସ,୨୧।୯

ଜିଲାର ବିଭିନ୍ନ ଅଞ୍ଚଳରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗୁଛି। ଚଳିତବର୍ଷ ଗୁରୁବାର ସୁଦ୍ଧା ୧୨୮ ଜଣ ରୋଗୀଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ୍ ଥିବା ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଫଣିନ୍ଦ୍ର କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ଅଧୀନରେ ୩୫, ଭାପୁରରେ ୪୩, ଗଣିଆରେ ୨, ମଧ୍ୟଖଣ୍ଡରେ ୫, ମହିପୁରରେ ୧୧, ନୂଆଗଡ଼ିଆ ସାହିରେ ୮, ରାଜସୁନାଖଳାରେ ୬ , ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୪ ଓ ଅନ୍ୟାନ୍ୟ ସ୍ଥାନରେ ୪ଜଣଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ୍ ଥିବା ଚିହ୍ନଟ କରାଯାଇଛି। ୧୨୮ ଜଣ ରୋଗୀଙ୍କ ମଧ୍ୟରୁ ୬୬ ଜଣ ଜିଲା ବାହାରେ ରକ୍ତ ପରୀକ୍ଷା କରିଥିବା ବେଳେ ୬୨ ଜଣ ଜିଲା ଭିତରେ ପରୀକ୍ଷା କରିଥିଲେ। ସେହିଭଳି ଜିଲାରେ ୪୬୧ ଜଣ ରୋଗୀଙ୍କ ରକ୍ତ ପରୀକ୍ଷା କରାଯାଇଥିବା ନେଇ ସୂଚନା ମିଳିଛି। କିଛିଦିନ ହେଲାଣି ନୟାଗଡ଼ ବ୍ଲକ ବିରୁଡ଼ା ଗ୍ରାମର ଉପରସାହିରେ ଡେଙ୍ଗୁ ରୋଗ ବ୍ୟାପୁଥିବା ନେଇ ଖବର ପ୍ରକାଶନ ପରେ ଶୁକ୍ରବାର ଜିଲାପାଳ ଡ . ଏନ୍ ତିରୁମାଲା ନାୟକ୍ ଗ୍ରାମ ପରିଦର୍ଶନ କରିଥିଲେ। ତାଙ୍କ ସହିତ ନୟାଗଡ଼ ବିଡ଼ିଓ ମନୋଜ ପାତ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀମାନେ ଗ୍ରାମ ପରିଦର୍ଶନ କରି ଲୋକମାନଙ୍କୁ ପରିବେଶ ସ୍ୱଚ୍ଛ ରଖିବାକୁ କହିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଭାପୁର ବ୍ଲକର କରବର ପଞ୍ଚାୟତ ମାଣିତିରି ଗ୍ରାମକୁ ଜିଲାପାଳ ନାୟକ୍ ପରିଦର୍ଶନ କରିଥିଲେ। ଜିଲାରେ ଏହିଭଳି ଭାବେ ଡେ଼ଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବାବେଳେ ଗ୍ରାମରେ ଥିବା ଗାଁ କଲ୍ୟାଣ ସମିତିର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠୁଛି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ବିରୁଡ଼ା ଗ୍ରାମର ମଞ୍ଜୁଲତା ବେହେରା, (୩୪), ସଞ୍ଜୟ କୁମାର ବେହେରା (୨୫), ଚିନ୍ତା ଜେନା (୭୫), ପଇତା ଜେନା (୬୫), ରମା ପଲେଇ (୬୮) ଓ ଭୀମ ପଲେଇ (୫୫) ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷେ ଏମାନଙ୍କୁ ଚିକିତ୍ସାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଖଟ ନ ଥିବା ବେଳେ ରୋଗୀମାନଙ୍କ ସମ୍ପର୍କୀୟମାନେ ତଳେ ଶୋଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ରୋଗୀମାନଙ୍କୁ ଠିକ୍ ଭାବେ ଚିକିତ୍ସା କରାଯାଉଥିବା କହିଥିଲେ। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ସଚେତନତା କରାଯାଉଛି। ମଶା ହେଉଥିବା ଜାଗାରେ ପାଣି ଜମି ନ ରହିବା ସହ ଏଡ଼ିସ୍ ମଶା ଯେପରି ନ ହେବେ ସେଥିପ୍ରତି ଧ୍ୟାନ ଦିଆଯାଉଥିବା ନେଇ ସେ ସୂଚନା ଦେଇଥିଲେ।



ଜିଲାପାଳ ବିରୁଡ଼ା ଗ୍ରାମ ପରିଦର୍ଶନ କରୁଛନ୍ତି।

- ଜିଲାପାଳ ପରିଦର୍ଶନ କଲେ ବିରୁଡା ଗ୍ରାମ
- ଚିକିତ୍ସାରେ ଅବହେଳା ଅଭିଯୋଗ
- ତଳେ ଶୋଉଛନ୍ତି ରୋଗୀଙ୍କ ସମ୍ପର୍କୀୟ

## ସଂକ୍ଷେପରେ

### ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ



**ବ୍ରହ୍ମପୁର ଅଫିସ,୨୧।୯:** ବ୍ରହ୍ମପୁର ହିଲପାଟଣାସ୍ଥିତ ସିଦ୍ଧ ବିନାୟକ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଚଳିତବର୍ଷ ପ୍ରଥମ ଥର ପାଇଁ ଦୁର୍ଗାପୂଜା କରାଯିବ । ଶୁକ୍ରବାର କମିଟି ପକ୍ଷରୁ ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଅକ୍ଟୋବର ୧୬ ତାରିଖ ମହାସପ୍ତମୀରୁ ବିନାୟକ ମନ୍ଦିର ପରିସରରେ ନିର୍ମିତ ସ୍ୱତନ୍ତ୍ର ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହେଇ ୧୮ ତାରିଖ ମହାନବମୀ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇଛି । କମିଟି ସଭାପତି ଅଶୋକ ସାହୁ, ପୂର୍ବତନ ହିଞ୍ଜିଳି ବିଧାୟକ ଉଦୟନାଥ ନାୟକ, ରଘୁପ୍ରସାଦ ପାଣିଗ୍ରାହୀ, ସମରସେନ ପାତ୍ର, ଲଳିତ ମହାପାତ୍ର, ଅଶୋକ ପଣ୍ଡା, ଗିରିଜା ପଟ୍ଟନାୟକ, ସୁରେନ୍ଦ୍ର ନାଥ ଚୌଧୁରୀ, ଭଗବାନ ପଣ୍ଡା ପ୍ରମୁଖ ଶୁଭଖୁଣ୍ଟି ସ୍ଥାପନ ବେଳେ ଉପସ୍ଥିତ ଥିଲେ ।

### ସରିଲା ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

**ଗୋଷାଣି, ୨୧।୯(ଡି.ଏନ.ଏ.):** ଗଜପତି ଜିଲା ଗୋଷାଣି ବ୍ଲକର ଗାରାବନ୍ଧସ୍ଥ ଶ୍ରୀ ଭେଙ୍କେଟେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ଗତ ୧୮ ତାରିଖରୁ ଚାଲିଥିବା ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବି. ତିରୁମାଲା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂ ଏବଂ ମୁଖ୍ୟବକ୍ତା ଭାବେ ଜିଲା କ୍ରୀଡ଼ା ନିରୀକ୍ଷକ ଏସ.ଏଲ୍. ରାଓ ଯୋଗଦେଇଥିଲେ । ୧୭ବର୍ଷରୁ କମ୍ ବାଳିକା ଓ ବାଳକ ଖୋଖୋରେ ଗୋଷାଣି ବ୍ଲକ, ୧୪ବର୍ଷରୁ କମ୍ ବାଳକ ଖୋଖୋରେ ଗୋଷାଣି ବ୍ଲକ, ୧୭ବର୍ଷରୁ କମ୍ ବାଳକ କବାଡିରେ ଆର୍. ଉଦୟଗିରି ବ୍ଲକ, ବାଳିକାରେ ମୋହନା ବ୍ଲକ, ୧୪ବର୍ଷରୁ କମ୍ ବାଳକରେ ଆର୍. ଉଦୟଗିରି ଏବଂ ବାଳିକାରେ ମୋହନ ବ୍ଲକ ବିଜୟୀ ହୋଇଛନ୍ତି । ୧୭ବର୍ଷରୁ କମ୍ ବାଳକ ଦୌଡକୁଦରେ ଆର୍. ଉଦୟଗିରି ବ୍ଲକର ଶରତ ଚନ୍ଦ୍ର, ବାଳିକା ବିଭାଗରେ ଗୋଷାଣି ବ୍ଲକର ପ୍ରମିଳା ଶବର, ୧୪ବର୍ଷରୁ କମ୍ ବାଳକ ବିଭାଗରେ ଆର୍. ଉଦୟଗିରି ବ୍ଲକର ଗୌରାଙ୍ଗ ଭୂୟାଁ, ବାଳିକାରେ କାଶୀନଗର ବ୍ଲକର ଜ୍ୟୋତିର୍ମୟୀ ବେହେରା ଚାମ୍ପିୟନ ହୋଇଛନ୍ତି । କୃତୀ ପ୍ରତିଯୋଗୀମନଙ୍କୁ ପୁରସ୍କୃତ କରାଯାଇଥିଲା । କିଶୋର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଆନ୍ତର୍ଜାତିକ ଟାଏକୋଣ୍ଡୋ ସେମିନାର ପାଇଁ ମନୋଜ ମନୋନୀତ

**ଛତ୍ରପୁର,୨୧।୯(ଡି.ଏନ.ଏ):** ଆସନ୍ତା ୨୪ ତାରିଖରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ସ୍ଥିତ ସଂସ୍କୃତ ବନ୍‌କ୍ରେଟ୍‌ଠାରେ ୧୦୭ତମ ଆନ୍ତର୍ଜାତିକ କିରୋଗୀ ରେଫରି ସେମିନାର



ଅନୁଷ୍ଠିତ ହେବ । ଏହାକୁ ବିଶ୍ୱ ଟାଏକୋଣ୍ଡୋ ସଂଘ ଓ ଟାଏକୋଣ୍ଡୋ ଫେଡରେଶନ୍ ଅଫ୍ ଇଣ୍ଡିଆ ଆୟୋଜନ କରୁଛି । ଉକ୍ତ ସେମିନାରରେ ଗଞ୍ଜାମ ଜିଲା ଛତ୍ରପୁରର କେ. ମନୋଜ ପ୍ରଧାନ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି ।

ମନୋଜ ୧୮ ବର୍ଷ ହେଲା ଟାଏକୋଣ୍ଡୋ ଖେଳରେ ରହି ପ୍ରଚାର ଓ ପ୍ରସାର କରିବାରେ ଲାଗିଛନ୍ତି । ସେ ବର୍ତ୍ତମାନ ୪ର୍ଥ ଡାନ୍ ବ୍ଲାକବେଲ୍ଟ ଓ ଜାତୀୟ ରେଫରି ଅଛନ୍ତି । ପୂର୍ବରୁ ୧୫ରୁ ଅଧିକ ଜାତୀୟ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ମନୋଜ ରେଫରି ଭାବେ କାର୍ଯ୍ୟ ତୁଲାଇଛନ୍ତି । ବର୍ତ୍ତମାନ ସେ ଓଡିଶା ଟାଏକୋଣ୍ଡୋ ସଂଘର ସହ ସମ୍ପାଦକ ଓ ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘର ସମ୍ପାଦକ ରହିଛନ୍ତି । ଗଞ୍ଜାମ ଜିଲା ସଂଘ ପକ୍ଷରୁ ମନୋଜଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି ।

■ ବ୍ୟାପକ ହେବ 'ତଳେ ବସିବାକୁ ନା' ଅଭିଯାନ

# 'ଆସନ' ଦେବେ ସରକାରୀ ଅଧିକାରୀ

**ବ୍ରହ୍ମପୁର ଅଫିସ,୨୧।୯**

ଗଞ୍ଜାମ ଜିଲାର ସରକାରୀ ବିଦ୍ୟାଳୟଗୁଡ଼ିକରେ ଉତ୍ତମ ବାତାବରଣ ଏବଂ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଅନେକ ଯୋଜନା ହାତକୁ ନିଆଯାଇଛି । ସଂପ୍ରତି ଚାଲିଥିବା 'ତଳେ ବସିବାକୁ ନା' ବା 'ଆସନ' ଅଭିଯାନକୁ ନେଇ ସବୁଠି ଉତ୍ସାହ ଦେଖିବାକୁ ମିଳିଛି । ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ଏବେ ପଦକ୍ଷେପ ନେଇଛନ୍ତି ଜିଲାପାଳ କୁଲାଙ୍ଗେ । ଗୋଟିଏ ଶ୍ରେଣୀ କିମ୍ବା ଗୋଟିଏ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରି ଆସନ ବା ଚୌକି ଟେବୁଲ୍ ପ୍ରଦାନ କରିବାକୁ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

'ମୋ ସ୍କୁଲ' ଅଭିଯାନ ଆନୁକୂଲ୍ୟରେ 'ତଳେ ବସିବାକୁ ନା' ଅଭିଯାନ ଜିଲାରେ ଗତ ଗୁରୁଦିବସ ପାଳନ ଅବସରରେ ଆରମ୍ଭ ହୋଇଥିଲା । ସରକାରୀ ବିଦ୍ୟାଳୟଗୁଡ଼ିକରେ ପିଲାମାନେ ତଳେ ବସୁଥିଲେ । ବର୍ଷା ଦିନରେ ସମସ୍ୟା ଜଟିଳ ହେଉଥିଲା । ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟି ହେଉଥିଲା । ଏହାର ମୁକାବିଲା ପାଇଁ 'ତଳେ ବସିବାକୁ ନା' ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ଅଭିଯାନର ଲକ୍ଷ୍ୟ ହେଲା, ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଚୌକି ଟେବୁଲ୍ ପ୍ରଦାନ କରାଯିବ । ଗୁରୁଦିବସରୁ ଏହାର ଆରମ୍ଭ ହେବା ପରେ



ସରକାରୀ ସ୍କୁଲକୁ ଆସିଥିବା ଚୌକି ଟେବୁଲ ।

ବର୍ତ୍ତମାନ ଶିକ୍ଷା ବିଭାଗ ତରଫରୁ ଚୌକି ଟେବୁଲ୍ ଯୋଗାଣ ଚାଲିଛି । ଏହାକୁ କିଣିବା ପାଇଁ ପୁରାତନ ଛାତ୍ର, ପଞ୍ଚାୟତ ପ୍ରତିନିଧି ଏବଂ ବିଭିନ୍ନ ସଂଗଠନଗୁଡ଼ିକର ସହାୟତା ନିଆଯାଉଛି । ମୋ ସ୍କୁଲ ଅଭିଯାନରେ ଯେତିକି ଦାନ ମିଳୁଛି, ରାଜ୍ୟ ସରକାର ତାହାର ଦୁଇଗୁଣା ପ୍ରଦାନ କରୁଛନ୍ତି । ତଥାପି ପାଣ୍ଠିର ଅଭାବ ଦେଖିବାକୁ ମିଳୁଛି ।

ଜିଲାପାଳ କୁଲାଙ୍ଗେ କହିଥିଲେ ଯେ, ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ସହ ଗୁଣାତ୍ମକ ଶିକ୍ଷାଦାନ ପାଇଁ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି । ମୋ ସ୍କୁଲ ଯୋଜନାରେ ଭିତ୍ତିଭୂମି ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ 'ତଳେ ବସିବାକୁ ନା' ଅଭିଯାନ ଆରମ୍ଭ ହୋଇଛି । ପର୍ଯ୍ୟାୟକ୍ରମେ ସମସ୍ତ ସରକାରୀ ବିଦ୍ୟାଳୟକୁ ଚୌକି ଟେବୁଲ୍ ପ୍ରଦାନ କରାଯିବ । 'ମୋ ସ୍କୁଲ' ଅଭିଯାନରେ ଅଭିଭାବକ, ବିଭିନ୍ନ ସଂଗଠନ, ପୁରାତନ ଛାତ୍ରମାନେ ଯେତିକି ଅଧିକ ସହାୟତା ପ୍ରଦାନ କରିବେ, ସରକାର ତାହାର ଦୁଇଗୁଣା ଆର୍ଥିକ ସହାୟତା ଦେବେ । ଏଣୁ ସମସ୍ତେ ଅଧିକାରୀ ଅଧିକ ସହାୟତା ପ୍ରଦାନ କରିବାକୁ ଜିଲାପାଳ କୁଲାଙ୍ଗେ ଆହ୍ୱାନ ଦେଇଛନ୍ତି । ପାଣ୍ଠି ସମସ୍ୟାର ମୁକାବିଲା ପାଇଁ ଜିଲାପାଳ କୁଲାଙ୍ଗେ ନୂଆ ଉପାୟ ଅବଲମ୍ବନ କରିଛନ୍ତି । ନିକଟରେ ଜାରି ଏକ ନିର୍ଦ୍ଦେଶନାମାରେ ସେ କହିଛନ୍ତି ଯେ, ଛାତ୍ରୀଛାତ୍ରମାନେ ଅସ୍ୱାସ୍ଥ୍ୟକର ପରିବେଶରେ ତଳେ ବସୁଥିବା ଯୋଗୁ ସେମାନଙ୍କୁ ଚୌକି ଟେବୁଲ୍ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଏଣୁ ବିଭିନ୍ନ ସୂତ୍ରରୁ ମୋ ସ୍କୁଲ ଅଭିଯାନରେ ପାଣ୍ଠି ଏବଂ ଦ୍ରବ୍ୟ ଦାନ ଗ୍ରହଣ କରାଯାଉଛି । ସରକାରୀ ଅଧିକାରୀମାନେ ମଧ୍ୟ ଏଥିରେ ସହଯୋଗ କରିପାରିବେ । ଅଧିକାରୀମାନେ ଗୋଟିଏ ବିଦ୍ୟାଳୟ କିମ୍ବା କୌଣସି ଏକ ବିଦ୍ୟାଳୟର ଗୋଟିଏ ଶ୍ରେଣୀକୁ ପୋଷ୍ୟଭାବେ ଗ୍ରହଣ କରିବା ସହ ଚୌକି ଟେବୁଲ୍ ପ୍ରଦାନ କରିପାରିବେ । ଏହି ମହତ ଉଦ୍ଦେଶ୍ୟରେ ସାମିଲ୍ ହେବା ପାଇଁ ଜିଲାପାଳ କୁଲାଙ୍ଗେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଜିଲା ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ କିମ୍ବା ପ୍ରଧାନ ଶିକ୍ଷକମାନଙ୍କୁ ଯୋଗାଯୋଗ କରିବାକୁ ସେ କହିଛନ୍ତି । ଏହି ନିର୍ଦ୍ଦେଶନାମା ଜିଲାପାଳଙ୍କ ତରଫରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ବ୍ରହ୍ମପୁର ମହାନଗର ନିଗମର କମିଶନର୍, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଛତ୍ରପୁର, ବ୍ରହ୍ମପୁର ଏବଂ ଭଞ୍ଜନଗର ଉପଜିଲାପାଳ, ସର୍ବ ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର୍, ଗଞ୍ଜାମ ଏବଂ ବ୍ରହ୍ମପୁର ଉପକୃଷି ନିର୍ଦ୍ଦେଶକ, ସମସ୍ତ ବନଖଣ୍ଡ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ, ଉପ ଉଦ୍ୟାନ ନିର୍ଦ୍ଦେଶକ, ଜିଲା ପଞ୍ଚାୟତ କାର୍ଯ୍ୟାଳୟ, ଜିଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ, ଜିଲା ସଂସ୍କୃତି କାର୍ଯ୍ୟାଳୟ, ଜିଲା କ୍ରୀଡ଼ା ଅଧିକାରୀଙ୍କ ସମେତ ଜିଲା ପ୍ରଶାସନର ପ୍ରାୟତଃ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ଗତ ୧୮ତାରିଖରେ ପଠାଇଛନ୍ତି ।

■ ସ୍ୱାମୀଙ୍କ ମୃତ୍ୟୁ ପରେ ନିର୍ଯାତନା ଅଭିଯୋଗ

# ମହିଳା ଥାନାରେ ଏତଲା

**ବ୍ରହ୍ମପୁର ଅଫିସ୍,୨୧।୯**

ସ୍ୱାମୀଙ୍କ ମୃତ୍ୟୁ ପରେ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେବା ସହ ସମ୍ପତ୍ତିରୁ ବଞ୍ଚିତ କରି ଘରୁ ତଡ଼ି ଦେଇଥିବା ନେଇ ଶୁକ୍ରବାର ବ୍ରହ୍ମପୁର ମହିଳା ଥାନାରେ ଏତଲା ହୋଇଛି । ଏହି ଅଭିଯୋଗ କରିଛନ୍ତି ବଡବଜାର ଥାନା ମାଧବନଗର ନିକଟ ଭୂତସାହିର ଇ.ବେବି ପାତ୍ର । ସ୍ୱାମୀ ଇ.ଲୋକେଶ୍ୱରଙ୍କ ମୃତ୍ୟୁ ପରେ ଶ୍ୱଶୁର ଘର ଲୋକେ ସମସ୍ତ ସମ୍ପତ୍ତି ସେମାନଙ୍କ ନାମରେ କରାଇ ନିର୍ଯାତନା ଦେଇ ଆସୁଥିଲେ ବୋଲି ବେବି ଏତଲାରେ ଦର୍ଶାଇଛନ୍ତି । ନିର୍ଯାତନା ସହି ନ ପାରି ୬ ବର୍ଷୀୟା ଶିଶୁ କନ୍ୟାକୁ ନେଇ ବାପଘରକୁ ଚାଲି ଆସିଥିବା ବେଳେ ନ୍ୟାୟ ପାଇଁ ସେ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏତଲାକୁ ଭିତ୍ତିକରି ନଂ.୫୨/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ମହିଳା ଥାନା ଆଇଆଇସି ମମତା ନାୟକ କହିଛନ୍ତି ।

ଅଭିଯୋଗ ଅନୁଯାୟୀ, ୨୦୧୧ ଜୁନ୍ ୧୦ରେ ବେବିଙ୍କର ଲୋକେଶ୍ୱରଙ୍କ ସହିତ ବୈଦିକ ରୀତିନୀତିରେ ବିବାହ ହୋଇଥିଲା । ଅଗଷ୍ଟ ୧୦ ତାରିଖରେ ସ୍ୱାମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା । ବ୍ରହ୍ମପୁର ଓ ପରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହୋଇ ୨୮ରେ ଡିସଚାର୍ଜ ହୋଇଥିଲେ ଲୋକେଶ୍ୱର । ପୁଣି ସ୍ୱାସ୍ଥ୍ୟାବସ୍ଥା ବିଗିଡିଯିବାରୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ ମଧ୍ୟ ୨୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା । ସେବେଠାରୁ ଶ୍ୱଶୁର ଘର ଲୋକେ ବେବିଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ । ମୃତ୍ୟୁ ପୂର୍ବରୁ ଆଙ୍ଗୁଠି ଛାପ ନେଇ ସ୍ୱାମୀଙ୍କ ନାମରେ ଥିବା ସମସ୍ତ ସମ୍ପତ୍ତି ତାଙ୍କ ବଡଭାଇଙ୍କ ନାମରେ କରାଇ ଦେଇଥିଲେ ବୋଲି ବେବି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏପରିକି ତାଙ୍କୁ ଘରୁ ତଡି ଦିଆଯାଇଥିବା ସେ କହିଛନ୍ତି । ଗତ ଏକ ମାସରୁ ଉର୍ଦ୍ଧ୍ୱ ହେବ ବେବି ଝିଅଙ୍କୁ ଧରି ବାପା ଘରେ ଅଛନ୍ତି । ପୂର୍ବରୁ ଏ ନେଇ ସେ ମହିଳା ଥାନା ଓ ବ୍ରହ୍ମପୁର ଏସପିଙ୍କୁ ଗୁହାରି ଜଣାଇଥିଲେ । ପରେ ପୁଣି ମହିଳା ଥାନାରେ ଲିଖିତ ଅଭିଯୋଗ କରିବାରୁ ମାମଲା ରୁଜୁ ହୋଇଛି । ଡିଏସପି ର୍‍ୟାଙ୍କର ଜଣେ ଅଧିକାରୀ ଏହି ଘଟଣାର ତଦନ୍ତ ଚଳାଇଛନ୍ତି । ମହିଳା ଥାନା ଆଇଆଇସି ଉଭୟପକ୍ଷଙ୍କୁ ଥାନାକୁ ଡକାଇଥିଲେ । ସମସ୍ତ ଅଭିଯୋଗ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୃତ ଲୋକେଶ୍ୱରଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଏବଂ ଜମିଜମା ସମ୍ପତ୍ତି ନଥିପତ୍ର ତନଖି କରିବା ପରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ ଯାଇ ତଦନ୍ତ କରାଯିବ ବୋଲି ମହିଳା ଥାନା ଆଇଆଇସି ନାୟକ କହିଛନ୍ତି ।




ମହିଳା ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଇ.ବେବି ପାତ୍ର ।

# ତେଲୁଗୁ ପାଠ୍ୟପୁସ୍ତକ ବଣ୍ଟନ



ଅତିଥିଙ୍କ ଗହଣରେ ପୁସ୍ତକ ପାଇଥିବା ଛାତ୍ରମାନେ ।

**ବ୍ରହ୍ମପୁର ଅଫିସ୍,୨୧।୯**

ମହାତ୍ମା ହେଲପିଙ୍ଗ ହ୍ୟାଣ୍ଡ୍‌ସର ସଂଯୋଜକ ଏମ୍.ଭେଙ୍କେଟରାମଣା ଏବଂ ସୁଜାତା ମୁଖାର୍ଜୀଙ୍କ ଜନ୍ମ ଦିନ ଅବସରରେ ତେଲୁଗୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଛି । ସିଟି ହାଇସ୍କୁଲଠାରେ ଷଷ୍ଠରୁ ଦଶମ ଶ୍ରେଣୀର ୫୬ ଛାତ୍ରଙ୍କୁ ପାଠ୍ୟ ପୁସ୍ତକ ଦିଆଯାଇଛି । ଅତିଥି ଭାବେ ପି.ସତ୍ୟନାରାୟଣ, ଆର୍.ସୁରାବାଇ, ଏମ୍.ଜଗନ୍ନାଥ ରାଓ ଆଚାରୀ, ଭିଷ୍ଣାଚାର୍ଯ୍ୟା ଚୌଧୁରୀ, ସୁଜାତା ସାହୁକାର, ବି.ରାମବାବୁ, ବି.ରାଜେଶ, କେ.ଶ୍ରୀନିବାସ, ଏମ୍.ସୁରେଶ, ବି.ଆଦି ନାରାୟଣ, ଏମ୍.ଜଗନ୍ନାଧମ, ବି.ଭେଙ୍କେଟ ରାଓ, ଏ.ସୁରେଶ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ରେଡକ୍ରସ୍ ମୁକ ବଧିର ସ୍କୁଲରେ ୧୫୬ ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା ।

## ଜୁଆ ଆଡ୍ଡାରେ ଚଢ଼ାଉ, ୧୬ ଗିରଫ

**ଭଞ୍ଜନଗର,୨୧।୯(ଡି.ଏନ.ଏ.):** ଶୁକ୍ରବାର ରାତିରେ ପୃଥକ ଦୁଇ ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରି ୧୬ ଜଣଙ୍କୁ ଗିରଫ କରିଛି । ଭଞ୍ଜନଗର ପୋଲିସ କଲେଜରୋଡ଼ ବାଇପାସ୍ ଛକ ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ସେଠାରୁ ୭ ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କଠାରୁ ୨୦ ହଜାର ଟଙ୍କା, ୪ ବାଇକ୍ ଓ ୪ ମୋବାଇଲ ଫୋନ୍ ଜବତ କରାଯାଇଛି । ସେହିପରି ତନରଡ଼ାରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ବେଲଗୁଣ୍ଠା ଫାଣ୍ଡି ପୋଲିସ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଥିଲା । ସେଠାରୁ ୩ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଓ ୪ ମୋବାଇଲ ଫୋନ୍ ଜବତ କରାଯାଇଛି ।

## କଳିଙ୍ଗ ସାହିତ୍ୟ ସମାଜର ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ, ୨୧।୯**

ଓଡିଶାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ୪୮ତମ ବାର୍ଷିକୋତ୍ସବ ତଥା ଓଡିଆ ନବବର୍ଷ(ମୁନିଆ) ଶୁକ୍ରବାର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅମୀୟବାଳା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଦେବୀ ପ୍ରସନ୍ନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଡ. ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ନରେନ୍ଦ୍ରନାଥ ମିଶ୍ରଙ୍କୁ କପିଳେଶ୍ୱର ସ୍ମୃତି ସମ୍ମାନ , ଅଳକା ସାହୁଙ୍କୁ ହରମୋହନ ରଥ ସ୍ମୃତି ସମ୍ମାନ, ରବିନାରାୟଣ ନନ୍ଦଙ୍କୁ ସୁପ୍ରୀତିଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଅନୁଷ୍ଠାନର ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ ଏବଂ ସ୍ୱର୍ଣ୍ଣପ୍ରଭା ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ. କୃଷ୍ଣପ୍ରସାଦ ମହାପାତ୍ର, ଦୀନବନ୍ଧୁ ଶ୍ରୀପଲ୍ଲଭ , ନଳିନୀ କୁମାର ଗୌଡ, ଡ. ହୃଷୀକେଶ ପଣ୍ଡା ସହଯୋଗ କରିଥିଲେ । ଡ.କୁଳମଣି ଓଝା ଧନ୍ୟବାଦ ଦେଇଥିଲେ ।

# ଗଞ୍ଜାମ ଜିଲା ବିଜେଡି ବୈଠକ

**ବ୍ରହ୍ମପୁର ଅଫିସ,୨୧।୯**

ଗଞ୍ଜାମ ଜିଲା ବିଜେଡିର ସ୍ୱତନ୍ତ୍ର ବୈଠକ ଶୁକ୍ରବାର ସନ୍ଧ୍ୟାରେ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ସବୁବର୍ଷ ଭଳି ଚଳିତ ବର୍ଷ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ କର୍ମୀଙ୍କ ପଦଯାତ୍ରା ନେଇ ଆଲୋଚନା କରାଯାଇଥିଲା । ଅପରପକ୍ଷରେ ସାଧାରଣ ନିର୍ବାଚନ ଆଗୁଆ ହେବାର ସମ୍ଭାବନା ଥିବାରୁ ଦଳର ରଣନୀତି ଉପରେ ତର୍ଜମା କରାଯାଇଥିଲା । ରାଜ୍ୟ ପ୍ରତି କେନ୍ଦ୍ର ସରକାରଙ୍କ ଲଗାତର ଅବହେଳାକୁ ନିର୍ବାଚନୀ ପ୍ରଚାରରେ ମୁଖ୍ୟ ପ୍ରସଙ୍ଗ କରାଯିବାର ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ସରକାରଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ନେତା ଓ କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା । ଜିଲା ସଭାପତି ତଥା ଗୋପାଳପୁର ବିଧାୟକ ଡ଼. ପ୍ରଦୀପ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ବ୍ରହ୍ମପୁର ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଡିଓ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବିଜେଡି ଉପସଭାପତି ଉମା ଚରଣ ନାୟକ, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ଯୁବ ବିଜେଡି ଜିଲା ସଭାପତି ଧନଞ୍ଜୟ ରାଓଙ୍କ ସମେତ ଜିଲା ସଂଗଠନ ଓ ଛାମୁଆ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

■ ବାଟ ପଚାରି ୨ ଲକ୍ଷ ଟଙ୍କା ଲୁଟ ଘଟଣା

# ଦିନକ ପରେ ବି ପୋଲିସ ହାତ ଖାଲି

**ବ୍ରହ୍ମପୁର ଅଫିସ୍,୨୧।୯**

ବ୍ରହ୍ମପୁର କୋର୍ଟପେଟା ଛକ ନିକଟସ୍ଥ ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖରୁ ବାଟ ପଚାରି ୨ ଲକ୍ଷ ଟଙ୍କା ଲୁଟି ନେବା ଘଟଣାର ଦିନକ ପରେ ବି ବୈଦ୍ୟନାଥପୁର ଥାନା ପୋଲିସ ହାତ ଖାଲି ରହିଛି । ଗୁରୁବାର ଲୁଟ୍ ଘଟଣା ଘଟିବା ପରେ ବୈଦ୍ୟନାଥପୁର ଥାନା ପୋଲିସ ଏବଂ ଗୋଷାଣୀନୂଆଗାଁ ଥାନା ଆଇଆଇସି କୁଳମଣି ସେଠୀ ଷ୍ଟେଟ୍ ବ୍ୟାଙ୍କର ଏମକେସିଜି ମେଡିକାଲ୍ କଲେଜ ଶାଖା ଏବଂ କୋର୍ଟପେଟାଛକ ସ୍ଥିତ ଆଇଆଇସିଆଇ ବ୍ୟାଙ୍କ ଶାଖା କାର୍ଯ୍ୟାଳୟରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ । ହେଲେ ଲୁଟ୍ କରିଥିବା ଦୁଇ ହେଲମେଟ୍ ଧାରୀ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୁରାକ୍ ମିଳି ନ ଥିଲା । ସେହିପରି ଏନଏଚ ୫୯ ଉପରେ ରହିଥିବା ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ, ବ୍ୟାଙ୍କ ଏଟିଏମ ତଥା ଦୋକାନ ଗୁଡିକରେ ଲାଗି ରହିଥିବା ସିସିଟିଭି ଫୁଟେଜ୍‌କୁ ମଧ୍ୟ ପୋଲିସ ଯାଞ୍ଚ କରି ଅପରାଧୀଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବାକୁ ଚେଷ୍ଟା କରୁଛି । ଜିଲାର ବିଭିନ୍ନ ଥାନାରେ ଡକାୟତି, ଛିନତାଇ ଏବଂ ରାହାଜାନି ଭଳି ଅପରାଧିକ କାର୍ଯ୍ୟରେ ଗିରଫ ହୋଇ ଜାମିନରେ ଆସିଥିବା ଲୁଟେରାଙ୍କୁ ପୋଲିସ ନଜରରେ ରଖି ତଦନ୍ତ କରୁଛି । ସୂଚନାଯୋଗ୍ୟ, ଅଯୋଧ୍ୟା ନଗରର ଅନୀଲ ପ୍ରଧାନ ଗୁରୁବାର ଘରୁ ନଗଦ ଦୁଇ ଲକ୍ଷ ଟଙ୍କା ଏକ ବ୍ୟାଗ୍‌ରେ ଧରି ନିଜ ସ୍କୁଟିରେ ଆସୁଥିଲେ । ପ୍ରଥମେ ଏସବିଆଇ ମେଡିକାଲ୍ ବ୍ରାଞ୍ଚ୍‌କୁ ଯାଇଥିଲେ ହେଲେ ସେଠାରେ ଅନୀଲଙ୍କ କେୱାଇସି ନଥିବାରୁ ଉକ୍ତ ଟଙ୍କା ନେଇ କୋର୍ଟପେଟା ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କର ଶାଖାକୁ ଯାଉଥିଲେ । ମୁଖ୍ୟରାସ୍ତାର ଡିଭାଇଡର୍ ପାର କରି ବ୍ୟାଙ୍କ ସମ୍ମୁଖକୁ ଆସୁଥିବା ବେଳେ ହଠାତ୍ ଦୁଇ ଜଣ ଯୁବକ ହେଲମେଟ୍ ପିନ୍ଧି ବାଇକ୍‌ରେ ଆସି ଅନୀଲଙ୍କୁ ଅଟକାଇଥିଲେ । ଛତ୍ରପୁର ଯିବା ପାଇଁ ରାସ୍ତା କେଉଁଟା ବୋଲି ପଚାରି ସେମାନେ ଟଙ୍କା ବ୍ୟାଗକୁ ଝାମ୍ପି ନେଇ ପଳାଇଥିଲେ । ଏ ନେଇ ଅଭିଯୋଗ ହେବାରୁ ବୈଦ୍ୟନାଥପୁର ଥାନା ପୋଲିସ ନଂ.୧୯୫/୧୮ରେ ଏକ ମାମଲା ରୁଜୁ କରିଛି । ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି ।

# ପ୍ରଥମ ସନ୍ଧ୍ୟାରେ 'ମୁଁ ଏକ ନିସ୍ୱ ପଥିକ' ମଞ୍ଚସ୍ଥ

**ବ୍ରହ୍ମପୁର ଅଫିସ୍,୨୧।୯**

ଜଗନ୍ନାଥ ସାଂସ୍କୃତିକ ସଂସଦ ପକ୍ଷରୁ ଡାଇମଣ୍ଡ ଜୁବୁଲି ଟାଉନହଲ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଶରତ ନାଟ୍ୟୋତ୍ସବ ଉଦଘାଟିତ ହୋଇଯାଇଛି । ଗଞ୍ଜାମ ଜିଲା ମଞ୍ଚକଳାକାର ସମ୍ମିଳନୀ ସଭାପତି କେ. ବଳରାମ ଦାଶ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସ୍ୱର୍ଗତ ପ୍ରଭାକର ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ସଭାନେତ୍ରୀ କିରଣବାଳା ମିଶ୍ର ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ସମାଜିକ କର୍ମୀ ସୁଧୀର ପଟ୍ଟନାୟକ, ସମାପ୍ତି ପଟ୍ଟନାୟକ, ନାଟ୍ୟଶ୍ରୀ ଫାଉଣ୍ଡେଶନର ସଭାପତି ଭବାନୀ ଶଙ୍କର ମିଶ୍ର, ଅନୁଷ୍ଠାନର ଉପଦେଷ୍ଟା ବରିଷ୍ଠ ନାଟ୍ୟକାର ରମେଶ ମହାରଣା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଡ. ବାୟୁମନୁ ଚର୍ଚ୍ଚି, ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟ ମହାରଣା ମଞ୍ଚାସୀନ ଥିଲେ । ସୀମାଞ୍ଚଳ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଟି. ଆପା ରାଓ, ରିଙ୍କୁ ସାମଲ, କୈଳାଶ ପାଣିଗ୍ରାହୀ, ସୁଶାନ୍ତ ରାଉଳ ପରିଚାଳନାରେ




ମଞ୍ଚସ୍ଥ ନାଟକ 'ମୁଁ ଏକ ନିସ୍ୱ ପଥିକ'ର ଏକ ଦୃଶ୍ୟ ।

ସହଯୋଗ କରିଥିଲେ । ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର ରମେଶ ମହାରଣାଙ୍କ ରଚିତ ଓ ଡ. ତିରୁପତି ସାହୁଙ୍କ ନିର୍ଦ୍ଦେଶିତ ନାଟକ 'ମୁଁ ଏକ ନିସ୍ୱ ପଥିକ' ମଞ୍ଚସ୍ଥ ହୋଇଥିଲା । ସ୍ୱାର୍ଥ ମନୁଷ୍ୟ କିପରି ନିଜ କାମନା, ଲାଳସା, ଲୋଭର ବଶବର୍ତ୍ତି ହୋଇ ବିପଥଗାମୀ ହୁଏ, ନିଜକୁ ସର୍ବସ୍ୱ ମନେକରି ପ୍ରିୟଜନଙ୍କୁ ହତାଦର କରେ , ମଦ୍ୟପାନ, ଜୁଆରେ ମଜ୍ଜି ରହି ଶେଷରେ କିପରି ନିଜେ ନିସ୍ୱ ପାଲଟି ଯାଏ ତାହା ଏହି ନାଟକରେ ପ୍ରତିଫଳିତ ହୋଇଥିଲା । ଏଥିରେ ବିଭିନ୍ନ ଭୂମିକାରେ ନାଟକର ନିର୍ଦ୍ଦେଶକ ଡ. ସାହୁଙ୍କ ସମେତ ଯୁଧିଷ୍ଠିର ଭଞ୍ଜ ସାମନ୍ତ, ସୁବାସ ଚନ୍ଦ୍ର ସାହୁ, ହିମାଂଶୁ ଶେଖର ବେହେରା, ବିଶିକେଶନ ସାହୁ, ମୋହନ ବେହେରା, କୁଶ ବେହେରା, ଚାନ୍ଦମାମା ପ୍ରମୁଖ ଅଭିନୟ କରିଥିଲେ । ସ୍ୱରବିନୋଦ ରମେଶ ସ୍ୱାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଏନ ସୁଜାନା, ସତ୍ୟ ମହାରଣା, ପି. ଦାମୋଦର ରେଡ୍ଡୀ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ।